



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-31 •BHUBANESWAR •FRIDAY •26 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୧ •ଭୁବନେଶ୍ୱର •ଶୁକ୍ରବାର •୨୬ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦







**ମୋହନ ବଜେଟ**

# ଫିକା-ନିରସ-କପି ପେଷ୍ଟ

## ୨୦୨୪-୨୫ ବଜେଟ ଆକାର ୨ ଲକ୍ଷ ୬୫ ହଜାର କୋଟି

- ପ୍ରତିଶ୍ରୁତି ପୂରଣ ପାଇଁ ୪୩,୪୯୫ କୋଟି ଋଣ କରିବେ ସରକାର
- କାମଚଳା ବଜେଟରୁ ୧୦ ହଜାର କୋଟି ଟଙ୍କା ଅଧିକ ପୂର୍ଣ୍ଣାଙ୍ଗ ବଜେଟ୍
- ସାମାଜିକ କ୍ଷେତ୍ରକୁ ଗୁରୁତ୍ୱ; ୪୨ ପ୍ରତିଶତ ବ୍ୟୟ ଅଟକଳ
- ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କା ବରାଦ
- କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ମୂଲ୍ୟରେ ଚାଷୀଙ୍କଠାରୁ କିଣାଯିବ ଧାନ



■ ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟରେ ପ୍ରଥମଥର ବିଜେପି ସରକାର ଆଗତ କରିଛନ୍ତି ପୂର୍ଣ୍ଣାଙ୍ଗ ବଜେଟ୍। ଗତ ଫେବୃଆରୀ ମାସରେ ତତ୍କାଳୀନ ସରକାର ୨ଲକ୍ଷ ୫୫ ହଜାର କୋଟି ଟଙ୍କାର କାମଚଳା ବଜେଟ୍ ଆଗତ ସହ ୧ଲକ୍ଷ ୧୮ ହଜାର କୋଟି ଟଙ୍କାର ଲେଖାନୁଦାନ ପାରିତ କରିଥିଲେ। ଏବେ ରାଜ୍ୟ ସରକାର ୨ଲକ୍ଷ ୬୫ ହଜାର କୋଟିର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିଛନ୍ତି। କେନ୍ଦ୍ରୀୟ ଅନୁଦାନକୁ ଆଶା କରି ନିରାଶ ହେବା ପରେ କାମଚଳା ବଜେଟ୍‌ରେ ଯୋଜନା ଓ ସଂଯୋଜନ ବିଭାଗ ପାଇଁ ବରାଦ ହୋଇଥିବା ପ୍ରାୟ ୧୨,୦୪୩ କୋଟିକୁ ମାତ୍ର ୨,୦୧୮ କୋଟିରେ ସରକାର ସୀମିତ ରଖି ଅବଶିଷ୍ଟ ଅର୍ଥକୁ 'ସୁଭଦ୍ରା' ଯୋଜନା, ସାମାଜିକ ନିରାପତ୍ତା ଆଦି ବିଭାଗର ବ୍ୟୟବରାଦ ବୃଦ୍ଧି ନିମନ୍ତେ ବାଧ ହୋଇଛନ୍ତି। ଏହା ସତ୍ତ୍ୱେ ବଜେଟକୁ ସମତୁଲ ରଖିବାକୁ ସରକାର ୪୩,୪୯୫ କୋଟି ଟଙ୍କା ଋଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁଭଦ୍ରା ଯୋଜନାରେ ୨୦ ଲକ୍ଷ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସରକାର ୧୦ ହଜାର କୋଟି ଟଙ୍କା ବରାଦ କରିଛନ୍ତି। ସେହିପରି ସାମାଜିକ ନିରାପତ୍ତା କ୍ଷେତ୍ରରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାବ୍ୟତୀତ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣିବାକୁ ମଧ୍ୟ ସରକାର ବଜେଟ୍‌ରେ ଅର୍ଥ ବରାଦ କରିଛନ୍ତି। ପୂର୍ବ ସରକାରଙ୍କ ଅଧିକାଂଶ ଯୋଜନାର ନାମ ପରିବର୍ତ୍ତନ କରି ପୂର୍ବବତ ଚଳାଇବାକୁ ▶ପୃଷ୍ଠା-୫

**ପ୍ରତିକ୍ରିୟା ରଖିଲେ ନବୀନ**

## ଡବଲ ଇଂଜିନ, ଡବଲ ନିରାଶା



ରାଜ୍ୟ ବଜେଟ ଆଗତ ପରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ବଜେଟକୁ 'ଡବଲ ଇଂଜିନ, ଡବଲ ନିରାଶା' ବୋଲି ଅଭିହିତ କରିଛନ୍ତି। ଏହାଛଡ଼ା ରାଜ୍ୟ ବଜେଟରେ ସେମାନେ ମୋ ସରକାର ସମୟର ୪୦ ରୁ ଅଧିକ ଯୋଜନାର କେବଳ ନାମ ପରିବର୍ତ୍ତନ କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହାର ସବିଶେଷ ତର୍ଜମା କରିବା ପରେ ମନ୍ତବ୍ୟ ରଖିବି ବୋଲି ସେ କହିଛନ୍ତି।

## ବଜେଟରେ ନୂତନତ୍ୱ ନାହିଁ: ତାରା



ବଜେଟ ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତି କହିଛନ୍ତି, ବଜେଟରେ କିଛି ନୂତନତ୍ୱ ନାହିଁ। ଏହା ସାଧାରଣ ଜନତାଙ୍କୁ ନିରାଶ କରିଛି। ଚାଷୀ ଓ ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ କୌଣସି ଯୋଜନା ନାହିଁ। ପୂର୍ବ ସରକାରର ଯୋଜନାଗୁଡ଼ିକରେ ୧୦-୨୦ ପ୍ରତିଶତ ବ୍ୟୟ ଅଟକଳ ବଢ଼ାଇ କେବଳ ନାମ ପରିବର୍ତ୍ତନ କରାଯାଇଛି। ୪୨ଟି ଯୋଜନାର ନାଁ ପରିବର୍ତ୍ତନ କରି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରାଯାଇଛି ବୋଲି ଶ୍ରୀ ବାହିନୀପତି କହିଛନ୍ତି।

**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଖଣିଜ ଟିକସ ଆଦାୟ ରାଜ୍ୟର ଅଧିକାର




■ ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଖଣିଜ ସାମଗ୍ରୀ ଉପରେ ଟିକସ ଲାଗୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିକଟରୁ ଆସିଛି ବଡ଼ ଫଇସଲା। ଏଥିରେ ଖଣିଜ ସମ୍ପଦ ଭରା ରାଜ୍ୟଗୁଡ଼ିକୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରୁ ମିଳିଛି ବିଶେଷ ଅଧିକାର। ସୁପ୍ରିମକୋର୍ଟଙ୍କ କହିବା ନୁଯାୟୀ, ଖଣିଜ ସାମଗ୍ରୀ ଉପରେ ନିଆଯାଉଥିବା ରୟାଲଟି ଟିକସ ନୁହେଁ। ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟାମକ) ଆଇନ ୧୯୫୭ ଅଧୀନରେ ଖଣିଜ ସାମଗ୍ରୀ ଉପରେ ପ୍ରଦାନ କରାଯାଉଥିବା ରୟାଲିଟି ଏକ ଟିକସ ନୁହେଁ। ରାଜ୍ୟରେ ଥିବା ଖଣି ଜମି ଉପରେ ଟିକସ ଲାଗୁ କରିବାର ସମ୍ପୂର୍ଣ୍ଣ ଅଧିକାର ରାଜ୍ୟ ସରକାରଙ୍କ ପାଖରେ ରହିଛି। ଗୁରୁବାର ଖଣିଜ ସାମଗ୍ରୀ ଉପରେ ଟିକସ ସଂଗ୍ରହ ପ୍ରସଙ୍ଗରେ ସୁପ୍ରିମକୋର୍ଟର ୯ ଜଣ ବିଚାରପତିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଆଜି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠ ମାମଲାର ବିଚାର କରି ସ୍ପଷ୍ଟ ଭାବେ କହିଛନ୍ତି ଯେ, ରାଜ୍ୟ ପାଉଥିବା ରୟାଲିଟି ବା ରାଜସ୍ୱ କୌଣସି ଟିକସ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ଖଣିଜ ସମ୍ପଦରେ ଭରା ରାଜ୍ୟ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଫାଇଦା ପାଇବେ। ଏଣିକି ଏହି ସବୁ ରାଜ୍ୟଗୁଡ଼ିକ ଖଣି ଜମି ଉପରେ ମାଇନିଂ ▶ପୃଷ୍ଠା-୫






**ପ୍ରତିଶ୍ରୁତିର ଭେଳିକି**

## ସମସ୍ତଙ୍କୁ ମିଳିବନି ୩୫୦୦ ଟଙ୍କା ଭତ୍ତା

- ୩୦ ଲକ୍ଷ ଗରିବ ହିତାଧିକାରୀ ପ୍ରତାରଣାର ଶିକାର
- କେବଳ ୮୦ରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକଙ୍କୁ ବର୍ଦ୍ଧିତ ଭତ୍ତା
- ୮୦% ଅକ୍ଷମତା ଥିବା ବ୍ୟକ୍ତିଙ୍କୁ ମିଳିବ ବର୍ଦ୍ଧିତ ଭତ୍ତା

■ ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟରେ ବିଜେପି ସରକାର ଆସିଲେ ରାଜ୍ୟର ସମସ୍ତ ବୟସ୍କ ନାଗରିକ, ବିଧବା, ଭିନ୍ନକ୍ଷମ ଆଦିଙ୍କ ଭତ୍ତା ୧୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ନିର୍ବାଚନୀ ପ୍ରଚାର ବେଳେ ବିଭିନ୍ନ ସମାବେଶରେ ରାଜ୍ୟରୁ ଆରମ୍ଭ କରି କେନ୍ଦ୍ରୀୟ ବିଜେପି ନେତାମାନେ ଏହା ଘୋଷଣା କରିଥିଲେ। ମାତ୍ର ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକ ଓ ୮୦%ରୁ ଊର୍ଦ୍ଧ୍ୱ ଅକ୍ଷମ ଥିବା ବ୍ୟକ୍ତିଙ୍କୁ ମାସିକ ▶ପୃଷ୍ଠା-୫

**ବଦଳିଲା ପୂର୍ବ ସରକାରଙ୍କ ୪୨ ଯୋଜନାର ନାମ**

## ନବୀନ 'ନଥି'ରେ ମୋହନ 'ମଲାଟ'

- ସିଏମ୍ କିଷାନକୁ ପରିବର୍ତ୍ତିତ ହେଲା କାଳିଆ ନାମ
- ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ହଟିଲା ବିଜୁଙ୍କ ନାମ
- ଗୋପବନ୍ଧୁଙ୍କ ନାମରେ ଜନ ଆରୋଗ୍ୟ ଯୋଜନା

■ ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ପ୍ରଥମ ବଜେଟ ଆଗତ ଅବସରରେ ଆରମ୍ଭ କରିଛନ୍ତି ରାଜ୍ୟ ଯୋଜନା ଗୁଡ଼ିକର ନାମ ପରିବର୍ତ୍ତନ ଅଭିଯାନ। ପୂର୍ବରୁ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଏ ସମ୍ପର୍କରେ ଇଙ୍ଗିତ ଦେଇଥିଲେ। ପୂର୍ବ ସରକାରଙ୍କ ଯୋଜନା ପରିବର୍ତ୍ତନ କରାଯିବାକୁ ମସୁଧା ଚାଲିଥିବା ସୂଚନା ଦେଇଥିଲେ ଏବଂ ଆଜି ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ସମୟରେ ଅର୍ଥ ବିଭାଗ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ବିସ୍ତୃତ ଘୋଷଣା କରିଛନ୍ତି। ବିଦାୟୀ ସରକାରଙ୍କ ଅଧିକାଂଶ ଯୋଜନା ମୋହନ ସରକାର ଅପରିବର୍ତ୍ତିତ ରଖିଥିଲେ ହେଁ ପ୍ରାୟ ୪୨ଟି ଯୋଜନାର ନାମ ପରିବର୍ତ୍ତନ କରିଛନ୍ତି। ▶ପୃଷ୍ଠା-୫

**ବିଜୁ ବିମୁଖ ବିଜେପି**

ଓଡ଼ିଆ ଅସ୍ମିତାର ଧ୍ୱଜାଧାରୀ ଓ ଦେଶର ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ରଖିଥିବା ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମକୁ ନେଇ ବିଜେପି ବିମୁଖ। ପ୍ରତ୍ୟେକ ଯୋଜନା ଓ କାର୍ଯ୍ୟକ୍ରମରୁ ବିଜୁ ପଟ୍ଟନାୟକଙ୍କ ନାମକୁ ହଟାଇବା ପାଇଁ ରାଜ୍ୟର ବିଜେପି ସରକାର ଯେପରି ପଣ କରିଛନ୍ତି। ପୂର୍ବରୁ ବିଜୁ ପଟ୍ଟନାୟକ କ୍ରୀଡ଼ା ▶ପୃଷ୍ଠା-୫

### ବଜେଟ୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି

# ଉଭୟ ସଦନ ମୁଲତବୀ

**ନୂଆଦିଲ୍ଲୀ,୨୫।୭(ଏଜେନ୍ସି):** ବଜେଟ୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି ରହିଛି। ଗତକାଲି ବଜେଟ୍‌କୁ ବିରୋଧ କରି ଲୋକସଭାରେ କଂଗ୍ରେସ ସମେତ ଅନ୍ୟ ସମସ୍ତ ପ୍ରମୁଖ ବିରୋଧୀ ଦଳର ନେତା ହୋହଲ୍ଲା କରିଥିଲେ। ବିଶେଷକରି ଅନ୍ୟ ରାଜ୍ୟମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କେନ୍ଦ୍ର ସରକାର ବଜେଟ୍‌ରେ ବିହାର ଏବଂ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ପ୍ୟାକେଜ୍ ଦେବା ବିଷୟକୁ ନେଇ ବିରୋଧୀ ତାତିବା ସହିତ ଏହା କେବଳ ଏନଡିଏ ସରକାରର ଚୌକି ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଥିଲାୟ ଏବଂ ପରେ ପରେ ବିରୋଧୀ ଦଳର ନେତା କକ୍ଷତ୍ୟାଗ କରିଥିଲେ। ଗୁରୁବାର ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଏହି ପ୍ରସଙ୍ଗକୁନ୍‌ଇେ ବିରୋଧୀ ପୁଣିଥରେ ହଙ୍ଗାମା ଆରମ୍ଭ କରିଦେଇଥିଲେ। ତେବେ ଅନ୍ୟ କିଛି ପ୍ରସଙ୍ଗରେ ଆଲୋଚନା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ଇଂଲଣ୍ଡ ଭଳି ଟିକସ; ସୋମାଲିଆ ପରି ସେବା: ରାଘବ



ରାଜ୍ୟସଭାରେ ବଜେଟ୍‌କୁ ନେଇ ଆଲୋଚନା ଚାଲିଥିଲା ବେଳେ ଆପ୍ ସାଂସଦ ରାଘବ ଚଡ଼ା କେନ୍ଦ୍ର ସରକାରଙ୍କୁ ନିଶାଣ କରି ବର୍ଷିଥିଲେ। ଭାରତରେ ଲୋକମାନେ ଇଂଲଣ୍ଡ ଭଳି ସରକାରଙ୍କୁ ଟିକସ ଦେଉଛନ୍ତି। କିନ୍ତୁ ସେମାନଙ୍କୁ ସୋମାଲିଆ ଭଳି ସେବା ମିଳୁଛି। ୨୦୨୪-୨୫ ବଜେଟ୍‌ରେ ସରକାର ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି ରାଘବ କହିଥିଲେ। ଏହି ବଜେଟ୍‌ରେ କେନ୍ଦ୍ର ସରକାର ଦେଶବାସୀଙ୍କୁ ପ୍ରତାରଣା କରିଛନ୍ତି। ଗତ ୧୦ ବର୍ଷର ଶାସନକାଳ ମଧ୍ୟରେ ବିଜେପି ଲୋକମାନଙ୍କୁ ଠାରୁ ବିଭିନ୍ନ ଢଙ୍ଗରେ ଟିକସ ଆଦାୟ କରିବାରେ ବ୍ୟସ୍ତ ରହିଛି। ଆୟକର ଠାରୁ ଆରମ୍ଭ କରି ଜିଏସଟି ଏବଂ କ୍ୟାପିଟାଲ ଟ୍ୟାକ୍ସ ଗେନ୍ ଭଳି ବହୁ ଉପାୟରେ କେନ୍ଦ୍ର ସରକାର ଲୋକମାନଙ୍କ ଆୟକୁ ଶୋଷିବାରେ ଲାଗିଛନ୍ତି। କିନ୍ତୁ ପ୍ରତିବଦଳରେ ସେମାନଙ୍କୁ ସରକାର କ'ଣ ଦେଇଛନ୍ତି ବୋଲି ରାଘବ ପ୍ରଶ୍ନ କରିଥିଲେ। ଗରିବଙ୍କ କଥା ଛାଡ଼, ଏହି ବଜେଟ୍‌ରେ କୌଣସି ବର୍ଗଙ୍କ ପାଇଁ କିଛି ବି କରାଯାଇ ନାହିଁ। ଏହାକୁ କେବଳ ବିରୋଧୀ ନୁହନ୍ତି, ବିଜେପି କର୍ମୀ ମଧ୍ୟ ସ୍ୱୀକାର କରିଛନ୍ତି ବୋଲି ରାଘବ କହିଛନ୍ତି।

### ଭାରତୀୟ ସେନାର ଆତଙ୍କବାଦୀ ସଫା ଅଭିଯାନ

# ଜମ୍ମୁରେ 'ସର୍ପ ବିନାଶ.୨' ଅପରେସନ

**ନୂଆଦିଲ୍ଲୀ,୨୫।୭(ଏଜେନ୍ସି):** କିଛି ଦିନର ବ୍ୟବଧାନ ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ପୁଣି ତୀବ୍ର ହୋଇଛି। ବିଗତ ଦୁଇ ମାସ ମଧ୍ୟରେ ଜମ୍ମୁ ଏବଂ କାଶ୍ମୀର ଘାଟିର ବିଭିନ୍ନ ସ୍ଥାନରେ ୧୧ଟି ଆତଙ୍କବାଦୀ ଆକ୍ରମଣ

- ୨୧ ବର୍ଷ ପରେ ସବୁଠାରୁ ବଡ଼ ଅପରେସନ
- ସେନା ନିଶାଣରେ ୫-୫ ଆତଙ୍କବାଦୀ
- ୨୦୦ ସ୍ନିପର, ୫୦୦ ପାରା କମାଣ୍ଡୋଙ୍କ ସହ ୩୦୦୦ ଟ୍ରୁପ୍ ନିୟୋଜିତ
- ପିଏମଓ, ଏନଏସଏ ଏବଂ ସେନା ମୁଖ୍ୟଙ୍କୁ କରାଯିବ ସିଧାସଳଖ ରିପୋର୍ଟ

ଘଟଣାରେ ଏକାଧିକ ଯବାନ ସହିଦ ହୋଇଥିଲା ବେଳେ ଡୋଡା ଏବଂ କାଠୁଆରେ ହୋଇଥିବା ଆକ୍ରମଣ ବିଭିନ୍ନ ସ୍ତରରେ ଚିନ୍ତା ବଢାଇଛି। ସରକାରୀ ସୂଚନା ଅନୁସାରେ ଏଠାରେ ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟ ସେନାର ୪୮ ଯବାନ ସହିଦ ହୋଇଛନ୍ତି। ଲଗାତର ଭାବେ ବଢି ଚାଲିଥିବା ଏଭଳି ଘଟଣାକୁ ନେଇ ଭାରତୀୟ ସେନା ପକ୍ଷରୁ ଜମ୍ମୁରେ ଆରମ୍ଭ ହୋଇଛି 'ସର୍ପ ବିନାଶ ୨.୦' ଅପରେସନ। ଜମ୍ମୁ କାଶ୍ମୀରରୁ ଆତଙ୍କବାଦୀଙ୍କୁ ସଫା କରିବା ଉଦ୍ଦେଶ୍ୟରେ ୨୧ ବର୍ଷ ପରେ ଏହି ଅପରେସନ ଆରମ୍ଭ ହୋଇଥିଲା ବେଳେ ଏଥିରେ ୩୦୦୦ ଅତିରିକ୍ତ ଟ୍ରୁପ୍ ସହିତ ୨୦୦ ସ୍ନିପର୍ ଏବଂ ୫୦୦ ପାରା କମାଣ୍ଡୋ ନିୟୋଜିତ ହୋଇଛନ୍ତି। ପ୍ରଥମେ ୨୦୦୩ରେ ଜମ୍ମୁ କାଶ୍ମୀରର ପିର୍ ପଞ୍ଜାଲ ରେଞ୍ଜରେ ପୁଞ୍ଚ-ସୁରନକୋଟ୍ ଅଞ୍ଚଳରେ ଏଭଳି ଅପରେସନ କରାଯାଇଥିଲା। ସେତେବେଳେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା 'ଭିଲେଜ ଡିଫେନ୍ସ ଗାର୍ଡ(ଭିଡିଜି) ସହାୟତାରେ ସେନା କାର୍ଯ୍ୟ କରି ବହୁ ସଫଳତା ହାସଲ କରିଥିଲା। ବର୍ତ୍ତମାନ କଠୁଆ ଏବଂ ଡୋଡା ଅଞ୍ଚଳରେ ପ୍ରାୟ ୫-୫ ସକ୍ରିୟ ଆତଙ୍କବାଦୀ ଲୁଚି ରହିଥିବା ନିଶ୍ଚିତ କରାଯିବା ପରେ ଭାରତୀୟ ସେନା ପକ୍ଷରୁ ଏହି ଅପରେସନ ଆରମ୍ଭ ହୋଇଛି। କେବଳ ଆତଙ୍କବାଦୀ ନୁହନ୍ତି, ବିଦେଶାଗତ ଆତଙ୍କବାଦୀଙ୍କୁ ସହାୟତା କରୁଥିବା ବହୁ ବିଚ୍ଛିନ୍ନତାବାଦୀ ସଂଗଠନ ଏବଂ ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ରହିଥିବା ' ଓଭର ଗ୍ରାଉଣ୍ଡ ୱାର୍କର(ଓଜିଡବ୍ଲ୍ୟୁ) ନେଟ୍‌ୱର୍କକୁ ମଧ୍ୟ ଏହି ଅଭିଯାନରେ ଟାର୍ଗେଟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା କ୍ୟାବିନେଟ୍ କମିଟି(ସିସିଏସ୍) ବୈଠକରେ ଏଥିପାଇଁ ନିଷ୍ପତ୍ତି ନିଆଯିବା ପରେ ଏହି ଅପରେସନ ଆରମ୍ଭ କରାଯାଇଛି। ଏହି ଅପରେସନକୁ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମଓ) ଠାରୁ ଆରମ୍ଭ କରି ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନଏସଏ) ଏବଂ ସେନା ମୁଖ୍ୟଙ୍କୁ ସିଧାସଳଖ ରିପୋର୍ଟ କରାଯିବ। ବିଭିନ୍ନ ସ୍ଥାନରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରିବା ବ୍ୟତୀତ ଆନ୍ତର୍ଜାତିକ ସୀମାରେଖା ଏବଂ ଲାଇନ ଅଫ୍ କଣ୍ଟ୍ରୋଲ(ଏଲଓସି)ରେ ଯେଭଳି ପାକିସ୍ତାନ ପଟୁ ଆତଙ୍କବାଦୀଙ୍କ ଅନୁପ୍ରବେଶ ନ ହୁଏ ସେଥିନେଇ ମଧ୍ୟ ବିଏସଏଫ ଟିମ୍ ସ୍ୱତନ୍ତ୍ର ରଣନୀତିରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ବର୍ତ୍ତମାନ 'ସର୍ପ ବିନାଶ.୨ ' ଅପରେସନ ଜମ୍ମୁ ଡିଭିଜନର ଡୋଡା,କଠୁଆ,ଉଦ୍ଧମପୁର,ରଜୌରୀ,ପୁଞ୍ଚ ଏବଂ ରିଆସି ଜିଲ୍ଲାରେ ଆରମ୍ଭ କରାଯାଇଛି। କାଶ୍ମୀର ବଦଳରେ ଜମ୍ମୁ ଅଞ୍ଚଳକୁ ଆତଙ୍କବାଦୀଙ୍କ ଗଡ଼ ବନାଇବାକୁ ପାକିସ୍ତାନ ମସୁଧା ଚଳାଇଥିଲାବେଳେ ଏହାକୁ ନିଶାଣ କରି ଏହି ଅଭିଯାନ ଆରମ୍ଭ କରାଯାଇଥିବା କୁହାଯାଇଛି।



### ■ ପ୍ରକାଶ ପାଇଲା ନିଟ୍ ୟୁଜି ସଂଶୋଧିତ ପରୀକ୍ଷା ଫଳ

# ଖୁବ୍‌ଶୀଘ୍ର ଆରମ୍ଭ ହେବ କାଉନ୍‌ସେଲିଂ

**ନୂଆଦିଲ୍ଲୀ, ୨୫।୭(ଏଜେନ୍ସି):** ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାଗୁଡ଼ିକ କରାଉଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) ନିଟ୍ ୟୁଜି ସଂଶୋଧିତ ପରୀକ୍ଷା ଫଳ ପ୍ରକାଶ କରିଛି। ଅସ୍ପଷ୍ଟ ତଥା ବିବାଦୀୟ କୁହାଯାଉଥିବା ପଦାର୍ଥ ବିଜ୍ଞାନ ୨୯ ନମ୍ବର ପ୍ରଶ୍ନର ଏକମାତ୍ର ସଠିକ୍ ଉତ୍ତର ବିକଳ୍ପ ୪ ବୋଲି ଆଇଆଇଟି ଦିଲ୍ଲୀର ବିଶେଷଜ୍ଞ କମିଟି ଯାହା କହିଛନ୍ତି ତଦନୁସାରେ ମାର୍କ ଦିଆଯାଇ ଉତ୍ତର ଖାତାଗୁଡ଼ିକର ନୂଆ ମୂଲ୍ୟାଙ୍କନ କରାଯାଇ ସଂଶୋଧିତ ପରୀକ୍ଷା ଫଳ ଯଥାଶୀଘ୍ର ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ଏନଟିଏକୁ ଆଦେଶ ଦେଇଥିଲେ। ସଂଶୋଧିତ ଫଳ ପ୍ରକାଶ ପରେ ଗ୍ରେସ୍ ମାର୍କ ପାଇ ୭୨୦ରୁ ୭୨୦ ଫୁଲ୍ ସ୍କୋର୍ ରଖିଥିବା ୪୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ପ୍ରାୟ ୪ଲକ୍ଷ ପରୀକ୍ଷାର୍ଥୀଙ୍କ କ୍ରମ ବା ବର୍ଗ ବଦଳିଛି। ଏବେ ମେଡିକାଲ କାଉନସେଲିଂ କମିଟି(ଏମସିସି) ଓ ରାଜ୍ୟ କାଉନସେଲିଂ ସଂସ୍ଥାଗୁଡ଼ିକ ଅଣ୍ଡରଗ୍ରାଜୁଏଟ୍ ମେଡିକାଲ ନାମଲେଖା ପାଇଁ ଅନଲାଇନ୍ କାଉନସେଲିଂ ପ୍ରକ୍ରିୟା ଆରମ୍ଭ କରିବେ।

### ଫେରାର୍ ଅଭିଯୁକ୍ତ ଅବିନାଶ ଗିରଫ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସିବିଆଇ ଗୁରୁବାର ବିହାରର ହଜାରିବାଗ ସ୍ଥିତ ରାଜ ଗେଷ୍ଟ ହାଉସରେ ପୁଣି ଚଢ଼ଉ କରିଛି। ଏହି ସମୟରେ ଅଧିକାରୀଙ୍କ ସହ ବିହାର ପୁଲିସ ଏବଂ ୨ ଅଭିଯୁକ୍ତ ଥିଲେ। ଏଠାରୁ କିଛି କାଗଜପତ୍ର, ପ୍ରିଣ୍ଟର ଜମା କରି ଗେଷ୍ଟ ହାଉସକୁ ସିଲ୍ କରିଦିଆଯାଇଥିଲା। ଏହା ପରେ ସିବିଆଇ ଟିମ୍ ପାଟନା ଫେରି ଯାଇଥିଲା। ଅନ୍ୟପକ୍ଷରେ ୨୦ ଦିନ ହେଲା ଫେରାର ଥିବା ଅଭିଯୁକ୍ତ ଅବିନାଶ ଓରଫ ବଣ୍ଟିକୁ ସିବିଆଇ ବୁଧବାର ଧନବାଦରୁ ଗିରଫ କରିଛି।

### ଗୁଜରାଟରେ ବନ୍ୟା ସ୍ଥିତି

# ପୁନେରେ ୨୪ ଘଣ୍ଟାରେ ୪୫୩ ମିମି ବର୍ଷା

**ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ଗୁଜରାଟରେ ଗତ ତିନି ଚାରି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏଥିପାଇଁ ଗୁଜରାଟ, ସୁରଟ, ଭରୁଚ, ଆନନ୍ଦ ସମେତ ଅନେକ ଜିଲ୍ଲାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ଭଦୋଦରାରେ ୨୪ ଘଣ୍ଟାରେ ୧୩.୫ ଇଞ୍ଚ ବର୍ଷା ହୋଇଛି। ରାଜ୍ୟରେ ବର୍ଷାଜନିତ ଘଟଣାରେ ଦିନକରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ହିମାଚଳ ପ୍ରଦେଶରେ ବାଦଲ ଫଟା ବର୍ଷା ହୋଇଛି। ମାତ୍ର ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହା ବ୍ୟତୀତ ମହାରାଷ୍ଟ୍ରରେ ୨୪ ଘଣ୍ଟାରେ ୪୫୩ ମିମି ବର୍ଷା ହୋଇଛି। ବର୍ଷା ଜନିତ ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ଖଡ଼କବାସଲା ବନ୍ଧ ଉଚ୍ଛୁଳିବାରୁ ଅନେକ ଅଞ୍ଚଳରେ ବନ୍ୟା ଆସିଛି। ସହାୟତା ପାଇଁ ସେନା ଏବଂ ଏନ୍‌ଡିଆରଏଫ ମୁତୟନ କରାଯାଇଛି। ମୁମ୍ବାଇକୁ ଆସୁଥିବା ଏବଂ ଯାଉଥିବା କିଛି ବିମାନକୁ ବାତିଲ କରିଦିଆଯାଇଛି।

### ବର୍ଷାଜନିତ ଘଟଣାରେ ୧୪ ମୃତ



### ■ କାର୍ଗିଲ ବିଜୟ ଦିବସ ରଜତ ଜୟନ୍ତୀ

# ୧୬୦ କିମି ଦୌଡ଼ିଲେ ସେବାନିବୃତ୍ତ କର୍ଣ୍ଣେଲ ବର୍ଷା ରାଇ



**ମୁମ୍ବଇ, ୨୫।୭(ଏଜେନ୍ସି):** କାର୍ଗିଲ ବିଜୟ ଦିବସର ରଜତ ଜୟନ୍ତୀକୁ ସ୍ମରଣୀୟ ରଖିବା ଲକ୍ଷ୍ୟରେ ଭାରତୀୟ ସ୍ଥଳ ସେନାର ଜଣେ ପୂର୍ବତନ ମହିଳା ଅଫିସର ଲେଫଟନାଣ୍ଟ କର୍ଣ୍ଣେଲ ବର୍ଷା ରାଇ ଶ୍ରୀନଗରରୁ ବାହାରି ଦ୍ରାସରେ ଥିବା କାର୍ଗିଲ ଯୁଦ୍ଧ ସ୍ମାରକୀରେ ପହଞ୍ଚିବାକୁ ୧୬୦ କିଲୋମିଟର ଦୌଡ଼ିଛନ୍ତି। ଏହି ଲମ୍ବା ଦୌଡ଼ ପୂର୍ଣ୍ଣ କରିବା ପାଇଁ ତାଙ୍କୁ ୪ ଦିନ ଲାଗିଛି। ଶ୍ରୀନଗରରୁ ଜୁଲାଇ ୧୯ରେ ଦୌଡ଼ ଆରମ୍ଭ କରି ସେ ୨୨ ତାରିଖରେ ଦ୍ରାସ ପହଞ୍ଚିଥିଲେ। ଦୌଡ଼ରେ ବର୍ଷାଙ୍କ ସହ ଥିଲେ ଚିନାର ଓ୍ୱାରିଅର୍ସର ମାରାଥମ ଟିମ୍। କାର୍ଗିଲ ଯୁଦ୍ଧର ସହିଦ ଭାରତୀୟ ସୈନ୍ୟଙ୍କ ସମ୍ମାନ ପାଇଁ ସେ ଶ୍ରୀନଗରରୁ ଦ୍ରାସ ଦୌଡ଼ିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ବର୍ଷା କହିଛନ୍ତି। ବର୍ଷାଙ୍କ ସ୍ୱାମୀ ଏବେ ସ୍ଥଳସେନାର ଅଫିସର ଭାବେ କାଶ୍ମୀରରେ କାର୍ଯ୍ୟରତ। ବର୍ଷାଙ୍କ ବାପା, ଜେଜେବାପା ଓ ତାଙ୍କ ବାପା ମଧ୍ୟ ସେନା ଅଫିସର ଥିଲେ। ବର୍ଷାଙ୍କ ବାପା କାର୍ଗିଲ ଯୁଦ୍ଧ ଲଢ଼ିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଲଦାଖ ଯାଇ କାର୍ଗିଲ ବିଜୟ ଦିବସ ରଜତ ଜୟନ୍ତୀ ସମାରୋହରେ ଯୋଗଦେଇ କାର୍ଗିଲ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### ଆଜି ଲଦାଖରେ ସହିଦଙ୍କୁ ମୋଦୀଙ୍କ ଶ୍ରଦ୍ଧାଞ୍ଜଳି

## ଜଗନଙ୍କୁ ଡ୍ରଗ୍ସ ମାଫିଆ ସହ ତୁଳନା କଲେ ଚନ୍ଦ୍ରବାବୁ

**ବିଶାଖାପଟନମ୍ ,୨୫।୭ (ଏଜେନ୍ସି):** ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡିଙ୍କ ଶାସନକାଳକୁ ତୀବ୍ର ସମାଲଚନା କରିବା ସହିତ ତାଙ୍କ ସମୟରେ ରାଜ୍ୟ ନିଶା କବଳିତ ହୋଇପଡ଼ିଥିଲା ବୋଲି କହିଛନ୍ତି। ଏହିକ୍ରମରେ ସେ ଜଗନମୋହନଙ୍କୁ କଲମ୍ବିଆର କୁଖ୍ୟାତ ଡ୍ରଗ୍ସ ଆତଙ୍କବାଦୀ ପାବଲୋ ଏସ୍କୋବାରଙ୍କ ସହ ତୁଳନା କରିବାକୁ ପଛାଇନାହାନ୍ତି। ଗୁରୁବାର ବିଧାନସଭାରେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏକ ଶ୍ୱେତପତ୍ର ଜାରି କରିବା ସହିତ ଜଗନଙ୍କ ଶାସନକାଳରେ ଆନ୍ଧ୍ର ପ୍ରଦେଶ କିଭଳି ଦେଶର ଗଞ୍ଜେଇ ରାଜଧାନୀ ବନିଯାଇଥିଲା ତାହା କହିବା ସହିତ ରାଜ୍ୟର ପ୍ରତି ଗାଁରେ ଅତି ସହଜରେ କିଭଳି ଗଞ୍ଜେଇ ଉପଲବ୍ଧ ହେଉଥିଲା ତାହା କହିଛନ୍ତି।

## ତାଇୱାନ-ଫିଲିପିନ୍ସରେ 'ଗେମି' ତାଣ୍ଡବ; ୨୫ ମୃତ

**ମନିଲା, ୨୫।୭ (ଏଜେନ୍ସି):** ତାଇୱାନ ଏବଂ ଫିଲିପିନ୍ସରେ 'ଗେମି' ଝଡ଼ ତାଣ୍ଡବ କରିଛି। ଏଥିଯୋଗୁଁ ୨୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ୩୮୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। କେବଳ ଫିଲିପିନ୍ସରେ ଭୂସ୍ଖଳନ ଏବଂ ବନ୍ୟାରେ ୨୨ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ଝଡ଼ ପ୍ରଭାବରୁ ସପ୍ତାହେ ହେଲା ଦୁଇ ଦେଶରେ ପ୍ରବଳ ବର୍ଷା ହେଉଛି। ତାଇୱାନରେ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଲୋକଙ୍କୁ ଘରୁ ବାହାରିବାକୁ ମନା କରାଯାଇଛି।

### ■ ଉଦ୍‌ଘାଟନ କରିଥିଲେ ପ୍ରଧାନମନ୍ତ୍ରୀ

## ୫ ମାସରେ 'ସୁଦର୍ଶନ ବ୍ରିଜ୍'ରେ ଖାଲ

**ରାଜକୋଟ, ୨୫।୭ (ଏଜେନ୍ସି):** ଦ୍ୱାରକାର ସୁଦର୍ଶନ ବ୍ରିଜ୍ ମାତ୍ର ୫ ମାସ ମଧ୍ୟରେ ନିଜର ସୌନ୍ଦର୍ଯ୍ୟ ହରାଇ ଦେଇଛି। ଅନେକ ସ୍ଥାନରେ ସିମେଣ୍ଟ ଛାଡ଼ି ଯାଇ ଲୁହାରଡ଼ ଦେଖାଯାଉଛି। କିଛି ସ୍ଥାନରେ ରାସ୍ତାକଡ଼ କାନ୍ଥରୁ ପ୍ଲାଷ୍ଟର ଛାଡ଼ି ଗଲାଣି। ରେଲିଂରେ ମଧ୍ୟ କଳଙ୍କି ଲାଗି ଗଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପର ଫଟୋ ସାମ୍ନାକୁ ଆସିବା ପରେ ଜିଲ୍ଲାପାଳଙ୍କଠାରୁ ନେଇ ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତେ ସକ୍ରିୟ ହୋଇଯାଇଛନ୍ତି। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପୋଲକୁ ଫେବୃଆରୀ ୨୫ ତାରିଖରେ ପ୍ରଧାନମନ୍ତ୍ରୀ ଉଦ୍ଘାଟନ କରିଥିଲେ। ଏହା ପୁରୁଣା ଏବଂ ନୂଆ ଦ୍ୱାରକା ମଧ୍ୟରେ ଲିଙ୍କ ଭଳି କାମ କରିବ ବୋଲି କହିଥିଲେ। ମାତ୍ର ଏବେ ଏହାକୁ ନେଇ କଂଗ୍ରେସ ବିଜେପିକୁ ସମାଲୋଚନା କରିଛି। ଅମିତ ଚାଭଡ଼ା ପୋଲର ଫଟୋ ଛାଡ଼ି ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ୍ କରି କହିଛନ୍ତି ଯେ ଦେଖନ୍ତୁ ଏହା ନରେନ୍ଦ୍ର ମୋଦୀଙ୍କ ଦୁର୍ନୀତିର ମଡେଲ। ପ୍ରଥମ ବର୍ଷାରେ ଖାଲ ହେବା ଆରମ୍ଭ ହୋଇଯାଇଛି।



## ଶିକ୍ଷକ ଭୂମିକାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



**ନୂଆଦିଲ୍ଲୀ,୨୫।୭(ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗୁରୁବାର ଶିକ୍ଷକ ଭୂମିକାରେ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ମୁର୍ମୁ ଅଚାନକ ଭାବେ ରାଷ୍ଟ୍ରପତି ଭବନ ପରିସର ନିକଟସ୍ଥ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ ବିଦ୍ୟାଳୟରେ ପହଞ୍ଚିବା ପରେ ସେଠାକାର ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏହି ସମୟରେ ସେ ମାନବ ସମାଜ ଉପରେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ନେଇ ପିଲାଙ୍କ ସହ ଆଲୋଚନା କରିବା ସହିତ ପର୍ଯ୍ୟାବରଣକୁ କିଭଳି ସୁରକ୍ଷା ଦିଆଯାଇପାରିବ ସେନେଇ ବୁଝାଇଥିଲେ। ବିଶେଷକରି ଜଳ ସଂରକ୍ଷଣ ଏବଂ ବୃକ୍ଷରୋପଣ ସହିତ ପରିବେଶ ସୁରକ୍ଷା ଲାଗି ଏବେ ଠାରୁ ସମସ୍ତଙ୍କୁ କର୍ତ୍ତବ୍ୟ ନିଭାଇବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ପିଲାଙ୍କୁ କହିଥିଲେ।

### ● ରାଷ୍ଟ୍ରପତି ଭବନ ଦୁଇ ମୁଖ୍ୟ ହଲ୍‌ର ନାମ ବଦଳିଲା

## ଦରବାର-ଅଶୋକ ହଲ୍ ଏବେ ଗଣତନ୍ତ୍ର-ଅଶୋକ ମଣ୍ଡପ

**ନୂଆଦିଲ୍ଲୀ, ୨୫।୭(ଏଜେନ୍ସି):** ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନର ଦୁଇ ମୁଖ୍ୟ ହଲ୍ ଦରବାର ହଲ୍ ଓ ଅଶୋକ ହଲ୍‌ର ନାମ ବଦଳାଇ ଦେଇଛନ୍ତି। ଦରବାର ହଲ୍‌ର ନୂଆ ନାମ ରଖାଯାଇଛି ଗଣତନ୍ତ୍ର ମଣ୍ଡପ ଓ ଅଶୋକ ହଲ୍‌ର ନୂଆ ନାମ ହୋଇଛି ଅଶୋକ ମଣ୍ଡପ। ରାଷ୍ଟ୍ରପତି ଭବନ ହେଉଛି ରାଷ୍ଟ୍ରପତିଙ୍କ ସରକାରୀ ଦପ୍ତର ଓ ବାସଭବନ। ଏହି ଜାତୀୟ ଐତିହ୍ୟ ସୌଧରେ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧର ପ୍ରତିବିମ୍ବୀକରଣ ଲକ୍ଷ୍ୟରେ ଏପରି ନବନାମକରଣ ହୋଇଛି। ଔପନିବେଶିକ ପ୍ରତୀକଗୁଡ଼ିକୁ ହଟାଇବା ପାଇଁ ମୋଦୀ ସରକାରଙ୍କ ଏହା ହେଉଛି ସଦ୍ୟତମ ପ୍ରଚେଷ୍ଟା। ରାଷ୍ଟ୍ରପତି ଭବନ ସଚିବାଳୟ ପକ୍ଷରୁ କୁହାଯାଇଛି ଯେ ଦରବାର ଶବ୍ଦଟି ଭାରତୀୟ ଶାସକ ଓ ବ୍ରିଟିଶ ରାଜର ଅଦାଲତକୁ ବୁଝାଉଛି। ଦେଶ ସ୍ୱାଧୀନ ହୋଇ ପ୍ରଜାତନ୍ତ୍ରରେ ପରିଣତ ହେବା ପରେ ଦରବାର ତାହାର ପ୍ରାସଙ୍ଗିକତା ହରାଇଛି। ଦରବାର ହଲ୍ ହେଉଛି ବିଭିନ୍ନ ଜାତୀୟ ପୁରସ୍କାର, ପଦକ ଓ ସମ୍ମାନାଦି ପ୍ରଦାନର ମଞ୍ଚ। ଏଠାରେ ବିଭିନ୍ନ ଜାତୀୟ କାର୍ଯ୍ୟକ୍ରମ ଓ ଉତ୍ସବାଦି ଅନୁଷ୍ଠିତ ହୋଇଥାଏ। ଭାରତରେ ଗଣତନ୍ତ୍ର ପ୍ରାଚୀନ କାଳରୁ ରହିଛି ଓ ଏବେ ଭାରତୀୟ ସମାଜର ପ୍ରାଣବିନ୍ଦୁ ହୋଇଛି। ତେଣୁ ଦରବାର ହଲ୍‌ର ନୂଆ ନାମ ଗଣତନ୍ତ୍ର ମଣ୍ଡପ ରଖାଯାଇଛି। ଏପରି ନବ୍ୟ ନାମକରଣକୁ କଟାକ୍ଷ କରି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ଦରବାର ହଟିଛି କିନ୍ତୁ ଶେହନଶାହ ତ ଅଛନ୍ତି।

### ଆମେରିକା ସଂସଦରେ ଉଠିଲା ପ୍ରଧାନମନ୍ତ୍ରୀଙ୍କ ରୁଷ୍ ଗସ୍ତ ପ୍ରସଙ୍ଗ

# ସମୟ-ବାର୍ତ୍ତାକୁ ନେଇ ଆମେରିକା ନିରାଶ

**ୱାଶିଂଟନ, ୨୫।୭ (ଏଜେନ୍ସି):** ଆମେରିକାରେ ନାଟୋ ଦେଶଗୁଡିକର ବୈଠକ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୁଷ୍ ଗସ୍ତ (ଜୁଲାଇ ୮) କୁ ନେଇ ଆମେରିକା ପୁଣିଥରେ ଅସନ୍ତୋଷ ପ୍ରକାଶ କରିଛି। ଏହି ଯାତ୍ରାର ସମୟ ଏବଂ ଏଥିରେ ଦିଆଯାଇଥିବା ବାର୍ତ୍ତା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା ବୋଲି କୁହାଯାଇଛି। ଆମେରିକାର

### ■ ନିଜ ସ୍ୱାର୍ଥ ଚୟନ କରିବାକୁ ଦେଶ ସ୍ୱାଧୀନ: ଭାରତ

ବୈଦେଶିକ ମାମଲାର ସଂସଦୀୟ କମିଟି ବୁଧବାର ମଧ୍ୟ ଏ ପ୍ରସଙ୍ଗରେ ଚର୍ଚ୍ଚା କରିଥିଲା। ବିଦେଶ ମନ୍ତ୍ରାଳୟର ଅଧିକାରୀ ଡୋନାଲ୍ଡ ଲୁ କହିଥିଲେ ଯେ ଏହି ମାମଲାରେ ଭାରତୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଉଛି। ମୋଦୀଙ୍କ ମସ୍କୋ ଗସ୍ତ ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଥିଲା। ଦୁଇ ଦେଶ ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇ ନ ଥିଲା। ଜ୍ଞାନକୌଶଳ ହସ୍ତାନ୍ତର ଦିଗରେ ମଧ୍ୟ ଚର୍ଚ୍ଚା ହୋଇ ନ ଥିଲା। ଆମେରିକା ସଂସଦରେ ହୋଇଥିବା ବୈଠକରେ ଅଧିକାରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଲାଇଭ୍ ଟିଭିରେ ଯୁଦ୍ଧ କ୍ଷେତ୍ରରୁ ସମସ୍ୟାର ସମାଧାନ ବାହାରି ପାରିବନି ବୋଲି ପୁଟିନଙ୍କୁ କହିଥିଲେ। ଯୁଦ୍ଧରେ ଶିଶୁଙ୍କ ମୃତ୍ୟୁକୁ ନେଇ ମଧ୍ୟ ମୋଦୀ ଦୁଃଖ ପ୍ରକାଶ କରିଥିଲେ। ସେହିପରି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ହୋଇ ନ ଥିବାରୁ ହ୍ୱାଇଟ ହାଉସ୍ ପକ୍ଷରୁ ପ୍ରଶଂସା କରାଯାଇଛି। ଏହା ବ୍ୟତୀତ ରିପବ୍ଲିକାନ ପାର୍ଟିର ସଦସ୍ୟ ଜୋ ଭିଲସନ ୟୁକ୍ରେନ ହସ୍ପିଟାଲରେ ଆକ୍ରମଣ ଦିନ ମୋଦୀ-ପୁଟିନଙ୍କ ଆଲିଙ୍ଗନକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ।

ଭାରତୀୟ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ଗୁରୁବାର ଡୋନାଲ୍ଡଙ୍କ ମନ୍ତବ୍ୟର ଜବାବ ଦେଇ କହିଛନ୍ତି ଯେ ଭାରତ ଏବଂ ରୁଷ୍ ମଧ୍ୟରେ ଦୀର୍ଘ ଦିନ ହେଲା ସମ୍ବନ୍ଧ ରହିଛି। ଏହି ସମ୍ବନ୍ଧ ଉଭୟ ପକ୍ଷର ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧିତ। ନିଜ ସ୍ୱାର୍ଥ ଚୟନ କରିବାରେ ବିଶ୍ୱର ସବୁଦେଶ ସ୍ୱାଧୀନ। ଏଥିପାଇଁ ସମସ୍ତେ ଏହି ସତ୍ୟ ବୁଝିବା ଉଚିତ।



## ଭାରତ ଆସୁଥିବା ଆମେରିକୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୨୫।୭(ଏଜେନ୍ସି):** ଭାରତ ଆସିଥିବା କିମ୍ବା ଆସିବାକୁ ଚାହୁଁଥିବା ଆମେରିକାର ନାଗରିକଙ୍କ ପାଇଁ ଆମେରିକାର ପରରାଷ୍ଟ୍ର ବିଭାଗ ନୂଆ ଭ୍ରମଣ ପରାମର୍ଶ ଦେଇଛି। ଆମେରିକାର ପରରାଷ୍ଟ୍ର ବିଭାଗ ଆମେରିକୀୟଙ୍କ ଭାରତ ଭ୍ରମଣକୁ ଦ୍ୱିତୀୟ ସ୍ତରର ବିପଦ ତାଲିକାରେ ରଖିଛି ଯାହାର ଅର୍ଥ ଭାରତ ଭ୍ରମଣରେ ଗଲାବେଳେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ହେବ। ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ତୃତୀୟ ସ୍ତରର ବିପଦ ତାଲିକାରେ ରଖାଯାଇଛି ଅର୍ଥାତ୍ ଭ୍ରମଣରେ ବାହାରିବା ପୂର୍ବରୁ ଯାତ୍ରା ସମ୍ପର୍କରେ ପୁନର୍ବିଚାର କରିବାକୁ ପରାମର୍ଶ ଦିଆଯାଇଛି। ଆତଙ୍କୀ ହମଲା ଘଟୁଥିବା କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର, ଭାରତ-ପାକ୍ ସୀମା, କେନ୍ଦ୍ର ଓ ମଧ୍ୟ ଭାରତର କେତେକ ନକ୍ସଲ ଉପଦ୍ରୁତ ଅଞ୍ଚଳ, ହିଂସା କବଳିତ ମଣିପୁରକୁ ଚତୁର୍ଥ ସ୍ତରର ବିପଦ ତାଲିକାରେ ରଖାଯାଇଛି ଅର୍ଥାତ୍ ଏସବୁ ଅଞ୍ଚଳକୁ ଆଦୌ ନ ଯିବାକୁ ଆମେରିକାର ନାଗରିକଙ୍କୁ ଆମେରିକାର ପରରାଷ୍ଟ୍ର ବିଭାଗ ସତର୍କ କରାଇଛି।



# ମୋହନ ବଜେଟ: କାହାକୁ କେତେ



ସମାବେଶୀ ବିକାଶ, ସମସ୍ତଙ୍କୁ ସାମାଜିକ ସୁରକ୍ଷା, ବେକାରୀ ଓ ଗରିବୀ ହ୍ରାସର ପ୍ରତିଶ୍ରୁତି ଦେଇ ରାଜ୍ୟରେ ଶାସନ କ୍ଷମତାକୁ ଆସିଥିବା ବିଜେପି ସରକାରର ପ୍ରଥମ ବଜେଟ ଆଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ପାଇଁ ସରକାର ଯତ୍ପରୋନାସ୍ତି ପ୍ରୟାସ କରିଛନ୍ତି । ପୂର୍ବ ସରକାରଙ୍କ ଅନେକ ଯୋଜନାର କେବଳ ନାମ ପରିବର୍ତ୍ତନ କରି ସେଗୁଡ଼ିକୁ ଚାଲୁ ରଖିଥିବା ବେଳେ ଆଉ କିଛି ନୂଆ ଯୋଜନା ହାତକୁ ନେଇଛନ୍ତି । ନୂଆ-ପୁରୁଣା ଯୋଜନାର ସମ୍ମିଶ୍ରଣରେ ଆଗତ ୨୦୨୪-୨୫ ବଜେଟ ସମ୍ପର୍କରେ କିଛି ତଥ୍ୟ ।

| ବିଭାଗ | କାମଚଳା(୨୦୨୪)* | ପୂର୍ଣ୍ଣାଙ୍ଗ (୨୦୨୪)* |
|---|---|---|
| | (କୋଟି ଟଙ୍କାରେ) | |
| ଗୃହ | ୮୬୪୧.୨୭ | ୮୯୯୪ |
| ସାଧାରଣ ପ୍ରଶାସନ | ୬୯୫.୭୨ | ୭୩୨ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୭୫୧.୪୪ | ୧୭୬୯ |
| ଅର୍ଥ | ୬୬୩୨୧.୮୯ | ୫୯୩୧୨ |
| ବାଣିଜ୍ୟ | ୧୯୫.୮୯ | ୨୦୩ |
| ଆଇନ | ୯୧୫.୪୨ | ୧୫୯୦ |
| ପୂର୍ତ୍ତ | ୧୦୯୫୦ | ୧୦୭୫୦ |
| ଓଡ଼ିଶା ବିଧାନସଭା | ୮୫.୯୮ | ୮୬ |
| ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ | ୧୩୦୭.୭୫ | ୧୩୦୮ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୪୭୬୪.୨୮ | ୨୬୩୯୧ |
| ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ଓ ସଂଖ୍ୟାଲଘୁ | ୫୫୪୪.୧୮ | ୫୭୫୦ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୯୭୨୯.୩୩ | ୨୦୮୩୭ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯୮୬୮.୩୮ | ୯୬୦୩ |
| ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା | ୩୧୦.୨୨ | ୩୧୮ |
| କ୍ରୀଡ଼ା ଓ ଯୁବସେବା | ୧୩୦୪.୯୫ | ୧୩୧୫ |
| ଯୋଜନା ଓ ସମନ୍ୱୟ | ୧୨୦୪୩.୪୪ | ୨୦୧୮ |
| ପଞ୍ଚାୟତିରାଜ | ୨୨୫୪୩.୩୩ | ୨୬୪୬୬ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ | ୨.୮୦ | ୩ |
| ଶିଳ୍ପ | ୮୦୭.୬୩ | ୮୦୮ |
| ଜଳସମ୍ପଦ | ୧୩୨୬୭.୪୦ | ୧୩୨୭୨ |
| ପରିବହନ | ୩୦୯୬.୯୨ | ୩୭୪୨ |
| ଜଙ୍ଗଲ ଓ ପରିବେଶ | ୧୨୧୯.୩୧ | ୧୪୧୮ |
| କୃଷି ଓ କୃଷକ ସଶକ୍ତିକରଣ | ୭୯୨୩.୮୭ | ୧୨୯୨୬ |
| ଇସ୍ପାତ ଓ ଖଣି | ୪୬୪.୪୬ | ୪୫୬ |
| ସୂଚନା ଓ ଲୋକସମ୍ପର୍କ | ୧୪୫.୮୦ | ୧୫୬ |
| ଅବକାରୀ | ୨୩୦.୨୨ | ୨୪୧ |
| ବିଜ୍ଞାନ ଓ ବୈଷୟିକ | ୧୨୬.୦୬ | ୧୨୨ |
| ଗ୍ରାମ୍ୟ ଉନ୍ନୟନ | ୯୩୩୦.୦୦ | ୯୪୫୬ |
| ସଂସଦୀୟ ବ୍ୟାପାର | ୮୫.୦୪ | ୮୫ |
| ଶକ୍ତି | ୩୩୫୧.୭୨ | ୩୩୫୫ |
| ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ | ୨୬୧.୬୧ | ୨୬୨ |
| ପର୍ଯ୍ୟଟନ | ୮୧୭.୯୫ | ୮୧୮ |
| ମତ୍ସ୍ୟ ଓ ପଶୁସମ୍ପଦ | ୧୯୩୭.୬୫ | ୧୮୯୬ |
| ସମବାୟ | ୨୧୦୭.୯୯ | ୨୧୧୬ |
| ସାଧାରଣ ଉଦ୍ୟୋଗ | ୧୧.୫୪ | ୧୨ |
| ମହିଳା ଓ ଶିଶୁକଲ୍ୟାଣ | ୫୦୧୫.୧୫ | ୧୫୧୮୧ |
| ସୂଚନା ଓ ପ୍ରଯୁକ୍ତିବିଦ୍ୟା | ୩୭୩.୮୩ | ୫୦୯ |
| ଉଚ୍ଚଶିକ୍ଷା | ୩୪୬୯.୮୩ | ୩୪୭୮ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୧୫୮୨.୭୬ | ୧୫୮୩ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୪୭.୧୫ | ୭୪୭ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୪୬୯୮.୯୦ | ୭୭୧୦ |
| ବିପର୍ଯ୍ୟୟ ପରିଚାଳନା | ୩୯୭୦.୨୯ | ୪୦୨୩ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୨୧୯.୮୨ | ୪୨୦ |
| ମିଶନ ଶକ୍ତି | ୨୭୬୦ | ୨୭୬୨ |
| ମୋଟ (*କୋଟି ଟଙ୍କା) | ୨୫୫୦୦୦୦୦ | ୨୬୫୦୦୦୦୦ |

## କୃଷି ପାଇଁ ୩୪ ହଜାର କୋଟି



ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ବଜେଟରେ କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେବାକୁ ଚେଷ୍ଟା କରିଛନ୍ତି । ଏହିକ୍ରମରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ ଅଧୀନରେ ୩୩ ହଜାର ୯୧୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଯାହାକି ଗତ ବର୍ଷ ଆବଣ୍ଟନ ତୁଳନାରେ ୩୬ ପ୍ରତିଶତ ଅଧିକ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ଯୋଜନା ଅନ୍ତର୍ଗତ ସମୃଦ୍ଧ କୃଷି ଯୋଜନ ପାଇଁ ସରକାର ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ୧୯୩୫ କୋଟି ଟଙ୍କା ବ୍ୟୟ ବରଦା କରାଯାଇଛି । କୃଷି କ୍ଷେତ୍ରରେ ଏହି ଦୁଇଟି ପ୍ରମୁଖ୍ୟ ଯୋଜନା ପାଇଁ ସରକାର ସିଂହଭାଗ ଅର୍ଥ ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି । ଏହା ବ୍ୟତୀତ ଶ୍ରୀ ଅନ୍ନ ପାଇଁ ୬୪୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଫସଲ ବିଭିଧତା ପାଇଁ ୫୪୭ କୋଟି, ଆଳୁ, ପନି ପରିବା ଓ ମସଲା ବିକାଶ ପାଇଁ ୩୨୬ କୋଟି ବ୍ୟୟ ବରାଦ କରାଯାଇଛି । କୃଷି ଯନ୍ତ୍ରପାତି ଉପକରଣ ଓ ଡିଜେଲ ପମ୍ପସେଟ୍‌କୁ ଲୋକପ୍ରିୟ କରିବା ପାଇଁ ୩୧୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ କୃଷି ଉଦ୍ୟୋଗର ପ୍ରୋତ୍ସାହନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ବ୍ୟତୀତ କୃଷି ଗବେଷଣା ଓ ଭିତ୍ତିଭୂମି ପାଇଁ ଓୟୁଏଟିକୁ ୧୫୨ କୋଟି ଟଙ୍କାର ଅନୁଦାନ ଦିଆଯାଇଛି । ବିଶ୍ୱ ବ୍ୟାଙ୍କର ସହାୟତାପ୍ରାପ୍ତ ରିୱାର୍ଡ ପ୍ରକଳ୍ପ ପାଇଁ ୧୯୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

> ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ପାଇଁ ୧୮୯ କୋଟି
> ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ପାଇଁ ୩୨୭ କୋଟି
> ପ୍ରଧାନମନ୍ତ୍ରୀ ଫସଲ ବୀମା ପଇଁ ୬୦୦ କୋଟି
> ଫସଲ ଋଣ ଉପରେ ସୁଧ ଛାଡ଼ ପାଇଁ ୮୩୦ କୋଟି
> ଓଡ଼ିଶା ମତ୍ସ୍ୟ ମିଶନ ପାଇଁ ୩୪୪ କୋଟି

## ନୂଆ ଯୋଜନାର ବ୍ୟୟ ଅଟକଳ

| | |
|---|---|
| ସୁଭଦ୍ରା ଯୋଜନା | ୧୦,୦୦୦ କୋଟି |
| ସମୃଦ୍ଧ କୃଷକ ଯୋଜନା | ୫,୦୦୦ କୋଟି |
| ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି | ୫୦୦ କୋଟି |
| ମାଧୋ ସିଂ ହାତ ଖର୍ଚ୍ଚ | ୧୫୬ କୋଟି |
| ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ | ୫୦ କୋଟି |
| ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ | ୫୦ କୋଟି |
| ଦୀନ ଦୟାଲ କର୍ମଚାରୀ ନିବାସ | ୫୦ କୋଟି |
| ଗ୍ରାମ ପଞ୍ଚାୟତରେ ସୌର ଶକ୍ତି ଚାଳିତ ଷ୍ଟ୍ରିଟ ଲାଇଟ | ୧୦ କୋଟି |
| ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ କର୍ପସ ପାଣ୍ଠି | ୨୦୦ କୋଟି |
| ଛାତ ଉପର ସୌର ପ୍ରକଳ୍ପ | ୧୦୦ କୋଟି |
| କ୍ୟାନ୍ସର ରୋଗୀଙ୍କ ସହାୟକଙ୍କ ପାଇଁ ଧର୍ମଶାଳା ଓ ଗେଷ୍ଟ ହାଉସ୍ ନିର୍ମାଣ | ୧୮ କୋଟି |
| ଶିଶୁ କର୍ଟକ ସୁବିଧା କେନ୍ଦ୍ର | ୨୫ କୋଟି |
| ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା | ୫୦୦ କୋଟି |
| ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ | ୨୫ କୋଟି |

## ଜଳସେଚନ ପାଇଁ ୧୪ ହଜାର କୋଟି



ଜଳସେଚନ ପାଇଁ ରାଜ୍ୟ ବଜେଟରେ ୧୪ ହଜାର ୧୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଜଳସେଚନର ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍‌ଚର ନିର୍ମାଣ ପାଇଁ ୮୧୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ପାର୍ବତୀ ଗିରିର ମେଗା ଉଠା ଜଳସେଚନ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୧୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅଚଳ ହୋଇପଡ଼ିଥିବା ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୧୯୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ପାଇଁ ୪୦୦ କୋଟି, ସମ୍ବେଦନଶୀଳ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ବନ୍ଧର ସୁଦୃଢ଼ୀକରଣ ଓ ଡ୍ରେନ୍ ଉନ୍ନତି କାର୍ଯ୍ୟ ପାଇଁ ୧୦୩୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଜଳସଂରକ୍ଷଣ ଓ ଜଳସେଚନର ବିକାଶ ପ୍ରକଳ୍ପ ପାଇଁ ୧୮୭୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି । କେନାଲ୍ ଲାଇନଂ ପାଇଁ ୩୨୫ ଓ ନବକୃଷ୍ଣ ଚୌଧୁରୀ ସେଚା ଉନ୍ନୟନ ଯୋଜନାରେ ଜଳସେଚନ ପ୍ରକଳ୍ପର ଆଧୁନିକରଣ ପାଇଁ ୨୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ସହରାଞ୍ଚଳ ବିକାଶ ପାଇଁ ୯ ହଜାର ୬୩ କୋଟି

ଚଳିତବର୍ଷ ରାଜ୍ୟ ବଜେଟରେ ନୂତନ ସହର(ନିୟୁସିଟି) ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶା ସହରାଞ୍ଚଳ ରୂପାନ୍ତରିକରଣକୁ ଗୁରୁତ୍ୱ ଦେଇ ନଗର ଉନ୍ନୟନ ବିଭାଗ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ ବଜେଟରେ ୯ ହଜାର ୦୬୩ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏଥିରେ ନୂତନ ସହର ବିକାଶ ପାଇଁ ୯୧୮ କୋଟି ଟଙ୍କା ବ୍ୟବୟବରାଦ କରାଯାଇଥିବାବେଳେ ସହରାଞ୍ଚଳରେ ଜଳଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ୩୫୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିଭଳି ପରିମଳ ଯୋଜନା ପାଇଁ ୩୮୦ କୋଟି ଟଙ୍କା ବ୍ୟୟ କରାଯାଇଛି । ସହରାଞ୍ଚଳ ସ୍ୱେରେଜ୍ ଯୋଜନା ପାଇଁ ୨୧୪ କୋଟି, ଷ୍ଟ୍ରମ୍ ୱାଟର୍ ଡ୍ରେନେଜ୍ ଏବଂ ଜଳାଶୟର ବିକାଶ ପାଇଁ ୨ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସହରାଞ୍ଚଳ ସଡ଼କ ପରିବହନ ପାଇଁ ୨ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିଭଳି ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ପାଇଁ ୫୦ କୋଟି, ସହରାଞ୍ଚଳ ପ୍ରଶାସନର ଉନ୍ନତି ପାଇଁ ୬୦୬ କୋଟି, ଗ୍ରାମୀଣ ସହରାଞ୍ଚଳ ପରିବର୍ତ୍ତନ ପାଇଁ ୧ଶହ କୋଟି ଟଙ୍କା ବ୍ୟବରାଦ କରାଯାଇଛି ।

## ବିଭାଗୀୟ ମୁଖ୍ୟାଂଶ

### କୃଷି ଓ କୃଷକ ଶସକ୍ତିକରଣ
- ସମୃଦ୍ଧ କୃଷି ଯୋଜନା - ୫୦୦୦ କୋଟି
- ସିଏମ୍ କିଶାନ-୧୯୩୫ କୋଟି
- ଶ୍ରୀ ଅନ୍ନ ଅଭିଯାନ-୬୪୯ କୋଟି
- ଫସଲ ବିଭିଦ୍ଧକରଣ-୫୪୭ କୋଟି

### ମତ୍ସ୍ୟ ଓ ପ୍ରାଣୀ ସମ୍ପଦ
- ଓଡ଼ିଶା ମତ୍ସ୍ୟ ମିଶନ- ୩୪୪ କୋଟି
- ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା-୧୮୯ କୋଟି
- 'ଗୋମାତା'-୩୭ କୋଟି
- ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା-୨୨୦ କୋଟି

### ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ
- ଅନ୍ତଃନଦୀ ଜଳାଶୟ -୮୧୪ କୋଟି
- ପାର୍ବତୀ ଗିରି ମେଗା ଜଳସେଚନ ପ୍ରକଳ୍ପ-୧୧୨୫ କୋଟି
- ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍-୧୦୩ କୋଟି
- ଜଳ ଗଚ୍ଛିତ ଓ ସମନ୍ୱିତ ଉନ୍ନୟନ ପ୍ରକଳ୍ପ-୧୮୨ କୋଟି

### ଶିକ୍ଷା
- ଗୋଦାବରିଶ ମିଶ୍ର ଆଦର୍ଶ ପରିକ୍ରମା ବିଦ୍ୟାଳୟ-୫୦କୋଟି
- ପଞ୍ଚଶଖା ଶିକ୍ଷା ସେତୁ-୩୩୨ କୋଟି
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର- ୧୩୯ କୋଟି
- ପିଏମ୍ ପୋଷଣ- ୯୯୭ କୋଟି
- ସମଗ୍ର ଶିକ୍ଷା-୩୭୯୧ କୋଟି

### ସ୍ୱାସ୍ଥ୍ୟ
- ଆୟୁଷ୍ମାନ ଭାରତ -୫୦୦ କୋଟି
- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା-୫୪୫୦ କୋଟି
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ-୨୪୬୨ କୋଟି
- ଜାତୀୟ ସ୍ୱାସ୍ଥ୍ୟ ମିଶନ-୨୦୯୫

### ପରିବହନ ବିଭାଗ
- ରେଳ ପ୍ରକଳ୍ପର ବିକାଶ- ୬୦୦ କୋଟି
- ବେସାମରିକ ବିମାନ ଚଳାଚଳ- ୩୭୨ କୋଟି
- ଗ୍ରାମାଞ୍ଚଳ ପରିବହନ- ୧୦୮୫ କୋଟି
- ବୈଦ୍ୟୁତିକ ଯାନ ସବସିଡି- ୧୫୦ କୋଟି
- ବସ୍ ଷ୍ଟାଣ୍ଡ ନିର୍ମାଣ- ୮୩୯ କୋଟି

### ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ
- ମାଧୋ ସିଂ ହାତଖର୍ଚ୍ଚ-୧୫୬ କୋଟି
- ବୃତ୍ତି-୧୧୭୦ କୋଟି
- ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା -୨୦୦ କୋଟି
- ପିଏମ୍-ଅଜୟ-୨୬୬ କୋଟି
- ପିଏମ୍-ଏଏଜିୱାଇ-୧୨୦ କୋଟି

### ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି
- ସୁଭଦ୍ରା - ୧୦ହଜାର କୋଟି
- ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା - ୫୨୧ କୋଟି
- ପୋଷଣ ଅଭିଯାନ - ୨୯୫ କୋଟି
- ସମନ୍ୱିତ ଶିଶୁ ବିକାଶ - ୧୩୬୬ କୋଟି

### ଗ୍ରାମ୍ୟ ଉନ୍ନୟନ
- ବିକଶିତ ଗାଁ ବିକଶିତ ଓଡ଼ିଶା - ୧ହଜାର କୋଟି
- ବସୁଧା - ୨ହଜାର କୋଟି
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଜି) - ୬ହଜାର ୦୯୦ କୋଟି
- ଜଳ ଜୀବନ ମିଶନ - ୬ହଜାର କୋଟି
- ଗ୍ରାମୀଣ ସ୍ୱଚ୍ଛ ଭାରତ ଯୋଜନା - ୬୦୦ କୋଟି

### ନଗର ଉନ୍ନୟନ
- ଭୁବନେଶ୍ୱର ମେଟ୍ରୋ ରେଳ - ୧ହଜାର କୋଟି
- ସହର ଜଳ ଯୋଗାଣ - ୩୫୭ କୋଟି
- 'ନିୟୁସିଟି' ବିକାଶ - ୯୧୮ କୋଟି
- ସହରୀ ସ୍ୱଚ୍ଛ ଭାରତ ମିଶନ - ୫୩୪ କୋଟି

### ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ କର୍ପସ୍ ଫଣ୍ଡ- ୫୦୦ କୋଟି
- ଓଡ଼ିଆ ଅସ୍ମିତା କର୍ପସ୍ ଫଣ୍ଡ- ୨୦୦ କୋଟି
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା- ୭୨ କୋଟି
- ଐତିହ ସଂରକ୍ଷଣ ଓ ସୁରକ୍ଷା- ୧୫ କୋଟି

### ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ
- ଲ୍ୟାଣ୍ଡ ବ୍ୟାଙ୍କ - ୨୦୦ କୋଟି
- ଶିଳ୍ପାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି - ୬୦ କୋଟି
- ସିଏମ୍ ଏସ୍ଆର୍‌ଆଇଏମ୍ - ୮୦ କୋଟି
- ଏମ୍‌ଏସ୍‌ଏମ୍‌ଇର ପ୍ରଚାର ପ୍ରସାର - ୧୬୮ କୋଟି

### ସାମାଜିକ ସୁରକ୍ଷା
- ମଧୁବାବୁ ପେନ୍‌ସନ୍ ଯୋଜନା - ୪ହଜାର ୪୮୭ କୋଟି
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ - ୩୦ କୋଟି
- ବୃଦ୍ଧାଶ୍ରମ - ୫୬ କୋଟି
- ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର - ୨୨ କୋଟି

### ଶକ୍ତି
- ଓଡ଼ିଶା ଶକ୍ତି ବିକାଶ ଯୋଜନା - ୧୪୩୬ କୋଟି
- ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ଯୋଜନା - ୬୧୩ କୋଟି
- ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷକ ଅଭିଯାନ - ୭୪ କୋଟି
- ଗ୍ରିଡ୍‌କୋକୁ ଋଣ - ୭୦୦ କୋଟି

### ପର୍ଯ୍ୟଟନ ବିକାଶ
- ପର୍ଯ୍ୟଟନ- ୮୦୦ କୋଟି
- ପର୍ଯ୍ୟଟକଙ୍କ ଗନ୍ତବ୍ୟ ସ୍ଥଳର ବିକାଶ ଓ ପରିଚାଳନା- ୪୪୫ କୋଟି
- ପର୍ଯ୍ୟଟକ ସୂଚନା ଓ ପ୍ରଚାର- ୨୭୯ କୋଟି
- ବରିଷ୍ଠ ନାଗରିକ ତିର୍ଥଯାତ୍ରା ଯୋଜନା- ୨୦ କୋଟି

### କ୍ରୀଡ଼ା ଓ ଯୁବ ବ୍ୟାପାର
- କ୍ରୀଡ଼ା ଭିତ୍ତିଭୂମୀ- ୯୫୨ କୋଟି
- ଯୁବ ଶକ୍ତି- ୧୦୦ କୋଟି
- ଉତ୍ତମ ଖେଳାଳୀଙ୍କ ପାଇଁ ସହାୟତା- ୬୦କୋଟି
- କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ- ୬୫ କୋଟି

### ରାସ୍ତା
- ରାସ୍ତା ଉନ୍ନତିକରଣ କାର୍ଯ୍ୟକ୍ରମ- ୬୧୮୦ କୋଟି
- ସେତୁ ବନ୍ଧ ଯୋଜନା- ୧୯୯୦ କୋଟି
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା- ୧୯୭୬ କୋଟି
- ଗ୍ରାମାଞ୍ଚଳ ରାସ୍ତା- ୨୩୧୯ କୋଟି
- ରସ୍ତା ସୁରକ୍ଷା ପାଣ୍ଠି- ୪୫ କୋଟି

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ
- କାମ୍ପା- ୧୧୬୮ କୋଟି
- ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳୀ ଯୋଜନା- ୧୦୦ କୋଟି
- ନନ୍ଦନକାନନ ଚିଡ଼ିଆଖାନା ବିକାଶ ଓ ଉନ୍ନତିକରଣ- ୫୦ କୋଟି
- ଗ୍ରୀନ୍ ମହାନଦୀ ମିଶନ- ୪୨ କୋଟି

## ବିପର୍ଯ୍ୟୟ ପରିଚାଳନାକୁ ୩୯୦୦ କୋଟି

ବିପର୍ଯ୍ୟୟ ପରିଚାଳନା ପୂର୍ବ ସରକାରରେ ସବୁବେଳେ ପ୍ରାଥମିକତା ରହି ଆସିଛି । ମୋହନ ସରକାର ମଧ ଏହାକୁ ଗୁରୁତ୍ୱାରୋପ କରି ମୋଟ ୩୯୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଏଥିରେ ଏସ୍‌ଡିଆରଏମଏଫ୍ ଅଧିନରେ ୨୪୭୬ କୋଟି ଏବଂ ଏନଡିଆରଏଫ୍ ଅଧିନରେ ୧୪୨୪ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି ।

## ଶିକ୍ଷାର ବିକାଶ ପାଇଁ ୩୫,୫୩୬ କୋଟି



ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୩୫, ୫୩୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତନ୍ମଧ୍ୟରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୬, ୩୯୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଉଚ୍ଚଶିକ୍ଷା ବିଭାଗ ପାଇଁ ୩, ୪୭୮ କୋଟି ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୧୫୮୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ୨୦୨୨-୨୩ ଅର୍ଥିକ ବର୍ଷ ତୁଳନାରେ ୧୯% ଅଧିକ ବ୍ୟୟବରାଦ ହୋଇଛି । ରାଜ୍ୟର ମୋଟ୍ ବଜେଟର ୧୩.୪% ଅର୍ଥ ଶିକ୍ଷା କ୍ଷେତ୍ର ପାଇଁ ଆବଣ୍ଟନ କରିଛନ୍ତି ସରକାର ।

ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ଯୋଜନା ଯଥା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ କୋଟି, ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ୪୦୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ପୂର୍ବରୁ ମୋ ସ୍କୁଲ୍ ଥିବା ଯୋଜନାର ନାମ ପରିବର୍ତ୍ତନ କରି ପଞ୍ଚସଖା ଶିକ୍ଷା ସେତୁ କରିଛନ୍ତି ଏବଂ ଏଥିପାଇଁ ୩୩୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୧୩୯ କୋଟି, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ପାଇଁ ୧୦୮ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୯୩୫ କୋଟି, ପିଏମ୍ ପୋଷଣ ପାଇଁ ରାଜ୍ୟ ସହାୟତା ୨୫୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସମଗ୍ର ଶିକ୍ଷା ପାଇଁ ରାଜ୍ୟ ସହାୟତା ବାବଦକୁ ୪୭୫ କୋଟି ବ୍ୟୟବରାଦ ହୋଇଥିବାବେଳେ ରାଜ୍ୟମାନଙ୍କ ପାଇଁ ଶିକ୍ଷାଦାନ-ଶିକ୍ଷଣ ଏବଂ ଫଳାଫଳକୁ ସୁଦୃଢ଼ କରିବା ଯୋଜନା ପାଇଁ ୭୧୪ କୋଟି, ପିଏମ୍-ଶ୍ରୀ ଯୋଜନା ପାଇଁ ୨୫ କୋଟି ଏବଂ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ମାଟ୍ରିକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ୧୧୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

> ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ୨୬, ୩୯୧ କୋଟି ଏବଂ ଉଚ୍ଚଶିକ୍ଷା ବିଭାଗକୁ ୩, ୪୭୮ କୋଟି
> ମାଟ୍ରିକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ୧୧୭୦ କୋଟି
> ଓୟୁଟିଆର୍‌କୁ ୧୦୦ କୋଟି ଏବଂ ଭିସୁଟ୍ ପାଇଁ ୧୨୨ କୋଟି

ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୮୦କୋଟି ଟଙ୍କା ପ୍ରଦାନ କରାଯାଇଛି । ଲାପଟପ୍ ବଣ୍ଟନ ପାଇଁ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ୫୪ କୋଟି, ଆମ କଲେଜ ଆମ ଗୌରବ ପାଇଁ ୧୦ କୋଟି, ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୫୦ କୋଟି, ଓଡ଼ିଶା ବିଶ୍ୱବିଦ୍ୟାଳୟ ଗବେଷଣା ଓ ଉଦ୍ଭାବନ ପ୍ରୋତ୍ସାହନ ଯୋଜନା ପାଇଁ ୩୬ କୋଟି ଏବଂ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଉଷା) ପାଇଁ ୧୫୫ କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରାଯାଇଛି ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୧୫୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତନ୍ମଧ୍ୟରେ ଏସିଆ ବିକାଶ ବ୍ୟାଙ୍କ ସହାୟତାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ପାଇଁ ୨୦୦ କୋଟି, ସିଏମ୍-ଆସ୍ୱିଆର୍ ପାଇଁ ୩୧ କୋଟି, ବିଭାଗ ଅଧୀନରେ ଥିବା ଇଞ୍ଜିନିୟରିଂ ସ୍କୁଲ, କଲେଜ, ଆଇଟିଆଇ, ପଲିଟେକ୍ନିକ୍ ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୬୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପାଇଁ ୧୦୦ କୋଟି ଏବଂ ବୁର୍ଲାସ୍ଥିତ ଭିସୁଟ୍ ପାଇଁ ୧୨୨ କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରାଯାଇଛି ।

# ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ବନ୍ଦ

■ ଖୁଚୁରା ବଜାରରେ ଦର ୪୦ ଟଙ୍କା ଟପିଲା
■ ଛତ୍ରବଜାରକୁ ଦୈନିକ ଆସେ ୧୨୦ ଟନ୍

**କଟକ,୨୫।୭(ସମିସ):** ଏବେ ଆଳୁଦର ଅଣାୟତ୍ତ ହୋଇପଡ଼ିଛି। ଆଳୁ ଉପରେ ସାଧାରଣତଃ ସମସ୍ତ ରାଜ୍ୟ ପଶ୍ଚିମବଙ୍ଗ ଉପରେ ନିର୍ଭର କରିଥା'ନ୍ତି। ତେବେ ପଶ୍ଚିମବଙ୍ଗରେ ଶୀତଳଭଣ୍ଡାର ମାଲିକଙ୍କ ଧର୍ମଘଟ ପାଇଁ ଏବେ ଓଡ଼ିଶାରେ ଆଳୁ ସଂକଟ ଦେଖାଦେଇଛି। ଏଥିପାଇଁ ହଠାତ ଆଳୁଦର ଆଜି ବସ୍ତା ପ୍ରତି ୫୦୦ ଟଙ୍କା ବଢ଼ିଛି। ଖୁଚୁରା ବଜାରରେ ଆଳୁ କିଲୋ ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି। ଯଦି ଏହି ସ୍ଥିତି ଲାଗି ରହେ, ତା'ହେଲେ ଆଗକୁ ଆହୁରି ସଂକଟ ସୃଷ୍ଟି ହେବ, ଏଥିରେ ସନ୍ଦେହ ନାହିଁ। ଅନ୍ୟପଟରେ କେତେକ ରାଜ୍ୟରେ ନିକଟରେ ବର୍ଷା ଓ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଏଥିପାଇଁ ପଶ୍ଚିମବଙ୍ଗ ଉପରେ ଅଧିକାଂଶ ରାଜ୍ୟ ଆଳୁ ପାଇଁ ନିର୍ଭର କରିଆସୁଛନ୍ତି।

ଛତ୍ରବଜାର ବ୍ୟବସାୟୀଙ୍କ କହିବାନୁସାରେ, ପଶ୍ଚିମବଙ୍ଗ ବ୍ୟତୀତ ଉତ୍ତରପ୍ରଦେଶରୁ ମଧ୍ୟ ଆଳୁ ଏଠାକୁ ଆମଦାନୀ ହୋଇଥାଏ। ବର୍ଷା ଋତୁରେ କେବଳ ପଶ୍ଚିମବଙ୍ଗ ଆଳୁ ଯୋଗାଇଥାଏ। ତେବେ ଛତ୍ରବଜାରକୁ ଦୁଇ ଦିନ ଧରି ଆଳୁ ଆମଦାନୀ ବାଧାପ୍ରାପ୍ତ ହୋଇଛି। ଗତକାଲି କାଁଭାଁ ଗାଡ଼ି ଆସୁଥିବା ବେଳେ ଆଜି ଏଠାକୁ ଆଦୌ ଗାଡ଼ି ଆସିନାହିଁ। ଛତ୍ରବଜାର ବ୍ୟବସାୟୀ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ କହିବାନୁସାରେ, ପଶ୍ଚିମବଙ୍ଗରେ ଶୀତଳଭଣ୍ଡାର ମାଲିକମାନେ ଧର୍ମଘଟ ଚଳାଇଛନ୍ତି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ପାଇଁ ଆଶା ରହିଛି। ସେଠାରେ ସେମାନଙ୍କ ସହ ପଶ୍ଚିମବଙ୍ଗ ବିଭାଗୀୟ କର୍ତ୍ତୃପକ୍ଷ ଆଲୋଚନା ଚଳାଇଛନ୍ତି। ରାଜ୍ୟର କେତେକ ଶୀତଳ ଭଣ୍ଡାରରେ ଗଚ୍ଛିତ ଥିବା ଆଳୁକୁ ବ୍ୟବସାୟୀମାନେ ଏବେ କାଁ ଭାଁ ଉଠାଇଥିବା କୁହନ୍ତି ଶ୍ରୀ ସାହୁ।

ଛତ୍ରବଜାରକୁ ଦୈନିକ ୧୦୦ରୁ ୧୨୦ ଟନ୍ ଆଳୁ ଆମଦାନୀ ହୋଇଥାଏ। ଏହି ଆଳୁ କଟକ ଜିଲ୍ଲା ସମେତ ଆଖାପାଖ ଜିଲ୍ଲାଗୁଡ଼ିକର ଚାହିଦା ମେଣ୍ଟାଇଥାଏ। ହେଲେ ଜମା ଗାଡ଼ି ନ ଆସିବାରୁ ଦରବୃଦ୍ଧି ସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗରେ ସାଧାରଣତଃ ରବି ଋତୁରେ ଆଳୁ ଚାଷ ହୋଇଥାଏ। ଏହି ରାଜ୍ୟରୁ ଉତ୍ପାଦିତ ଆଳୁ ଶୀତଳ ଭଣ୍ଡାରଗୁଡ଼ିକରେ ସଂରକ୍ଷଣ କରାଯିବା ପରେ ମାର୍ଚ୍ଚରୁ ଡିସେମ୍ବର ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟକୁ ରପ୍ତାନୀ ହୋଇଥାଏ। ଶୀତଳ ଭଣ୍ଡାରଗୁଡ଼ିକରୁ ଆଳୁ ଏଥର ଶୀଘ୍ର ଶେଷ ହେବା ନେଇ ସମ୍ଭାବନା ଉପୁଜିଛି। ଏଥିପାଇଁ ସେଠାରେ ଧର୍ମଘଟ ସ୍ଥିତି ଉପୁଜିଥିବା କୁହାଯାଉଛି।

ସୂଚନାଥାଉକି ଆଳୁ ଦର ଯେଉଁଠି ଗତବର୍ଷ ଜୁନ୍-ଜୁଲାଇରେ ୩ କିଲୋ ପ୍ରତି ୬୦ ଟଙ୍କା ଥିଲା, ଚଳିତ ବର୍ଷ ଏହା ୧୨୦ ଟଙ୍କା ହୋଇଛି। ରବି ଋତୁର ଅମଳ ପର୍ଯ୍ୟନ୍ତ ଆଳୁ ଦର ନିୟନ୍ତ୍ରଣ ଏକ ଚାଲେଞ୍ଜ ହୋଇ ଉଭା ହୋଇଛି। ହିମାଚଳ, ଉତ୍ତରାଖଣ୍ଡ, ମେଘାଳୟ, ମହାରାଷ୍ଟ୍ର ଓ ତାମିଲନାଡୁରେ ଖରିଫ ଆଳୁଚାଷ ହୋଇଥିବା ବେଳେ ଏହି ଆଳୁ ସାଧାରଣ ନଭେମ୍ବର ମାସରେ ଅମଳକ୍ଷମ ହୋଇଥାଏ। ସେଠାରେ ଭଲ ଅମଳ ନହେଲେ ରାଜ୍ୟରେ ଆଳୁଦର ଏଥର ସେପ୍ଟେମ୍ବର-ଅକ୍ଟୋବରରେ ଆହୁରି ବୃଦ୍ଧି ଘଟିବ ବୋଲି କୁହନ୍ତି ବ୍ୟବସାୟୀ।

## ୪ ଦିନ ହେବ ମୟୂରଭଞ୍ଜକୁ ଆସିନି ଆଳୁ ଟ୍ରକ୍

**ବାରିପଦା, ୨୫।୭ (ସମିସ):** ଗତ ୪ ଦିନ ହେବ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଓଡ଼ିଶାକୁ ଆଳୁ ରପ୍ତାନି ଉପରେ କଟକଣା ଲାଗୁ କରିଛନ୍ତି। ପଶ୍ଚିମବଙ୍ଗ ଆଳୁ ଉପରେ ମୟୂରଭଞ୍ଜ ନିର୍ଭରଶୀଳ ଥିବା ବେଳେ ଆଳୁ ରପ୍ତାନୀ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଫଳରେ ମୟୂରଭଞ୍ଜ ଜିଲ୍ଲାରେ ଆଳୁଦର ବୃଦ୍ଧି ପାଇ କିଲୋ ପ୍ରତି ୩୫-୪୦ ଟଙ୍କା ଛୁଇଁଛି।

ଜିଲ୍ଲାକୁ ସାଧାରଣତଃ ପଶ୍ଚିମବଙ୍ଗରୁ ସିଂହ ଭାଗ ଆଳୁ ଆସିଥାଏ। ଏହାବ୍ୟତୀତ ଉତ୍ତରପ୍ରଦେଶ, ପଞ୍ଜାବ ଓ ବିହାରରୁ ଆଳୁ ଆସିଥାଏ। କିନ୍ତୁ ପଶ୍ଚିମବଙ୍ଗର ଆଳୁର ମାନ ଉନ୍ନତଧରଣର ଓ କମ୍ ଦର ହୋଇଥିବାରୁ ଖାଉଟିଙ୍କ ଚାହିଦା ମୁତାବକ ଆଳୁ ପଶ୍ଚିମବଙ୍ଗରୁ ଆସିଥାଏ। ମୟୂରଭଞ୍ଜ ଜିଲ୍ଲାରେ ପୋଖରାଜ ସମେତ ଜ୍ୟୋତି ପ୍ରଜାତିର ଆଳୁ ବେଶୀ ବିକ୍ରି ହୋଇଥାଏ। ଏହା ପଶ୍ଚିମବଙ୍ଗରୁ ଆସିଥାଏ। କିନ୍ତୁ ପଶ୍ଚିମବଙ୍ଗରେ ଚଳିତ ବର୍ଷ ଆଳୁ ଉତ୍ପାଦନ ଅନେକ ମାତ୍ରାରେ କମ ରହିଛି। ଫଳରେ ପଶ୍ଚିମବଙ୍ଗରେ ରାଜ୍ୟବ୍ୟାପୀ ଆଳୁ ଦର ବୃଦ୍ଧି ପାଇଛି। ପଶ୍ଚିମବଙ୍ଗରେ ଆଳୁ ଉତ୍ପାଦନ କରି ବଜାରରେ ଅଧିକ ଦର ବୃଦ୍ଧି ପାଇଁ ବାହାର ରାଜ୍ୟକୁ ଆଳୁ ରପ୍ତାନି ବନ୍ଦ କରିଛନ୍ତି ପଶ୍ଚିମବଙ୍ଗ ସରକାର। ଏହାସହ ପଶ୍ଚିମବଙ୍ଗ-ଓଡ଼ିଶା ସୀମାନ୍ତବର୍ତ୍ତୀ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଉଛି।




ଜିଲ୍ଲାର କିଛି ବ୍ୟବସାୟୀ ସୀମାନ୍ତବର୍ତ୍ତୀ ପଶ୍ଚିମବଙ୍ଗ ଅଞ୍ଚଳରୁ ଲୁଚାଛପାରେ ଆଳୁ ଆଣୁଥିବା ବେଳେ ପୁଲିସ ନଜରରେ ପଡ଼ି ମୋଟା ଅଙ୍କର ଦଣ୍ଡ ଗଣୁଛନ୍ତି। ତେଣୁ ବେପାରୀମାନେ ଚଢ଼ାଦରରେ ବିକ୍ରି କରୁଛନ୍ତି। ଅନ୍ୟପଟେ ଉତ୍ତରପ୍ରଦେଶ, ବିହାର, ପଞ୍ଜାବ ରାଜ୍ୟରୁ ଉଚ୍ଚ ଦରରେ ଆଳୁ ଆଣି ମୟୂରଭଞ୍ଜ ଜିଲ୍ଲାରେ ବିକିବା ଭାରି କଷ୍ଟସାଧ୍ୟ। ଦୂରରୁ ଆଳୁ ଆସିବା ପାଇଁ ୪-୫ଦିନ ଲାଗୁଥିବା ବେଳେ ପହଞ୍ଚିବା ବେଳକୁ ପଚି ନଷ୍ଟ

■ ବଢ଼ୁଛି ଦର; ଚିନ୍ତାରେ ଖାଉଟି
■ ଆଗକୁ ଦର ଆହୁରି ବଢ଼ିବା ସମ୍ଭାବନା

ମଧ୍ୟ ହୋଇଯାଉଛି। ଏଣୁ ସ୍ଥାନୀୟ ବଜାରରେ ଆଳୁ ଦର ବୃଦ୍ଧି ପାଉଥିବା ବେଳେ ଆଗକୁ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଣୁ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଶୀତଳ ଭଣ୍ଡାରରେ ଗଚ୍ଛିତ ଥିବା ଆଳୁକୁ ମାର୍କେଟକୁ ଛାଡିଲେ କିଛିଟା ଦର ବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ବ୍ୟବସାୟୀ କହିଛନ୍ତି। ପଶ୍ଚିମବଙ୍ଗରୁ ତୁରନ୍ତ ଆଳୁ ଆମଦାନୀ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ଦର ଆହୁରି ବୃଦ୍ଧି ସମେତ ସମସ୍ୟା ଜଟିଳ ହେବାର ସମ୍ଭାବନା ରହିଛି।

## ୫ବର୍ଷର ଝିଅକୁ ବିଷ ପିଆଇ ଝୁଲି ପଡ଼ିଲେ ଅବସରପ୍ରାପ୍ତ ସୈନିକ

**ନୟାଗଡ଼,୨୫।୭(ସମିସ):** ୫ ବର୍ଷର ଝିଅକୁ ବିଷ ପିଆଇ ରଶିରେ ଝୁଲି ପଡ଼ିଲା ବାପା। ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଦେବୋତ୍ତର କଲୋନୀ ୪ ନମ୍ବର ଲେନ୍‌ରେ। ମୃତଦ୍ୱୟ ହେଲେ, ଦେବୋତ୍ତର କଲୋନୀ ନିବାସୀ ପୁଲକ ବିଶ୍ୱାଳ ଏବଂ ତାଙ୍କ ଝିଅ ପଲକ ବିଶ୍ୱାଳ। ବୁଧବାର ବିଳମ୍ବିତ ରାତିରେ ଦୁହିଁଙ୍କ ମୃତଦେହ ଠାବ କରାଯାଇଛି। ଶବଦ୍ୱୟର ଅବସ୍ଥାରୁ ଦୁଇ ଦିନ ତଳୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୁଲିସ ଘର କବାଟ ଖୋଲି ଦୁହିଁଙ୍କ ଶବ ଜବତ କରିଛି। ପୁଲକଙ୍କ ଶବ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ଝିଅ ପଲକର ଶବ ଖଟ ଉପରେ ପଡ଼ିଥିଲା। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାର ଖୋଳତାଡ଼ କରିବା ସହ ଶବଦ୍ୱୟକୁ




ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ଏନେଇ ନୟାଗଡ଼ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ପୁଲକ ବୋଲଗଡ଼ ଥାନା ଅନ୍ତର୍ଗତ

■ ବନ୍ଦ ଘରୁ ଗଳିତ ଶବ ଉଦ୍ଧାର
■ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ

କଳାମାଟିଆ ଗ୍ରାମର ମୂଳନିବାସୀ। ସେ ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ। ଦେବୋତ୍ତର କଲୋନୀରେ ୧୨ବର୍ଷ ହେବ ଘର କରି ରହି ଆସୁଥିଲେ। ୮ ମାସ ତଳେ ତାଙ୍କ ପତ୍ନୀବିୟୋଗ ଘଟିଥିଲା। ଦ୍ୱିତୀୟଥର ପ୍ରସବ ସମୟରେ ମାଆ ଓ ଛୁଆଙ୍କ ମୃତ୍ୟୁ ଘଟିଥିଲା। ପୁଲକ ଏହାକୁ ନେଇ ମାନସିକ ଅବଷାଦ ମଧ୍ୟରେ ରହି ଆସୁଥିଲେ। ଝିଅକୁ ତାଙ୍କ ଅଜା ଘର ଲାଳନପାଳନ କରିବାକୁ ଜିଦ୍ ଧରିଥିଲେ ବି ପୁଲକ ଛାଡ଼ି ନଥିଲେ। ଶାନ୍ତି କମିଟି ଜରିଆରେ ସମାଧାନ ହୋଇ ଝିଅ ପଲକ ବାପା ପୁଲକଙ୍କ ତତ୍ତ୍ୱାବଧାନରେ ରହିବାକୁ ସ୍ଥିର କରାଯାଇଥିଲା। ତେବେ ଗତ ୩ ମାସ ତଳେ ସେ ଦ୍ୱିତୀୟ ବିବାହ କରିଥିଲେ। କିଛି ଦିନ ହେବ ଦ୍ୱିତୀୟ ପତ୍ନୀ ବାପଘରକୁ ଯାଇଥିବା ବେଳେ ପୁଲକ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଦୁଇ ଦିନ ଧରି ତାଙ୍କ ଦ୍ୱିତୀୟ ପତ୍ନୀ ଓ ସମ୍ପର୍କୀୟଙ୍କ ଫୋନ୍ ସେ ଉଠାଉ ନଥିବାରୁ ତାଙ୍କ ପତ୍ନୀ ବୁଧବାର ଘରକୁ ଆସିଥିଲେ। ଭିତର ପଟୁ ଘର କବାଟ ବନ୍ଦ ଥିବା ଦେଖି ସନ୍ଦେହ ହେବାରୁ ଭାଇ ବୋଲଗଡ଼ ଥାନା ଦିଘିରି ଗ୍ରାମର ଦୀପକ ସ୍ୱାଇଁ ଏ ସଂପର୍କରେ ପୁଲିସକୁ ଅବଗତ କରିଥିଲେ।

## ପୋଖରୀରେ ବୁଡ଼ି ଭାଇ-ଭଉଣୀ ମୃତ

**ଖଲ୍ଲିକୋଟ,୨୫।୭(ସମିସ):** ଗାଧୋଇ ଆସୁଛୁ କହି ଘରୁ ସାଥି ହୋଇ ଯାଇଥିଲେ ଭାଇ-ଭଉଣୀ। ହେଲେ କିଏ ଜାଣିଥିଲା, ପୋଖରୀରେ ଯମ ଛକି ରହିଥିଲା ବୋଲି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଦପଲ୍ଲୀ ପଞ୍ଚାୟତର ମରେଇ ନୂଆଁଗାଁରେ ଗୁରୁବାର ପାଣିରେ ବୁଡ଼ି ଭାଇ-ଭଉଣୀଙ୍କ ମୃତ୍ୟୁ ଭଳି ହୃଦୟବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ମରେଇନୂଆଁ ଗାଁର ରାଜେନ୍ଦ୍ର ଶବରଙ୍କ ପୁଅ ସୁଦୀପ ଶବର(୬) ଓ ଝିଅ ରୋଶନି ଶବର(୩)। ଏହି ଅଘଟଣରେ ଗ୍ରାମର ଆଉ ଜଣେ ୨ ବର୍ଷର ଶିଶୁ କନ୍ୟା ଐଶ୍ୱରୀୟ ଶବର ଗୁରୁତର ହୋଇଛନ୍ତି।

ଶୂନ୍ୟ ହୋଇଗଲା ମାଆ କୋଳ

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୮ଟାରେ ୩ଜଣ ଯାକ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ସେମାନେ ଗଭୀର ଜଳରାଶିକୁ ଚାଲିଯିବାରୁ ବୁଡ଼ି ଯାଇଥିଲେ। ଐଶ୍ୱରୀୟ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ପୁଅ-ଝିଅ ଘରକୁ ନ ଫେରିବାରୁ ରାଜେନ୍ଦ୍ର ଶବରଙ୍କ ଚିନ୍ତା ବଢ଼ିଥିଲା। ଦିନ ପ୍ରାୟ ୧୧ଟା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ସୁଦୀପ ଓ ରୋଶନିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ପରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅପରପକ୍ଷେ ଦୁଇ ସନ୍ତାନକୁ ହରାଇ ତାଙ୍କ ମାଆକୋଳ ଶୂନ୍ୟ ହୋଇଯାଇଛି। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

■ ୧୫ ଦିନ ତଳେ ହୋଇଥିଲା ଝିଅ ବାହାଘର

## ଝିଅକୁ ଝୁରିଝୁରି ଚାଲିଗଲା ବାପା ଜୀବନ

**ବେଲବାହାଲି, ୨୫।୭(ସମିସ):** କୁହାଯାଏ, ପିତାମାତା ନିଜ ପିଲାମାନଙ୍କୁ କେତେଯେ ଭଲପାଆନ୍ତି, ତାହା ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟକର। ଝିଅକୁ ବାହାଦେବା ପରେ ତାକୁ ଝୁରିଝୁରି ଜଣେ ବାପା ଆରପାରିକୁ ଚାଲିଯାଇଛନ୍ତି। ଏଭଳି ଏକ ଘଟଣା ଘଟିଛି, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ବାତୋ ପଞ୍ଚାୟତ ଅନ୍ତର୍ଗତ ତମ୍ପୋ ଗ୍ରାମରେ। ଝିଅ ବାହାଘରର ୧୫ଦିନ ଭିତରେ ଝିଅକୁ ଝୁରିଝୁରି ଆରପାରିକୁ ଚାଲି ଯାଇଛନ୍ତି ଗ୍ରାମର ପର୍ଶୁରାମ ଜେନା (୫୪)। ଗତ ଶୁକ୍ରବାର ଅପରାହ୍ଣ ୩ଟାରେ ପର୍ଶୁରାମ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପତ୍ନୀ ମୀନାକ୍ଷୀ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୀନାକ୍ଷୀଙ୍କ କହିବା ମୁତାବକ, ପର୍ଶୁରାମ ନିଜର ୪ ଝିଅଙ୍କୁ ବହୁତ ଭଲ ପାଆନ୍ତି। ପୂର୍ବରୁ ବଡ଼ଝିଅର ବାହାଘର ସରିଥିଲା। ଏବେ ବଡ଼ ମଝିଆଁ ଝିଅର ବାହାଘର ପରେ ଝିଅ କଥା ଭାବି ଭାବି ଠିକ୍ ସମୟରେ ଖିଆପିଆ କରୁନଥିଲେ। ଝିଅ ଚିନ୍ତାରେ ଚିନ୍ତାରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିଲେ। ଏବେ ପରିବାର କହିଲେ ଦୁଇ ଝିଅ ଓ ବିଧବା ମା'। ଏହି ଭଙ୍ଗାଦଦରା ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଟଙ୍କା ନଥିବାରୁ ଶୁଦ୍ଧିକ୍ରିୟା କିପରି ହେବ ସେନେଇ ମୀନାକ୍ଷୀ ଚିନ୍ତାରେ ରହିଥିବା ବେଳେ ଯଦି କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାନ୍ତି, ତେବେ ଶୁଦ୍ଧିକ୍ରିୟା ହୋଇପାରନ୍ତା ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ବିଧବା ଭତ୍ତା ତୁରନ୍ତ ଯୋଗାଇ ଦେବାକୁ ପତ୍ନୀ ମୀନାକ୍ଷୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ ଯନ୍ତ୍ରୀ ସରୋଜ ପଣ୍ଡା ବହିଷ୍କୃତ

**ରାୟଗଡ଼ା, ୨୫।୭ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜୟପୁର ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ରାୟଗଡ଼ା ବ୍ଲକର ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି ରାଜ୍ୟ ସରକାର। ଗତ ଏପ୍ରିଲ ୬ ତାରିଖରେ ଯନ୍ତ୍ରୀ ସରୋଜ ପଣ୍ଡା ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ ପଞ୍ଚାୟତିରାଜ ବିଭାଗ ଓ ରାୟଗଡ଼ା ଜିଲାପାଳଙ୍କୁ ଚିଠି କରିଥିଲା ଭିଜିଲାନ୍ସ। ଏହାକୁ ଭିତ୍ତି କରି ଗତ ୨୩ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ତାଙ୍କୁ ବହିଷ୍କୃତ କରିଛନ୍ତି।

## ଦୁଇ ପିଅନଙ୍କୁ ୨ବର୍ଷ ଲେଖାଏଁ ଜେଲ୍

**ଭୁବନେଶ୍ୱର,୨୫।୭(ସମିସ):** ଲାଞ୍ଚ ମାମଲାରେ ଭିଜିଲାନ୍ସ କୋର୍ଟ ଦୁଇଜଣ ପିଅନଙ୍କୁ ଜେଲ୍‌ଦଣ୍ଡ ଦେଇଛନ୍ତି। ସେମାନେ ହେଲେ, ଅନୁଗୁଳ ଜିଲ୍ଲା, ଛେଣ୍ଡିପଦା ତହସିଲର ପୂର୍ବତନ ପିଅନ ନିରଞ୍ଜନ ଦେହୁରୀ (ଅବସର) ଏବଂ ଲମ୍ବୋଦର ବେହେରା। ସେମାନଙ୍କୁ ଅନୁଗୁଳ ସ୍ପେସାଲ ଭିଜିଲାନ୍ସ କୋର୍ଟ ୨ବର୍ଷ ଜେଲ୍ ଦଣ୍ଡ ଦେବା ସହ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ଆସିବା ପରେ ଲମ୍ବୋଦର ବେହେରାଙ୍କୁ ଚାକିରିରୁ

ଜମି ପଟ୍ଟାରେ ତ୍ରୁଟି ସଂଶୋଧନ ପାଇଁ ଲାଞ୍ଚ ନେଇଥିଲେ

ବିଦା କରିବା ପାଇଁ ଭିଜିଲାନ୍ସ କମିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି। ଲମ୍ବୋଦର ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପିଅନ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଅବସର ନେଇଥିବା ନିରଞ୍ଜନଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ଚିଠି ଲେଖିଛି। ଦୁଇଜଣ ପିଅନ୍ ଛେଣ୍ଡିପଦା ତହସିଲ ଅଫିସ୍‌ରେ ଥିବା ବେଳେ ଜଣେ ବ୍ୟକ୍ତିଙ୍କ ଜମି ପଟ୍ଟାର ତ୍ରୁଟି ସଂଶୋଧନ ପାଇଁ ଲାଞ୍ଚ ନେଇଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଦୁଇ ଜଣଙ୍କୁ ଲାଞ୍ଚ ନେବା ଅବସ୍ଥାରେ ମାଡ଼ି ବସିଥିଲା ଭିଜିଲାନ୍ସ।

## ରାସ୍ତାକଡ଼ରେ ଚା' ପିଉଥିଲେ, ଚାପିଦେଲା ଭ୍ୟାନ୍

**ସୋନପୁର/ଉଲୁଣ୍ଡା,୨୫।୭(ସମିସ):** ଉଲୁଣ୍ଡା ଥାନା ଅନ୍ତର୍ଗତ ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତାକଡ଼ରେ ଥିବା ମେଟାକାନୀ ମନ୍ଦିର ସମ୍ମୁଖରେ ଗୁରୁବାର ଅପରାହ୍ଣରେ ଏକ ଭୟଙ୍କର ଦୁର୍ଘଟଣା ୩ ଜଣଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ଅଇଁଲାଛାଟ ଗ୍ରାମର ପବିତ୍ର କୁମ୍ଭାରଙ୍କ ପୁଅ ରାଜ କୁମ୍ଭାର (୧୯), ନାରାୟଣଟିକିରା ଗ୍ରାମର ବାମହରି ସୁରୁଜାଲଙ୍କ ପୁଅ ଦେବାନନ୍ଦ ସୁରୁଜାଲ (୨୮) ଏବଂ ମାଟିଖାଇ ବଲପାଲି ଗ୍ରାମର ରତନ ସାହୁଙ୍କ ପୁଅ ସୁଶାନ୍ତ ସାହୁ (୨୦)। ଅପରପକ୍ଷେ ଏହି ଦୁର୍ଘଟଣାରେ ଅଇଁଲାଛାଟର ଶରଣ କୁମ୍ଭାର (୨୦) ଗୁରୁତର ଆହତ ହୋଇଛନ୍ତି। ଏମାନେ ମନ୍ଦିର ସମ୍ମୁଖ ରାସ୍ତାକଡ଼ରେ ଠିଆ ହୋଇ ଚା' ପିଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଉଲୁଣ୍ଡାରୁ ସମ୍ବଲପୁର ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ୍ ଉକ୍ତ ଚା' ଦୋକାନ



ସମ୍ମୁଖରେ ଥିବା ଏକ ଅଟୋ-ରିକ୍ସା ଏବଂ ୩ଟି ବାଇକ୍‌କୁ ଧକ୍କା ଦେବା ପରେ ସେମାନଙ୍କ ଉପରେ ମାଡ଼ି ଯାଇଥିଲା।

୩ ଯୁବକ ମୃତ, ଜଣେ ଗୁରୁତର

ଉଲୁଣ୍ଡା ପୁଲିସ୍ ଘଟଣାସ୍ଥଳରୁ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ବେଳକୁ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍ ଧରାପଡ଼ିନଥିଲା। ଅପରପକ୍ଷେ, ଗୁରୁତର ଆହତ ଶରଣଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି।

## ସର୍ପାଘାତରେ ଲିଭିଗଲା ଦୁଇ ଜୀବନଦୀପ

**ବଲାଙ୍ଗିର, ୨୫।୭ (ସମିସ):** ଖାଇ ପିଇ ଘରେ ବାପାଙ୍କ ସହ ଘରେ ଶୋଇଥିଲେ ଭାଇ-ଭଉଣୀ। ହେଲେ କିଏ ଜାଣିଥିଲା, ସେମାନେ ଶୋଇଥିବା ଖଟରେ କାଳସର୍ପ ଶୋଇଛି। ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଅନ୍ତର୍ଗତ ଜାମପଦର ଗାଁର ଦୁଇ ଶିଶୁ ସାପକାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଜାମପଦର ଗ୍ରାମର ବିକାଶ ସାଗରଙ୍କ ପୁଅ ଭାବଗ୍ରାହୀ ସାଗର(୯) ଏବଂ ଝିଅ ମନିକା ସାଗର (୬)। ଏକାସାଙ୍ଗେ ଦୁଇ ଦୁଇଟି ଶିଶୁଙ୍କ ମୃତ୍ୟୁ ଭଳି ହୃଦୟ ବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଦୁଇ ଶିଶୁଙ୍କ ହସଖୁସି, ଦୌଡ଼କୁଦରେ ଚଳଚଞ୍ଚଳ ହୋଇଉଠୁଥିବା ଘର ଆଜି କାନ୍ଦବୋବାଳିରେ ଫାଟି ପଡ଼ୁଛି।

ସାଙ୍ଗହୋଇ ଚାଲିଗଲେ ଭାଇ-ଭଉଣୀ

ସୂଚନାନୁସାରେ, ଗତରାତିରେ ଭାବଗ୍ରାହୀଙ୍କ ପରିବାର ଖାଇପିଇ ଶୋଇଥିଲେ। ଦୁଇ ଶିଶୁ ବାପାଙ୍କ ପାଖରେ ଶୋଇଥିବା ବେଳେ ମା' ଅଲଗା ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୨ଟାରେ ହଠାତ କୁନି ଝିଅ ମନିକା ମୁହଁରୁ ଫେଣ ବାହାରିଥିଲା। ପରେପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ବି ବିଗିଡ଼ି ଯାଇଥିଲା। ପରିବାରଲୋକେ ଦୁହିଁଙ୍କୁ ପ୍ରଥମେ ସଇଁତଳା ଡାକ୍ତରଖାନା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଜଣଙ୍କ ପରେ ଜଣେ, ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଥିଲା। ଆଜି ସକାଳେ ସାପ ଉଦ୍ଧାରକାରୀ ଦଳ ଘର ଛାନଭିନ୍ କରିବାରୁ ଏକ ବିଷାକ୍ତ ଚିତିସାପ ବାହାରିଥିଲା। ତେଣୁ ସାପ କାମୁଡ଼ାରୁ ଦୁହିଁଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

ଭିଜିଲାନ୍ସ ପଞ୍ଝାରେ ଲୋୟର ସୁକତେଲ୍ ମୁଖ୍ୟ ନିର୍ମାଣ ଯନ୍ତ୍ରୀ

# ଯନ୍ତ୍ରୀଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଜଳକା

**ଭୁବନେଶ୍ୱର/ବଲାଙ୍ଗିର/ଢେଙ୍କାନାଳ,୨୫।୭ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗିର ଲୋୟର୍ ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ।



ଭୁବନେଶ୍ୱର ସମେତ ପୁରୀ, ଅନୁଗୋଳ, ଢେଙ୍କାନାଳ, କଟକ ଓ ବଲାଙ୍ଗିରର ମୋଟ ୯ଟି ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଶ୍ରୀ ରାଉତଙ୍କ ସ୍ଥାବର-ଅସ୍ଥାବର ସଂପତ୍ତି ଦେଖି ଭିଜିଲାନ୍ସ ଜଳକା ହୋଇଯାଇଛି।

ଭୁବନେଶ୍ୱରରେ ତାଙ୍କର ୨ଟି ବହୁତଳ କୋଠା, ପୁରୀରେ ୨ଟି ଫ୍ଲାଟ୍ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମୋଟ ୩୪ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଏହାବ୍ୟତୀତ ତାଙ୍କର ଗୋଟିଏ ଟ୍ରକ୍, ୨ଟି ଦାମୀ ଚାରିଚକିଆ ଯାନ (ବେନାମୀ ଗାଡ଼ି) ଓ ୪ଟି ବାଇକ୍ ରହିଛି। ତାଙ୍କ ଘରୁ ୧୭୬ ଗ୍ରାମ୍ ସୁନା ଅଳଙ୍କାର ସହ ନଗଦ ୨ଲକ୍ଷ ୩୪ ହଜାର ଟଙ୍କା ଠାବ କରାଯାଇଛି।

■ ୩୪ ପ୍ଲଟ୍, ୨ ଫ୍ଲାଟ୍ ଏବଂ ୨ ବହୁତଳ କୋଠା ଦେଖି ଭିଜିଲାନ୍ସ ଜଳକା
■ ଦାମୀ ଗାଡ଼ି ଚଢ଼ିବା ଥିଲା ଯନ୍ତ୍ରୀଙ୍କ ସଉକ
■ ଘର ଆଗରେ ୫ଫୁଟ୍‌ର ଦାମୀ କାଠ ହାତୀ ରଖିଥିଲେ
■ ଦେଶ ବିଦେଶ ବୁଲି ଦାମୀ ସାମଗ୍ରୀ ଆଣି ଘର ସଜାଉଥିଲେ

ଏହି ସବୁ ଫ୍ଲାଟ୍‌ର ମୂଲ୍ୟ ଭିଜିଲାନ୍ସର ଟେକ୍ନିକାଲ ଟିମ୍ କରୁଛି। ଗୋଟିଏ ଟ୍ରକ୍, ୨ଟି ବେନାମି ଦାମୀ ଗାଡ଼ି ଏବଂ ୪ଟି ଦୁଇ ଚକିଆ ଗାଡ଼ିର ମୂଲ୍ୟ ୩୭ ଲକ୍ଷ ୩୬ ହଜାର ୫୯୭ ଟଙ୍କା ହେବ। ସେହିପରି ୧୫ଲକ୍ଷ ଟଙ୍କାର ଆସବାବପତ୍ର ଠାବ କରାଯାଇଛି। ଏହାବ୍ୟତୀତ, ସେ କେଉଁଠି କେଉଁଠି ସବୁ ଟଙ୍କା ଲଗାଇଛନ୍ତି ଏବଂ ସଞ୍ଚୟ ଖାତାରେ କେତେ ଟଙ୍କା ଅଛି, ତାହାକୁ ଭିଜିଲାନ୍ସ ଯାଞ୍ଚ କରୁଛି। ଏନେଇ ଅଧିକ ଛାନ୍‌ଭିନ୍ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, ୨ଜଣ ଅତିରିକ୍ତ ଏସ୍‌ପି, ୮ଡିଏସ୍‌ପି, ୬ଇନ୍ସପେକ୍ଟର, ୧୦ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ୯ଟି ଟିମ୍ ଆଜି ଶ୍ରୀ ରାଉତଙ୍କ ଭୁବନେଶ୍ୱର ନୀଳାଦ୍ରିବିହାରରେ ୩ତାଲା ଘର, ନୂଆପଲ୍ଲୀ ନୀଳକଣ୍ଠନଗରରେ ଦୁଇ ତାଲା କୋଠା, ପୁରୀ, ଭିଆଇପି ରୋଡ୍‌ରେ ଗୋଟିଏ ଫ୍ଲାଟ୍, ଗ୍ରାଣ୍ଡ ରୋଡ୍‌ରେ ଆଉ ଏକ ଫ୍ଲାଟ୍, କଟକ, ଗୁରୁଡ଼ିଝାଟିଆରେ ପୈତୃକ ଘର, ଅନୁଗୁଳ କିଶୋରନଗରରେ ଥିବା ପୁଅ ଘର, ନୂଆପଲ୍ଲୀରେ ରହୁଥିବା ସମ୍ପର୍କୀୟଙ୍କ ଘର, ବଲାଙ୍ଗୀର ସରକାରୀ କ୍ୱାର୍ଟର୍ସ ଏବଂ ତାଙ୍କ ଅଫିସ୍‌ରେ ଚଢ଼ଉ କରିଥିଲା। ତାଙ୍କର ଭୁବନେଶ୍ୱରରେ ୫ଟି ପ୍ଲଟ୍, ପୁରୀରେ ୩ଟି, ଢେଙ୍କାନାଳରେ ୭ଟି ପ୍ଲଟ୍‌କୁ ମିଶାଇ ସମୁଦାୟ ୩୪ଟି ପ୍ଲଟ୍ ରହିଛି।

## ଯନ୍ତ୍ରୀଙ୍କ 'ହାତୀ ସଉକ'

ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତଙ୍କର ଥିଲା ହାତୀ ସଉକ। ଘର ଆଗରେ ପାଖାପାଖି ୫ଫୁଟ୍‌ର ଦାମୀ କାଠ ହାତୀ ନିର୍ମାଣ କରି ରଖିଥିଲେ। ସେହିପରି ଶୋଇବା ଘର ଆଗରେ ରଖିଥିଲେ ଦୁଇଟି ବଡ଼ ବଡ଼ ଟେରାକୋଟା ହାତୀ। ଏହାସହ ଘର ଭିତରେ ଯୁଆଡ଼େ ଆଖି ବୁଲେଇ ଆଣିଲେ, ସେଠି ହାତୀର ପ୍ରତିକୃତି ରହିଥିବା ଦେଖିବାକୁ ମିଳିଥିଲା।



ଲକ୍ଷାଧିକ ଟଙ୍କା ଦେଇ ସେ ହାତୀ ଆଣି ଘର ସଜାଉଥିଲେ। ଦେଶ ବିଦେଶର ବିଭିନ୍ନ ଜିନିଷ ଆଣି ସେ ଘର ସଜାଇ ରଖିବାକୁ ପସନ୍ଦ କରୁଥିଲେ। ଏହାକୁ ଦେଖି ଆଜି ଭିଜିଲାନ୍ସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଲୋୟର ସୁକତେଲ୍ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କାର କାମ ଆସୁଥିଲା। ତେଣୁ ଯନ୍ତ୍ରୀ ଏହି ଟଙ୍କାକୁ ହଡ଼ପ କରିବା ସହ ଠିକାଦାରଙ୍କଠାରୁ ମୋଟାରକମର ପାଉଣା ନେଉଥିଲେ ବୋଲି ଅଭିଯୋଗ ହେଉଛି। ଚଢ଼ଉ ପରେ ତାଙ୍କ ଭିଜିଲାନ୍ସ ଟିମ୍ ଅଟକ ରଖି ଠାବ ହୋଇଥିବା ସମ୍ପତ୍ତିର ହିସାବ ମାଗୁଛି। ହିସାବ ଦେଇପାରୁନଥିବାରୁ ଭିଜିଲାନ୍ସ ଟିମ୍ ଯନ୍ତ୍ରୀ ଏବଂ ତାଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଚାଷୀଙ୍କ ଭରସାକୁ ଧୋକା ଦେଉଛନ୍ତି ସରକାର: ମାନସ ମଙ୍ଗରାଜ

## ଫସଲବୀମା ପ୍ରଦାନରେ ବିଳମ୍ବକୁ ନେଇ ରାଜ୍ୟସଭାରେ ବର୍ଷିଲେ

**ଭୁବନେଶ୍ୱର,୨୫।୭ (ସମିସ):** ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ରାଜ୍ୟରେ ଚାଷୀଙ୍କ ଫସଲ ଉଜୁଡ଼ିଯାଉଛି। ଏଭଳି ଦୟନୀୟ ସ୍ଥିତିରେ ବୀମା ହିଁ ଚାଷୀଙ୍କ ଏକମାତ୍ର ଭରସା। କିନ୍ତୁ ବୀମା ରାଶି ମିଳୁ ନଥିବାରୁ ଚାଷୀଙ୍କ ଆର୍ଥିକ ଅବସ୍ଥା ବେଳକୁ ବେଳ ଦୁର୍ବଳ ହେବାରେ ଲାଗିଛି। ତେଣୁ ଠିକ୍ ସମୟରେ ଫସଲ ବୀମା ପ୍ରଦାନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ରାଜ୍ୟସଭାରେ ଦାବି କରିଛନ୍ତି।

ବୁଧବାର ରାଜ୍ୟସଭାର ଶୂନ୍ୟକାଳରେ ବିଜେଡି ପକ୍ଷରୁ ସାଂସଦ ଶ୍ରୀ ମଙ୍ଗରାଜ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଏହାର ସମାଧାନ ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ଯେ ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଉଦାସୀନତା ଏବଂ ବୀମା କମ୍ପାନୀଙ୍କ ଏକଚାଟିଆ ଲାଭଖୋର ମନୋଭାବ ଯୋଗୁଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କୃଷକମାନଙ୍କ ଭରସାକୁ କେନ୍ଦ୍ର ସରକାର ଧୋକା



ଦେଇଛନ୍ତି ବୋଲି ମଧ୍ୟ ସେ କହିଛନ୍ତି। ତେଣୁ ଶୀଘ୍ର ବୀମା ରାଶି ଦେବା ନେଇ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି। ଚାଷୀମାନେ ଫସଲରେ କ୍ଷତି ସହିଲେ ଏହାର କ୍ଷତିପୂରଣ ପାଇଁ ଫସଲ ବୀମା ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଆର୍ଥିକ ସ୍ଥିତିରେ ସନ୍ତୁଳନ ପାଇଁ ଏହା ଏକ ବଡ଼ ଭୂମିକା ନିର୍ବାହ କରିଥାଏ। ମାତ୍ର ଲଗାତାର ଭାବେ ବୀମା ପ୍ରଦାନରେ ବିଳମ୍ବତା ଯୋଗୁଁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଜେଡି ବାରମ୍ବାର ଏହି ପ୍ରସଙ୍ଗ ଉଠାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ କହି ଆସିଛି। ହେଲେ ଦିଲ୍ଲୀରେ ଥିବା ବିଜେପି ସରକାର ଚାଷୀଙ୍କ ଏହି ସମସ୍ୟା ସମାଧାନ ଦିଗରେ ଫେଲ୍ ହୋଇଛି। ଏହା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଚାଷୀମାନଙ୍କ ଭରସାକୁ ଧୋକା ଦିଆଯାଉଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଲୋକଙ୍କ ପ୍ରତିନିଧି ଭାବେ ଚାଷୀଙ୍କୁ ସଠିକ ସମୟରେ ସେମାନଙ୍କ ପ୍ରାପ୍ୟ ଦେବାର ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ଏଥିପାଇଁ ଏହି ବିଷୟକୁ ଗମ୍ଭୀରତାର ସହ ନେଇ ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି।

# ସ୍ୱାଭାବିକ ଚାଲିଲା ପ୍ରଶ୍ନକାଳ, ଶୂନ୍ୟକାଳରେ ହଟ୍ଟଗୋଳ

## ଗୃହ ମୁଲତବୀ, ଅପରାହ୍ଣରେ ହେଲା ସ୍ୱାଭାବିକ

**ଭୁବନେଶ୍ୱର, ୨୫।୭ (ସମିସ):** ତିନିଦିନ ବିଧାନସଭାରେ ଅଚଳବାସ୍ଥା ଲାଗି ରହିବା ପରେ ଗୁରବାର ପ୍ରଶ୍ନକାଳ ସ୍ୱାଭାବିକ ଭାବେ ଚାଲିଥିଲା। ତେବେ ଶୂନ୍ୟକାଳରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପୁଣିଥରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରଶ୍ନକାଳ ସ୍ୱାଭାବିକ ଭାବେ ଚାଲିବା ପରେ ଶୂନ୍ୟକାଳରେ ବିରୋଧୀ କଂଗ୍ରେସ ଓ ବିଜେଡି ଗୃହକୁ ଅଚଳ କରିଛନ୍ତି। ପୋଲାଭରମ୍ ପ୍ରସଙ୍ଗରେ କଂଗ୍ରେସ ଗୃହ କମିଟି ଗଠନ ଦାବି କରି ପ୍ରବଳ ହଟ୍ଟଗୋଳ କରିଥିବା ବେଳେ ବିରୋଧୀ ଦଳ ନେତାଙ୍କୁ ପ୍ରତି ନିର୍ଦ୍ଦିଷ୍ଟ ଅଣସାମ୍ବିଧାନିକ ଶବ୍ଦ ପ୍ରୟୋଗ ପ୍ରସଙ୍ଗରେ ବିଜେଡି ପଏଣ୍ଟ ଅଫ୍ ଅର୍ଡର୍ ଦାବି କରି ଗୃହ ମଧ୍ୟରେ ହୋ-ହଲ୍ଲା କରିଥିଲା। ଫଳରେ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଅପରାହ୍ଣରେ ଗୃହ ସ୍ୱାଭାବିକ ଭାବେ ଚାଲିଥିଲା।



ବଜେଟ ଅଧିବେଶନ ଆରମ୍ଭ ହେବାର ୩ଦିନ ପରେ ଆଜି ପ୍ରଶ୍ନକାଳ ସୁରୁଖୁରୁରେ ଚାଲିଥିଲା। ମାତ୍ର ଶୂନ୍ୟକାଳରେ କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ପୋଲାଭରମ ପ୍ରକଳ୍ପରେ କେନ୍ଦ୍ରୀୟ ସହାୟତା ପ୍ରସଙ୍ଗ ଗୃହରେ ଉତ୍ଥାପନ କରିଥିଲେ। ଏହି ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାର ପ୍ରାୟ ୧୩୦୦ ଗାଁ ଜଳମଗ୍ନ ହେବାର ଆଶଙ୍କା ରହିଛି। ତେଣୁ ବାଚସ୍ପତି ଏହାକୁ ଗୁରୁତର ଭାବେ ନେଇ ଏକ ଗୃହ କମିଟି ଗଠନ କରନ୍ତୁ। ଓଡ଼ିଶାର ଯେପରି ଇଞ୍ଚେ ମଧ୍ୟ ଜମି ଜଳମଗ୍ନ ନ ହେବ, ତାହା ସୁନିଶ୍ଚିତ ହେଉ ବୋଲି ଶ୍ରୀ କାଡ଼ାମ ଦାବି କରିଥିଲେ। ଏହାପରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୫୪ରୁ ୧୨ଟା ୦୯ ଯାଏଁ ମୁଲତବୀ ରଖିଥିଲେ। ୧୨ଟା ୦୯ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ବିଧାୟକ ସମାନ ଦାବି ସହ ହଟ୍ଟଗୋଳ ଜାରି ରଖିଥିଲେ। ଅପରପକ୍ଷେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିରୋଧୀ ଦଳ ନେତାଙ୍କ ପ୍ରତି ସଂସଦୀୟ ବ୍ୟାପର ମନ୍ତ୍ରୀ ପ୍ରୟୋଗ କରିଥିବା ଗିରଫ ଶବ୍ଦର ପ୍ରତ୍ୟାହାର ଦାବି ପ୍ରସଙ୍ଗରେ ପଏଣ୍ଟ ଅଫ ଅର୍ଡର୍ ଦାବି କରିଥିଲେ। ମାତ୍ର ବାଚସ୍ପତି ଏନେଇ ଦୃଷ୍ଟି ନଦେବାରୁ ଉଭୟ କଂଗ୍ରେସ ଓ ବିଜେଡି ଗୃହରେ ନାରାବାଜି କରିଥିଲେ। ଫଳରେ ୧୨ଟା ୧୨ରୁ ଅପରାହ୍ଣ ୪ଟା ଯାଏଁ ବାଚସ୍ପତି ଗୃହକୁ ମୁଲତବୀ ରଖିଛନ୍ତି। ପରେ ଅପରାହ୍ଣରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ପ୍ରତିଶ୍ରୁତି ପାଳନ ଚୁଲିକୁ ଗଲା, କେବଳ ଯୋଜନା ନାଁ ବଦଳିଲା

- ଡବଲ ଇଞ୍ଜିନ ସରକାରରେ ଡବଲ ନୈରାଶ୍ୟ: ବିଜେଡି
- ନବୀନ ସରକାରଙ୍କ ୪୦ରୁ ଊର୍ଦ୍ଧ୍ୱ ଲୋକପ୍ରିୟ ଯୋଜନାର କପି ପେଷ୍ଟ

**ଭୁବନେଶ୍ୱର,୨୫।୭ (ସମିସ):** ମୋହନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୨୦୨୪-୨୫ ବର୍ଷ ପାଇଁ ରାଜ୍ୟ ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ବଜେଟରେ କୌଣସି ନୂତନତ୍ୱ ନାହିଁ ଓ ଏହା ନବୀନ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଲୋକପ୍ରିୟ ଯୋଜନାଗୁଡ଼ିକର କପି-ପେଷ୍ଟ କରାଯାଇ କେବଳ ଏହାର ନାମ ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାରଙ୍କ ବଜେଟ



ଉପରେ ପ୍ରତିକ୍ରିୟା ଦେଇ ବିଜେଡି ବରିଷ୍ଠ ମିଡିଆ ସଂଯୋଜକ ପ୍ରତାପ ଜେନା ଏହା କହିଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ବହୁ ପ୍ରଚାରିତ 'ସୁଭଦ୍ରା' ଯୋଜନାରେ ରାଜ୍ୟର ସମସ୍ତ ମହିଳା ମାନେ ଲାଭବାନ ହେବେ ବୋଲି ଆଶା ବାନ୍ଧି ବସିଥିଲେ। ହେଲେ ଏଥିପାଇଁ ମାତ୍ର ୧୦ହଜାର କୋଟି ଟଙ୍କା ଘୋଷିତ ହୋଇଥିବାରୁ ଅତି ବେଶୀରେ ଏହାଦ୍ୱାରା ରାଜ୍ୟର ୨୦ଲକ୍ଷ ମହିଳା ଲାଭ ପାଇବେ। ସେହିପରି ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀଙ୍କ ଭତ୍ତା ୩୦୦୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବିଜେପି ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ କେବଳ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପେନସନ୍ ବୃଦ୍ଧି କରାଯାଇଛି। ଯାହା ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ନିରାଶ କରିଛି। ଅପରପକ୍ଷରେ ଅର୍ଥନୈତିକ ଦୂରଦୃଷ୍ଟି, ଶିଳ୍ପ, ରୋଜଗାର, ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି ଆଦି ବିଷୟରେ ଏ ବଜେଟ୍ ସଂପୂର୍ଣ୍ଣ ନିରବ। ଡବଲ ଇଂଜିନ ସରକାର ହେଲେ ରାଜ୍ୟରେ ବିକାଶର ତ୍ୱରାନ୍ୱିତ ହେବ ବୋଲି ବିଜେପି ଡିଣ୍ଡିମ ପିଟୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟର ବଜେଟ ରାଜ୍ୟବାସୀଙ୍କୁ ଡବଲ ନିରାଶ କରିଛି ବୋଲି ଶ୍ରୀ ଜେନା କହିଛନ୍ତି।

## ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ 'ନବୀନଙ୍କୁ ଗିରଫ କରାଯାଉ' ଟିପ୍ପଣୀ

# ଗୃହରେ ବିଜେଡିର ଉଦ୍‌ବେଗ

**ଭୁବନେଶ୍ୱର,୨୫।୭ (ସମିସ):** ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସଂସଦୀୟବାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ଅଣସାମ୍ବିଧାନିକ ଶବ୍ଦର ପ୍ରୟୋଗ କରିଛନ୍ତି। ବୋଧ ହୁଏ ସେ ଅତି ଉତ୍ସାହରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ତାଙ୍କୁ ଗିରଫ କରାଯାଉ ବୋଲି କହିଥିଲେ। ଏହି ଶବ୍ଦ ପ୍ରୟୋଗ ବେଳେ ସଂସଦୀୟ ବ୍ୟାପର ମନ୍ତ୍ରୀ ଯେଉଁ ଏମ. ଏନ୍ କାଉଲ ଓ ଏସ. ଏଲ୍ ସକଧରଙ୍କ 'ପ୍ରାକ୍ଟିସ ଆଣ୍ଡି ପ୍ରୋସିଡିୟର ଅଫ୍ ପାର୍ଲିଆମେଣ୍ଟ' ବହିକୁ ଉଦ୍ଧୃତ କରି କହିଛନ୍ତି, ଉକ୍ତ ବହିରେ ଗିରଫ ଭଳି ଶବ୍ଦ ବ୍ୟବହାର କରିବା ନେଇ ଉଲ୍ଲେଖ ନାହିଁ। ଜାତୀୟ ରାଜନୀତିରେ ଜଣେ ଅମାୟିକ ଜନନେତା ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ଏପରି ଶବ୍ଦ ବ୍ୟବହାର ଗ୍ରହଣୀୟ ନୁହେଁ। ଯଦି ସେ ଉତ୍ସାହରେ ଏପରି ଶବ୍ଦ ବ୍ୟବହାର କରିଛନ୍ତି, ତାହେଲେ ନିଜ ଉକ୍ତିକୁ ସେ ପ୍ରତ୍ୟାହାର କରନ୍ତୁ ଏବଂ ଦୁଃଖ ପ୍ରକାଶ କରନ୍ତୁ। ଏହି ଉକ୍ତିକୁ ଗୃହର ବିବରଣୀରୁ ବାଦ୍ ଦିଆଯାଉ। ନଚେତ ନିଜ ଉକ୍ତି ଅନୁଯାୟୀ ଯଦି ସାହସ ଅଛି, ତାହେଲେ ବିରୋଧୀ ଦଳ ନେତାଙ୍କୁ ଗିରଫ କର। ଆଜି ଶୂନ୍ୟକାଳରେ ବିଜେଡିର ବରିଷ୍ଠ ବିଧାୟକ ଡ.

- ଏପରି ଶବ୍ଦ ପ୍ରତ୍ୟାହାର କରନ୍ତୁ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ସାହସ ଅଛି ତ ଗିରଫ କର
- ଆଦୌ ଅଣସାମ୍ବିଧାନିକ ଶବ୍ଦ ନୁହେଁ: ସଂସଦୀୟ ବ୍ୟାପାର ମନ୍ତ୍ରୀ
- ଗୃହରେ ବିଚାର ପାଇଁ ରଖିଥିଲି, ଅନ୍ୟ କୌଣସି ଉଦ୍ଦେଶ୍ୟ ନଥିଲା

ଅରୁଣ କୁମାର ସାହୁ ଏପରି ଚରମବାଣୀ ଶୁଣାଇଛନ୍ତି। ନବୀନଙ୍କ ପ୍ରତି ଅସମ୍ମାନ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଆଜି ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଡ. ସାହୁ କହିଲେ ଯେ ଗୃହରେ ଗୋଟିଏ ଅସଙ୍ଗତି ରହିଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଏକ ଶବ୍ଦ ଗୃହର ପ୍ରୋସିଡିଂରେ ରହିଯାଇଛି, ଯାହା ଆଗାମୀପିଢ଼ିକୁ ଭୁଲ୍ ବାର୍ତ୍ତା ଦେବ। ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିବା ନେଇ କହିଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ ଅଣସାମ୍ବିଧାନିକ। ନବୀନ ପଟ୍ଟନାୟକ ୩ଥର କେନ୍ଦ୍ରମନ୍ତ୍ରୀ ସହ ୫ଥର ମୁଖ୍ୟମନ୍ତ୍ରୀ ରହି ସାରିଛନ୍ତି। ତାଙ୍କ ପ୍ରତି ଏପରି ଶବ୍ଦର ବ୍ୟବହାର ଗ୍ରହଣୀୟ ନୁହେଁ। ସେ ଯେଉଁ ବହିରୁ ଉଦ୍ଧୃତ କରି ଏକଥା ଉଲ୍ଲେଖ କରିଥିବା ନେଇ କହୁଛନ୍ତି, ଉକ୍ତ ପ୍ରାକ୍ଟିସ୍ ଆଣ୍ଡି ପ୍ରୋସିଡିୟର ଅଫ୍ ପାର୍ଲିଆମେଣ୍ଟ ବହିରେ ଏନେଇ କିଛି ଉଲ୍ଲେଖ ନାହିଁ। ତେଣୁ ଏଭଳି କଥାକୁ ସେ ପ୍ରତ୍ୟାହାର କରନ୍ତୁ। ଆବଶ୍ୟକସ୍ଥଳେ ସେ ଦୁଃଖ ପ୍ରକାଶ କରିପାରିବେ। ଯଦି ସେ ଏପରି ନକରୁଛନ୍ତି, ତାହେଲେ ନବୀନଙ୍କୁ ସାହସ ଥିଲେ ଗିରଫ କରନ୍ତୁ ବୋଲି ଅରୁଣ ଆହ୍ୱାନ ଦେଇଥିଲେ।

ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ ଯେ ରାଜ୍ୟପାଳ ନିଜର ଅଭିଭାଷଣ ରଖୁଥିବା ବେଳେ ବିରୋଧୀ ଦଳ ନେତା ତାଙ୍କୁ ବାଧା ଦେବାକୁ ଚେଷ୍ଟା କରୁଥିଲେ। ଯାହା ନିୟମ ଅନୁଯାୟୀ ଆଇନ ସମ୍ମତ ନୁହେଁ। ପ୍ରାକ୍ଟିସ ଆଣ୍ଡି ପ୍ରୋସିଡିୟର ଅଫ୍ ପାର୍ଲିଆମେଣ୍ଟ ବହିରେ ଥିବା ନିୟମ ଅନୁଯାୟୀ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ବିରୋଧୀ ଦଳ ନେତା ପୂର୍ଣ୍ଣ ସମ୍ମାନ ଜଣାଇବା କଥା। ମାତ୍ର ବିରୋଧୀ ଦଳ ନେତା ତାଙ୍କୁ ବାଧା ସୃଷ୍ଟି କରିଥିବାରୁ ମୁଁ ଏପରି କହିଥିଲି। ଗିରଫ ଶବ୍ଦ ଆଦୌ ଅଣସାମ୍ବିଧାନିକ ନୁହେଁ। ଉକ୍ତ ପୁସ୍ତକରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ ରହିଥିଲା। ଗୃହର ବିଚାର ପାଇଁ ମୁଁ ଏପରି କହିଥିଲି। ମୋର ଏଥିରେ କୌଣସି ଅନ୍ୟ ଉଦ୍ଦେଶ୍ୟ ନଥିଲା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖିଥିଲେ।

# ଅବଶିଷ୍ଟାଂଶ...

## ପ୍ରତିଶ୍ରୁତି ପାଳିବାକୁ...

ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆଦର୍ଶ ଶିଶୁ ସମୃଦ୍ଧ ଗ୍ରାମ ପୁରସ୍କାର, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ମାଧୋ ସିଂହ ହାତ ଖର୍ଚ୍ଚର୍ ଯୋଜନା, ସୌର ଶକ୍ତି ପ୍ରୋତ୍ସାହନ ଯୋଜନା, ଯଶୋଦା, ସୁବାହକ ଆଦି ନୂତନ କାର୍ଯ୍ୟକ୍ରମ ପ୍ରଚଳନର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ୨ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଛନ୍ତି । ୨୦୨୪ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟ ଉପରେ ୯୬୩୧୦.୪୫ କୋଟି ଟଙ୍କା ଋଣ ଥିବାବେଳେ କାର୍ଯ୍ୟକ୍ରମର ରୂପାୟନ ଓ ନୂତନ ଯୋଜନାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଆଉ ୪୨୪୯୫ କୋଟି ଟଙ୍କା ଋଣ କରିବେ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି । ସମ୍ପ୍ରତି ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡ଼ିପି) ଋଣ ପରିମାଣ ୧୧.୫୬% ଥିବାବେଳେ ନୂତନ ଋଣ ପରେ ଏହା ୧୬.୦୪% ହେବ ବୋଲି ମୁଖ୍ୟମନ୍ତ୍ରୀ ବଜେଟ୍ ଅଭିଭାଷଣ ସମୟରେ ପ୍ରକାଶ କରିଛନ୍ତି । ସେ ପୁଣି କହିଛନ୍ତି ଯେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୯୭,୭୨୫ କୋଟି ଟଙ୍କା ରହିଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧,୫୫,୦୦୦, ବିପର୍ଯ୍ୟୟ ପରିଚାଳନା ପାଇଁ ୩୯୦୦ କୋଟି ବ୍ୟୟବରାଦ ହୋଇଛି। ସରକାରଙ୍କ କାର୍ଯ୍ୟକ୍ରମ ବ୍ୟୟ ପୂର୍ବାପେକ୍ଷା ୨୪% ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟ ଅଟକଳ ୫୮,୧୯୫ କୋଟି ଟଙ୍କା ଯାହା ମୋଟ ଘରୋଇ ଉତ୍ପାଦର ୬.୩%। ଏହି ବଜେଟରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୩୩,୯୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ଯାହା ପୂର୍ବ ବର୍ଷ ତୁଳନାରେ ୩୬% ଅଧିକ। ସେହିପରି ରାଜସ୍ୱ ବଳକା ଜିଏସ୍‌ଡିପିର ୨.୯୬% ହେବ ବୋଲି ଆକଳନ କରାଯାଇଛି। ବର୍ଷ ଶେଷ ଋଣ ଭାର ଜିଏସ୍‌ଡିପିର ୧୩% ରହିବ ବୋଲି ଆକଳନ କରାଯାଇଛି।

ବଜେଟରେ ନୂଆ ପଦକ୍ଷେପ ଭାବେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପାଇଁ ୫୦୦ କୋଟି ଦିଆଯାଇଛି। ସମୃଦ୍ଧ କୃଷକ ଯୋଜନା ପାଇଁ ୫୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ଅଧୀନରେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯିବ। ଓଡିଆ ଅସ୍ମିତାର ପ୍ରଚାର ପାଇଁ କର୍ପସ ପାଣ୍ଠି ବାବଦରେ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଶ୍ରମିକ ହଷ୍ଟେଲ, ରୁଫ୍ ଟପ୍ ସୋଲାର ପ୍ରକଳ୍ପ, କର୍କଟ ରୋଗୀଙ୍କ ସହାୟକମାନଙ୍କ ପାଇଁ ଧର୍ମଶାଳା, ଶିଶୁ କର୍କଟ ସୁବିଧା, ଜୈବିକ ଚାଷ, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ୬୦୦ କୋଟି ବ୍ୟୟବରାଦ ହୋଇଛି। ଫସଲ ଉପରେ ଋଣ ଛାଡ଼ ପାଇଁ ୮୩୦ କୋଟି, ଦୁଗ୍ଧ ବନ୍ୟା ମିଶନ୍ ପାଇଁ ୧୦୨ କୋଟି, ଗୋବଂଶ ସୁରକ୍ଷା ପାଇଁ ୩୮ କୋଟି ଟଙ୍କା ଦିଆଯାଇଛି। ସ୍ୱାସ୍ଥ୍ୟ ସେବା ପାଇଁ ୨୧,୨୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି ।

ବଜେଟ୍ ଉପସ୍ଥାପନ ପରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝୀ କହିଛନ୍ତି ଯେ ଆମେ ଏଥର କିଛି ନୂଆ ଯୋଜନା ଆରମ୍ଭ କରିଛୁ, କିନ୍ତୁ ପୂର୍ବ ସରକାରଙ୍କର ଅନେକ ଯୋଜନା ପାଇଁ ଆମେ ବଜେଟରେ ବ୍ୟୟବରାଦ କରିଛୁ। ପୁରୁଣା ଯୋଜନା ଏବେ ଜାରି ରହିଥିବାରୁ ଏବଂ ଏହା ଦ୍ୱାରା ଲୋକେ ଉପକୃତ ହେଉଥିବାରୁ ଏହା ଜାରି ରହିବ। କିଛି ପୁରୁଣା ଯୋଜନାରେ କିଛି ସଂଶୋଧନ କରାଯାଇଛି। ଏଥର ଆମେ ସୁଭଦ୍ରା ଯୋଜନା ପାଇଁ ବଜେଟରେ ୧୦ ହଜାର କୋଟିର ବ୍ୟୟବରାଦ କରିଛୁ। ଆଗାମୀ ୨ ବର୍ଷ ଭିତରେ ଏହା କାର୍ଯ୍ୟକାରୀ ହେବ। ଖଣି ଏବଂ ଅନ୍ୟ ପ୍ରମୁଖ ଉତ୍ସରୁ ରୋଜଗାର ବୃଦ୍ଧି କରାଯିବ। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ରହିଛି। ଖଣି, ଜିଏସ୍‌ଟି ଭଳି ବିଭିନ୍ନ ଆୟ ଉତ୍ସରେ ଅଭିବୃଦ୍ଧି ହୋଇଛି। ତଥାପି ଆବଶ୍ୟକ ହେଲେ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ବଜେଟରେ ମାତ୍ର ୧୨% ଋଣ କରିବା ବ୍ୟବସ୍ଥା ଅଛି ଯାହା ଦ୍ୱାରା କ୍ଷତି ଭରଣା କରାଯାଇ ପାରିବ। ସେହିପରି ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି ପାଇଁ ସରକାର ଯୋଜନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଆମ ଓଡିଶା ନବୀନ ଓଡିଶା ଭଳି କାର୍ଯ୍ୟକ୍ରମକୁ ବନ୍ଦ ନ କରି ସେଥିରେ ସ୍ୱତନ୍ତ୍ରତା ଆଣିଛୁ ଆଉ ବଜେଟରେ ବ୍ୟୟବରାଦ ମଧ୍ୟ କରିଛୁ। ବିକଶିତ ଗାଁ, ବିକଶିତ ଓଡିଶା ନାମରେ ଏହା କାର୍ଯ୍ୟକାରୀ ହେବ। ପ୍ରତିବର୍ଷ ଏଥିପାଇଁ ବ୍ୟୟବରାଦ କରାଯିବ। ମହିଳା ମାନଙ୍କ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ ହୋଇଛି ତାହା କିପରି ସଫଳ ହେବ ସରକାର ସୁନିଶ୍ଚିତ କରିବେ। ଶିଳ୍ପ ପାଇଁ ସରକାରଙ୍କର ବଡ଼ ଯୋଜନା ରହିଛି। ଏବର୍ଷ ଓଡିଶାବାସୀଙ୍କ ଉପରେ ଆର୍ଥିକ ବୋଝ ପଡିବ ନାହିଁ। ସେହିପରି ପିଏମ୍ କିସାନ ସହିତ ସିଏମ୍ କିସାନର ସଂଯୋଜନା କରାଯିବ। ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରାଯିବ। ବିଏସ୍‌କେୱାଇ କାର୍ଡ ଭଳି ଆୟୁଷ୍ମାନ ଭାରତରେ ୫ ଲକ୍ଷ ଟଙ୍କା ଚିକିତ୍ସା ମିଳିବ। ବିଏସ୍‌କେୱାଇରେ ସାମାନ୍ୟ ପରିବର୍ତ୍ତନ କରି ଗୋପବନ୍ଧୁଙ୍କ ନାମରେ ଯୋଜନା ଚଳାଇବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଖଣିଜ ଟିକସ...

ବା ଉତ୍ତୋଳନକାରୀ କମ୍ପାନୀଠାରୁ ଅତିରିକ୍ତ ଟିକସ ଆଦାୟ କରିପାରିବେ। ମାମଲାର ଶୁଣାଣି ସମୟରେ ୮ଜଣ ବିଚାରପତି ରୟାଲିଟି ଆଦାୟ ସପକ୍ଷରେ ରହିଥିବାବେଳେ ଜଷ୍ଟିସ ବିଭି ନାଗରତ୍ନ ବିପକ୍ଷରେ ମତ ଦେଇଥିଲେ। ଖଣ୍ଡପୀଠ କହିଛନ୍ତି ଯେ, ରୟାଲିଟି ଆଦାୟ ଲିଜ୍‌ଦାତା ଓ ଲିଜ୍‌ଧାରୀ ମଧ୍ୟରେ ହୋଇଥିବା ଚୁକ୍ତିନାମା ଏବଂ ସାଧାରଣତଃ ଜମିରୁ ଉତ୍ତୋଳନ କରାଯାଇଥିବା ଖଣିଜ ସାମଗ୍ରୀ ଉପରେ ନିର୍ଭର କରେ। ତେଣୁ ଏଥିପାଇଁ ରୟାଲିଟି ଦେୟ ସର୍ବସାଧାରଣ ଉଦ୍ଦେଶ୍ୟରେ ନୁହେଁ, ବରଂ ଏକ ବିଶେଷ ବ୍ୟବହାର ପାଇଁ ଶୁଳ୍କ ଆଦାୟ। ତେଣୁ ଏଥିପାଇଁ ସରକାରଙ୍କୁ ପ୍ରଦାନ କରାଯିବାକୁ ଥିବା ରୟାଲିଟିକୁ ଟିକସ ଭାବରେ ବିବେଚନା କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଜଷ୍ଟିସ ନାଗାରତ୍ନଙ୍କ ମତରେ ରାଜ୍ୟଙ୍କୁ ଖଣି ଜମି ଉପରେ ଅତିରିକ୍ତ କର ଆଦାୟ କରିବାକୁ ଅନୁମତି ଦେବା ଦ୍ୱାରା ରାଜ୍ୟଗୁଡିକ ମଧ୍ୟରେ ଏକ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ସୃଷ୍ଟି ହୋଇପାରେ।

## ସମସ୍ତଙ୍କୁ ମିଳିବନି...

ମାସିକ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବାକୁ ବଜେଟରେ ବ୍ୟବସ୍ଥା କରି ପ୍ରତିଶ୍ରୁତିର ଭେଳିକି ଦେଖାଇଛନ୍ତି। ସମ୍ପ୍ରତି ରାଜ୍ୟରେ ୫୬.୭୬ ଲକ୍ଷ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଏଡ୍ସ ଆକ୍ରାନ୍ତ, କୁଷ୍ଠାକ୍ରାନ୍ତ, କିନ୍ନରଙ୍କୁ ସାମାଜିକ ନିରାପତ୍ତା ଭତ୍ତା ପ୍ରଦାନ କରାଯାଉଛି। ପୂର୍ବ ସରକାର ୩ ମାସ ତଳେ ପ୍ରତ୍ୟେକ ବର୍ଗରେ ୫୦୦ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ। ୫୦୦ ଟଙ୍କା ଭତ୍ତାକୁ ୧୦୦୦ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ୭୦୦ ଟଙ୍କା ଭତ୍ତାକୁ ୧୨୦୦ ଟଙ୍କା କରାଯାଇଥିଲା। ବିଜେପିର ୩୦୦୦ ଟଙ୍କା ଭତ୍ତା ପ୍ରତିଶ୍ରୁତି ଗରିବ ଲୋକମାନଙ୍କୁ ପ୍ରଭାବିତ କରିଥିଲା। ରାଜ୍ୟରେ ସରକାର ବଦଳିଲା ଓ ବିଜେପି ସରକାର ଗଠନ କଲା। ମାତ୍ର ଭତ୍ତା ଆଶାୟୀ ବରିଷ୍ଠ ନାଗରିକମାନେ ଏବେ ହତାଶ। ମୁଖ୍ୟମନ୍ତ୍ରୀ ନିଜର ବଜେଟ୍ ଅଭିଭାଷଣ ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବ୍ୟୟ ବରାଦ ବୃଦ୍ଧି କରାଯାଇଥିବା ଘୋଷଣା କରିଛନ୍ତି । ଗତ ଫେବୃଆରୀରେ ନବୀନ ସରକାରଙ୍କ କାମଚଳା ବଜେଟରେ ବିଭାଗ ପାଇଁ ୪୬୦୦ ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଘୋଷଣା କରିଥିଲେ, ଏବେ ମୋହନ ସରକାର ପୂର୍ଣ୍ଣାଙ୍ଗ ବଜେଟରେ ବିଭାଗର କାର୍ଯ୍ୟକ୍ରମ ବ୍ୟୟ ୭୬୦୦ କୋଟି ଟଙ୍କା ରଖିଛନ୍ତି। ଅର୍ଥାତ୍ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ସରକାର ଅଧିକ ୩୦୦୦ କୋଟି ଟଙ୍କା ବରାଦ କରିଥିଲେ ହେଁ ସମସ୍ତ ବରିଷ୍ଠ ନାଗରିକ ଓ ସମସ୍ତ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନରୁ ବଞ୍ଚିତ କରିଛନ୍ତି । ୮୦%ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୮୦%ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଏହି ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ କରିବାକୁ ନିଷ୍ପତ୍ତି ନେଇ ରାଜ୍ୟ ସରକାର ଓଡ଼ିଶାର ୩୦ଲକ୍ଷ ହିତାଧିକାରୀଙ୍କୁ ପ୍ରତାରିତ କରିଛନ୍ତି ।

## ନବୀନ 'ନଥି'ରେ...

ଚାଷୀମାନଙ୍କ ପାଇଁ ପୂର୍ବ ସରକାର ପ୍ରଚଳନ କରିଥିବା 'କାଳିଆ' ଯୋଜନାର ନାମକୁ 'ସିଏମ୍ କିଷାନ' ପରିବର୍ତ୍ତନ କରାଯାଇଛି। ଏହି ଯୋଜନାରେ ୪୫.୬୭ ଲକ୍ଷ ଚାଷୀ ଓ ପ୍ରାୟ ୧୭ ଲକ୍ଷ ନାମମାତ୍ର ଭୂମିହୀନ ଚାଷୀଙ୍କୁ ବର୍ଷକୁ ଦୁଇଥର ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା। ମାତ୍ର ଯୋଜନାର ନାମ ପରିବର୍ତ୍ତନ କରାଯିବା ପରେ ସମସ୍ତ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ମିଳିବ କି ନାହିଁ ତାହା ସରକାର ସ୍ପଷ୍ଟ କରିନାହାନ୍ତି। ଏହି ଯୋଜନା ପାଇଁ ରାଜ୍ୟ ସରକାର ୧୯୩୫ କୋଟି ଟଙ୍କା ବରାଦ କରିଛନ୍ତି। ସେହିପରି ମହତ୍ୱାକାଂକ୍ଷୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନାମକୁ ମଧ୍ୟ ସରକାର ପରିବର୍ତ୍ତନ କରିଛନ୍ତି। ଏହାକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ରୂପେ ପ୍ରଚଳନ କରାଯିବ। ସେହିପରି 'ମୋ-ସ୍କୁଲ' ଯୋଜନାକୁ 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନା, 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ନାମକୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା'କୁ ପରିବର୍ତ୍ତିତ କରାଯାଇଛି। ରାଜ୍ୟରେ ଶିଳ୍ପାୟନକୁ ନୂଆ ଦିଶା ଦେବା ପାଇଁ ପୂର୍ବତନ ରାଜ୍ୟ ସରକାର ଆରମ୍ଭ କରିଥିବା 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମର ନାମକୁ 'ଉତ୍କର୍ଷ ଉତ୍କଳ'କୁ ପରିବର୍ତ୍ତନ କରିଛନ୍ତି ମୋହନ ସରକାର। ସେହିପରି 'ବିଜୁ ସେତୁ'ର ନାମ ବଦଳାଇ 'ସେତୁ ବନ୍ଧନ' ଯୋଜନା, 'ମୋ କଲେଜ'ର ନାମକୁ 'ଆମ କଲେଜ, ଆମ ଗୌରବ' ଯୋଜନାରେ ପରିବର୍ତ୍ତନ କରାଯାଇଛି। ଗ୍ରାମାଞ୍ଚଳରେ ପରିବହନ ବ୍ୟବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା 'ଲକ୍ଷ୍ମୀ' ଯୋଜନାର ନାମକୁ ମଧ୍ୟ ପରିବର୍ତ୍ତନ କରିଛନ୍ତି ସରକାର। ଏହାକୁ 'ଗ୍ରାମାଞ୍ଚଳ ପରିବହନ' ଯୋଜନା ରୂପେ ପ୍ରଚଳନ କରାଯିବ ବୋଲି ବଜେଟ୍ ଅଧିବେଶନରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଅପରପକ୍ଷେ 'ମିଲେଟ ମିଶନ'ର ନାମ ବଦଳାଇ 'ଶ୍ରୀଅନ୍ନ' ରଖାଯାଇଥିବାବେଳେ 'ବିଜୁ ପକ୍କାଘର' ଯୋଜନା ଏଣିକି 'ଅନ୍ତ୍ୟୋଦୟ ଗୃହ ଯୋଜନା' ହେବ ବୋଲି ମୁଖ୍ୟମନ୍ତ୍ରୀ ବଜେଟ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି।

## 'ଲକ୍ଷ୍ମୀ' ଓ 'କାଳିଆ' ବି ଅସ୍ପୃଶ୍ୟ

ନିର୍ବାଚନ ସମୟରେ ମହାପ୍ରଭୁ ଜଗନ୍ନାଥଙ୍କୁ ନିର୍ବାଚନ ଆୟୁଧ କରିଥିବା ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ସେହି ମହାପ୍ରଭୁଙ୍କୁ ଅନାଦର କରିବା ଆରମ୍ଭ କରିଛି। କୋଟିକୋଟି ଓଡ଼ିଆ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ଶ୍ରଦ୍ଧାରେ 'କାଳିଆ' ବୋଲି ସମ୍ବୋଧନ କରିଥାଆନ୍ତି ଓ କାଳିଆ ଠାକୁର ଭାବରେ ଆଦର କରିଥାଆନ୍ତି। ମାତ୍ର ସେହି ଠାକୁର 'କାଳିଆ' ନାମରେ ପ୍ରଚଳିତ ଯୋଜନାକୁ ରାଜ୍ୟ ସରକାର ପରିବର୍ତ୍ତନ କରିବାକୁ କୁଣ୍ଠାବୋଧ କରିନାହାନ୍ତି । ଓଡ଼ିଆ ଅସ୍ମିତାର ଢୋଲ ପିଟୁଥିବା ବିଜେପି ସରକାର କାଳିଆ ପରିବର୍ତ୍ତେ ଯୋଜନାର ନାମକୁ ଇଂରାଜୀ ଓ ହିନ୍ଦି ମିଶା 'ସିଏମ୍ କିଷାନ' ଭାବରେ ପ୍ରବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କିଷାନ ଶବ୍ଦଟି ହିନ୍ଦୀ ଓ ସିଏମ୍ ହେଉଛି ଚିଫ୍ ମିନିଷ୍ଟରର ସଂକ୍ଷେପ ରୂପ । ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଲକ୍ଷ୍ମୀ ହେଉଛନ୍ତି ଧନଧାନ୍ୟର ଦେବୀ ଓ ପ୍ରତ୍ୟେକଙ୍କର ଆରାଧ୍ୟା। ମାତ୍ର ଗ୍ରାମାଞ୍ଚଳ ପରିବହନ ନିମନ୍ତେ ଆରମ୍ଭ ହୋଇଥବା 'ଲକ୍ଷ୍ମୀ' ବସ୍ କାର୍ଯ୍ୟକ୍ରମକୁ ମଧ୍ୟ ପରିବର୍ତ୍ତନ କରାଯାଇ ଗ୍ରାମାଞ୍ଚଳ ପରିବହନ କରାଯିବାକୁ ସାଧାରଣ ଲୋକମାନେ ଗ୍ରହଣ କରିପାରୁନାହାନ୍ତି ।

## ବିଜୁ ବିମୁଖ...

ପୁରସ୍କାରର ନାମ ପରିବର୍ତ୍ତନ କରିବାକୁ ସରକାର ନିଷ୍ପତ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ; ମାତ୍ର ବିଭିନ୍ନ ମହଲରେ ପ୍ରତିବାଦ ହେବା ପରେ ଏହାକୁ ପ୍ରତ୍ୟାହାର କରାଯାଇଛି । ମାତ୍ର ଆଜି ବଜେଟ୍‌ରେ ବିଜୁଙ୍କ ନାମ ଥବା ପ୍ରତ୍ୟେକ ଯୋଜନା ଓ କାର୍ଯ୍ୟକ୍ରମର ନାମ ପରିବର୍ତ୍ତନ କରାଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ସେତୁ ଯୋଜନା, ବିଜୁ ପକ୍କା ଘର କାର୍ଯ୍ୟକ୍ରମ ଆଦିର ନାମକୁ ସରକାର ପରିବର୍ତ୍ତନ କରି ଭିନ୍ନ ନାମରେ ପ୍ରଚଳନ କରିବାକୁ ଘୋଷଣା କରିଛନ୍ତି।

# ୧୨ ଜିଲ୍ଲାର ୨୮ ବ୍ଲକ୍‌ରେ 'ଲକ୍ଷ୍ମୀ' ବସ୍ ଚଳାଚଳ ସ୍ଥଗିତ

**ଭୁବନେଶ୍ୱର, ୨୫।୭ (ସମିସ):** ବ୍ଲକ୍ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଗଡୁଥିବା ୨୮ଟି ଲକ୍ଷ୍ମୀ ବସ୍‌ର ସେବା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଏହି ୨୮ଟି ବସ୍ ସେବା ୧୨ଟି ଜିଲ୍ଲାର ଚଳପ୍ରଚଳ କରୁଥିଲା। ଏହାକୁ ବାତିଲ କରାଯାଇଥିବା ନେଇ ଲକ୍ଷ୍ମୀ ସେବା 'ଏକ୍ସ' ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଅନୁଗୁଳ, କଟକ, ଜଗତସିଂହପୁର, ଗଜପତି, କଳାହାଣ୍ଡି, କୋରାପୁଟ, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ନୟାଗଡ଼, ପୁରୀ ଓ ସମ୍ବଲପୁର ଆଦି ଜିଲ୍ଲା ସାମିଲ ହୋଇଛି। ଏହି ବସ୍ ସେବା ବନ୍ଦ ହେବା ଦ୍ୱାରା ୧୨ ଜିଲ୍ଲାର ୨୮ଟି ବ୍ଲକରେ ଏହି ସେବା ପ୍ରଭାବିତ ହେବ। ତେବେ କେଉଁ କାରଣ ପାଇଁ ଏହି ସେବା ବାତିଲ କରାଯାଇଛି, ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନଥିବାରୁ ରାଜ୍ୟବାସୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କିଛି ଦିନ ତଳେ ଲକ୍ଷ୍ମୀ ବସ୍‌କୁ ଗେରୁଆ ରଙ୍ଗ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲାରେ ଏହି ବସ୍‌କୁ ଗେରୁଆ କରାଯାଇଥିଲା। ଏହାକୁ ନେଇ ବିବାଦ ହେବା ସହ ଏହି ବସ୍ ସେବାର ନାଁ ବଦଳିବ ବୋଲି ବିଭାଗୀୟ ମନ୍ତ୍ରୀ କହିଥିଲେ। ମାତ୍ର ଏହି ବସ୍ ସେବାକୁ ହଠାତ୍ ସ୍ଥଗିତ କରାଯାଇଛି। ସୂଚନା ଥାଉ କି ଗତ ଅକ୍ଟୋବର ୧୨ ତାରିଖରେ ମାଲକାନଗିରିରୁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍ ସେବା ଆରମ୍ଭ କରିଥିଲେ। ଏହି ଯୋଜନାରେ ମହିଳାମାନଙ୍କୁ ମାତ୍ର ୫ଟଙ୍କାରେ ଯାତାୟାତ କରିବାର ସୁଯୋଗ ମିଳୁଥିଲା। ଏହି ଯୋଜନାରେ ରାଜ୍ୟରେ ମୋଟ୍ ୧୩୪୦ ବସ୍ ଚାଳାଚଳ କରୁଛି।

# ସ୍କୁଲ ବୁଲିବେ ବିଇଓ

**ଭୁବନେଶ୍ୱର, ୨୫।୭ (ସମିସ):** ଉଚ୍ଚ ବିଦ୍ୟାଳୟରେ ନିୟମିତ ଯାଞ୍ଚ ହେଉନି ଶିକ୍ଷାର ମାନ। ଶିକ୍ଷକ ପଢ଼ାଉଥିବା ପାଠ ଛାତ୍ରଛାତ୍ରୀମାନଙ୍କ ବୋଧଗମ୍ୟ ହେଉନାହିଁ। ମୌଳିକ ଜ୍ଞାନ ସଠିକ୍ ଭାବେ ଜାଣିବା ପୂର୍ବରୁ ପୁସ୍ତକରେ ଥିବା ପାଠ୍ୟକ୍ରମ ତାଙ୍କୁ ପଢ଼ାଯାଉଛି। ଫଳରେ ସେମାନେ ବୁଝି ପାରୁନାହାନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ମଧ୍ୟ ଆବଶ୍ୟକ ଅନୁଯାୟୀ ଉଚ୍ଚ ବିଦ୍ୟାଳୟକୁ ଗସ୍ତ କରୁନାହାନ୍ତି। ୨୦୨୩ ମାର୍ଚ୍ଚ ମାସରେ ଏଜିଙ୍କ ଦ୍ୱାରା ପ୍ରକାଶିତ ବିଦ୍ୟାଳୟ ଶିକ୍ଷା ପ୍ରଦର୍ଶନ ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ତେଣୁ ନିୟମିତ ବିଦ୍ୟାଳୟକୁ ଗସ୍ତ କରିବା ସହ ଶିକ୍ଷାର ମାନ ଯାଞ୍ଚ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ବୋଧଗମ୍ୟ ଶିକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ଜବ୍-ଚାର୍ଟ ଅନୁଯାୟୀ, ଜଣେ ବିଇଓ ମାସକୁ ଅତି କମ୍‌ରେ ୧୨ଦିନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବେ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଶିକ୍ଷାଦାନ ଓ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟର ତଦାରଖ କରିବେ। ହେଲେ ବିଇଓମାନେ ବିଦ୍ୟାଳୟ ପରିଦର୍ଶନ କରି କୌଣସି କାର୍ଯ୍ୟର ତଦାରଖ କରୁନଥିବା ଅଡିଟ୍ ରିପୋର୍ଟରୁ ଜଣାପଡ଼ିଥିଲା। ଏହାକୁ ଗୁରୁତ୍ୱର ସହ ନେଇଛି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ। ସମସ୍ତ ବିଇଓଙ୍କୁ ଚିଠି କରି ବିଦ୍ୟାଳୟ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛି। ଶିକ୍ଷାର ଗୁଣାତ୍ମକ ମାନ ସୁନିଶ୍ଚିତ କରିବାକୁ କହିଛି। ଏହାସହ ବୋଧଗମ୍ୟ ଶିକ୍ଷା ବା ଛାତ୍ରଛାତ୍ରୀଙ୍କ ବୁଝିପାରୁଥିବା ଭଳି ଶିକ୍ଷାଦାନକୁ ପ୍ରାଥମିକତା ଦେବାକୁ କୁହାଯାଇଛି।

# ଆଜି କାରଗିଲ ବିଜୟ ଦିବସ

**ଅନୁଗୋଳ, ୨୫ା୭ (ସମିସ):** ଶୁକ୍ରବାର ସମଗ୍ର ଦେଶରେ ପାଳିତ ହେବ କାରଗିଲ ବିଜୟ ଦିବସର ରଜତ ଜୟନ୍ତୀ ସମାରୋହ। ଦ୍ରାସ୍ ସେକ୍ଟର ସହିଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ପ୍ରଧାନମନ୍ତ୍ରୀ ଏବଂ ସେନା ପ୍ରମୁଖ। ଏହି ଯୁଦ୍ଧରେ ଓଡ଼ିଶାର ଅନେକ ଯବାନ ସହିଦ ହୋଇଥିଲେ। ତନ୍ମଧ୍ୟରେ ଥିଲେ ମେଜର ପଦ୍ମପାଣି ଆଚାର୍ଯ୍ୟ। ୨ ରାଜପୁତ ରାଇଫଲସ୍ ର ଏହି ଯୋଦ୍ଧା ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ତୁଲୁଲିଂରେ ସହିଦ ହୋଇଥିଲେ। ତାଙ୍କର ଏହି ଅସାମାନ୍ୟ ତ୍ୟାଗ ପାଇଁ ତାଙ୍କୁ ମରଣୋତ୍ତର ଭାବେ ମହାବୀର ଚକ୍ର ପ୍ରଦାନ କରାଯାଇଥିଲା। ସେହିଭଳି କଟକର ସର୍ଜେଣ୍ଟ ରାଜକିଶୋର ସାହୁ ଏମ୍ ଆଇ ୧୭ ହେଲିକପ୍ଟର ନେଇ ଦ୍ରାସ୍ ରେ ପାକିସ୍ଥାନୀ ବଙ୍କର ଉଡ଼ାଉଥିବା ବେଳେ ଶତ୍ରୁ ମିଜାଇଲ ମାଡ଼ କରିଥିଲା ଏବଂ ଏଥିରେ ରାଜକିଶୋର ସହିଦ ହୋଇଥିଲେ। ବାଲେଶ୍ୱରର ହାବିଲଦାର ଗଙ୍ଗାରାମ ଦାସ ଏବଂ କଟକର ଗୋପୀନାଥ ମହାରଣା ପାକିସ୍ଥାନୀଙ୍କ ସହ ଲଢ଼ି ସହିଦ ହୋଇଥିଲେ। ଶ୍ରୀନିବାସ ଏସ୍ ପାତ୍ର ଯାହାଙ୍କୁ ଗଞ୍ଜାମ ବାଘ ବୋଲି ଲୋକେ କହୁଥିଲେ, ସେ ମଧ୍ୟ କାରଗିଲ ଯୁଦ୍ଧରେ ଲଢ଼େଇ କରି ନିଜ ଜୀବନ ହରାଇଥିଲେ। କିନ୍ତୁ ଦେଶକୁ ଶତ୍ରୁ ହାତରେ ଟେକି ଦେଇ ନଥିଲେ। ଅନୁଗୋଳର ସିଗ୍ନାଲ ମ୍ୟାନ ମାନସ ରଞ୍ଜନ ସାହୁ ଯୁଦ୍ଧପୂର୍ବରୁ ଘରକୁ ଚିଠି ଲେଖି ଖୁବ୍ ଶୀଘ୍ର ଘରକୁ ଫେରିବେ ବୋଲି ସୂଚନା ଦେଇଥିଲେ। ଚାକିରି ତିନିମାସ ହୋଇଥିଲା। ଶତ୍ରୁ ଆକ୍ରମଣରେ ନଷ୍ଟ ଭ୍ରଷ୍ଟ ହୋଇଥିବା ରାଡାର ସିଷ୍ଟମକୁ ସଜାଡୁଥିବା ବେଳେ ଜୁନ ୭ ତାରିଖ ଦିନ ଶତ୍ରୁର ଗୋଳା ମାଡ଼ରେ ନିହତ ହୋଇଥିଲେ। ଭଦ୍ରକ ଚାନ୍ଦବାଲି ଅଞ୍ଚଳର ନିରଞ୍ଜନ ବେହେରା ମଧ୍ୟ କାରଗିଲ ଯୁଦ୍ଧରେ ଲଢେଇ କରି ସୀମାରେ ସହିଦ ହୋଇଥିଲେ। ଏହି ଯବାନ ଯେଉଁମାନେ ଆମର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇଦେଲେ ସେମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

**● କାରଗିଲ ଯୁଦ୍ଧରେ ସହିଦ ଓଡ଼ିଆ**

# କାହା ସ୍ୱାର୍ଥରେ ଭଙ୍ଗାଗଲା ପ୍ରଜାମଣ୍ଡଳ ଭବନ ଓ ଗୋପବନ୍ଧୁ ଟାଉନ୍ ହଲ୍

ତାଳଚେର ସଦର, ୨୫ା୭ (ସମିସ)

ତାଳଚେର ହାଟତୋଟା ଠାରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରାୟ କୋଟିଏ ଟଙ୍କା ବିନିଯୋଗରେ ରାଜାରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିବା ଟାଉନ ହଲକୁ ଆଜକୁ ୧ବର୍ଷରୁ ଊର୍ଦ୍ଧ୍ୱ ହେବ ଉଭୟ ଗୃହକୁ ଭାଙ୍ଗି ଦିଆଗଲା। ଉକ୍ତ ସ୍ଥାନରେ ନୂତନ ଗୃହ ନିର୍ମାଣ କରି ନଥିବାରୁ ସ୍ୱାଧୀନତା ସଂଗ୍ରାମୀ ତଥା ତାଳଚେରବାସୀଙ୍କୁ ଘୋର ଆଘାତ୍ ଲାଗିଥିବା କୁହାଯାଉଛି। ହାଟତୋଟା ଠାରେ ନିର୍ମାଣ କରାଯାଇଥିବା ପ୍ରଜାମଣ୍ଡଳ ଭବନଟି କଂଗ୍ରେସ ସରକାର ସମୟରେ ସ୍ୱାଧୀନତା ସଂଗ୍ରାମୀ ଯେଉଁମାନେ କି ନିଜର ରକ୍ତ ନିଗାଡ଼ି ଓ ଜୀବନକୁ ବାଜି ଲଗାଇ ଦେଶପାଇଁ ଉତ୍ସର୍ଗୀକୃତ ହୋଇଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ ଯାଇଥିଲା। ଏହାପରେ ଏହି ଗୃହରେ ସ୍ୱାଧୀନତା ସଂଗ୍ରାମୀଙ୍କ କୌଣସି ଫଟୋଚିତ୍ର, ପୁସ୍ତକ, କିମ୍ବା କୌଣସି ନା କୌଣସି ସନ୍ତକ ରଖା ନଯାଇ ପୌର ପରିଷଦ ପକ୍ଷରୁ ଉକ୍ତ ଭବନଟିକୁ ଭଡ଼ା ଆକାରରେ ଦିଆଯାଇ ନାଚ, ଗୀତ, ତାମସା, ଆଖଡ଼ା ଇତ୍ୟାଦି କରାଗଲା। ଯାହା ଫଳରେ ଉକ୍ତ ଭବନଟି ଗାରିମା ହଜାଇ ଦିଗହରା ହୋଇପଡ଼ିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ତାଳଚେର ଅଞ୍ଚଳବସୀଙ୍କୁ ସେହି ସମୟରେ ବିଚଳିତ କରିଥିଲା। ବାରମ୍ବାର ଏହି ଭବନଟି କେବଳ ଭଡ଼ା ଦେଇ ବିଭିନ୍ନ ଅସାମାଜିକ କାମରେ ଲାଗିବାରୁ ଭବନଟି ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ସେହିପରି ତାଳଚେର ସହର ମଧ୍ୟରେ ରାଜାରାଜୁଡ଼ା ଅମଳରୁ ଗଢ଼ି ଉଠିଥିବା ଗୋପବନ୍ଧୁ ଟାଉନ ହଲଟି ମଧ୍ୟ ଅତି ତରବରିଆଭାବେ ଭାଙ୍ଗିଦେଇ ଏଥିରୁ ମଧ୍ୟ ମିଳିଥିବା ସାମଗ୍ରୀ ଗୁଡ଼ିକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ହଲଟିରେ ତାଳଚେର ପୌର ପରିଷଦର ୧୫ଟି ୱାର୍ଡବାସୀ ନିର୍ଭର କରି ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ସଭାସମିତି ଇତ୍ୟାଦି କରୁଥିଲେ। ମାତ୍ର ଏହା ଭାଙ୍ଗିଦେବା ଫଳରେ ଉକ୍ତ ୱାର୍ଡବାସୀ ନାହିଁ ନଥିବା ହଇରାଣ ହରକତ ହେବା ସହ ସହରାଞ୍ଚଳରେ ଜାଗା ସଙ୍କୁଚିତ ହୋଇଥିବାରୁ ବହୁ ଅସୁବିଧା ଦେଇ ଗତି କରୁଥିବା କୁହାଯାଉଛି। ତେବେ ପରବର୍ତ୍ତୀ ପିଢ଼ି ପାଇଁ ଉଦ୍ଦିଷ୍ଟ ଏହି ପୂର୍ବ ଗୌରବ ଓ ପୂର୍ବ ଗାରିମାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଭବନକୁ ଭାଙ୍ଗି ମାଟିରେ ମିଶାଇ ଦେବା ଓ ପରବର୍ତ୍ତୀ ସମୟରେ ଏହାକୁ ନିର୍ମାଣ କରିବାକୁ ନେଇ ଟାଳଟୁଳି ନୀତି ଅବଲମ୍ବନ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବ୍ୟାପିବାରେ ଲାଗିଛି। ତେବେ ତୁରନ୍ତ ଏହାକୁ ନିର୍ମାଣ କରି ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଚିତ ସମ୍ମାନାର୍ଥେ ବିନିଯୋଗ କରାଗଲେ, ଅନ୍ତତଃ ପକ୍ଷେ ଦେଶ ପାଇଁ ବଳୀଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମହାନ ବ୍ୟକ୍ତିମାନଙ୍କ ଅନ୍ତରଆତ୍ମା ଶାନ୍ତି ପାଇପାରନ୍ତା ବୋଲି କୁହାଯାଉଛି।

**● ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ତୁରନ୍ତ ନିର୍ମାଣ ହେଉ**





# ପଇଁଅକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



**ଆଠମଲ୍ଲିକ, ୨୫ା୭ (ସମିସ):** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡ଼ା ପଞ୍ଚାୟତ ବିନିକେୟୀ ବିହାର ସ୍ଥିତ ପଇଁଅକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପୁଲିସ ମହା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ ଯୋଗଦେଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ପୂର୍ବତନ କଲେଜ ଅଧ୍ୟକ୍ଷ ତଥା ଶିକ୍ଷାବିତ ଜୀବର୍ଦ୍ଧନ ବାରିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ବବିତା କର୍ଣ୍ଣ, ସମିତି ସଭ୍ୟ ଅଖିଳ ପ୍ରଧାନ ଅତିଥି ଭାବରେ ଯୋଗଦେଇଥିବା ବେଳେ କଲେଜ ଅଧ୍ୟକ୍ଷା କଳ୍ପନା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ପରିଚାଳନା କମିଟି ସମ୍ପାଦକ ମାଧବ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠା ସମୟରେ ଭୂମିଦାନ ଦେଇଥିବା ହରମୋହନ ବାରିକ, ନବୀନ ଦେହୁରୀ, ବେଲାରସେନ ଦେହୁରୀ ସର୍ବେଶ୍ୱର କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଧ୍ୟାପକ ବିଶ୍ୱରଂଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀଗଣ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ନୂଆ ସରକାର ଆସିବାର ଦେଢ଼ମାସ ପରେ ବି ଆରମ୍ଭ ହୋଇନି କାମ**

# ତାଳଚେରରେ ୫ ମାସ ଧରି ଉନ୍ନୟନ କାମ ବନ୍ଦ

ତାଳଚେର ସଦର, ୨୫ା୭ (ସମିସ)

ପ୍ରାୟ ୫ବର୍ଷ ଧରି ତାଳଚେରରେ ଉନ୍ନୟନ କାମ ଏକ ପ୍ରକାର ବନ୍ଦ ହୋଇଯାଇଛି। କୌଣସି ନୂଆ ପ୍ରକଳ୍ପ ଆରମ୍ଭ ହେଉନାହିଁ କି ପୁରୁଣା ପ୍ରକଳ୍ପ ଆଗେଇ ପାରୁନାହିଁ। ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀମାନେ ନୂଆ ସରକାର ଏବଂ ନିର୍ବାଚିତ ବିଧାୟକ ଏବଂ ସାଂସଦଙ୍କ ନିଷ୍ପତ୍ତିକୁ ଅନେଇ ରହିଛନ୍ତି। ନିର୍ବାଚିତ ପ୍ରତିନିଧିମାନେ ବଳକା ଅର୍ଥ କେଉଁ ବିଭାଗରେ କେତେ ପଡ଼ିରହିଛି ତା'ର ତାଲିକା ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। ନିର୍ବାଚିତ ହେବାର ଦେଢ଼ମାସ ବିତି ଚାଲିଯାଇଥିଲେ ହେଁ ଏସବୁ ବିଭାଗର ସମୀକ୍ଷା ଏବଂ କାମ ବିଷୟରେ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଅବଗତ ହେଉଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ମଧ୍ୟ ଭାଗରେ ନିର୍ବାଚନ କମିଶନର୍ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ସହ ଆଚରଣ ବିଧି ଲାଗୁ କରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ କରିବାକୁ ଆରମ୍ଭ ହୋଇ ନଥିବା ପ୍ରକଳ୍ପର ତାଲିକା କେସ ରେକର୍ଡ ଫାଇଲ ଗୁଡ଼ିକ ଜବତ କରାଯାଇଥିଲା। ଆଚରଣ ବିଧି ଉଠିବା ପରେ ନୂଆଁ କାମ ଆରମ୍ଭ ପାଇଁ ଲକ୍ଷ୍ୟ ରହିଥିଲା। ମାତ୍ର ସରକାର ବଦଳିବା ପରେ ପ୍ରଶାସନିକ ସମୀକରଣ ବଦଳିବାରେ ଲାଗିଛି। ନୂଆଁ ସରକାର ଏବଂ ନୂଆ ଜନପ୍ରତିନିଧି ଏବେ ପୁରୁଣା କାମ ସମୀକ୍ଷା କରିବା ସହ ନୂଆଁ ପ୍ରକଳ୍ପ ଆରମ୍ଭ କରିବା ପରେ କଟକଣା ଲଗାଯାଇଥିବା କୁହାଯାଉଛି। ନୂଆ ପ୍ରକଳ୍ପର ତାଲିକା ଆସିବା ପରେ କେଉଁ ଦଳୀୟ କର୍ମୀ କେଉଁ କାମ କରିବେ, ତା'ର ପ୍ରସ୍ତୁତି ତାଲିକା ଚାଲୁଥିବାରୁ ନୂଆ କାମ ଆରମ୍ଭ ହେଉପାରୁନାହିଁ। '୫-ଟି' ରୂପାନ୍ତରଣରେ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟର ଅନେକ କାମ ଚାଲିଛି, ଏପରିକି କିଛି ଆରମ୍ଭ ହୋଇପାରିନି। ଜିଲ୍ଲା ଖଣିଜ ପାଣ୍ଠି, ଆମ ଓଡ଼ିଶା ନବୀନ ଓଡ଼ିଶା, ଅର୍ଥ ଆୟୋଗ ଅନୁଦାନରେ ପୁରୁଣା ସରକାରରେ ବିଜେଡି କର୍ମୀ/ଠିକାଦାର ସବୁ ପ୍ରକଳ୍ପ କାମ ଠିକାରେ କରୁଥିବାରୁ ସେମାନେ ମଧ୍ୟ ବିଲ୍ ପାଉ ନଥିବା ଜଣାପଡ଼ିଛି। ନିର୍ବାଚନ କାମରେ ଅଫିସର, କର୍ମଚାରୀ, ବ୍ୟସ୍ତ ରହିବାରୁ ବିଲ୍ କରିପାରୁ ନଥିଲେ। ଏବେ ସରକାର ବଦଳିବା ପରେ ନବନିର୍ବାଚିତ ପ୍ରତିନିଧିମାନେ ବିଲ ପ୍ରଦାନରେ କଟକଣା ଲଗାଇଛନ୍ତି ବୋଲି କୁହାଯାଉଛି। ଚଳିତ ୨୦୨୪ ନିର୍ବାଚନ ରଣାଙ୍ଗନରେ ତାଳଚେରର ବିଜେଡି ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ ୪ର୍ଥ ପାଇଁ ବିଜୟୀ ହୋଇଥିବା ବେଳେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ନୂତନ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସାଂସଦଙ୍କ କର୍ମୀ ଓ ବିଜେଡି କର୍ମୀ ମଧ୍ୟରେ ତୁତୁ ମେଁମେଁ ଯୋଗୁଁ ନୂତନ କାର୍ଯ୍ୟ ସମେତ ପୁରାତନ ପ୍ରକଳ୍ପ ଏକ ପ୍ରକାର ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ତାଳଚେର ଅଞ୍ଚଳରେ ବହୁ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଠାରେ ଆଖି ପିଛୁଳାକେ ଏମସିଏଲ ସିଏସଆର ଅର୍ଥରୁ କିଛି କିଛି ଠିକାକାମ ଚାଲୁ ରହିଥିବା ବେଳେ ରାଜ୍ୟ ସରକାରଙ୍କ ପାଖରୁ ପୂର୍ବରୁ ଆସିଥିବା ବା ବର୍ତ୍ତମାନ ଆସୁଥିବା ଅନୁଦାନରେ ନୂତନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋରଧରିଛି।

# ଗୁଳିମାଡ଼ କରି ଲୁଟ୍ କରୁଥିବା ଡକାୟତ ଗ୍ୟାଙ୍ଗର ୪ ଗିରଫ

ଅନୁଗୋଳ, ୨୫ା୭ (ସମିସ) : ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅନ୍ତର୍ଗତ ବଡ଼କେରା ପେଟ୍ରୋଲ ପମ୍ପ ନିକଟରେ ଆଇଟିସି କମ୍ପାନୀର ଜଣେ ଡିଲରଙ୍କୁ ଗୁଳିମାଡ଼ କରି ଟଙ୍କା ଲୁଟ୍ ଉଦ୍ୟମ ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, କଞ୍ଚରା ଗ୍ରାମର ରଞ୍ଜନ କୁମାର ସାହୁ ଆଇଟିସି କମ୍ପାନୀରେ ଡିଲର ଭାବରେ କାର୍ଯ୍ୟ କରନ୍ତି। ରଞ୍ଜନ ଗତ ଜୁଲାଇ ୨୨ ତାରିଖରେ ବିଭିନ୍ନ ଜାଗାରୁ ପିକଅପ ଗାଡ଼ିରେ ଅର୍ଡର କଲେକ୍ସନ କରି ସଂଧ୍ୟରେ ଘରକୁ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ କାରରେ ତାଙ୍କୁ ପିଛାକରି ବଡ଼କେରା ପେଟ୍ରୋଲ ପମ୍ପ ନିକଟରେ ରଞ୍ଜନଙ୍କୁ ବନ୍ଧୁକ ଦେଖାଇ ପିକଅପ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବା ସହିତ ତାଙ୍କ ଉପରକୁ ଗୁଳି ଚାଳାଇଥିଲ। ଯାହାଫଳରେ ଗୁଳି ରଞ୍ଜନଙ୍କ ଦେହରେ ନ ବାଜୀ ପିକଅପ୍ ଗାଡ଼ିର ପଛରେ ବାଜିଥିଲା। ଏହା ଦେଖି ରଞ୍ଜନ ଗାଡ଼ିକୁ ଦ୍ରୁତଗତିରେ ଚଳାଇ ସେଠାରୁ ପଳାଇ ଆସୁଥିବା ବେଳେ ଏକ ମୋଟର ସାଇକଲରେ ଦୁଇଜଣ ଯୁବକ ଏକ ମାରଣାସ୍ତ୍ର ଦେଖାଇବା ସହିତ ତାଙ୍କ ଗାଡ଼ି ଉପରକୁ ଫୋପାଡ଼ିଥିଲେ। ସେଠାରୁ ସେ ଦ୍ରୁତଗତିରେ ପଳାଇ ଆସି ଜରପଡ଼ା ଥାନରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଜରପଡ଼ା ଥାନା କେସ ନମ୍ବର ୧୭୪/୨୪ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, କିଛି ମାସ ପୂର୍ବରୁ ମଧ୍ୟ ଦୁର୍ବୃତ୍ତମାନେ ରଞ୍ଜନଙ୍କ ଘର ସମ୍ମୁଖରୁ ଲୁଟ୍ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକ ପଳାଇ ଆସିବାରୁ ସେମାନେ ଫେରାର ହୋଇଯାଇଥିଲେ। ଏନେଇ ଜରପଡ଼ା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଲୁଟେରାମାନଙ୍କୁ ଧରିବା ପାଇଁ ଜରପଡ଼ା ଥାନା ଅଧିକାରୀ ନିର୍ମଳା ଗୋଛାୟତଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ ଘଟଣାସ୍ଥଳରୁ ପୁଲିସ ଡକାୟତି ବେଳେ ବ୍ୟବହୃତ ହୋଇଥିବା ଜେନ ଗାଡ଼ିକୁ ଜବତ କରିଥିଲା। ଉକ୍ତ ଗାଡ଼ିକୁ ଦୁର୍ବୃତ୍ତମାନେ ସେଠାରୁ ଛାଡ଼ି ପଳାଇଯାଇଥିବା ବେଳେ ପୁଲିସ ଗାଡ଼ି ନଂ.କୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ହିନ୍ଦୋଳ ଥାନା କେସ ନଂ ୧୯୬/୨୨/୭/୨୪ରେ ଗୁଳିମାରି ହତ୍ୟା କରାଯାଇଥିବା ଘଟଣାରେ ଉକ୍ତ ଡକାୟତ ଦଳ ସମ୍ପୃକ୍ତ ଥିବା ଜାଣିବା ପରେ ପୁଲିସ ହିନ୍ଦୋଳ ଯାଇ ଘଟଣାର ତଦନ୍ତ କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନୁଗୋଳ ସଦର ଥାନା ସାମୁକୋଇ ଗ୍ରାମର ପାର୍ଥସାରଥୀ ପ୍ରଧାନ, ବନ୍ତଳା ଥାନା ମାଧପୁର ଗ୍ରାମର ନିଗମାନନ୍ଦ ଦେହୁରୀ ଓ ସୁନୀଲ କୁମାର ଦେହୁରୀ ଏବଂ ସଦର ଥାନା ଖଲାରୀ ବିଶ୍ୱାଳ ସାହିର ଅବିନାଶ ବିଶ୍ୱାଳଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଯୁବକମାନେ ରଞ୍ଜନଙ୍କ ଠାରୁ ଲୁଟ୍ ଘଟଣା ଓ ହିନ୍ଦୋଳ ଥାନା ଅଞ୍ଚଳରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ସମ୍ପର୍କରେ ପୁଲିସ ଆଗରେ ସ୍ୱୀକାର କରିବା ସହିତ ଆହୁରି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପ୍ରକାଶ କରିଥିଲେ। ଗିରଫ ଯୁବକଙ୍କୁ ପଚରାଉଚରା ପରେ ପୁଲିସ କୋର୍ଟ ଚାଲାଣ କରିଛି। ଏହି ଡକାୟତ ଦଳ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଏକାଧିକ ମାମଲାରେ ଜଡ଼ିତ ଥିବା ପୁଲିସ କହିଛି।

# କିଶୋରନଗର ହାଇସ୍କୁଲରେ କ୍ରୀଡ଼ା ଦିବସ




**କିଶୋରନଗର, ୨୫ା୭ (ସମିସ):** କିଶୋରନଗର ହାଇସ୍କୁଲରେ ଶିକ୍ଷା ସପ୍ତାହ ପାଳନ ଅବସରର ତୃତୀୟ ଦିନ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରତିଭା ବାରିକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଜନ କୁମାର ସାହୁ ଯୋଗଦେଇ ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗରରେ ଉପସ୍ଥିତ ରହି ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରମାନଙ୍କ କବାଡ଼ି ଖେଳ ଉପଭୋଗ କରିଥିଲେ। ଏହାଛଡ଼ା ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ବାଳିକା ବର୍ଗର ଲୁଡୋ, ଚେସ୍ ଓ କ୍ୟାରମ ଖେଳ ଓ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କର ପୁଚିଖେଳ ବୁଲି ଦେଖିଥିଲେ। କ୍ରୀଡ଼ା ଦିବସ ପାଳନ ଦାୟିତ୍ୱରେ ଥିବା ଖେଳଶିକ୍ଷକ ସୁନୀଲ କୁମାର ଦଳେଇ ଓ ମୃତ୍ୟୁଞ୍ଜୟ ଦୀପ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିବା ସ୍ଥଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**● ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଦଳି ଆଇନକୁ ଫୁ'**

# ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଏକାଧିକ କର୍ମଚାରୀ

**ଅନୁଗୋଳ, ୨୫ା୭ (ସମିସ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଦଳି ଆଇନକୁ ଦଳି ମକଚି ଦିଆଯାଉଛି। ଏଠାରେ ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଏକାଧିକ କର୍ମଚାରୀ, ହସ୍ପିଟାଲରେ କାର୍ଯ୍ୟରତ କିଛି କର୍ମଚାରୀ ଦୀର୍ଘ ବର୍ଷ ହେଲାଣି ଗୋଟିଏ ଚୌକିରେ ବସିଛନ୍ତି। ସରକାରଙ୍କ ବଦଳି ଆଇନକୁ ବାଟବଣା କରି ହାକିମ ମଧ୍ୟ ଏଭଳି ବେଆଇନ କାମକୁ ବର୍ଷ ବର୍ଷ ଧରି ପ୍ରଶ୍ରୟ ଦେଇ ଆସୁଛନ୍ତି। ଜୁନ- ଜୁଲାଇ ହେଉଛି ବଦଳି ଋତୁ। ଏହି ସମୟରେ ସବୁ ବିଭାଗରେ ବଦଳି ହେବାର ନିୟମ ରହିଛି। କିନ୍ତୁ ଅନୁଗୋଳ ଜିଲ୍ଲା ମେଡିକାଲରେ ଓଲଟା। ଏଠାରେ କାର୍ଯ୍ୟରତ କିଛି କର୍ମଚାରୀ ବର୍ଷ ବର୍ଷ ହେଲାଣି ସମାନ ପଦବୀରେ ବସିଛନ୍ତି। କୁହାଯାଉଛି ଯେ, ଉପରିସ୍ଥ ଅଧିକାରୀଙ୍କୁ ଖୁସି କରିବା ଭଳି ମାଲ ଦେଇ ଏହି କର୍ମଚାରୀମାନେ ଏଠାରେ ଅଟଳ ରହିଛନ୍ତି। ଗତ ଜୁନ ମାସରେ ଏଏନ୍ଏମଙ୍କ ବଦଳି ହେଲା। କିନ୍ତୁ କିରାଣି ସ୍ତରୀୟ କର୍ମଚାରୀ କୋଳି ଖାଇ ମଞ୍ଜି ପୋତିବା ଭଳି ଯୋଉଠି ଥିଲେ ସେଇଠି ଅଛନ୍ତି। କେବଳ କିରାଣି ନୁହେଁ, ସେକ୍ସନ ଅଫିସର ବି ଦୀର୍ଘ ବର୍ଷ ହେଲାଣି ଏଠାରୁ ହଲୁ ନାହାନ୍ତି। ଫଳରେ ହସ୍ପିଟାଲରେ ଦିନକୁ ଦିନ ଦୁର୍ନୀତି ବଢ଼ି ଚାଲିଥିବା ନେଇ ଅଭିଯୋଗ ହେଉଛି। ଏହି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟେଣ୍ଡର ଠାରୁ ନିଯୁକ୍ତି, ଆସବାବପତ୍ର କିଣା ଠାରୁ ଏରିଅର୍ ଯାଏଁ, ସବୁଠି ପିସି କାରବାର ହୁଏ। ବିନା ନୋଟରେ ଏଠି ଫାଇଲ ବି ଘୁଞ୍ଚେନି। ବର୍ଷ ବର୍ଷ ଧରି ଗୋଟିଏ ଜାଗାରେ ଗାଦି ମାଡ଼ି ବସିଥିବା ଏହି ଅଧିକାରୀ ପିସି କାରବାରକୁ ଅଧିକ ପ୍ରଶ୍ରୟ ଦେଇଥାନ୍ତି। ତେବେ ନୂଆ ବିଧାୟକ ଏହି ଅଚଳ ମହାମେରୁ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ସହ ହସ୍ପିଟାଲରେ ଚାଲିଥିବା ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଛେଣ୍ଡିପଦା ଟ୍ରକ୍ ମାଲିକଙ୍କ ଅର୍ଥନୈତିକ ଅବରୋଧ ଲାଗି ଚେତାବନୀ

ଛେଣ୍ଡିପଦା, ୨୫ା୭ (ସମିସ)



ଛେଣ୍ଡିପଦା ଟ୍ରକ୍ ମାଲିକମାନେ ଦୀର୍ଘ ୬ ମାସ ହେବ ଟ୍ରକ୍ ଗୁଡ଼ିକୁ ବ୍ଲକରେ ଚାଲୁଥିବା ଦୁଇଟି ଖଣିରେ ଲୋଡିଂ ଦେବାକୁ ଦାବି କରି ଆସୁଛନ୍ତି। ଗତ ଫେବୃଆରୀ ମାସ ୧୨ ତାରିଖରେ ଉପ ଜିଲ୍ଲାପାଳଙ୍କ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଖଣି କର୍ତ୍ତୃପକ୍ଷ, ପ୍ରଶାସନ, ଲୋକ ପ୍ରତିନିଧି ଓ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହା ପରଠାରୁ ଟ୍ରକ୍ ମାଲିକମାନେ ଜିଲ୍ଲାପାଳ ଓ ଖଣି କର୍ତ୍ତୃପକ୍ଷଙ୍କୁ ବହୁବାର ସାକ୍ଷାତ କରି ଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେବେ ଆଜି ଶତାଧିକ ଟ୍ରକ୍ ମାଲିକ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳ, ଜିନ୍ଦଲ କୋଇଲା ଖଣି କର୍ତ୍ତୃପକ୍ଷ ଓ ନାଲକୋ ଦାୟିତ୍ୱରେ ଥିବା ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଭେଟି ଛେଣ୍ଡିପଦାବାସୀଙ୍କ ଦାବି ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏଥିସହ କମ୍ପାନୀଗୁଡ଼ିକ ଦିନେ ଦୁଇଦିନ ମଧ୍ୟରେ ଏଥିନେଇ ଟ୍ରକ ମାଲିକମାନଙ୍କ ସହ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଯଦି ଖଣି କର୍ତ୍ତୃପକ୍ଷ ଏ କଥାରେ ବ୍ୟତିକ୍ରମ କରନ୍ତି, ଟ୍ରକ୍ ମାଲିକମାନେ ସପରିବାରେ କୋଇଲା ଖଣି ରାସ୍ତାରେ ଧାରଣାରେ ବସିବା ସହ ଅର୍ଥନୈତିକ ଅବରୋଧ କରିବାକୁ ବାଧହେବେ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଦାବିପତ୍ର ଦେବା ସମୟରେ ଟ୍ରକ୍ ମାଲିକ ସଂଘର ସଦସ୍ୟ କରୁଣାକର ବିଶ୍ୱାଳ, ବନବିହାରୀ ସାହୁ, ଜୟନ୍ତ କୁମାର ସାହୁ, ରୂପାୟନ ସାହୁ, ସନ୍ତୋଷ କୁମାର ବେହେରା, ମନମୋହନ ପ୍ରଧାନ, କାଳିଆ ବେହେରା, ସୌମ୍ୟରଞ୍ଜନ ବେହେରା, ଜିତେନ୍ଦ୍ର ଦେହୁରୀ, ନୃସିଂହ ଚରଣ ଦେହୁରୀ, ସନାତନ ବେହେରା, ଟିକନ ବେହେରା, ସୁନିଲ କୁମାର ସାହୁ, ରଜତ ସାହୁ, ମନୋଜ କୁମାର ସାହୁ, ଯଶୋବନ୍ତ ସାହୁ, ଶୁଭେନ୍ଦୁ ସାହୁ, ଗୌତମ ବେହେରା, କୃଷ୍ଣଚନ୍ଦ୍ର ବେହେରାଙ୍କ ସହ ଶତାଧିକ ଟ୍ରକ ମାଲିକ ଉପସ୍ଥିତ ଥିଲେ।

**■ ମ୍ୟୁଟେସନ କେସରେ ପଟ୍ଟା କରାଇଦେବା ପାଇଁ ଲାଞ୍ଚ କାରବାର ଘଟଣା**

# ଛେଣ୍ଡିପଦା ତହସିଲର ଦୁଇ ପୂର୍ବତନ କିରାଣିଙ୍କୁ ଦୁଇବର୍ଷ ଜେଲ

**ଅନୁଗୋଳ, ୨୫ା୭ (ସମିସ) :** ଛେଣ୍ଡିପଦା ତହସିଲର ଦୁଇଜଣ ପୂର୍ବତନ କିରାଣି ଜଣେ ବ୍ୟକ୍ତିଙ୍କଠାରୁ ମ୍ୟୁଟେସନ କେସରେ ତାଙ୍କ ଜମିବାଡ଼ି ପଟ୍ଟା କରାଇଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିଲେ। ଗୁରୁବାର ଭିଜିଲାନ୍ସ କୋର୍ଟ ଏହି କେସର ଶୁଣାଣି କରି ଉଭୟଙ୍କୁ ଦୁଇବର୍ଷ ଜେଲଦଣ୍ଡ ଶୁଣାଣି କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ଛେଣ୍ଡିପଦା ତହସିଲର ପୂର୍ବତନ କିରାଣି ନିରଞ୍ଜନ ଦେହୁରୀ ଏବଂ ଲମ୍ବୋଦର ବେହେରା ଉଭୟ ଏକ ମ୍ୟୁଟେସନ କେସରେ ଜମି ବାଡ଼ି ପଟ୍ଟା କରାଇଦେବା ପାଇଁ ଛେଣ୍ଡିପଦା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଲାଞ୍ଚ ନେଇଥିଲେ। ଏସମ୍ପର୍କରେ ସେତେବେଳେ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଫଳରେ ସେତେବେଳେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ଦ୍ୱାରା ଶ୍ରୀ ଦେହୁରୀ ଏବଂ ଶ୍ରୀ ବେହେରା ଗିରଫ ହୋଇଥିଲେ। ସେହିଦିନ ଠାରୁ ଭିଜିଲାନ୍ସ କୋର୍ଟରେ ଉଭୟଙ୍କ ନାମରେ ମକଦ୍ଦମା ଚାଲୁରହିଥିଲା। ଗୁରୁବାର ଭିଜିଲାନ୍ସ କୋର୍ଟ ଏହି କେସର ଶୁଣାଣି କରି ଅଭିଯୁକ୍ତ ଦୁଇ କିରାଣିଙ୍କୁ ଦୁଇବର୍ଷ ଲେଖାଏଁ ଜେଲଦଣ୍ଡ ଶୁଣାଣି କରିଥିବା ଜଣାଯାଇଛି।

# ୨୮ରେ ହୀରାକୁଦ ବନ୍ଧରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

ଅନୁଗୋଳ, ୨୫ା୭ (ସମିସ): ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ବର୍ଷା ଯୋଗୁଁ କ୍ରମାଗତ ଭାବରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏତଦ୍ୱାରା ହୀରାକୁଦ ବନ୍ଧ ତଳମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଆସନ୍ତା ୨୮ ତାରିଖ ସମୟ ସକାଳ ୯ଘଣ୍ଟା ସମୟରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ। ଏଥି ଯୋଗୁଁ ମହାନଦୀ ଓ ତା'ର ଶାଖା ନଦୀ ଗୁଡିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ଦର୍ଶାଯାଇଛି।

# ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ କର୍ମଚାରୀଙ୍କ ପରଲୋକ



**ମାର୍ଶାଘାଇ,୨୫।୭(ସମିସ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ କରିଲୋପାଟଣା ଗ୍ରାମପଞ୍ଚାୟତ ଗୋପେଇ (ପଣସୁଆ ପଡ଼ା) ଗ୍ରାମର ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପୂର୍ବତନ କର୍ମଚାରୀ ଗୋଲକ ଚନ୍ଦ୍ର ପାତ୍ର(୮୫)ଙ୍କର କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମର ଶରୀରକୁ କଟକ ବାସ ଭବନରୁ ନିଜ ଜନ୍ମମାଟି ଗୋପେଇକୁ ଅଣାଯାଇ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରଯାଇଥିଲା । ପରିବାରର ଝିଅ, ଜ୍ୱାଇଁ, ପୁଅ ବୋହୁ ନାତି, ନାତୁଣୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଆତ୍ମୀୟସ୍ୱଜନଙ୍କ ସହିତ ଅଭିନେତା ସାନପୁଅ ଦେବକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ନିଜ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ସୂର୍ଯ୍ୟକାନ୍ତ ମହାପାତ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ଅନେକ କର୍ମଚାରୀ ସମେତ ବସନ୍ତ ନାୟକ,ଫକିର ଖୁଣ୍ଟିଆ, ବନମାଳୀ ପାତ୍ର ଓ ଗ୍ରାମର ଯୁବକ ସଂଘର ସଭାପତି, ସମ୍ପାଦକ ଶୋକବ୍ୟକ୍ତ କରିଛନ୍ତି।

● ବେଲାରପୁର-ଓଲଢ଼ି ରାସ୍ତା

# ଧସିଲା ପୋଲର ପଥର ପ୍ୟାକିଂ



ପଞ୍ଚୁପାଣ୍ଡବ, ୨୫।୭ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର-ଓଲଢ଼ି ରାସ୍ତା ମଝିରେ ଥିବା ପାଟନାଳୀ ପୋଲର ସଂଯୋଗୀକରଣ ରାସ୍ତା କଡ଼ରେ ଥିବା ପଥର ପ୍ୟାକିଂ ଧସିଯାଇଛି। ଏହି ପାଟନାଳୀ ଉପରେ ଦୁଇବର୍ଷ ହେବ ଏକ ପୋଲ ନିର୍ମାଣ କରାଯାଇଥିଲା। ପୋଲ ନିର୍ମାଣର କିଛିଦିନ ପରେ ଏହି ପୋଲ ସଂଯୋଗୀକରଣ ରାସ୍ତା ଦବିଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଥିଲା। ହେଲେ ଠିକାଦାର ଜଣକ ଏହି କାମକୁ ରଠ ଭାବେ ମାଟି ପକାଇ ପଥର ପ୍ୟାକିଂ କରି ଚାଲିଯାଇଥିଲେ। ଏବେ ସାମାନ୍ୟ ବର୍ଷାରେ ପୁଣି ପଥର ପ୍ୟାକିଂ ଦବିଯାଇଛି। ଏବେ ଏହି ରାସ୍ତାରେ ଯାତାୟତ କରୁଥିବା ଲୋକେ ଗାଡ଼ିମୋଟର ଚଳାଚଳ କରିବା ପାଇଁ ଭୟଭୀତ ହୋଇପଡ଼ିଛନ୍ତି। ଏହି ରାସ୍ତା ଦେଇ ବେଣିପୁର, ରଘୁଦେଇପୁର, ଛୋଟି ଓ ମଙ୍ଗଳପୁର ପଞ୍ଚାୟତର ଶହଶହ ଲୋକ କେନ୍ଦ୍ରାପଡ଼ାର ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ ଓ କେଲଜକୁ ଯିବାଆସିବା କରନ୍ତି। ଏହି ନିମ୍ନମାନର କାମର ତଦନ୍ତ କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୁଶାନ୍ତ ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି



**ପଟ୍ଟାମୁଣ୍ଡାଇ,୨୫।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଥାନା ଭାବେ ପରିଚିତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ନୂତନ ଆଇଆଇସି ଭାବେ ଇନିସପେକ୍ଟର ସୁଶାନ୍ତ କୁମାର ସାହୁ ବିଦାୟୀ ଆଇଆଇସି ରଞ୍ଜିତ ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇନିସପେକ୍ଟର ଶ୍ରୀ ସାହୁ ମାଓବାଦୀ ଅଧ୍ୟୁଷିତ ନୂଆପଡା ଜିଲ୍ଲା, ପୁରୀ ଜିଲ୍ଲା, ଜଗତସିଂହପୁର ଜିଲ୍ଲାରେ ଦକ୍ଷତାର ସହ କାର୍ଯ୍ୟ କରି ପୁଲିସ ଉଚ୍ଚକର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଯୋଗ ଦେବା ପରେ ତାଙ୍କୁ ଜମ୍ବୁ ମେରାଇନ ଥାନା ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଥିଲା।ଜମ୍ବୁ ମେରାଇନ ଭଳି ବିଭିନ୍ନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥାନାର ଆଇଆଇସି ଭାବେ ଅତ୍ୟନ୍ତ ଦକ୍ଷତାର କାର୍ଯ୍ୟ କରିବା ପରେ କେନ୍ଦ୍ରାପଡ଼ା ଏସ ପି ତାଙ୍କୁ ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଥାନା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଭାବେ ନିଯୁକ୍ତି ଦେଇଛନ୍ତି। ପଟ୍ଟାମୁଣ୍ଡାଇର ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦେବା ସହିତ କଡାକଡ଼ି ଆଇନ ଶୃଙ୍ଖଳା ରକ୍ଷା କରିବା ଉପରେ ପ୍ରାଥମିକତା ଦେବେ ବୋଲି ନୂତନ ଆଇଆଇସି ଶ୍ରୀ ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରକାଶ କରିଛନ୍ତି ।

# ଆଳି-ଭୂଇଁପୁର ରାସ୍ତାରେ ଯିବାକୁ ଡରୁଛନ୍ତି ଲୋକେ

ଆଳି,୨୫।୭(ସମିସ)



ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଆଳି-ଭୂଇଁପୁର- ଗୋବିନ୍ଦପୁର ରାସ୍ତାରେ ଯିବାକୁ ଡରୁଛନ୍ତି ଲୋକେ। ନିହାତି କାମ ପଡିଲେ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯିବାକୁ ବାଧ ହେଉଛନ୍ତି। ଏହି ରାସ୍ତା ଉପରେ ଧୋୟା ଅଞ୍ଚଳର ୧୦ ପଞ୍ଚାୟତର ୬୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ନିର୍ଭର କରୁଥିବା ବେଳେ ଦୈନନ୍ଦିନ ଶହ ଶହ ଲୋକ, ଯାନବାହନ କେନ୍ଦ୍ରାପଡ଼ାରୁ ଯାଜପୁର ଓ ଯାଜପୁରରୁ କେନ୍ଦ୍ରାପଡ଼ାକୁ ଯାତାୟତ କରିଥାନ୍ତି। ଦୁଇଟି ମହାବିଦ୍ୟାଳୟ ଓ ବିଭିନ୍ନ ହାଇସ୍କୁଲକୁ ଶହ ଶହ ଛାତ୍ର ଛାତ୍ରୀ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଧୋୟା ଅଞ୍ଚଳର ସମସ୍ତ ପଞ୍ଚାୟତ ଅଧିବାସୀଙ୍କ ମାନେ ଥାନା, ତହସିଲ, ବ୍ଲକରେ କାମ ପଡିଲେ ଆଳି ସଦର ମହକୁମାକୁ ଏହି ରାସ୍ତା ଦେଇ ଆସନ୍ତି। ଯାହାଫଳରେ ଏହି ରାସ୍ତା ସବୁ ସମୟରେ ଚଳଚଞ୍ଚଳ ରହିଥାଏ। କିନ୍ତୁ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ରାସ୍ତା ମରାମତି କରାଯାଉଥିଲେ ମଧ ଅବସ୍ଥା କିନ୍ତୁ ବଦଳୁ ନାହିଁ। ଚଳିତବର୍ଷ ଏହି ରାସ୍ତା ମରାମତି ହୋଇଥିବାବେଳେ ମାସ କେଇଟାରେ ଏମିତି ଖାଲଖମାରେଭ ଭର୍ତ୍ତି ହୋଇଗଲାଣି ଯେ ଲୋକେ ଡରୁଛନ୍ତି ଯିବାକୁ। ବାଇକ୍‌ରେ ଯାଇ ବହୁ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେଉଥିବାବେଳେ ଚାରିଚକିଆ ଯାନ ଯେଭଳି ଢଳି ଢଳି ଯାଉଛି କେତେବେଳେ ଯେ ଓଲଟି ପଡିବ କହି ହେବନାହିଁ। ବିଭାଗ ଠିକାଦାରଙ୍କୁ କାମ ଦେଲାପରେ କିଭଳି କାମ ହେଉଛି ଯନ୍ତ୍ରୀ ତଦାରଖ କରୁନଥିବାରୁ ଏଭଳି ଅବସ୍ଥା ହେଉଛି। ତୁରନ୍ତ ଉକ୍ତ ରାସ୍ତା ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ମରାମତି କରିବାକୁ ଚଳବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ସତ୍ୟବ୍ରତ ପଣ୍ଡା କହିଛନ୍ତି,ରାସ୍ତାକୁ ଆଉ ମରାମତି ନ କରି ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ କରିବାକୁ ମୋଟ ଆଳି ଭୁଇଁପୁର ଛକ ଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ୨୦ କିଲୋମିଟର ରାସ୍ତା ପାଇଁ ଆକଳନ କରିଦେଇଛୁ। ଅର୍ଥ ମଞ୍ଜୁର ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମରାମତି କଲେ ତାହା ରହୁନାହିଁ। ବିଭାଗ କେବଳ ବଦନାମ ହେଉଛି।

## ଜଳକଷ୍ଟ ଭୋଗୁଛନ୍ତି ଗୋପାଳପୁର ଗ୍ରାମବାସୀ

# ଜିଲ୍ଲାପାଳଙ୍କୁ ଫେରାଦ; କନିଷ୍ଠ ଯନ୍ତ୍ରୀଙ୍କୁ ତାଗିଦ୍

**ରାଜକନିକା,୨୫।୭(ସମିସ):** ଦିନେ ଆଦର୍ଶ ପଞ୍ଚାୟତର ଶିରୋପା ପିନ୍ଧିଥିବା ରାଜକନିକା ବ୍ଲକ ଅନ୍ତର୍ଗତ ନହୁଣୀ ପଞ୍ଚାୟତର ଉପାନ୍ତ ଗାଁ ଗୋପାଳପୁର ଗ୍ରାମ। ତେବେ ଏହି ଗ୍ରାମର ବାସିନ୍ଦା ଦଶନ୍ଧି ଦଶନ୍ଧି ଧରି ପାଣିଟୋପେ ପାଇଁ ତହଳବିକଳ ହେବା ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଦୁଃଖ ଜଣାଇବା ସହ ପିଇବା ପାଣିର ସ୍ଥାୟୀ ବ୍ୟବସ୍ଥା କରିବାକୁ ନେହୁରା ହୋଇଛନ୍ତି। ଜିଲ୍ଲାପାଳ କନିଷ୍ଠ ଯନ୍ତ୍ରୀଙ୍କୁ ଏ ନେଇ ତାଗିଦ କରିବା ସହ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଦୀର୍ଘବର୍ଷ ଧରି ଗୋପାଳପୁରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ମଧ୍ୟରେ ପିଇବା ପାଣି ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ପାଣି ଟୋପେ ପାଇଁ ବିଭିନ୍ନ ଫୋରମ୍‌ରେ ଦାବି ହୋଇଛି। ଗାଁରେ କେବଳ ହାତଗଣତି ନଳକୂପ ମଧ୍ୟରୁ ଅଧେରୁ ଅଧିକ ଖରାପ। କେଉଁଠି ଅଚଳ ହୋଇପଡ଼ିଛି ତ କେଉଁଠି ଲୁଣିପାଣି ବାହାରୁଛି। ୯ ନମ୍ବର ୱାର୍ଡବାସୀ ବେଶୀ ପ୍ରଭାବିତ ହେଉଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ ଏହି ୱାର୍ଡରେ ଥିବା ଏକମାତ୍ର ନଳକୂଅରୁ ଦୀର୍ଘଦିନ ହେବ ଲୁଣିପାଣି ବାହାରୁଛି। ଲୋକେ ବାଧ ହୋଇ ସେହି ପାଣି ବ୍ୟବହାର କରିବା ଦ୍ୱାରା ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏମିତିକି ମହିଳା, ବରିଷ୍ଠ ନାଗରିକ, ସ୍କୁଲ କଲେଜ ପିଲା ମଧ୍ୟ ପାଣି ଟୋପେ ପାଇଁ ଅନ୍ୟତ୍ର ଯାଉଥିବାରୁ କଷ୍ଟ ସହିବାକୁ ପଡୁଛି। ପିଇବା ପାଣିର ଅଭାବ ଏଠାରେ ଦୀର୍ଘବର୍ଷ ଧରି ଲାଗି ରହିଥିଲେ ବି ପଞ୍ଚାୟତ ପ୍ରଶାସନ ହେଉ କି ବ୍ଲକ ପ୍ରଶାସନ ଏଥିରେ କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଚର୍ଚ୍ଚା ହେବା ସହିତ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ବି ଉପାନ୍ତ ଗାଁ ବୋଲି ଅଣଦେଖା କରାଯାଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଏଠାରେ ଆବଶ୍ୟକ ନଳକୂପ ବସାଇବାକୁ ବିନୋଦ ନାୟକ, ଶାନ୍ତିଲତା ରାଉତ, ଶକୁନ୍ତଳା ନାୟକ, ଟୁକୁନା ନାୟକ, ଆକାଶ ନାୟକ, ନିରଞ୍ଜନ ନାୟକ ପ୍ରମୁଖ ୱାର୍ଡବାସୀ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲାପାଳ ଏହି ଅଭିଯୋଗ ପାଇ ବିଭାଗୀୟ ବ୍ଲକ ଅଧିକାରୀଙ୍କୁ ତାଗିଦ୍ କରି ତୁରନ୍ତ ପାଣି ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



## ବାପାମାଆଙ୍କ ମୃତ୍ୟୁ ପରେ ଅନାଥ ଦୁଇପୁଅ

# ଶୁଦ୍ଧିକ୍ରିୟା ପାଇଁ ସୋସିଆଲ ମିଡିଆରେ ନିବେଦନ

**କେନ୍ଦ୍ରାପଡ଼ା,୨୫।୭(ସମିସ):** ବାପାମାଆଙ୍କ ମୃତ୍ୟ ପରେ ଦୁଇ ନାବାଳକ ପୁଅ ଅନାଥ ହୋଇଯାଇଛନ୍ତି। ପ୍ରଥମେ ବାପା ଏବେ ମାଆଙ୍କ ମୃତ୍ୟୁ ହୋଇଛି। ମାଆଙ୍କ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନ ଥିବାରୁ ସୋସିଆଲ ମିଡ଼ିଆରେ ସହାୟତା କରିବାକୁ ନିବେଦନ କରିଛନ୍ତି। ନିଜର ଫୋନ୍ ନ ଥିବାରୁ ପଡୋଶୀଙ୍କ ଫୋନ ଯୋଗେ ମୃତ ବୋଉର ଶୁଦ୍ଧିକ୍ରିୟା ପାଇଁ ଫେସବୁକ ଓ ହ୍ୱାଟସପ ମାଧ୍ୟମରେ ଦୁଇ ନାବାଳକ ଭାଇ ଆର୍ଥିକ ସାହାଯ୍ୟ ମାଗୁଛନ୍ତି। ଏବେ ଏହା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ମୋବାଇଲରୁ ମୋବାଇଲକୁ ଏହି ଦୁଇ ଅନାଥ ଭାଇଙ୍କ ଫଟୋ ଭାଇରାଲ ହେଉଛି। ଫଟୋ ତଳକୁ ଲେଖାଯାଇଛି ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନାହିଁ, ଯଥା ସମ୍ଭବ ସାହାଯ୍ୟ କରନ୍ତୁ। ଏଭଳି ଏକ ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କୁହୁଡ଼ି ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଦେଖିବାକୁ ମିଳିଛି। ନରେନ୍ଦ୍ରପୁର ଗ୍ରାମର ତ୍ରିଲୋଚନ ସେଠୀ ୩ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ। ପତ୍ନୀ ନମିତା ଦୁଇପୁଅ ଆଶିଷ, ଦେବାଶିଷଙ୍କୁ ନେଇ ବହୁ ଦୁଃଖ କଷ୍ଟରେ ପରିବାର ଚଳାଉଥିଲେ। ବଡ଼ପୁଅ ଆଶିଷ ନବମ ଶ୍ରେଣୀରେ ପଢୁଥିବାବେଳେ ସାନପୁଅ ଦେବାଶିଷ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି। ବାପା ଆରପାରିକୁ ଚାଲିଯିବା ପରେ ଦୁଇ ପୁଅଙ୍କୁ କିପରି ଭଲ ମଣିଷ କରିବେ ଓ ବାଟ ଚାଲିବା ଶିଖାଉଥିବା ବୋଉ ନମିତା ଗତ ୧୮ ତାରିଖ ଦିନ ବ୍ରେନ୍ ଷ୍ଟ୍ରୋକରେ ଆରପାରିକୁ ଚାଲିଗଲେ। ଏବେ ନମିତାଙ୍କ ଦୁଇ ଅନାଥ ପୁଅ ବାପାମା' ଛେଉଣ୍ଡ ହୋଇଯାଇଛନ୍ତି। ବୋଉର ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ସରପଞ୍ଚ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଯାହାକି ଶବ ସତ୍କାରରେ ଶେଷ ହୋଇଯାଇଥିଲା। ସ୍ୱାସ୍ଥ୍ୟକର୍ମୀ ମଧ୍ୟ ମୃତ ନମିତାଙ୍କ ଘରେ ପହଞ୍ଚି ତଥ୍ୟ ସଂଗ୍ରହ କରିଛନ୍ତି। ଏବେ ବୋଉର ଶୁଦ୍ଧିକ୍ରିୟା କରିବା ପାଇଁ ଦୁଇ ଭାଇଙ୍କ ନିକଟରେ ଟଙ୍କାଟିଏ ନାହିଁ। ଶୁଦ୍ଧିକ୍ରିୟା କିପରି କରିବେ ଦୁଇପୁଅ ଚିନ୍ତାରେ ପଡ଼ିଛନ୍ତି। ଆଶିଷ ଓ ଦେବାଶିଷଙ୍କ ନିକଟରେ ଫୋନ୍ ନ ଥିବାବେଳେ ପଡୋଶୀ ବଡ଼ବାପାଙ୍କୁ କହି ତାଙ୍କ ଫୋନରେ ଫେସବୁକ ଓ ବିଭିନ୍ନ ହ୍ୱାଟସପ ଗ୍ରୁପରେ ଫଟୋ ଉଠାଇ ବୋଉର ଶୁଦ୍ଧିକ୍ରିୟା ପାଇଁ ସାହାଯ୍ୟ ମାଗିଛନ୍ତି। ଫେସବୁକ ଓ ହ୍ୱାଟସପରୁ ଦେଖି କିଛି ଲୋକେ ଦୁଇ ଅନାଥ ଭାଇଙ୍କ ନିକଟରେ ପହଁଞ୍ଚି ସହାୟତା କରିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ଯେତିକି ସହାୟତା ମିଳୁଛି, ତାହା ଯଥେଷ୍ଟ ନୁହେଁ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ଦୁଇ ଅନାଥ ଶିଶୁଙ୍କ ବୋଉର ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରଦାନ କରିବାକୁ ଦାବି ହୋଇଛି। ଏହାଛଡ଼ା ଦୁଇ ଅନାଥ ଶିଶୁ କିପରି ଆଗାମୀ ଦିନରେ ପଢିବେ, ସେଥିପୋଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଯେଉଁ ଆଶାନେଇ ଆଶିଷ ଫେସବୁକ ଓ ହ୍ୱାଟସପ ଗ୍ରୁପରେ ସାହାଯ୍ୟ ମାଗିଛନ୍ତି, ତାହା କେତେଦୂର ପୂରଣ ହେଉଛି ତାହା ସମୟ କହିବ।



## କାରଗିଲ ଯୁଦ୍ଧର ବିଜୟ ଦିବସ ସ୍ମୃତିରେ...

# ଅମର ସହିଦ ସଚ୍ଚିଦାନନ୍ଦ



**ରାଜକନିକା,୨୫।୭(ସମିସ):** ୧୯୯୯ର ଜମ୍ମୁ-କଶ୍ମୀରର କାରଗିଲଠାରେ ସଂଘଟିତ ଭାରତ-ପାକ୍ ଯୁଦ୍ଧରେ ବିଜୟ ସ୍ମୃତିକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି।ସୀମା ସୁରକ୍ଷାରେ ମୁତୟନ ଥାଇ ଯୁଦ୍ଧକୁ ସାମ୍ନା କରି ଶତ୍ରୁ ଗୁଳିରେ ସହିଦ ହୋଇଥିବା କନିକାର ବୀର ଯବାନ ସଚ୍ଚିଦାନନ୍ଦ ମଲ୍ଲିକଙ୍କ ଆତ୍ମ ବଳିଦାନ ସାରା ଦେଶ ପାଇଁ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଆଣିଦେଇଛି। କାରଗିଲ ସେକ୍ଟରକୁ ପଶି ଆସିଥିବା ପାକ୍ ସେନାକୁ ହଟାଇବା ପାଇଁ ହୋଇଥିବା ଯୁଦ୍ଧରେ ଭାରତୀୟ ସେନାର ନାଏକ ସଚ୍ଚିଦାନନ୍ଦ ମଲ୍ଲିକ କାରଗିଲର ଦ୍ରାସ (ବାଟଲିକ) ସେକ୍ଟରର ମସ୍କୋ ଭ୍ୟାଲିଠାରେ ଶତ୍ରୁପକ୍ଷକୁ ଗୁଳିକରି ୭ ଜଣ ପାକିସ୍ତାନୀ ସେନାକୁ ନିହତ କରିବା ବେଳେ ଅପରପକ୍ଷର ଗୁଳିମାଡରେ ଜୁନ ୨୮ ତାରିଖରେ ସହିଦ ହୋଇଥିଲେ।

ଦେଶ ମାତୃକାର ସେବାରେ ଜୀବନକୁ ବାଜି ଲଗାଇ ୫୨୭ ଜଣ ଯବାନ କାରଗିଲ ଯୁଦ୍ଧରେ ସହିଦ ହୋଇଥିବାବେଳେ ୧୩୬୩ ଜଣ ଗୁରୁତର ଆହତ ହୋଇଥିଲେ। ଭାରତୀୟ ପଦାତିକ ବାହିନୀର ନାଏକ ପାହ୍ୟାର ଏହି ସହିଦ ଜଣକ ଶତ୍ରୁ ପକ୍ଷର ଗୁଳିର ଜବାବକୁ ଗୁଳିରେ ଦେଇ ଶତ୍ରୁପକ୍ଷ ନିକଟରେ ଆତ୍ମସମର୍ପଣ ନ କରି ମୃତ୍ୟୁକୁ ତୁଚ୍ଛମଣି ଦେଶପ୍ରେମୀ ପାଲଟିବା ବାସ୍ତବିକ କନିକା ପାଇଁ ଗୌରବ ଆଣିଦେଇଛି। ମାତ୍ର ୩୦ ବର୍ଷ ବୟସରେ ନିଜର ପତ୍ନୀ ଓ ଏକମାତ୍ର ପୁଅକୁ ପରକରି ସବୁଦିନ ପାଇଁ ବିଦାୟ ନେଇଥିବା ସହିଦ ସଚ୍ଚିଦାନନ୍ଦଙ୍କ ମରଶରୀରର ନିଜ ଜନ୍ମ ମାଟି କଣ୍ଡିଆକୁ ଅଣାଯିବା ପରେ ଶବାଧାରର ପରିକ୍ରମା ମଧ ଦେଶପ୍ରେମର ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲା। ରାଜକନିକା ଥାନାନ୍ତର୍ଗତ କଣ୍ଡିଆ ଗାଁର ବାପା ଉପେନ୍ଦ୍ର ମଲିକ ଓ ମାଆ ମାଳତୀଲତାଙ୍କ କୋଳଶୂନ୍ୟ କରି ନିଜର ବିଧବାପତ୍ନୀ ନିବେଦିତା,୩ ବର୍ଷ ବୟସର ପୁଅ ସୌମ୍ୟରଂଜନ(ସୋନୁ) ସବୁଦିନ ପାଇଁ ଛେଉଣ୍ଡ କରି ସହିଦ ସଚ୍ଚିଦାନନ୍ଦ ଦେଶପାଇଁ ଆଦର୍ଶ ପାଲଟି ଯାଇଛନ୍ତି। ଉପେନ୍ଦ୍ର ଓ ମାଳତୀଲତାଙ୍କ ୩ ପୁଅ ମଧ୍ୟରେ ସାନପୁଅ ସଚ୍ଚିଦାନନ୍ଦ ଯୁଦ୍ଧରେ ଶହୀଦର ଖବର ପରିବାର ପାଇଁ ବ୍ୟକ୍ତିଗତ କ୍ଷତି ଆଣିଥିଲେ ମଧ ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଭାରତୀୟ ସେନା ଅନୁପ୍ରବେଶକାରୀ ପାକିସ୍ତାନୀ ସେନାକୁ ଯୁଦ୍ଧରେ ପରାସ୍ତ କରି ବିଜୟ ହାସଲ କରିବା ପରେ କାରଗିଲର ଏହି ଯୁଦ୍ଧ ଭାରତୀୟଙ୍କ ପାଇଁ ଗୌରବ ଆଣିଦେଇଛି। ରାଜକନିକା ଥାନାନ୍ତର୍ଗତ କଣ୍ଡିଆ ଗାଁର ଶହୀଦ ସଚ୍ଚିଦାନନ୍ଦଙ୍କ ଆତ୍ମ ବଳିଦାନ ପରେ ସରକାରଙ୍କ ପକ୍ଷରୁ ସହିଦମାନଙ୍କୁ ଯଥୋଚିତ ସମ୍ମାନ,ସୁରକ୍ଷା ଓ ଥଇଥାନ ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇଛି। ଗତ ୨୦୧୫ ନଭେମ୍ବର ୧୫ ତାରିଖରେ ବାପା ଉପେନ୍ଦ୍ରଙ୍କ ପରଲୋକ ହୋଇଥିବା ବେଳେ ୨୦୧୮ ମସିହା ଜାନୁଆରୀ ୨୦ ତାରିଖରେ ମାଆ ମାଳତୀଲତାଙ୍କ ପରଲୋକ ହୋଇଯାଇଛି। ସହିଦଙ୍କ ବିଧବା ପତ୍ନୀ ନିବେଦିତା ଭୁବନେଶ୍ୱରଠାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏକ ଗ୍ୟାସ ଏଜେନ୍ସିକୁ ଚଳାଇବା ସହ ଏକମାତ୍ର ପୁଅ ସୋନୁ ବି-ଟେକ୍ ପାସ କରି ଭାରତୀୟ ସେନାରେ ନିଯୁକ୍ତ ରହି ଦେଶର ସେବା କରିବାକୁ ଇଚ୍ଛାପ୍ରକାଶ କରୁଥିବା କହିଛନ୍ତି। ସୋନୁ ବର୍ତ୍ତମାନ ବାପାଙ୍କଭଳି ସେନାରେ ନିଯୁକ୍ତ ହେବାକୁ ପସନ୍ଦ କରିବା ସଚ୍ଚିଦାନନ୍ଦଙ୍କ ପିତୃତ୍ୱକୁ ସାବାସୀ ଦେଇଛି। ତେବେ ପରିବାର ପକ୍ଷରୁ ସହିଦଙ୍କ ଆତ୍ମବଳିଦାନ ତିଥି ସ୍ନାନପୂର୍ଣ୍ଣିମାରେ ଶ୍ରାଦ୍ଧ ପାଳନ କରାଯାଉଥିବାବେଳେ ନିବେଦିତା ସେଦିନ ସ୍ୱାମୀଙ୍କ ସ୍ମୃତିରେ ଦୁଃଖୀରଙ୍କୀଙ୍କ ସେବା କରି ଆସୁଛନ୍ତି। ସ୍ଥାନୀୟ କଣ୍ଡିଆ ଫାଣ୍ଡି ନିକଟରେ ୨୦୦୧ ମସିହା ଜୁନ ୨୮ ତାରିଖ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ତତ୍କାଳୀନ ସାଂସଦ ଓ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସ୍ମୃତିସ୍ତମ୍ଭ ନିର୍ମାଣପାଇଁ ଫଳକ ଲଗାଯାଇଥିଲେ ମଧ୍ୟ ଜିଲ୍ଲା କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କିଛି ବି ଉଦ୍ୟମ ନ ହେବା ସାଧାରଣରେ କ୍ଷୋଭ ସୃଷ୍ଟି କରିଛି।। ସହିଦଙ୍କ ସ୍ମୃତିରେ ଯଦିଓ ପ୍ରତିବର୍ଷ ବିଦ୍ୟାଳୟର ଛାତ୍ରଛାତ୍ରୀ,ଶିକ୍ଷକ ସ୍ୱତଃପ୍ରବୃତ୍ତଭାବେ ସ୍ମୃତିଫଳକ ନିକଟରେ ସମବେତ ହୋଇ ସ୍ମୃତିଚାରଣ କରୁଛନ୍ତି।ତେବେ ବିଧିବଦ୍ଧ ବ୍ୟବସ୍ଥାନୁସାରେ ସହିଦଙ୍କ ଆତ୍ମବଳିଦାନ ପାଇଁ ପ୍ରଶାସନିକ ଉଦ୍ୟମ କରାଗଲେ ସହିଦଙ୍କ ଆତ୍ମବଳିଦାନ ଅଧିକ ପ୍ରେରଣାଦାୟୀ ହୋଇପାରିବ ବୋଲି ସାଧାରଣରେ ଦାବି କରାଯାଇଛି। ତେବେ ଗତ ୨୦୧୭ ମସିହାର ଆଜିର ଦିନରେ ମୁଖ୍ୟମନ୍ତ୍ରୀ ସହିଦଙ୍କ ପତ୍ନୀଙ୍କୁ ସଚିବାଳୟ ଡକାଇ ସମ୍ବର୍ଦ୍ଧିତ କରିବା ସମୟରେ ନିବେଦିତା ମୁଖ୍ୟମନ୍ତ୍ରୀଙ୍କୁ ସହିଦ ସଚ୍ଚିଦାନନ୍ଦ ଯେହେତୁ ସିଧାସଳଖ ଯୁଦ୍ଧର ଲଢେଇରେ ନିୟୋଜିତ ରହି ବାମଛାତିରେ ଗୁଳିମାଡରେ ସହିଦ ହୋଇଥିଲେ ତାଙ୍କୁ ସୂର୍ଯ୍ୟଚକ୍ର ପଦକ ପ୍ରଦାନ,କାରଗିଲର ସେହି ସ୍ମୃତିସ୍ଥଳକୁ ଯାଇ ସହିଦଙ୍କୁ ସମ୍ମାନ ପ୍ରଦାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସରକାର ଯୋଗାଇ ଦେଇଥିବା ଗ୍ୟାସ ଏଜେନ୍ସି ଚାଲିବା ପାଇଁ ଭଡାରେ ଜମି ଯୋଗାଇ ଦେଇ ପ୍ରତିମାସ ୨୮ ହଜାର ଟଙ୍କାର ଭଡା ନେଉଥିବାରୁ ସେହି ଜମିକୁ ନିଜ ନାଁରେ କରାଇବାକୁ ଦାବି କରିଥିଲେ ୧୨ ବର୍ଷ ମଧ୍ୟରେ ଏ ବାବଦରେ କିଛି ବି ପଦକ୍ଷେପ ନେଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ପୁନଶ୍ଚ ଗ୍ୟାସ ଏଜେନ୍ସିର ଜମି ଦେଇ ବର୍ତ୍ତମାନ ବିଡିଏ ଏକ ରାସ୍ତା ନିର୍ମାଣ ପାଇଁ ଜିଦ ଧରିଥିବାରୁ ସହିଦଙ୍କ ପରିବାରକୁ ଏ କି ପ୍ରକାର ସାହାଯ୍ୟ ବୋଲି ସେ ପ୍ରଶ୍ନ କରିଛନ୍ତି। ନିବେଦିତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଭାରତୀୟ ସେନା ପକ୍ଷରୁ ୨୦୧୮ ମସିହାର ଆଜିର ଦିନରେ ସେନାର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ନିବେଦିତା ନିଜ ପୁଅ ସହ କାରଗିଲର ସ୍ମୃତିସ୍ଥଳକୁ ଯାଇ ସହିଦଙ୍କୁ ସମ୍ମାନ ଦେଇ ଆତ୍ମସନ୍ତୋଷ ପାଇଥିବା କହିଛନ୍ତି। ପୁଅ ସୋନୁ ଏବେ ବି ଟେକ୍ ପାସ କରିଥିବାରୁ ତାଙ୍କୁ ସେନାର ଉପଯୁକ୍ତ ପଦରେ ଥଇଥାନ କରି ସଚ୍ଚିଦାନନ୍ଦଙ୍କ ସ୍ମୃତିକୁ ଉଦଜୀବିତ କରିବାକୁ ନିବେଦିତା ଇଚ୍ଛା କରିଛନ୍ତି। ନିବେଦିତା ସଚ୍ଚିଦାନନ୍ଦଙ୍କ ନାମରେ କନିକାର ଏକ ରାସ୍ତାକୁ ନାମକରଣ କରିବା ସହ ପ୍ରସ୍ତାବିତ ପ୍ରତିମୂର୍ତ୍ତି ସ୍ଥାପନକୁ ଗୁରୁତ୍ୱ ଦେଇଛନ୍ତି।





## ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

# ଦୁଇଟି ସାହିର ଲୋକେ ହନ୍ତସନ୍ତ

**ଡେରାବିଶ, ୨୫।୭ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ୫ ନଂ ୱାଡର୍ ବାରିକ ସାହି ଓ ବଣିଆ ସାହିର ମୁଖ୍ୟ ରାସ୍ତାରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି। ଏହି ଦୁଇଟି ସାହିରେ ପ୍ରାୟ ୪୦ଟି ପରିବାରର ୧୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ବର୍ଷାଦିନ ଆସିଲେ ଏହି ଦୁଇସାହି ଲୋକଙ୍କ ନିମନ୍ତେ ରାସ୍ତା ପୋଷାକ ଭିଜୁଥିବା ବେଳେ ବାରମ୍ବାର ପାଣିରେ ପଶି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଏପରିକି ବର୍ଷାଦିନେ ପାଣି ଜମିରହିବା ଦ୍ୱାରା ପଚି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହି ସ୍ଥାନରେ ରାସ୍ତାକୁ ଉଚ୍ଚ କରାଯାଇ ପାଣି ଡ୍ରେନ କରାଯିବା ବ୍ୟବସ୍ଥା କରାଗଲେ ଏ ସମସ୍ୟାର ସମାଧାନ ହୋଇପାରନ୍ତା



ଯମ ଯନ୍ତ୍ରଣା ପାଲଟୁଛି। ଗ୍ରାମର ପ୍ରବେଶ ଦ୍ୱାରରେ ସମାନ୍ୟ ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହୁଥିବା ବେଳେ ଗ୍ରାମର ଛୋଟ ଛୋଟ ପିଲାମାନେ ସ୍ଥାନୀୟ ସ୍କୁଲକୁ ପାଠପଢ଼ିବାକୁ ଯିବାକୁ ହେଲେ ପାଣିରେ ପଶି ସେମାନଙ୍କ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀମାନେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଫଳ ଶୂନ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଗ୍ରାମବାସୀମାନେ ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

## ଉତ୍ତରାଧିକାରର ଲାଭ

ଗୋଟେ ନୂଆ ସରକାର ପାଇଁ ସବୁଠୁ ବଡ଼ କଥା ହେଲା ପୂର୍ବବର୍ତ୍ତୀ ସରକାରଠାରୁ ଉତ୍ତରାଧିକାର ସୂତ୍ରରେ ଏକ ସୁସ୍ଥ ଓ ଦୃଢ଼ ଆର୍ଥିକ ଭିତ୍ତିଭୂମି ପାଇବା। ସେ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ମୋହନ ସରକାର ଅତ୍ୟନ୍ତ ଭାଗ୍ୟବାନ। କାରଣ ସେ ଯେଉଁ ରାଜ୍ୟର ଶାସନ ଦାୟିତ୍ୱ ପାଇଛନ୍ତି, ତାହା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଦୀର୍ଘ ୨୪ ବର୍ଷର ସ୍ଥିର ସରକାରର ଈର୍ଷଣୀୟ ସଫଳତାର ଉପଲବ୍ଧି। ଅନ୍ୟ ଅର୍ଥରେ କହିଲେ ରାଜ୍ୟରେ ଏବେ ଚାଲିଥିବା ଡବଲ୍ ଇଞ୍ଜିନ୍ ସରକାରରେ ନବୀନ ସରକାରଙ୍କ ଇନ୍ଧନ ଭରପୂର ରହିଛି। ମୋହନ ସରକାର କେବଳ ଦିଗ ଓ ବେଗ ନିର୍ଣ୍ଣୟ କରିବା ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବାକୁ ପଡ଼ିବ।

ରାଜ୍ୟ ଏବେ ପୂର୍ଣ୍ଣ ରାଜକୋଷରେ ସମୃଦ୍ଧ। ଗତ କିଛିକାଳ ଧରି ଓଡ଼ିଶାରେ ଜାରି ରହିଥିବା ନିରନ୍ତର ବିକାଶ ପ୍ରକ୍ରିୟା ଓ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଯୋଗୁଁ ଆଜି ରାଜ୍ୟର ଅଭିବୃଦ୍ଧି ହାର ଉର୍ଦ୍ଧ୍ୱମୁଖୀ ହୋଇଛି। ଏହା ନିଜେ ନୂଆକରି କ୍ଷମତାକୁ ଆସିଥିବା ବିଜେପି ସରକାର ତାଙ୍କ ପ୍ରାକ୍ ବଜେଟ୍ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪ରେ ସ୍ୱୀକାର କରିଛନ୍ତି। ଏହି ରିପୋର୍ଟର ଆକଳନ ଅନୁସାରେ ଓଡ଼ିଶାର ଅଭିବୃଦ୍ଧିହାର ୮.୫% ହେବ। ରାଜ୍ୟର ବିତ୍ତୀୟ ଶୃଙ୍ଖଳା ଓ ସାମଗ୍ରିକ ଆର୍ଥିକ ସ୍ଥିତି ବେଶ୍ ସନ୍ତୋଷଜନକ ଥିବା କଥା ମଧ୍ୟ ସର୍ଭେ ରିପୋର୍ଟ କହୁଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ ପୂର୍ବର ଭଲ ଆର୍ଥିକ ନୀତି ଓ କାର୍ଯ୍ୟକ୍ରମ ଯୋଗୁଁ ଓଡ଼ିଶାରେ ଦାରିଦ୍ର୍ୟ ହାର ହ୍ରାସ ପାଇବା ସହିତ ଖାଦ୍ୟ ଶସ୍ୟ ଉତ୍ପାଦନ ବଢ଼ିଛି।

ରିପୋର୍ଟରେ ଅର୍ଥନୈତିକ କ୍ଷେତ୍ରର ଯେଉଁ ସବୁ ଉପଲବ୍ଧି ବା ସଫଳତା ଉଲ୍ଲେଖ କରାଯାଇଛି, ତାହାର ଶ୍ରେୟ ସ୍ପଷ୍ଟ ଭାବେ ବିଜେଡି ସରକାରର। ରାଜ୍ୟର ଲୋକଙ୍କ ସାଧାରଣ ପରମାୟୁ ବୃଦ୍ଧିଠାରୁ ଆରମ୍ଭ କରି ରେକର୍ଡ ଖାଦ୍ୟ ଶସ୍ୟ ଉତ୍ପାଦନ (୧୪୧ ଲକ୍ଷ ଟନ୍‌ରୁ ଅଧିକ), ଚାରି ବର୍ଷରେ ଶ୍ରମଶକ୍ତିରେ ଅଂଶଗ୍ରହଣ ହାର ୨୦ ଶତାଂଶରୁ ଅଧିକ ହେବା, ମାତୃ ମୃତ୍ୟୁ ହାର ହ୍ରାସ, ସାକ୍ଷରତା ହାର ବୃଦ୍ଧି, ଶିଳ୍ପାୟନରେ ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ବଢ଼ିବା, ମହିଳା ସଶକ୍ତୀକରଣ ଓ କୃଷି ଋଣ ଆବଣ୍ଟନରେ ଉଲ୍ଲେଖନୀୟ ଅଭିବୃଦ୍ଧିର ଉଲ୍ଲେଖନୀୟ ସଫଳତା ପ୍ରମାଣିତ କରୁଛି ଯେ ଗୋଟିଏ ସରକାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଦୂରଦୃଷ୍ଟି ଘେନି ରାଜ୍ୟର ସମାବେଶୀ ବିକାଶ ପାଇଁ ନିଷ୍ଠାପର ଭାବେ କାମ କଲେ ସଫଳତା ଅବଶ୍ୟ ମିଳିବ।

ଦୁଇ ଦଶନ୍ଧି ତଳେ ଭାରତର ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ ଓଡ଼ିଶାର ବିକାଶମାତ୍ରା ଯେ ଅଭୂତପୂର୍ବ ଓ ଉଦାହରଣୀୟ ଏକଥା ନୂଆ ସରକାରର ଅର୍ଥନୈତିକ ସର୍ଭେ ରିପୋର୍ଟ ସାବ୍ୟସ୍ତ କରିଦେଇଛି। ରାଜ୍ୟର ବିଜେପି ସରକାର ଏହି ସଫଳତାକୁ ସୌଭାଗ୍ୟକ୍ରମେ ପାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବ ବିଜେଡି ସରକାରର ସବୁଜ ବିକାଶ ସଂକ୍ରାନ୍ତ ଅର୍ଥନୈତିକ ସର୍ଭେ ରିପୋର୍ଟର ସଫଳତା ଏବେ ଗୈରିକ ମଲାଟରେ ପ୍ରକାଶ ପାଇଛି ବୋଲି ଯାହା କୁହାଯାଉଛି ତାହା ବାସ୍ତବ ସତ୍ୟ। ଏଥିରେ ଏବେକାର ସରକାରଙ୍କର କୌଣସି ଅବଦାନ ନାହିଁ କି ଆତ୍ମପ୍ରଶଂସାର ପ୍ରଶ୍ନ ଉଠୁନାହିଁ। ଆହୁରି ମଧ୍ୟ ଉତ୍ତରାଧିକାର ସୂତ୍ରରେ ବିଜେପିକୁ ଏ ଯେଉଁ ସଫଳତା ମିଳିଛି, ତାହା ମୋହନ ସରକାରଙ୍କୁ ନୂଆ ବଜେଟରେ ହାତଖୋଲା ଖର୍ଚ୍ଚ କରିବାକୁ ଅପୂର୍ବ ସୁଯୋଗ ଦେବ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ କୃଷି, ଶିଳ୍ପ ଉତ୍ପାଦନ, ଭିତ୍ତିଭୂମି, ନିଯୁକ୍ତି, ଅର୍ଥ ଯୋଗାଣ, ଦରଦାମ, ରପ୍ତାନି, ଆମଦାନି, ଆର୍ଥିକ ସ୍ଥିତି, ଋଣ ଓ ନଗଦ ଆଦିର ସ୍ଥିତି ଓ ଧାରା ସ୍ଥାନ ପାଇଥାଏ। ଏଥିରେ ଅର୍ଥନୀତିର ଦୁର୍ବଳ ଓ ଅଗ୍ରାଧିକାର କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଏ। ତାହାରି ଆଧାରରେ ସରକାରଙ୍କୁ ପରବର୍ତ୍ତୀ ବଜେଟ୍ ପ୍ରସ୍ତୁତ କରିବା ସହ ଆବଶ୍ୟକ ସ୍ଥଳେ ବିହିତ ପ୍ରତିକାର ନିମନ୍ତେ ସୁଯୋଗ ମିଳେ। ଓଡ଼ିଶା ସରକାରଙ୍କ ଚଳିତ ବର୍ଷ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି ଯେ ରାଜ୍ୟର ଅର୍ଥନୀତି ଓ ଅଭିବୃଦ୍ଧି ମୋଟାମୋଟି ଭାବେ ଯେଉଁ ସ୍ଥିତିରେ ଅଛି, ସେଥିରେ ନୂଆ ସରକାର ଏକ ଭଲ, ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ସୁଯୋଗ ପାଇବେ। ଆହୁରି ମଧ୍ୟ ପୂର୍ବ ସରକାରଙ୍କ ଲୋକାଭିମୁଖୀ ଓ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ବଜାୟ ରଖିବାକୁ ସରକାର ଏକପ୍ରକାର ବାଧ୍ୟ ହୋଇପାରନ୍ତି। ଏହାର କାରଣ ହେଲା ଶାସନ ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ଲୋକକଲ୍ୟାଣ ଓ ରାଜ୍ୟର ବିକାଶ ସର୍ବଦା ଅଗ୍ରାଧିକାର ପାଇଥାଏ। ଆଦର୍ଶଗତ ବିଚାରରୁ କିଛି ପ୍ରଚଳିତ ଯୋଜନାର ରୂପରେଖ ନୂଆ ସରକାର ଏପଟ ସେପଟ କରିପାରନ୍ତି; କିମ୍ବା ନିଜର କିଛି ନୂଆ ଯୋଜନା କାର୍ଯ୍ୟକାରୀ କରିପାରନ୍ତି। ତେବେ ଯେଉଁ ସବୁ ଯୋଜନା ଲୋକପ୍ରିୟ, ଅଭିବୃଦ୍ଧିମୂଳକ ଓ ଜନକଲ୍ୟାଣକାରୀ ତାହାକୁ ବଦଳାଇବା ସମ୍ଭବ ନୁହେଁ।

ଆମର ବିଶ୍ୱାସ ବିଜେପି ସରକାର ତାହାର ପ୍ରଥମ ବଜେଟ୍‌ରେ ନବୀନ ସରକାରର ପ୍ରାୟ ସବୁ ଯୋଜନାକୁ ତାହାର ଲୋକପ୍ରିୟତା ଓ ଯଥାର୍ଥତା ପାଇଁ ଚାଲୁ ରଖିବାକୁ ବାଧ୍ୟ ହେବେ। ଏଥିସହିତ ଆବଶ୍ୟକ ପଡ଼ିଲେ ନିଜର ନିର୍ବାଚନ ପ୍ରତିଶ୍ରୁତି ପାଳନ ପାଇଁ ଆଉ କିଛି ନୂଆ ଯୋଜନା କାର୍ଯ୍ୟକାରୀ କରିପାରନ୍ତି। ଏହା ମୋହନ ସରକାରଙ୍କ ପାଇଁ ଉତ୍ତରାଧିକାରର ଲାଭ। ମୋହନ ସରକାର ପାଇଁ ଆଉ ଏକ ସୁବିଧା ହେଲା ଏବେ କେନ୍ଦ୍ରରେ ମଧ୍ୟ ବିଜେପି ସରକାର ଅଛି। ଅର୍ଥାତ୍ ଡବଲ୍ ଇଞ୍ଜିନ୍‌ର ବେଗ ଅଧିକ ହେବା ସ୍ୱାଭାବିକ। ଏଥିରେ କୌଣସି ଆଳ ଗ୍ରହଣୀୟ ହେବ ନାହିଁ। ଓଡ଼ିଶା ଆଜି ଯେଉଁ ଅର୍ଥନୈତିକ-ସାମାଜିକ ବିକାଶର ଭିତ୍ତିଭୂମି ଉପରେ ଠିଆ ହୋଇଛି ତାହା ଯେକୌଣସି ଲକ୍ଷ୍ୟ ହାସଲର ଲମ୍ଫ ପ୍ରଦାନ ପାଇଁ ସଦା ପ୍ରସ୍ତୁତ। କେବଳ ରେକର୍ଡ ସୃଷ୍ଟିକାରୀ ଲମ୍ଫ ପ୍ରଦାନ ପାଇଁ ସଙ୍କେତ ବା ହ୍ୱିସିଲ୍ ଯଥେଷ୍ଟ ହେବ। ଏହି ହ୍ୱିସିଲ୍ ବାଜିବାରେ ବିଳମ୍ବ ଘଟିଲେ ବିଗତ ୨୪ ବର୍ଷର ଉପଲବ୍ଧି ଓ ଅଭିଜ୍ଞତା ପଛରେ ପଡ଼ିଯିବ। ତେଣୁ ସମୟୋପଯୋଗୀ ନିର୍ଣ୍ଣାୟକ ସଙ୍କେତ ଦେବା ସହିତ ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ମୋହନ ସରକାର ସଦାପ୍ରସ୍ତୁତ ରହିବା ଆବଶ୍ୟକ।

## ଭାରତୀୟ ନ୍ୟାୟ ସଂହିତାରେ ଶିଶୁ ସୁରକ୍ଷା



ଡ. ସମୀର କୁମାର ନନ୍ଦ
ଦେବଗଡ଼, ମୋ: ୯୪୩୭୨୧୮୯୧୭

ଜୁଲାଇ ପହିଲାରୁ ଆମ ଦେଶରେ ଇତିହାସ ପାଲଟି ଗଲା ବ୍ରିଟିଶ୍ ଅମଳରେ ପ୍ରଣୀତ ୧୮୬୦ ମସିହାର ଭାରତୀୟ ଦଣ୍ଡ ବିଧି, ୧୮୮୯ ମସିହାର ଫୌଜଦାରୀ କାର୍ଯ୍ୟ ବିଧି ଓ ୧୮୭୨ ମସିହାର ଭାରତୀୟ ସାକ୍ଷ୍ୟ ଆଇନ। ସ୍ୱାଧୀନ ହେବା ପରେ ମଧ୍ୟ ଭାରତରେ ବ୍ରିଟିଶ ଅମଳର ଏହି ଆଇନ ସବୁ ବଳବତ୍ତର ଥିଲା। ବ୍ରିଟିଶ ଆଇନର ମୂଳ ଲକ୍ଷ୍ୟ ଥିଲା ଦେଶର ଜନତାଙ୍କୁ ଦଣ୍ଡ ଭୟରେ ଶାସନ କରିବା। ଶତାଧିକ ବର୍ଷଧରି ପ୍ରଚଳିତ ଏହି ଆଇନକୁ ବଦଳାଇ ଭାରତର ନାଗରିକମାନଙ୍କୁ ଦଣ୍ଡ ବଦଳରେ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ପ୍ରଣୟନ କରାଯାଇଛି। ଭାରତୀୟ ଦଣ୍ଡବିଧିର ଧାରା ସଂଖ୍ୟା ୫୧୧ କୁ କମାଇ ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି, ଫୌଜଦାରୀ କାର୍ଯ୍ୟ ବିଧିର ୪୮୪ ଟି ଧାରାକୁ ବଢ଼ାଇ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଓ ଭାରତୀୟ ସାକ୍ଷ୍ୟ ଆଇନର ୧୬୭ଟି ଧାରାକୁ ବଢ଼ାଇ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ଟି ଧାରା ପ୍ରବର୍ତ୍ତନ କରାଯାଇଛି। ଆଇନର ଆମୂଳଚୂଳ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ବର୍ତ୍ତମାନର ଯୁଗ, ନୂଆ ଧରଣର ଅପରାଧ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଅପରାଧ ସମସ୍ୟାର ସମାଧାନ, ନାଗରିକଙ୍କ ଅଧିକାରର ସୁରକ୍ଷା, ପୁଲିସ କ୍ଷମତାର ଅପବ୍ୟବହାରକୁ ବନ୍ଦ କରିବା ପ୍ରୟାସ ସଙ୍ଗେ ସଙ୍ଗେ 'ଶୂନ୍ୟ ଏଫଆଇଆର' ବ୍ୟବସ୍ଥା ଦ୍ୱାରା ଯେକୌଣସି ସ୍ଥାନରେ ମାମଲା ରୁଜୁ ହୋଇପାରିବ ଭଳି ବ୍ୟବସ୍ଥା କରାଯାଇଛି। ଏଥିସହିତ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସମାଜ ସଂସ୍କାର ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ନୂଆ ଆଇନରେ ରହିଛି। ସମାଜରେ ନ୍ୟାୟ ପ୍ରତିଷ୍ଠା ପାଇଁ ଏହି ଆଇନରେ ଦଣ୍ଡାଦେଶ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟାଟିକୁ ନୂତନ ଭାବରେ ସଂଯୁକ୍ତ କରାଯାଇଛି। ବିଚାରପତିମାନେ ଗୋଷ୍ଠୀଗତ ସେବାକୁ ମଧ୍ୟ ଦଣ୍ଡାଦେଶ ଭାବେ ବିବେଚନା କରି ସେହି ଅନୁସାରେ ନିର୍ଦ୍ଦେଶ ଦେଇପାରିବେ। ଏହି ଆଇନରେ ତୃତୀୟ ଲିଙ୍ଗର ସଂଜ୍ଞା ନିରୂପଣ କରାଯିବା ସହିତ ଭାରତୀୟ ସାକ୍ଷ୍ୟ ଅଧିନିୟମରୁ ଟେଲିଗ୍ରାମ ଶବ୍ଦକୁ ଉଚ୍ଛେଦ କରାଯାଇଛି।

ପ୍ରଚଳିତ ଆଇନରେ ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହିଂସାକୁ ଏକ ସ୍ୱତନ୍ତ୍ର ବିଭାଗ କରି ଭାଗ-୫ରେ ରଖାଯାଇଛି। ଆଇନର ଧାରା-୬୩ ଅନୁଯାୟୀ




ଏଣିକି ୧୫ ବର୍ଷ ପରିବର୍ତ୍ତେ ୧୮ ବର୍ଷରୁ କମ ବୟସର ବାଳିକା ସହିତ ବିବାହ କଲେ ତା'କୁ ଦୁଷ୍କର୍ମ ବୋଲି ଧରାଯିବ। ସେହିପରି ଧାରା-୬୫(୧) ଅନୁଯାୟୀ ୧୬ ବର୍ଷରୁ କମ ବୟସର ମହିଳାଙ୍କୁ ଦୁଷ୍କର୍ମର ଦଣ୍ଡ ଅତିକମରେ ୨୦ ବର୍ଷ ଓ ଧାରା-୬୫(୨) ଅନୁସାରେ ୧୨ ବର୍ଷରୁ କମ ବୟସର ଶିଶୁଙ୍କୁ ଦୁଷ୍କର୍ମ ମାମଲାରେ ମଧ୍ୟ ୨୦ ବର୍ଷ ସଶ୍ରମ କାରାଦଣ୍ଡରୁ ଫାଶୀଦଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଧାରା-୭୦(୨) ଅନୁସାରେ ୧୮ ବର୍ଷରୁ କମ ବୟସର ମହିଳାଙ୍କୁ ଗଣଦୁଷ୍କର୍ମର ଦଣ୍ଡ ଭାବରେ ସମସ୍ତ ଅପରାଧୀଙ୍କୁ ଆଜୀବନ କାରାବାସ କିମ୍ବା ମୃତ୍ୟୁଦଣ୍ଡ ମିଳିବାର ବ୍ୟବସ୍ଥା ଅଛି। ଏଠାରେ ନୂତନ ଭାବରେ ଏକ ଅପରାଧକୁ ଯୋଡ଼ାଯାଇ ଧାରା-୯୫ରେ ଶିଶୁମାନଙ୍କୁ କୌଣସି ଅପରାଧ କରିବା ପାଇଁ ନିଯୁକ୍ତ କରିବା ମାମଲାରେ ୩ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ବ୍ୟବସ୍ଥା କରାଯାଇଛି। ଆଇନର ଧାରା-୯୬ ଅନ୍ତର୍ଗତ 'ନାବାଳିକା' ସ୍ଥାନରେ 'ଶିଶୁ' ବୋଲି ବିବେଚନା କରାଯିବ, ଯେଉଁଥିରେ କୌଣସି ଶିଶୁକୁ କେହି ଅନ୍ୟସହିତ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ମିଳିପାରେ। କୌଣସି ଶିଶୁକୁ ବେଶ୍ୟାବୃତ୍ତି ପାଇଁ କ୍ରୟ କରିବା ଅପରାଧରେ ଧାରା-୯୯ ରେ ୭ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ କାରାବାସ ସହିତ ଜରିମାନାର ବ୍ୟବସ୍ଥା ରହିଛି। କୌଣସି ଶିଶୁ କିମ୍ବା ଅସୁସ୍ଥ ବା ବିକୃତ ମସ୍ତିଷ୍କ ବ୍ୟକ୍ତିଙ୍କୁ କୌଶଳରେ ଫସାଇ ବା ପ୍ରଲୋଭିତ କରି ପିତାମାତା ଓ ଅଭିଭାବକଙ୍କଠାରୁ ବିନା ଅନୁମତିରେ ଦୂରେଇ ନେବାକୁ ଅପହରଣ ବୋଲି ଧରାଯିବା ସହିତ ସେହି ଅନୁସାରେ ଦଣ୍ଡିତ କରାଯିବା ପାଇଁ ଧାରା ୧୩୭(୧)(ଖ) ରେ ଉଲ୍ଲେଖ ରହିଛି। ଶିଶୁମାନଙ୍କୁ ଭିକ୍ଷାବୃତ୍ତିରେ ନିୟୋଜନ କରିବା ଅପରାଧ ପାଇଁ ଧାରା ୧୩୯(୧) ରେ ୧୦ ବର୍ଷରୁ ଅଧିକ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ବିଦେଶରୁ ୧୮ ବର୍ଷରୁ କମ ବୟସର ପୁରୁଷ କିମ୍ବା ୨୧ ବର୍ଷରୁ କମ ବୟସର ମହିଳାଙ୍କୁ ଭାରତକୁ ଆମଦାନୀ କରି ଅନ୍ୟ ସହିତ ଯୌନ ସମ୍ପର୍କ ପାଇଁ ବାଧ୍ୟ କରିବା ଏଣିକି ଭାରତରେ ଏକ ଅପରାଧ ବୋଲି ବିବେଚିତ ହେବ ଏବଂ ଏଥିନିମନ୍ତେ ଧାରା-୧୪୧ ରେ ୧୦ ବର୍ଷ ପର୍ଯ୍ୟନ୍ତ କାରାବାସ ଓ ଜରିମାନାର ବ୍ୟବସ୍ଥା ରହିଛି।

ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୭୯ ଅନୁଯାୟୀ ୧୫ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଅଧିକ ବୟସର ପୁରୁଷ, କୌଣସି ମହିଳା, ମାନସିକ କିମ୍ବା ଶାରୀରିକ ଅକ୍ଷମ ବ୍ୟକ୍ତି ଓ ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ପୁଲିସ ବୟାନ ନେଇ ପାରିବେ ନାହିଁ। ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ଇଚ୍ଛା ଅନୁଯାୟୀ ସେହି ସ୍ଥାନରେ କିମ୍ବା ସେମାନଙ୍କ ଇଚ୍ଛାରେ ଥାନାରେ ବୟାନ ରେକର୍ଡ କରାଯାଇ ପାରିବ। ଏହାବ୍ୟତୀତ ଜଣେ ମହିଳା ମଧ୍ୟ ଅନ୍ୟ ମହିଳାଙ୍କୁ ଅସଦାଚରଣ କରିବା କିମ୍ବା ଯୌନ ଉଦ୍ଦୀପକ କାର୍ଯ୍ୟରେ ବ୍ୟବହାର କରିବାକୁ ଅପରାଧ ବୋଲି ଧରାଯିବା ସହିତ ସମ୍ପୃକ୍ତ ମହିଳାଙ୍କୁ ମଧ୍ୟ ଅପରାଧୀ ଭାବରେ ବିବେଚନା କରାଯିବାର ବ୍ୟବସ୍ଥା ରହିଛି। ଶିଶୁ ମିତ୍ର ତଦନ୍ତ ବ୍ୟବସ୍ଥା, ତଦନ୍ତ ସମୟରେ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ରଖିବା, ପୀଡ଼ିତ ଶିଶୁ ଓ ସାକ୍ଷୀମାନଙ୍କର ପରିଚୟ ଗୁପ୍ତ ରଖିବା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଭାରତର ଏହି ନିଜସ୍ୱ ଆଇନଗୁଡ଼ିକରେ କ୍ଷେତ୍ର ପ୍ରସ୍ତୁତ କରାଯାଇଛି।

ଆଇନର ଏହି ନବକଳେବର ସହିତ ପୂର୍ବପରି ଶିଶୁ ଓ କିଶୋର ଶ୍ରମିକ (ନିଷିଦ୍ଧ ଓ ନିୟନ୍ତ୍ରଣ) ଆଇନ -୧୯୮୬, କିଶୋର ନ୍ୟାୟ(ଯତ୍ନ ଓ ସୁରକ୍ଷା) ଆଇନ -୨୦୧୫, ଯୌନ ଶୋଷଣରୁ ଶିଶୁଙ୍କ ସୁରକ୍ଷା ଆଇନ -୨୦୧୨ ଓ ବାଲ୍ୟ ବିବାହ ନିଷେଧ ଆଇନ -୨୦୦୬ ମଧ୍ୟ ଆମ ଦେଶରେ ବଳବତ୍ତର ରହିବ। ଯୌନ ଶୋଷଣରେ ପୀଡ଼ିତ ମହିଳାଙ୍କ ତଦନ୍ତ କେବଳ ଜଣେ ମହିଳା ପୁଲିସ ଅଧିକାରୀ କରିପାରିବେ। ସେହିପରି ନୂଆ ଆଇନ ଅନୁସାରେ ଉପର୍ଯ୍ୟୁକ୍ତ ପୀଡ଼ିତ ମହିଳାଙ୍କ ବୟାନ ଗ୍ରହଣ ମହିଳା ମାଜିଷ୍ଟ୍ରେଟଙ୍କ ଦ୍ୱାରା ହେବ। ଯଦି ମହିଳା ମାଜିଷ୍ଟ୍ରେଟ ନ ଥା'ନ୍ତି ତେବେ ଜଣେ ମହିଳାଙ୍କ ଉପସ୍ଥିତିରେ ପୁରୁଷ ମାଜିଷ୍ଟ୍ରେଟ ବୟାନ ଗ୍ରହଣ କରିପାରିବେ। ଧାରା ୭୬ ଓ ୭୭ ଅନୁସାରେ ଲିଙ୍ଗ ନିରପେକ୍ଷତାକୁ ଗୁରୁତ୍ୱ ଦିଆଯାଇ ମହିଳାଙ୍କ ବିରୋଧରେ ହିଂସା, ନିବସ୍ତ୍ର କରିବା, ବିନା ଅନୁମତିରେ ଫୋଟୋ ଉଠାଇବା ଓ ମନ୍ଦ ଉଦ୍ଦେଶ୍ୟରେ ଚାହିଁବା ଅପରାଧ ବୋଲି ଧରାଯିବ ଏବଂ ସେଥିପାଇଁ ଉଭୟ ପୁରୁଷ ଓ ମହିଳା ଦଣ୍ଡନୀୟ ହେବେ।

ଦେଶରେ ଏତେଗୁଡ଼ିଏ ଆଇନର ବ୍ୟବସ୍ଥା ସହିତ ତିନୋଟି ଆଇନର ନବକଳେବର ନିଶ୍ଚିତ ଭାବରେ ଭାରତରେ ଶୈଶବକୁ ସୁରକ୍ଷା ପ୍ରଦାନ କରିବାରେ ଯଥେଷ୍ଟ ହୋଇ ପାରିବ, ଯଦି ଆମେମାନେ ଏଥିପାଇଁ ସଚେତନ ହୋଇପାରିବା। କଥାରେ ଅଛି 'ଆରୋଗ୍ୟ ପାଇଁ ଉଦ୍ୟମ ଅପେକ୍ଷା ପ୍ରତିକାର ଭଲ'। ତେଣୁ ଏତେଗୁଡ଼ିଏ ଆଇନର ଜଟିଳ ଧାରାରେ ଛନ୍ଦି ହେବା ଆଗରୁ ଯଦି ଆମେ ଅପରାଧକୁ ଏଡ଼ାଇ ଦେବାରେ ସକ୍ଷମ ହେବା ଏବଂ ଦେଶର ପ୍ରତ୍ୟେକ ଶିଶୁକୁ ନିଜର ସନ୍ତାନ ଭାବି ସୁରକ୍ଷା ଯତ୍ନ କରିବା, ତା'ହେଲେ କୌଣସି ଆଇନର ନବକଳେବରର ଆବଶ୍ୟକତା ରହିବ ନାହିଁ। ନଚେତ 'ଶିଶୁ ଆଇନ କଲେ ଖିଲାପ, ଜେଲ ଭିତରେ ଯାଇ କରିବା ଜପ' ଉକ୍ତିଟି ଆମ ଜୀବନରେ ପ୍ରତିଫଳିତ ହେବ।

## ଠାକୁର ଡାକ ଶୁଣନ୍ତି?

ଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

ଅଧିକାଂଶ ଲୋକଙ୍କର ଧାରଣା ଯେ ଆଜିକାଲି ଠାକୁର ଡାକ ଶୁଣୁନାହାନ୍ତି। ଏ କଳିଯୁଗରେ ସେ କାଳେ ପଥର ପାଲଟି ଗଲେଣି! କିଛିଲୋକ ଠାକୁରଙ୍କ ଉପରେ ଅଭିମାନ କରନ୍ତି ତ କେହି କେହି ତାଙ୍କର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ଲଗେଇ ଦିଅନ୍ତି। କିନ୍ତୁ ଅସଲ କଥା ହେଲା ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗଠାରୁ ମଣିଷ ଯାଏଁ ସକଳ ଜୀବଙ୍କର ଗୁହାରି ତାଙ୍କ ନିକଟରେ ଠିକ୍ ପହଞ୍ଚେ। କିଛି ଗୁହାରି ସେ ଆଦୌ ଶୁଣନ୍ତିନି। କିଛି ଶୁଣି ବି ନିରବ ରୁହନ୍ତି ଏବଂ କିଛି ଶୁଣିସାରି ତା'ର ପ୍ରତିକାର କରନ୍ତି। ଏପରିକି ଜଣକ କ୍ଷେତ୍ରରେ ବି ବେଳେ ବେଳେ ଭଗବାନ ଏ ତିନି ପ୍ରକାରର ପ୍ରତିକ୍ରିୟା ଦେଖାଇଥା'ନ୍ତି। ଏହାକୁ ସ୍ଥୂଳ ଭାଷାରେ ତାଙ୍କର ପରୀକ୍ଷାର କଷଟି ପଥର ବୋଲି କୁହାଯାଇଥାଏ।

କିଭଳି ଡାକଶୁଣି ସେ ପ୍ରତିକାର କରନ୍ତି ଏବଂ କେଉଁ ମାର୍ଗ ଅନୁସରଣ କଲେ ତାଙ୍କର କୃପା ପ୍ରାପ୍ତି ହୁଏ ତା'ର ରହସ୍ୟ ସେ ନିଜେ କହିଛନ୍ତି - 'ମୁଁ ଯା'କୁ ହୁଅଇ ସଦୟ, ଜ୍ଞାନ ତା' ହୃଦରୁ ଉଦୟ(ଭାଗବତ)। ଏହାର ଅସଂଖ୍ୟ ଦୃଷ୍ଟାନ୍ତ ମଧ୍ୟରୁ ଘରେ ଘରେ ଜଣାଶୁଣା ବିଭୀଷଣ ଶରଣ, ଦ୍ରୌପଦୀ ଆରତ, ମୃଗୁଣୀ କଷଣ ଓ ଗଜ ଉଦ୍ଧାରଣ - ଏହି ଚାରୋଟି ଯଥେଷ୍ଟ।

ପିଲାଟି ଦିନରୁ ଭଗବାନଙ୍କର ଅନନ୍ତନାରାୟଣ ମୂର୍ତ୍ତିକୁ ପୂଜା କରୁଥିବା ବିଭୀଷଣ ସାଂସାରିକ ମାୟାମୋହରେ ଆବଦ୍ଧ ହୋଇ ବିଭୁକୃପା ପ୍ରାପ୍ତିର ମାର୍ଗ ହୁଡ଼ିଯାଇଥିଲେ। ଯେଉଁଦିନ ସେ ସବୁ ପରିତ୍ୟାଗ କରି ସମ୍ପୂର୍ଣ୍ଣ ଏକାଗ୍ରତାର ସହିତ ପ୍ରଭୁଙ୍କର ଶରଣାପନ୍ନ ହେଲେ ସେହିଦିନ ହିଁ ସେ ତାଙ୍କର ପ୍ରତ୍ୟକ୍ଷ କୃପା ଲାଭ କରିପାରିଲେ। ଏହା ତ୍ୟାଗ ଓ ଏକାଗ୍ରତାର ମାର୍ଗ।

କୁରୁସଭାକୁ ଅଣାଯିବା ବେଳେ ଦ୍ରୌପଦୀ ଦୁଃଶାସନ ସହିତ ବାକଯୁଦ୍ଧଠାରୁ ଶାରୀରିକ ପ୍ରତିରୋଧ ପର୍ଯ୍ୟନ୍ତ ସବୁପ୍ରକାରର ଚେଷ୍ଟା କରିଥିଲେ। ସଭାରେ ନିଜର ମହତ ରକ୍ଷା ପାଇଁ ସମସ୍ତ ଗୁରୁଜନଙ୍କୁ ନିବେଦନ କରିଥିଲେ। ଯେତେବେଳେ ତାଙ୍କର ସବୁ ପ୍ରୟାସ ବିଫଳ ହେଲା ଏବଂ ସେ ଜାଣିପାରିଲେ ଯେ ବିବସନା ହେବା ନିଶ୍ଚିତ, ସେତିକି ବେଳେ ସେ ଆଖିବୁଜି ଦେଇ ନିତାନ୍ତ ଅସହାୟ ଭାବରେ ଶୂନ୍ୟକୁ ଦୁଇହାତ ଟେକି ପ୍ରଭୁଙ୍କର ନାମ ଧରି ଆକୁଳ ପ୍ରାର୍ଥନା କଲେ। ମୁଖରୁ ତାଙ୍କର ନିଃସୃତ ହେଉଥାଏ କେବଳ ଦୁଇଟି ଶବ୍ଦ - ହେ କୃଷ୍ଣ! ହେ କୃଷ୍ଣ! ନା ଗୁହାରି, ନା ମାଗୁଣି। ସେତିକିବେଳେ ହିଁ ଆର୍ତ୍ତତ୍ରାଣଙ୍କର କରୁଣାର୍ଦ୍ର ହସ୍ତ ତାଙ୍କର ସହାୟତା ପାଇଁ ଲମ୍ବି ଆସିଲା। ଏହା କର୍ତ୍ତାଭାବ(ମୁଁ କାର) ଦୂର କରିବାର ମାର୍ଗ।

ଘୋର ବନରେ ପ୍ରାଣ ସଂକଟରେ ପଡ଼ିଥିବା ସରଳ ନିଷ୍କପଟ ମୃଗୁଣୀ ଯେତେବେଳେ ଦେଖିଲା ଚତୁର୍ଦ୍ଦିଗରେ ମୃତ୍ୟୁର କରାଳ ରୂପ ତା'କୁ ଗ୍ରାସ କରିବାକୁ ଉଦ୍ୟତ, ଭୟରେ କାତର ହୋଇ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିବା ବ୍ୟତୀତ ତା' ପାଖରେ ଆଉ କିଛି ଉପାୟ ନ ଥିଲା। କିନ୍ତୁ ପୂର୍ବଜନ୍ମର ସୁକୃତରୁ ହଠାତ୍ ତା'ର ଜ୍ଞାନ ଉଦୟ ହେଲା ଏବଂ ସାରା ସଂସାରର ତ୍ରାଣକର୍ତ୍ତାଙ୍କୁ ସେ ସ୍ମରଣ କଲା, ଯାହାକୁ ସେ ଶୁଣି ତା'ର ପ୍ରତିକାର କଲେ। ଏହା ସଦ୍‌ଜ୍ଞାନର ମାର୍ଗ।

ଗଭୀର ଜଳରେ କ୍ରୀଡ଼ାରତ ଗଜରାଜ ଅକସ୍ମାତ୍ କୁମ୍ଭୀର ଦ୍ୱାରା ଆକ୍ରାନ୍ତ ହେବାରୁ ନିଜର ଅମିତ ବଳ ପ୍ରୟୋଗ କରି ସେଥିରୁ ମୁକୁଳିବା ପାଇଁ ବହୁ ଚେଷ୍ଟା କଲା। ଯେତେବେଳେ ନ ପାରିଲା ସମଗ୍ର ଯୁଥର ସାହାଯ୍ୟ ଲୋଡ଼ିଲା। ସମସ୍ତେ ମିଶି ଯେତେ ଚେଷ୍ଟା କଲେ ବି କୁମ୍ଭୀର କବଳରୁ ତା'କୁ ମୁକ୍ତ କରିପାରିଲେ ନାହିଁ। ଗଜ-କୁମ୍ଭୀର ମଧ୍ୟରେ ଯୁଦ୍ଧ ହଜାରେ ବର୍ଷ ପର୍ଯ୍ୟନ୍ତ ଲାଗି ରହିଲା। ମାତ୍ର କାହାର ଜୟ-ପରାଜୟ ହେଲା ନାହିଁ। କ୍ରମେ ଗଜ ଶକ୍ତିହୀନ, ଦୁର୍ବଳ, ଜୀର୍ଣ୍ଣଶୀର୍ଣ୍ଣ ଓ ଅସହାୟ ହୋଇପଡ଼ି ବିଶ୍ୱନିୟନ୍ତା ଭଗବାନଙ୍କୁ ପ୍ରାର୍ଥନା କଲା, - 'ସେ ହରି ରଖୁ ମୋର ପ୍ରାଣ, ତା' ପାଦେ ପଶିଲି ଶରଣ।' କିନ୍ତୁ ତା'ର ପ୍ରାର୍ଥନାକୁ ଭଗବାନ ଶୁଣିଲେ ନାହିଁ। କାରଣ ସେଥିରେ ସ୍ୱାର୍ଥ (ପ୍ରାଣଭିକ୍ଷା) ଥିଲା ଆଗ(ମୁଖ୍ୟ) ଏବଂ ଜଣାଣ (ଶରଣ ପଶିବା) ଥିଲା ପଛ(ଗୌଣ)। ଏହିପରି ଭାବରେ ସେ ଅନେକ ପ୍ରାର୍ଥନା କଲା। କିନ୍ତୁ ସ୍ୱାର୍ଥଜଡ଼ିତ ଜୀବନଭିକ୍ଷା ଥିବାରୁ ସବୁ ବୃଥା ହେଲା। ଶେଷରେ ନିରାଶ ଓ ବିବଶ ହୋଇ ବଞ୍ଚିବାର ସବୁ ଆଶା ଛାଡ଼ିଦେଲା ଏବଂ ଜୀବନ ପ୍ରତି ତା'ର ମୋହ ତୁଟିଗଲା। କାମ, କ୍ରୋଧ, ଲୋଭ, ମୋହକୁ ତ୍ୟାଗକରି ଗଜ ଏଥରକ ଆଉ ଜୀବନ ଭିକ୍ଷା ନ କରି ପ୍ରଭୁଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇ ଆକୁଳ ନିବେଦନ କଲା - 'ଯେ ହରି ସଂସାର କାରଣ, ତା' ପାଦେ ପଶିଲି ଶରଣ। ରଖୁ ନ ରଖୁ ସେ ଜାଣଇ, ତା' ବିନୁ ଅନ୍ୟ ଗତି ନାହିଁ।' ଏଭଳି ଆର୍ତ୍ତ ପ୍ରାର୍ଥନା ଶୁଣି ପ୍ରଭୁ ନିଜକୁ ସମ୍ଭାଳି ପାରିଲେ ନାହିଁ। ସୁଦର୍ଶନ ଚକ୍ରରେ କୁମ୍ଭୀରକୁ ବଧ କରି ସ୍ୱୟଂ ଗଜକୁ ଦର୍ଶନ ଦେଲେ ଏବଂ ତା'କୁ ସକଳ ଭବବାଧାରୁ ମୁକ୍ତି ଦେଲେ। ଏହା ସମ୍ପୂର୍ଣ୍ଣ (ନିଃସ୍ୱାର୍ଥ) ସମର୍ପଣର ମାର୍ଗ, ଯାହା ସବୁ ଠାରୁ ଶ୍ରେଷ୍ଠ।

ଏସବୁ ଦୃଷ୍ଟାନ୍ତରେ ଗୋଟିଏ କଥା ସ୍ପଷ୍ଟ ଯେ ଆରମ୍ଭରୁ ପ୍ରଭୁ ସବୁ କଥା ଜଣିଥା'ନ୍ତି। କିନ୍ତୁ ସେ ସବୁ ଉନ୍ମୁଖ ହେଲା ପରେ ହିଁ ହସ୍ତକ୍ଷେପ କରନ୍ତି। ଅତଏବ ଠାକୁରଙ୍କୁ ଡାକିବା ଯେତିକି କଷ୍ଟ, ତାଙ୍କର କୃପାଲାଭ କରିବା ତତୋଧିକ କଷ୍ଟ। ଲୋଡ଼ା ଖାଲି ଧୈର୍ଯ୍ୟ। ଯେଉଁଠି ମଣିଷ ତା'ର ଅବ୍ୟବସ୍ଥିତ ଚିତ୍ତକୁ କ୍ଷଣକ ପାଇଁ ବି ସ୍ଥିର ରଖି ପାରୁନାହିଁ, ସେଭଳି ଭାବହୀନ ଡାକକୁ ଭଗବାନ ଶୁଣିବେ କିପରି? ନାଚି ନଜାଣି ଅଗଣାକୁ ଦୋଷ ଦେଲା ପରି ଭଗବାନଙ୍କୁ ଦୋଷ ଦେବା ନିରର୍ଥକ।

## ଉପକୂଳର ସୁରକ୍ଷା କବଚ ହେନ୍ତାଳ ବନ

ମ୍ୟାଙ୍ଗ୍ରୁଭ ବା ହେନ୍ତାଳ ବନ ବା ଲୁଣା ଜଙ୍ଗଲ ହେଉଛି ଏକପ୍ରକାର ଗ୍ରୀଷ୍ମମଣ୍ଡଳୀୟ ଉଦ୍ଭିଦର ସଙ୍ଗମସ୍ଥଳ, ଯାହା ସମୁଦ୍ର ଉପକୂଳରେ ଫୁସଫୁସିଆ ଓ ଓଦା ମାଟି, ଲୁଣିଆ ପାଣିରେ ବଢ଼େ ଏବଂ ସାମୟିକ ଭାବରେ ଜୁଆର ଦ୍ୱାରା ଜଳମଗ୍ନ ହୁଏ। ସେଗୁଡ଼ିକ ଉଚ୍ଚ ଲବଣାକ୍ତ ଜଳ, ଜୁଆର ବନ୍ୟା ଏବଂ ଅପେକ୍ଷାକୃତ କମ୍ ଅମ୍ଳଜାନ ସ୍ଥିତିକୁ ସହ୍ୟ କରିପାରନ୍ତି। ସମଗ୍ର ବିଶ୍ୱରେ ୧୦୦ ରୁ ଅଧିକ ଜାତିର ଲୁଣା ଜଙ୍ଗଲ ଉଦ୍ଭିଦ ଦେଖିବାକୁ ମିଳୁଥିବା ବେଳେ ଭାରତରେ ଏହାର ପ୍ରାୟ ୬୦ ପ୍ରଜାତି ରହିଛି। ଏହି ଉଦ୍ଭିଦଗୁଡ଼ିକର ମୂଳ ଶକ୍ତ ଏବଂ ଏହା ଏଭଳି ଦୃଢ଼ ଭାବରେ ଭୂମିରେ ସ୍ଥାନିତ ହୋଇଥାଏ ଯେ କଠିନ ଜୁଆର ତରଙ୍ଗକୁ ମଧ୍ୟ ପ୍ରତିରୋଧ କରିବାରେ ସକ୍ଷମ ହୋଇଥାଏ। ଏହା ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଭଳି ଅନେକ ଜଳଚର ଜୀବଙ୍କ ପାଇଁ ଏକ ସମୃଦ୍ଧ ବାସସ୍ଥାନ ଯୋଗାଇଥାଏ। ସେମାନଙ୍କୁ ଶିକାରୀଙ୍କ କବଳରୁ ରକ୍ଷା କରିବା ସହିତ ପ୍ରବଳ ଉତ୍ତାପ ତଥା ପ୍ରବଳ ଜୁଆରରୁ ରକ୍ଷା କରିଥାଏ। ଏହାକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଇ ପାରୁଥିବାରୁ ବଜାରରେ ଏହାର ମୂଲ୍ୟ ଅଧିକ।

ଲୁଣା ଜଙ୍ଗଲ ପରିସଂସ୍ଥା ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଉପକୂଳବର୍ତ୍ତୀ ମୃତ୍ତିକା କ୍ଷୟକୁ ରୋକିଥାଏ। ଜୁଆର ଓ ସୁନାମିର ପ୍ରଭାବକୁ ହ୍ରାସ କରିଥାଏ ଏବଂ ଉତ୍ତାପ ସୃଷ୍ଟିକାରୀ ବାୟୁମଣ୍ଡଳୀୟ ପ୍ରଦୂଷିତ କାର୍ବନ ବା ଅଙ୍ଗାରକାମ୍ଳକୁ ଶୋଷଣ କରିଥାଏ। ସ୍ଥାନୀୟ ଜୈବ ବିବିଧତାକୁ ସମୃଦ୍ଧ କରିବା ବ୍ୟତୀତ ଉପକୂଳବର୍ତ୍ତୀ ଲୁଣା ଜଙ୍ଗଲଗୁଡ଼ିକ ଆଭ୍ୟନ୍ତରୀଣ ଜଙ୍ଗଲ ଅପେକ୍ଷା ବାୟୁମଣ୍ଡଳରୁ ପାଞ୍ଚ ଗୁଣ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରନ୍ତି। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୟୁନେସ୍କୋ ଦ୍ୱାରା ୨୦୧୫ର ସାଧାରଣ ସମ୍ମିଳନୀର ନିଷ୍ପତ୍ତିକ୍ରମେ ପ୍ରତିବର୍ଷ ଜୁଲାଇ ୨୬ ରେ ପାଳନ କରାଯାଉଛି 'ବିଶ୍ୱ ଲୁଣା ଜଙ୍ଗଲ ଦିବସ'।

ଜଳବାୟୁ ପରିବର୍ତ୍ତନ, ଜଳରେ ଲବଣାକ୍ତ ମାନ ହ୍ରାସ, ଜୁଆର ପରିବର୍ତ୍ତନ ଏବଂ ମୃତ୍ତିକା ପ୍ରଦୂଷଣ ଓ କ୍ଷୟ ଭଳି ଅନେକ ସମସ୍ୟା ହେତୁ ଲୁଣା ଜଙ୍ଗଲ ପରିସଂସ୍ଥାର ସ୍ଥାୟୀତ୍ୱ ପ୍ରତି ବିପଦ ଦେଖାଯାଏ। ଏହିସବୁ ଜଙ୍ଗଲ ପାଇଁ ମୁଖ୍ୟ ବିପଦ ହେଉଛି ଚିଙ୍ଗୁଡ଼ି ଚାଷ। କିଛି ଲୁଣା ଜଙ୍ଗଲକୁ କାଟି ଏକ କୃତ୍ରିମ ପୋଖରୀ ସୃଷ୍ଟି କରାଯାଏ, ଯାହା ଚିଙ୍ଗୁଡ଼ି ପ୍ରଜନନ ପାଇଁ ବ୍ୟବହୃତ ହୁଏ। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଆଣ୍ଟିବାୟୋଟିକ୍ ଏବଂ ରାସାୟନିକ ପଦାର୍ଥର ବ୍ୟବହାର ଲୁଣା ଜଙ୍ଗଲ ପ୍ରତି ବିପଦ ସୃଷ୍ଟି କରୁଛି। ଏହାଛଡ଼ା ଭିତ୍ତିଭୂମି ବିକାଶ ନାମରେ ମଧ୍ୟ ଲୁଣା ଜଙ୍ଗଲ ବଳି ପଡୁଛି।

କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ ଲୁଣା ଜଙ୍ଗଲ ଧାମରା ମୁହାଣ ଏବଂ ବାରୁଣାଇ ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳକୁ ନେଇ ଗଠିତ ହୋଇଛି ଏବଂ ଏହାକୁ ଭିତରକନିକା ଅଭୟାରଣ୍ୟ (୬୭୨ ବର୍ଗ କିଲୋମିଟର) ଭାବରେ ସୂଚିତ କରାଯାଇଛି। ଏହି କ୍ଷେତ୍ରର ଏକ ଅଂଶ (୧୪୫ ବର୍ଗ କିଲୋମିଟର) କୁ ଜାତୀୟ ଉଦ୍ୟାନ ଭାବରେ ମଧ୍ୟ ମାନ୍ୟତା ଦିଆଯାଇଛି। ଭିତରକନିକା ଅଭୟାରଣ୍ୟ ଭାରତରେ ଦ୍ୱିତୀୟ ସର୍ବବୃହତ ଜୈବ ବିବିଧତା ପରିସଂସ୍ଥା। ଓଡ଼ିଶାର ୪୮୦ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ସମୁଦ୍ର ଉପକୂଳ ପ୍ରାଚୀନ କାଳରେ ଲୁଣା ଜଙ୍ଗଲ ଦ୍ୱାରା ଭରପୂର ଥିଲା, କିନ୍ତୁ ବର୍ତ୍ତମାନ ଏହା କେବଳ ଭିତରକନିକା ଅଞ୍ଚଳରେ ସୀମିତ ରହିଛି। ୧୯୯୯ ମହାବାତ୍ୟାରେ ମଧ୍ୟ ଭିତରକନିକା ଏହି ଲୁଣା। ଜଙ୍ଗଲ ଯୋଗୁଁ ସୁରକ୍ଷିତ ହୋଇପାରିଥିଲା।

ପରିତାପର ବିଷୟ ଯେ ବିଶ୍ୱର ସାଧାରଣ ଜଙ୍ଗଲ କ୍ଷତି ଅପେକ୍ଷା ଉପକୂଳବର୍ତ୍ତୀ ଲୁଣା ଜଙ୍ଗଲ ୩ ରୁ ୫ ଗୁଣ ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି। ଗତ ୪୦ ବର୍ଷ ମଧ୍ୟରେ ଲୁଣା ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଅଞ୍ଚଳ ପ୍ରାୟ ଅଧା ହୋଇସାରିଲାଣି। ୧୯୮୦ ପରଠାରୁ ଆମେ ଅଧା ଲୁଣା ଜଙ୍ଗଲ ହରେଇ ବସିଛୁ। କେତେକ ଦେଶ ଏହା ୮୦ ଶତାଂଶଠାରୁ ଅଧିକ ହରାଇଛନ୍ତି। ତେଣୁ ଉପକୂଳବର୍ତ୍ତୀ ଲୁଣା ଜଙ୍ଗଲ ପରିସଂସ୍ଥାର ସୁରକ୍ଷା ଏବଂ ସଂରକ୍ଷଣ ପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। **ସୁ.ନା.ପା.**

## ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୨୮ରେ ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ

**ସମ୍ବଲପୁର/ବୁର୍ଲା,୨୫।୭(ସମିସ):** ଛତିଶଗଡ଼ ଉପମୁଣ୍ଡରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଗତ କିଛି ଦିନ ହେଲା ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ହୀରାକୁଦ ଜଳଭଣ୍ଡାରକୁ ଏବେ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୪ ହଜାର ୭୪୨ ଘନଫୁଟ ଜଳ ପ୍ରବେଶ କରୁଛି। କିଛି ଦିନ ଭିତରେ ହୀରାକୁଦ



ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବ। ଏବେ ଡ୍ୟାମ୍‌ର ଜଳସ୍ତର ୬୦୫ ଫୁଟ୍ ହୋଇସାରିଛି। ତେଣୁ ଜଳ ନିୟନ୍ତ୍ରଣ ପାଇଁ ଆସନ୍ତା ୨୮ ତାରିଖ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯିବ ବୋଲି ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା ସୂଚନା ଦେଇଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ୯ଟାରେ ହୀରାକୁଦ ଜଳଭଣ୍ଡାରର ପ୍ରଥମ ବନ୍ୟାଜଳ ମହାନଦୀରେ ଛଡ଼ାଯିବ। ରୁଲ୍‌କର୍ଭକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩ ଦିନ ନଦୀବନ୍ଧ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯିବ।

ଅପରପକ୍ଷେ, ଗତ ୨୪ ଘଣ୍ଟାରେ ତଳମୁଣ୍ଡରେ ୨୦.୯୦ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ମହାନଦୀର ଉପର ମୁଣ୍ଡରେ ମଧ୍ୟ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ସ୍ଥିତି ସୁଧୁରିବାରେ ଲାଗିଛି। ବର୍ଷାକୁ ଦେଖି କେତୋଟି ଗେଟ୍ ଖୋଲାଯିବ, ତାହା ନିଷ୍ପତ୍ତି ନିଆଯିବ। ଗତ ବର୍ଷ ତୁଳନାରେ ଆଜି ଦିନରେ ଜଳସ୍ତର କମ୍ ରହିଛି। ହେଲେ ଯେଉଁଭଳି ଭାବେ ଜଳ ପ୍ରବେଶ କରୁଛି ୨୮ ତାରିଖ ସୁଦ୍ଧା ୬୧୫ ଫୁଟ ହୋଇଯିବ ବୋଲି ଆଶା କରାଯାଉଛି। ତେଣୁ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ତଳମୁଣ୍ଡ ମହାନଦୀ ଯାଇଥିବା ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇ ଦିଆଯାଇଛି ବୋଲି ଶ୍ରୀ ବେହେରା କହିଛନ୍ତି।

**ଦାବିପତ୍ର ବିଚାର ବିଳମ୍ବ ପାଇଁ ଅଦାଲତ ଅବମାନନା ମାମଲା ବୃଦ୍ଧି ପ୍ରସଙ୍ଗ**

# ହାଇକୋର୍ଟରେ ରାଜ୍ୟ ସରକାରଙ୍କ ସତ୍ୟପାଠ

**କଟକ, ୨୫।୭ (ସମିସ):** ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାଧାରଣ ଲୋକ ଅବା ସରକାରୀ କର୍ମଚାରୀଙ୍କ ଅଭିଯୋଗ ସମ୍ବଳିତ ଦାବିପତ୍ର ବିଚାର ହେଉ ନଥିବାରୁ ଅଦାଲତ ଅବମାନନା ମାମଲା ବୃଦ୍ଧି ପାଉଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେତେ ଦାବିପତ୍ରର ବିଚାର ଶେଷ ହୋଇଛି ଓ କେତେ ବିଚାରାଧୀନ ରହିଛି, ସେ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସତ୍ୟପାଠ ଜରିଆରେ ଦେବାକୁ ରାଜ୍ୟ ସରକାରଙ୍କୁ ଗତ ଶୁଣାଣି ବେଳେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଏହି ମର୍ମରେ ଆଜି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କ ପକ୍ଷରୁ ଏକ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଛି। ଏହି ସତ୍ୟପାଠକୁ ରେକର୍ଡଭୁକ୍ତ କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା

**୩୬୫୫ ଦାବିପତ୍ର ବିଚାର ସରିଛି, ୧୩୧୨ ବିଚାରାଧୀନ**

ସେପ୍ଟେମ୍ବର ୫ରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ନିଜ ଆଡ଼ୁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ମୋଟ ୫୭୦୭ଟି ମାମଲା ମଧ୍ୟରୁ ୩୬୫୫ଟି ମାମଲା ସହ ଜଡିତ ଦାବିପତ୍ରଗୁଡ଼ିକୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ବିଚାର କରିଥିବା ବେଳେ ଏବେ ୧୩୧୨ଟି ମାମଲା ସମ୍ପର୍କିତ ଦାବିପତ୍ର ବିଚାରାଧୀନ ରହିଛି ବୋଲି ସରକାର ଉଲ୍ଲେଖ କରିଛନ୍ତି। ତେବେ ବିଚାରାଧୀନ ଦାବିପତ୍ରଗୁଡ଼ିକର ବିଚାର ତଥା ଫଇସଲା ପାଇଁ ଆଉ ଦୁଇ ମାସ ସମୟ ଆବଶ୍ୟକ ବୋଲି ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି। ସେହିପରି ସାପ୍ତାହିକ ଭିତ୍ତିରେ ଦାବିପତ୍ର ବିଚାର ବା ସମାଧାନ ସଂକ୍ରାନ୍ତରେ ନିଜେ ମୁଖ୍ୟ ଶାସନ ସଚିବ ମନିଟରିଂ କରୁଥିବା ସହ ଲିଟିଗେସନ ମ୍ୟାନେଜମେଣ୍ଟ ପଲିସି ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା।

# ସୁବର୍ଣ୍ଣରେଖା ଶଯ୍ୟାରୁ ବାଲି ଉତ୍ତୋଳନ ଉପରେ ଏନ୍‌ଜିଟିଙ୍କ ଅଙ୍କୁଶ

**କଟକ, ୨୫।୭ (ସମିସ):** ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ ଉପରେ ଏନଜିଟି ଅଙ୍କୁଶ ଜାରି କରିଛନ୍ତି। ଏଥିସହ ବାଲି, ମୋରମ, ମାଟି ଆଦି ଲଘୁ ଖଣିଜଦ୍ରବ୍ୟ ଖନନ/ଉତ୍ତୋଳନ ପାଇଁ ପ୍ରସ୍ତୁତ କରାଯାଇଥିବା ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସଆର) ଓ ରିପୋର୍ଟ ଅନୁମୋଦନ ସମ୍ପର୍କିତ ୨୦୨୩, ଏପ୍ରିଲ ୨୬ର ନିର୍ଦ୍ଦେଶନାମାକୁ ଜାତୀୟ ଗ୍ରିନ ଟ୍ରିବୁନାଲ (ଏନଜିଟି) ରଦ୍ଦ କରିଛନ୍ତି। ପୁନଃଭରଣା ଅଧ୍ୟୟନ କରି ରିପୋର୍ଟ ଦାଖଲ କରାଯାଇ ନଥିବାରୁ ଏହା ଗ୍ରହଣୀୟ ନୁହେଁ ବୋଲି ଏନଜିଟି କହିଛନ୍ତି। ଅନ୍ୟପକ୍ଷରେ ପୁନଃଭରଣା ଅଧ୍ୟୟନ ସହିତ ଯଦି ସାନି ଡିଏସଆର ଦାଖଲ କରାଯାଏ, ତେବେ ଏହାକୁ ଅନୁମୋଦନ କରିବା ପାଇଁ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସଇଆଇଏଏ)

**ସାନି ଡିଏସଆର ଉପରେ ଏସଇଆଇଏଏ ବିଚାର କରିପାରିବ**

ବିଚାର କରି ପାରିବ ବୋଲି ଏନଜିଟି କହିଛନ୍ତି। ହରିପଦ ମାନ୍ନାଙ୍କ ଆବେଦନର ଶୁଣାଣି କରି ଏନଜିଟି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବସ୍ତା, ବାଲିଆପାଳ ତହସିଲ ଅଞ୍ଚଳର ସୁବର୍ଣ୍ଣରେଖା ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ ବର୍ତ୍ତମାନ ହୋଇପାରିବ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଥିବା ବେଳେ ଆଶୁତୋଷ ପାଢ଼ୀ ସହାୟତା କରୁଥିଲେ।

**■ ମିଥ୍ୟା ସତ୍ୟପାଠ ମାମଲା**

# ନର୍ଲା ଓ ସୋର ବିଧାୟକଙ୍କୁ ହାଇକୋର୍ଟଙ୍କ ସମନ

**କଟକ, ୨୫।୭(ସମିସ):** ହାଇକୋର୍ଟରେ ଆଜି ଦୁଇଟି ବିଧାନସଭା କ୍ଷେତ୍ରରେ ନିର୍ବାଚିତ ବିଧାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ରୁଜୁ ମାମଲାର ଶୁଣାଣି ହୋଇଛି। ଏହି ଦୁଇ ପୃଥକ୍ ମାମଲାରେ କଳାହାଣ୍ଡି ଜିଲ୍ଲା ନର୍ଲା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ବିଜେଡି ବିଧାୟକ ମନୋରମା ମହାନ୍ତି ଓ ବାଲେଶ୍ୱର ଜିଲ୍ଲା ସୋର ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ବିଜେଡି ବିଧାୟକ ମାଧବ ଧଡ଼ାଙ୍କୁ ହାଇକୋର୍ଟ ସମନ ଜାରି କରିଛନ୍ତି। ନର୍ଲା ବିଧାନସଭା କ୍ଷେତ୍ରରେ ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ଓ ସୋର ବିଧାନସଭା ଆସନରୁ ପରାଜିତ ବିଜେପି ପ୍ରାର୍ଥୀ ପର୍ଶୁରାମ ଧଡାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷଙ୍କୁ ଏହି ମାମଲାରେ ନୋଟିସ ସହ ଲିଖିତ ଜବାବ ଦାଖଲ କରିବା ପାଇଁ ଅଦାଲତ କହିଛନ୍ତି।

ନର୍ଲା ଆସନରୁ ନିର୍ବାଚିତ ବିଧାୟକ ମନୋରମା ମହାନ୍ତି ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ସେହି ସମୟରେ ଦାଖଲ ସତ୍ୟପାଠରେ ମାଟ୍ରିକ୍ ପାସ୍ କରିଥିବା ଉଲ୍ଲେଖ କରିନଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନରେ ମାଟ୍ରିକ ପାସ କରିଥିବା ଦର୍ଶାଇଥିଲେ। କିନ୍ତୁ ସେ ୨୦୨୧ରେ ବିହାର ବୋର୍ଡରୁ ମାଟ୍ରିକ ପାସ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ବୟସ ସମ୍ପର୍କରେ ମଧ୍ୟ ମିଥ୍ୟା ତଥ୍ୟ ପ୍ରଦାନ କରିଥିବା ନେଇ ଆବେଦନକାରୀ ଭକ୍ତ ଚରଣ ଦାସ ଅଭିଯୋଗ ଆଣିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୫କୁ ଧାର୍ଯ୍ୟ ହୋଇଛି। ଅନୁରୂପ ଭାବେ ସୋର ବିଧାନସଭା ଆସନରୁ ନିର୍ବାଚିତ ମାଧବ ଧଡ଼ା ମଧ୍ୟ ନାମାଙ୍କନ ସମୟରେ ତାଙ୍କ ନାମରେ ଥିବା ଅପରାଧିକ ମାମଲା ଓ ତାଙ୍କ ଉପରେ ବକେୟା ଥିବା ସରକାରୀ ଦେୟ ସମ୍ପର୍କରେ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବା ନେଇ ଆବେଦନକାରୀ ପରାଜିତ ବିଜେପି ପ୍ରାର୍ଥୀ ପର୍ଶୁରାମ ଧଡ଼ା ଦର୍ଶାଇଛନ୍ତି। ମାଧବଙ୍କ ବିରୋଧରେ ୬ଅପରାଧିକ ମାମଲା ଥିବା ବେଳେ ସେ ୪ଟି ସମ୍ପର୍କରେ ସତ୍ୟପାଠ ଦେଇ ବାକି ଦୁଇଟିର ତଥ୍ୟ ଲୁଚାଇଥିବା ଆବେଦନକାରୀ ଅଦାଲତଙ୍କୁ ଅବଗତ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୨କୁ ଧାର୍ଯ୍ୟ ହୋଇଛି।

# ବିଧାନସଭାରେ ଅସତ୍ୟ ତଥ୍ୟ ଦେଇ ବିଭ୍ରାନ୍ତ କରୁଛନ୍ତି ସରକାର: ବିଜେଡି

**ଭୁବନେଶ୍ୱର,୨୫।୭(ସମିସ):** ରାଜ୍ୟର ଜଳସେଚନ ସ୍ଥିତିକୁ ନେଇ ବିଧାନସଭାରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି ରାଜ୍ୟ ସରକାର। ଗୁରୁବାର ରାଜ୍ୟ ବିଧାନସଭାରେ ଜଳସେଚନ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସଂସଦୀୟ

- ମୁଖ୍ୟମନ୍ତ୍ରୀ ଓ ସଂସଦୀୟ ମନ୍ତ୍ରୀଙ୍କ ଉତ୍ତରରେ ରହୁନି ତାଳମେଳ
- ରାଜ୍ୟର ଜଳସେଚିତ ଜମି ତଥ୍ୟକୁ ନେଇ ଦ୍ୱନ୍ଦ୍ୱ ବଢ଼ାଇଲେ ସରକାର
- ଲୋୟର ସୁକତେଲ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ମଧ୍ୟରେ ପରସ୍ପର ବିରୋଧୀ ମତ
- ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଉତ୍ତର ମାଗିଲା ବିଜେଡି

ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଭିନ୍ନଭିନ୍ନ ତଥ୍ୟ ଦେଇଛନ୍ତି। ତେଣୁ ଏମାନଙ୍କ ମଧ୍ୟରେ କିଏ ସତ କହୁଛନ୍ତି ବୋଲି ବିଜେଡି ବିଧାୟକ ଧ୍ରୁବ ସାହୁ ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି।

ବିଧାୟକ ଶ୍ରୀ ସାହୁଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୦୨୪ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୪୯ ଲକ୍ଷ ୯୩ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ସୃଷ୍ଟି କରାଯାଇପାରିଛି ଓ ଏହା ମୋଟ ଚାଷ ଉପଯୋଗୀ ଜମିର ପ୍ରାୟ ୮୦.୭୯ ପ୍ରତିଶତ ବୋଲି ଉଲ୍ଲେଖ କରିଛନ୍ତି। ଅପରପକ୍ଷେ, ଜଳସମ୍ପଦ ବିଭାଗ ଉପରେ ଆଧାରିତ ଶ୍ରୀ ସାହୁଙ୍କ ଅନ୍ୟ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବ ବିଜେଡି ସରକାର ୩୫ପ୍ରତିଶତ ଜମିରେ



ଜଳସେଚନ କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପାଳନ କରିନାହାନ୍ତି ବୋଲି କୁହାଯାଇଛି। ଏହାକୁ ଆଧାର କରି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି ଯେ ପବିତ୍ର ବିଧାନସଭାରେ ଏକା ଦିନରେ ଏହିଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ସରକାର ରାଜ୍ୟବାସୀଙ୍କୁ କ'ଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି।

ଶ୍ରୀ ସାହୁ ଆହୁରି କହିଛନ୍ତି ଯେ ବିଧାନସଭାରେ ଜଳସମ୍ପଦ ବିଭାଗ ସମ୍ପର୍କିତ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଅଧିକୃତ ହୋଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଉତ୍ତର ଦେଉଥିଲେ। ମାତ୍ର ଏଥିରେ ହସ୍ତକ୍ଷେପ କରି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଥିଲେ ଯେ, ପୂର୍ବ ବିଜେଡି ସରକାର ଲୋୟର ସୁକତେଲ ପ୍ରକଳ୍ପ କାମ ସରିନଥିଲେ ମଧ୍ୟ ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ଉଦ୍‌ଘାଟନ କରିଥିଲେ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଇଥିବା ଲିଖିତ ଉତ୍ତରରେ ରାଜ୍ୟରେ ନିର୍ମାଣଧୀନ ୧୪ଗୋଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମଧ୍ୟରୁ କେବଳ ଦୁଇଟି ନିର୍ମାଣଧୀନ ପ୍ରକଳ୍ପ ଯଥା ଅଙ୍ଗ ଏକ୍ସଟେନସନ ପ୍ରକଳ୍ପ ଓ ଗଙ୍ଗାଧର ମେହେର ଅତିରିକ୍ତ ଆୟକଟ ପ୍ରକଳ୍ପକୁ ଛାଡ଼ି ରାଜ୍ୟର ଅନ୍ୟ ୧୨ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି କହିଛନ୍ତି। ଏହାର ଅର୍ଥ ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଥିବା ବେଳେ ଉପମୁଖ୍ୟ ଶ୍ରୀ ସିଂଦେଓ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି କହୁଛନ୍ତି। ଗୋଟିଏ ଦିନରେ ପବିତ୍ର ଗୃହରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପରସ୍ପର ବିରୋଧୀ ଉତ୍ତର ରାଜ୍ୟବାସୀଙ୍କ ମଧ୍ୟରେ ଏକ ବିଭ୍ରାନ୍ତିକର ପରିସ୍ଥିତି କରିଛି ବୋଲି ଶ୍ରୀ ସାହୁ କହିଛନ୍ତି।

ଏହାସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଧିକୃତ ହୋଇ ତାଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖୁଥିଲା ବେଳେ ଉପମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ସଂସଦୀୟ ପରମ୍ପରାରେ ଏକ ବିଲକ୍ଷଣ ବୋଲି ମଧ୍ୟ ଶ୍ରୀ ସାହୁ କହିଛନ୍ତି। ବିଧାନସଭାରେ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ଜନସାଧାରଣଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା କେତେଦୂର ସମୀଚିନ ବୋଲି ଶ୍ରୀ ସାହୁ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

**AFFIDAVIT**

I, Adwsta Behera, Wo-Akshaya Kumar Behera, resident of At-Badabazar, Po-Nimapara, Ps-Nimapara, Dist-Puri, Pin-752106, Odisha declare by this affidavit No.459, date-22/07/2024, that now onwards I shall be known as **ADWESTA BEHERA** for all future purposes.

**SALE**

FORCE TRAVELLER , 2019 MODEL, Regn No. OD-02-BC-8328 in as is where is condition. Contact: M/S Sundaram Finance Limited, BHUBANESWAR BRANCH, Ph:0674-2545173, within 7 days.

**AFFIDAVIT**

I, Shaikh Akbar Mostafa,S/o-Shaikh Nure Irfani, Resident of At- Muslim Basti, Po/Ps-Champua, Dist.- Keonjhar, Odisha declare by this affidavit no- 2600 dated 23.07.24 that now onwards I shall be known as SK AKBAR MOSTAFA ,S/o SK NURE IRFANI for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Binodini Krupasindhu Padhi, D/o-Krupasindhu Padhi, resident of At/Po-Badaberana, Dist-Khordha, Pin-752061, Odisha declare by this affidavit No.27, date-12/07/2024, that now onwards I shall be known as **BINODINI PADHI** for all future purposes.

**AFFIDAVIT**

By virtue of an affidavit sworn in the court of Notary Public, Bhubaneswar, Odisha on 23 July 2010, I Nilima Dash, D/o Narayan Dash have changed my surname from 'Dash' to 'Mishra' as per my husband's surname. Nilima Dash and Nilima Mishra is one & same person. Henceforth I shall be known, identified & recognized as **"NILIMA MISHRA"** for all records & all purposes.

**ପୌରପରିଷଦ କାର୍ଯ୍ୟାଳୟ : ତାଳଚେର** C-275

ଚିଠି ନଂ. ୧୮୩୫ / ତା. ୨୫.୦୫.୨୦୨୪

–ଟେଣ୍ଡର ନୋଟିସ୍–

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ ନିମ୍ନ ତପସିଲ ବର୍ଣ୍ଣିତ ସଇରାତ ଗୁଡିକ ଏକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜରମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା.୨୬.୦୭.୨୦୨୪ ରିଖ ଠାରୁ ତା.୦୩.୦୮.୨୦୨୪ ରିଖ ଅପରାହ୍ନ ଘ.୫.୦ମି. ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ.୧୦୦୦/-ଙ୍କା (ଏକ ହଜାର ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ । ଟେଣ୍ଡର ତା.୦୫.୦୮.୨୦୨୪ ରିଖ ଅପରାହ୍ନ ଘ.୧.୩୦ମି. ପର୍ଯ୍ୟନ୍ତ ଗ୍ରହଣ କରାଯିବ । ସେହି ଦିନ ଦିବା ଘ.୩.୩୦ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ପୌରପରିଷଦ ଦ୍ୱାରା ସର୍ତ୍ତାବଳୀ ପାଳନ କରିବା ସହିତ ନିୟମାନୁଯାୟୀ ସଂପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ । ଯେକୌଣସି ଟେଣ୍ଡରକୁ ବିନା ନୋଟିସ୍ ରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ରଦ୍ଦ କରିପାରିବେ।

| ସଇରାତ ସଂପତ୍ତି ଗୁଡିକର ନାମ | ବାର୍ଷିକ ସରକାରୀ ଡାକ | ଅମାନତ ଟଙ୍କା |
|---|---|---|
| ୧) ରାଣୀପାର୍କ ବସ୍ ପାର୍କିଂ | ଟ.୩,୬୯,୬୦୦/- | ଟ.୩୬,୯୬୦/- |
| ୨)ହାଟତୋଟା ଶୌଚାଳୟ | ଟ.୩୪,୮୧୫/- | ଟ.୩,୫୦୦/- |
| ୩)ବସ୍ ଷ୍ଟାଣ୍ଡ ଆଦର୍ଶ ଶୌଚାଳୟ | ଟ.୧,୭୯,୮୫୦/- | ଟ.୧୮,୦୦୦/- |
| ୪) ଦିନଦୟାଲ ଭବନ | ଟ.୨୧,୯୪୫./- | ଟ.୨,୦୦୦/- |
| ୫) ହାଣ୍ଡିଧୂଆ ମାଂସ ଦୋକାନ | ଟ.୧୫,୮୪୦/- | ଟ.୧,୬୦୦/- |
| ୬)ଦେଉଳବେଡା ମାଂସ ଦୋକାନ | ଟ.୧୬,୧୭୦/- | ଟ.୧,୬୦୦/- |
| ୭)ଶର୍ମା ଛକ ମାଂସ ଦୋକାନ | ଟ.୩୫,୮୦୫/- | ଟ.୩,୫୮୦/- |
| ୮)ହାଟତୋଟା ମାଂସ ଦୋକାନ | ଟ.୪୦,୪୨୫/- | ଟ.୪,୪୨୫/- |
| ୯)ଚିତ୍ରକୁଟ ମାଂସ ଦୋକାନ | ଟ.୨୮,୮୭୫/- | ଟ.୨,୮୮୭/- |
| ୧୦)ବାଘୁଆବୋଲ ମାଂସ ଦୋକାନ | ଟ.୫,୨୫୦ /- | ଟ.୫୨୫/- |
| ୧୧) ବସ୍ ଷ୍ଟାଣ୍ଡ ଏନ.ଟି.ପି.ସି ଶୌଚାଳୟ | ଟ.୨୧,୦୦୦/- | ଟ.୨,୧୦୦/- |
| ୧୨) ବିରାଦରପଡା ମାଂସ ଦୋକାନ | ଟ.୩୧,୧୮୫/- | ଟ.୩,୦୦୦/- |

OIPR-13077/11/0001/2425

ନିର୍ବାହୀ ଅଧିକାରୀ,
ତାଳଚେର ପୌରପରିଷଦ

**MINISTRY OF RAILWAYS**
**(South Eastern Railway)**
(CONSTRUCTION ORGANIZATION)
**NOTIFICATION**
Kolkata, the 25th June, 2024

**S.O. 2472(E).**— In exercise of Power conferred by sub-section (1) of section 20A of the Railways Act,1989, Chapter-IVA (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the schedule below, is required for execution, maintenance, management and operation of Special Railway Projects namely "Bondamunda (Dumetra)- Ranchi(Hatia) doubling (158.50Km.)" in the district of Sundargarh in the state of Odisha, hereby declares its intension to acquire such land.

Any person interested in the said land may, within a period of thirty days from the date of publication of the notification in the official Gazette, object, under sub-section (1) of the section 20D of the said Act to the acquisition and use of such land for the aforesaid purpose.

Every such objection shall be made to the component authority, viz. Land Acquisition Officer, Collectorate, Sundargarh at office of the Collector & District Magistrate (Land Acquisition Section), Dist.-Sundargarh, Odisha, Pincode-770001 in writing and shall set out the grounds thereof and competent authority shall give the objector an opportunity of being heard, either in person or by legal practitioner, and may, after hearing all such objections and after making such further enquiry, if any, as the component authority thinks necessary, by order, either allow or disallow the objections.

Any order made by the Component Authority under Sub-Section (2) of section 20D of the said Act shall be final.

The land plans & the other details of the land covered under notification are available and can be inspected by the interested person at the aforesaid office of the component Authority.

**SCHEDULE**

Brief description of land to be acquired with or without structures for Dumetra- Orga section pertaining to Bondamunda(Dumetra)- Ranchi(Hatia) doubling (158.50Km.) as "Special Railway Project" in the District of Sundargarh in the State of Odisha.

Name of the District: Sundargarh; Name of the Tehsil: Biramitrapur; Police Station: Bisra; Name of Village: Khutgaon.

| Sl. No. | Khata no. | Plot no. | Kisam | Total Area (in Acre) | Area to be acquired (in Acre) |
|---|---|---|---|---|---|
| 1 | 106 | 673 | GODA-2 | 1.050 | 0.140 |
| 2 | 55 | 672 | MA.SA. | 0.800 | 0.160 |
| 3 | | 895 | BE.SA. | 1.020 | 0.035 |
| | | | | TOTAL | 0.335 |

[F. No. SER/CON-Orgn./HQ/Land/DCE/C/Rourkela/LA/DMF-ORGA doubling-6]
RAJEEV SHRIVASTAVA, Chief Administrative Officer(Con)

## ଖେଳ ଖବର

# ପୂର୍ବାଞ୍ଚଳ ଉପକନିଷ୍ଠ ହକିରେ ଓଡ଼ିଶାର କ୍ରମାଗତ ବିଜୟ

**ଭୁବନେଶ୍ୱର,୨୫।୭(ସମିସ):** ଆସାମର ଗୌହାଟୀଠାରେ ଚାଲିଥିବା ପୂର୍ବାଞ୍ଚଳ ଉପକନିଷ୍ଠ ହକିରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚରେ ଓଡ଼ିଶା ୧୯-୧ ଗୋଲରେ ଆସାମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟା ୫ଟି ଏବଂ ସୁବୋଧ ଲାକ୍ରା ଓ ସଲମନ ଲାକ୍ରା ୩ଟି ଲେଖାଏ ଗୋଲ୍ ଦେଇଥିଲେ। ବାଳକ ଦଳ ପୂର୍ବରୁ ପ୍ରଥମ ମ୍ୟାଚରେ ୧୩-୦ ଗୋଲରେ ବେଙ୍ଗଲକୁ ହରାଇଥିଲା। ଅପରପକ୍ଷରେ ଓଡ଼ିଶା ବାଳିକା ଦଳ ୭-୦ ଗୋଲରେ ବିହାରକୁ ହରାଇଦେଇଛି। ଓଡ଼ିଶା ବାଳିକା ଦଳର ପ୍ରିୟଙ୍କା ମିଞ୍ଜ ଓ ସଞ୍ଜନା କିରୋ ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳିକା ଦଳ ୧୫-୦ ଗୋଲରେ ବେଙ୍ଗଲକୁ ମାତ୍ ଦେଇଥିଲା।

# ଫାଓ ଲିଗ୍: ମଙ୍ଗଳା ଓ ରୋଭର୍ସ କ୍ଲବ ବିଜୟୀ

**କଟକ, ୨୫।୭(ସମିସ):** ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଫାଓ ଲିଗ୍‌ରେ ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ମଙ୍ଗଳା କ୍ଲବ ଏବଂ ରୋଭର୍ସ କ୍ଲବ ବିଜୟୀ ହୋଇଛନ୍ତି। ମଙ୍ଗଳା କ୍ଲବ ୩-୦ ଗୋଲ୍‌ରେ ଓଡ଼ିଶା ପୁଲିସକୁ ପରାସ୍ତ କରିଥିଲା। ରମାଜନ ମୁଣ୍ଡା, ପପୁ ମାଝୀ ଓ ଅବିନାଶ ମୁନ୍ଦୁଲି ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୬-୦ ଗୋଲରେ ଏକତରଫା ଭାବେ ରାଧାରମଣ କ୍ଲବକୁ ପରାସ୍ତ କରିଥିଲା। ଫରୱାର୍ଡ ରାହୁଲ ମୁଖୀ ସର୍ବାଧିକ ୨ଟାଇ ଗୋଲ୍ ଦେଇଥିଲେ।

# ବରିଷ୍ଠ ଜାତୀୟ ନେଟବଲ ଲାଗି ଓଡ଼ିଶା ଦଳ

**ଭୁବନେଶ୍ୱର ତା ୨୫।୭ (ସମିସ):** ସର୍ବଭାରତୀୟ ୪୨ ତମ ବରିଷ୍ଠ ଜାତୀୟ ନେଟବଲ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ହରିୟାଣା ଯାତ୍ରା କରିଛି। ଏହି ଦଳ ଓଡ଼ିଶା ରାଜ୍ୟ ସଂପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତରେ ଓଡ଼ିଶାରୁ ୨୮ ଜଣ ପୁରୁଷ ଓ ମହିଳା ଦଳ ଯାଇଛନ୍ତି । ଏଥିରେ ଜାହିଦ ଖାଁ (କ୍ୟାପଟେନ), ଚିନ୍ମୟ ପୃଷ୍ଟି, ବାଇଧର ସେଠୀ, ସୌମ୍ୟରଞ୍ଜନ ମିଶ୍ର, ପ୍ରଶାନ୍ତ କୁମାର ଭୋଇ, ନିରାକାର ବିଶୋଇ, ଦୀପ୍ତିମୟ ବିଶ୍ୱାଳ, ରାମକୃଷ୍ଣ ରାଉତରାୟ, ସତ୍ୟବ୍ରତ ସାହୁ, ମଧୁ ସୁଦନ ମୁଣ୍ଡା ପ୍ରମୁଖ ୧୨ଜଣ ପୁରୁଷ ଖେଳାଳି ମନୋନୀତ ହୋଇଛନ୍ତି। ସେହିପରି ମହିଳା ବରିଷ୍ଠ ଟିମ୍‌ରେ ଅର୍ପିତା ସାହୁ (କ୍ୟାପଟେନ),ଅର୍ପିତା ପ୍ରିୟଦର୍ଶିନୀ ଭୋଇ, ସାଇ ସମର୍ପ୍ତା ଜେନା, ସାଇନା ପ୍ରିୟଦର୍ଶିନୀ, ପ୍ରତୀକ୍ଷା ବିଶୋଇ, ରାଜଲକ୍ଷ୍ମୀ ଦାସ, ପ୍ରଜ୍ଞା ପାରମିତା ସାହୁ, ପ୍ରିୟଙ୍କା ସାହୁ, ଲିପ୍ସା ବିଜୟିନୀ ରାୟ, ଚନ୍ଦ୍ରିକା ସାହୁ, ରେଣୁକା ସାହୁ ପ୍ରମୁଖ ଅଛନ୍ତି ।

**OFFICE OF THE PANCHAYAT SAMITI, JHARIGAM**

Ltr. No Date: 1895/2024 Date: 24.07.2024

i-39

**CORRIGENDUM**

This is to notify for all concerned that the portal address stated in the Notice issued vide no. BDO/EDU/JHG/01/2024-25 dated 22.07.2024 and Bid Identification No. BDO/EDU/JHG/01/2024-25 issued vide Letter No. 1863 dated 22.07.2024 by the undersigned for invitation of bids for construction of Additional class rooms is to be considered as **www.nabarangpur.odisha.gov.in** instead of **www.nabarangpur.nic.in** for availability and downloading the bid document.

OIPR-19408/11/0002/2425

Sd/- Block Development Officer
Jharigam

**OFFICE OF THE NOTIFIED AREA COUNCIL, KUCHINDA** C-272
E-PROCUREMENT NOTICE
BID Identification No. KCDA/NAC-03/2024-25
No.1066 /NAC Date.23-07-2024

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Construction of Paver road
2. Estimated Cost : As per DTCN
3. Period of Completion : 30 Days
4. Date & time of availability of bid documents in the portal : From 15.00 hours of 24.07.2024.
5. Last date/Time of received of Bids in portal : 17:30 Hours of 03.08.2024.
6. Date & time of opening of Bid : 10.00 hours of 05.08.2024.
7. Name & Address of the office Inviting bid : Executive Officer, NAC, Kuchinda

Further details can be seen from the e-procurement portal-www.tendersorissa.gov.in.

OIPR-13121/11/0003/2425

Executive Officer
Notified Area Council,Kuchinda

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ଜଗତସିଂହପୁର, ୨୬।୭(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୫ ତାରିଖ ଦିନ ପ୍ରାତଃ ୪.୩୦ ରେ ରାମଧୁନ, ପ୍ରଭାତ ଫେରି ସକାଳ ୬ ଘଟିକା,ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭.୩୦ ଓ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ୯.୧୫ ସମୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନୂତନ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ସକାଳ ୭.୩୦ ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ। ପ୍ୟାରେଡରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଥମରୁ ତୃତୀୟ, ୪ର୍ଥ ରୁ ୫ମ, ୬ଷ୍ଠ ରୁ ୮ମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶା।କ ବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦ ମଧ୍ୟରେ ତା ୭.୮.୨୪ ରେ ଓ ଜିଲ୍ଲାସ୍ତରରେ ତା ୧୦.୮.୨୪ ରିଖରେ ଅନୁଷ୍ଠିତ ହେବ। ପ୍ୟାରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳକୁ ବାଛିବେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ସ୍ଥାନୀୟ ଅନୁଷ୍ଠାନମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଆଲୋକ ସଜ୍ଜା କରାଯିବ। ବିଭିନ୍ନ ବିଭାଗ ଓ ପାରାଦୀପ ର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ। ଜେଲର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ସ୍ୱାଧୀନତା ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପ୍ୟାରେଡ ପରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରାଯିବ। ଅନୁଷ୍ଠିତ ଏହି ବୈଠକରେ ପୌରପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂ,ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଡ଼ିଏସପି, ଡିଆଇବି ସତ୍ୟବ୍ରତ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସାହୁ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ କଳ୍ପିତା କୁମାରୀ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ,ବୁଦ୍ଧିଜୀବୀ, ଶିକ୍ଷକଶିକ୍ଷୟିତ୍ରୀ,ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଯକ୍ଷ୍ମାରେ ପୀଡ଼ିତ



- ଭୋକ ଉପାସରେ ବିତୁଛି ୪ ଜଣଙ୍କ ଜୀବନ
- ଦୁଇଝିଅଙ୍କ ପାଠପଢା ଓ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଦାବି

**ଜଗତସିଂହପୁର, ୨୬।୭(ସମିସ):** ଜିଲ୍ଲାର ତିର୍ତ୍ତୋଲ ବ୍ଲକର କୋଳର ପଞ୍ଚାୟତ ଅନ୍ତର୍ଗତ ତାର୍ତ୍ତୋଲ ଗ୍ରାମର ବିକାଶ ଭୋଇ ଆଜକୁ ୪ ମାସ ହେବ ଘର ବିଛଣାରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ଅର୍ଥାଭାବରୁ ଏହି ପରିବାରଟି ଏବେ ଭୋକ ଉପାସରେ ଦିନ କାଟିବାକୁ ବାଧ ହୋଇଛନ୍ତି ।ସୂଚନା ଅନୁସାରେ, ବିକାଶ ଭୋଇ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ପଡିଛନ୍ତି । ଏହି ରୋଗ ଯୋଗୁ ତାଙ୍କର ମେରୁଦଣ୍ଡ ଅଚଳ ହୋଇପଡିଛି। ସେହିପରି ଫୁସଫୁସର ବାମପଟେ ପାଣି ଜମିଛି। ଅତି କଷ୍ଟରେ ପରିବାରର ଶେଷ ସମ୍ବଳକୁ ବିକି ଓ ଧାର କରଜରେ ବୁଡି ତାଙ୍କର ଚିକିତ୍ସା ଚାଲିଥିଲେ ମଧ୍ୟ ଏଥିରେ ବିଶେଷ ଉନ୍ନତି ଘଟୁନଥିବା ଜଣାପଡିଛି ।ତେବେ ବିକାଶ ଏହି ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ବର୍ତ୍ତମାନ ଏପରି ପରିସ୍ଥିତିରେ ରୋଜଗାର ହରାଇ ଏହି ପରିବାର ଅସୁବିଧା ମଧ୍ୟରେ ଗତି କରୁଛି ।ଏହି ଅବସ୍ଥାରେ ବିକାଶଙ୍କ ପତ୍ନୀ ଏବଂ ଦୁଇ ନାବାଳିକା ଝିଅ ଏବେ ସଂପୂର୍ଣ୍ଣ ରୂପେ ଭାଙ୍ଗି ପଡିଛନ୍ତି। ଆର୍ଥିକ ଅଭାବ ଯୋଗୁ ଏହି ପରିବାର ବେଳେ ଖାଇଲେ ବେଳେ ଉପବାସ ରହିବାକୁ ପଡୁଛି। ଏହି ଦୁଃଖଦ ସମୟରେ ସେମାନେ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରାଙ୍କ ସହିତ ଜିଲ୍ଲାପାଳଙ୍କୁ ଭେଟି ଦୁଇ ଝିଅଙ୍କ ପାଠପଢା ଓ ପରିବାର ଭରଣ ପୋଷଣ ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଅନୁରୋଧ କରିଥିବା ସୂଚନା ମିଳିଛି।

## ନବଭାରତୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଚାରା ବଣ୍ଟନ

**ବରୀ,୨୬।୭(ସମିସ):** ଏବେ ତାପମାତ୍ରାର ଅହେତୁକ ବୃଦ୍ଧି ଓ ପରିବେଶର ଅଭୂତପୂର୍ବ ପରିବର୍ତ୍ତନ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବୈଜ୍ଞାନିକଙ୍କ ଚେତାବନୀ ଏଭଳି ତାପମାତ୍ରା ବୃଦ୍ଧି ଘଟିଲେ ମାତ୍ର କିଛିବର୍ଷ ମଧ୍ୟରେ ପୃଥିବୀରୁ ଜୀବସତ୍ତା ଲୋପ ପାଇଯିବ। ଏହାର ଏକମାତ୍ର ବିକଳ୍ପ ଭାବେ ବହୁଳ ପରିମାଣରେ ବୃକ୍ଷରୋପଣ କରାଯିବା ଆବଶ୍ୟକ। ଏହାକୁ ଆଖି ଆଗରେ ରଖି ବରୀ ବ୍ଲକ ଅନ୍ତର୍ଗତ କିମ୍ବିରିଆପାଳ ପଞ୍ଚାୟତର ନବଭାରତୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଜଣାଶୁଣା ପରିବେଶବିତ୍ ତଥା ରୋଟାରିଆନ ଗିରିଶ ବିହାରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର କର୍ମଚାରୀଙ୍କୁ ସାଥିରେ ନେଇ ବିଭିନ୍ନ ପ୍ରକାରର ଚାରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କିମ୍ବିରିଆପାଳ ପଞ୍ଚାୟତର ଲୋକଙ୍କୁ ଓ କିଛି ବିଦ୍ୟାଳୟକୁ ପ୍ରଦାନ କରିଥିଲେ। ଶ୍ରୀ ମିଶ୍ର ପ୍ରତ୍ୟେକ ବର୍ଷ "ବନ ମହୋତ୍ସବ" ଉପଲକ୍ଷେ ବହୁ ସଂଖ୍ୟାରେ ଚାରା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ବାଣ୍ଟିବା ସହ ନିଜ ତତ୍ତ୍ୱାବଧାନରେ ରୋପଣ କରି ତା'ର ଯତ୍ନ ନେଇଥା'ନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗ

**ହାତୀବାରି, ୨୬।୭ (ସମିସ):** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ମୁଦୁଲିଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ବଡ଼ଡୁମୁରିଆ ହାଇସ୍କୁଲ (କେନ୍ଦୁଝର), ମାଣତିରା ଓ କୁହିକା ହାଇସ୍କୁଲ (ଯାଜପୁର) ରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ଉପସ୍ଥିତ ଥିଲେ।

## ପକ୍ଷାଘାତ ପୀଡ଼ିତାଙ୍କୁ ହୁଇଲ୍‌ଚେୟାର ପ୍ରଦାନ

**ଜଗତସିଂହପୁର,୨୬।୭(ସମିସ):** ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କୋଦଳ ପଳସା ଗ୍ରାମର କବିତା ରାଉତ ପକ୍ଷାଘାତ ରୋଗରେ ପୀଡିତ। ଶରୀର ଏକ ପ୍ରକାର ଅଚଳ ହୋଇ ପଡିଛି। ଚଲା ବୁଲା ଶକ୍ତି ହରାଇ ବସିବା ପରେ ସେ ବିଛଣାରେ ପଡି ରହିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୂପରେଖା ସାହୁଙ୍କ ପରାମର୍ଶକ୍ରମେ ସଭାମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଜିତ ଦାସ କବିତାଙ୍କ ସ୍ୱାମୀଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ହୁଇଲ୍ ଚେୟାର ପ୍ରଦାନ କରାଯିବା ସମୟରେ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ରଶ୍ମି ରଞ୍ଜନ ମହାନ୍ତି, ସନ୍ତୋଷ କରଣ ଉପସ୍ଥିତ ଥିଲେ।

- ପାରାଦୀପ ବିଶ୍ୱକର୍ମା ପୂଜା

## ଚଳିତ ବର୍ଷ ଧୁମ୍‌ଧାମ୍‌ରେ ପାଳନ ନେଇ ନିଷ୍ପତ୍ତି

### ବିଦ୍ୟୁତ୍ ବିଲ୍ ଛାଡ଼ କରିବାକୁ ସଂଗଠନ ପକ୍ଷରୁ ଦାବି

**ପାରାଦୀପ, ୨୬।୭ (ସମିସ) :** ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଚଳିତ ବର୍ଷ ଧୁମଧାମରେ ହେବା ନେଇ ଆଜି ଅନୁଷ୍ଠିତ ପ୍ରଥମ ବୈଠକରେ ସ୍ଥିର କରାଯାଇଛି ।ଏହା ସେପ୍ଟେମ୍ବର ୧୭ତାରିଖଠାରୁ ଆରମ୍ଭ ହୋଇ ୭ ଦିନ ଧରି ଅନୁଷ୍ଠିତ ହେବ। ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସରରେ ଆୟୋଜିତ ବୈଠକରେ ବନ୍ଦରର ସଚିବ ୟୁ.ଆର. ମୋହନରାଜୁ ଅଧ୍ୟକ୍ଷତା କରିଥିବା ବେଳେ ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ଡିଏସପି ସନ୍ତୋଷ ଜେନା, ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ, ବନ୍ଦର ବରିଷ୍ଠ ପ୍ରଶାସନିକ ଅଧିକାରୀ କେ. ଥିରୁମୁଲାର, ସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ପାରାଦୀପ ବିଶ୍ୱକର୍ମା ପୂଜାରେ ଭାଗ ନେଉଥିବା ବିଭିନ୍ନ ପୂଜା ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେବା ସହିତ ପୌର ପ୍ରଶାସନ, ବନ୍ଦର ପ୍ରଶାସନ ଓ ପୁଲିସ୍ ପ୍ରଶାସନର ସହଯୋଗରେ ଚଳିତ ବର୍ଷର ପୂଜା ଯେପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ନିଜ ନିଜର ମତ ରଖିଥିଲେ ।ପୂର୍ବ ବର୍ଷମାନଙ୍କ ଭଳି ମେଢ, ଆଲୋକ ସଜ୍ଜା ଓ ତୋରଣ ଆଦି ଯେପରି ଉଚ୍ଚ କୋଟିର କରାଯାଇ ପାରିବ ସେ ସମ୍ପର୍କରେ ଆୟୋଜକମାନଙ୍କୁ ଉପସ୍ଥିତ କମିଟି କର୍ମକର୍ତ୍ତାମାନେ କହିଥିଲେ। ଏହି ବୈଠକରେ ବହୁ ସଙ୍ଗଠନର କର୍ମକର୍ତ୍ତା ମାନଙ୍କୁ ଦେଖିବାକୁ ମିଳି ନଥିଲା ।ଆଜିର ପ୍ରଥମ ବୈଠକ ହେବା ନେଇ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ ସେମାନଙ୍କ ଅନୁପସ୍ଥିତି ନେଇ ବିଭିନ୍ନ କଥା ଉଠିଥିଲା ।ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା ମାନେ ବନ୍ଦର ପ୍ରଶାସନ ନିକଟରେ ବିଜୁଳି ଛାଡ଼ କରିବା ପାଇଁ ମୁଖ୍ୟ ଦାବି ରଖିଥିଲେ ।ହେଲେ ଏହାର ନିର୍ଯ୍ୟାସ ବାହାରି ନ ଥିଲେ ମଧ୍ୟ କର୍ମକର୍ତ୍ତା ମାନେ ଏନେଇ ବନ୍ଦର ଅଧ୍ୟକ୍ଷଙ୍କ ସହିତ ଭେଟି ଆଲୋଚନା କରିବା ନେଇ ସ୍ଥିର ହୋଇଥିଲା। ସଙ୍ଗଠନମାନେ ପୂଜା କରିବା ନେଇ ଅଗଷ୍ଟ ୭ ତାରିଖ ମଧ୍ୟରେ ବନ୍ଦର ପ୍ରଶାସନକୁ ଲିଖିତ ଆକାରରେ ଜଣାଇବା ପାଇଁ କୁହାଯିବା ସହ ତାପରେ ଆଉ କୌଣସି ଆବେଦନକୁ ବିଚାରକୁ ନିଆଯିବ ନାହିଁ ବୋଲି ସ୍ଥିର କରାଯାଇଛି।

- ୩ଦିନ ଧରି ପିଇବା ପାଣି ଯୋଗାଣ ବନ୍ଦ

## ମଟରକୁ ବିଦ୍ୟୁତ୍ ସଂଯୋଗଜନିତ ସମସ୍ୟା ଯୋଗୁଁ ଚାଲି ପାରୁନି ପାଣି

**ଗରଦପୁର, ୨୬।୭(ସମିସ):** ତିନିଦିନ ଧରି ପଞ୍ଚାୟତ ବାସି ପାଇପ୍ ଯୋଗେ ଆସୁଥିବା ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି। ପାଣି ଆସୁନଥିବା ଯୋଗୁଁ ପାନୀୟ ଜଳ ଯୋଗାଣ ଅଧୀନରେ ଥିବା ଅନେକ ୱାର୍ଡ଼ ବାସି ସମସ୍ୟାରେ ପଡ଼ିଛନ୍ତି। ଏଭଳି ଘଟଣା ଘଟିଛି ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତରେ। ଏହି ପଞ୍ଚାୟତରେ ଅଧିକାଂଶ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି। ବେଡ଼ାରି ପଞ୍ଚାୟତରେ ଏକମାତ୍ର ଏହି ପ୍ରକଳ୍ପ ପାଇପ୍ ଯୋଗେ ଜଳ ଯୋଗାଣ ହୋଇ ଆସୁଥିବାରୁ ସମସ୍ତେ ଏଥିରେ ନିର୍ଭର କରିଥାନ୍ତି। ହେଲେ ତିନିଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶାସନ ଉପରେ କ୍ଷୀପ୍ତ ହୋଇଛନ୍ତି। ଏନେଇ ପଚାରିବାରୁ ସରପଞ୍ଚ ଙ୍କ ପ୍ରତିନିଧି କହିଛନ୍ତି ମଟରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ କେବୁଲ୍ ନଷ୍ଟ ହୋଇଯାଇଛି ଏହାକୁ ମରାମତି କଲାପରେ ମଧ ତାହା ଠିକ୍ ହୋଇନାହିଁ। ଆଉ ଦିନକ ପରେ ତାହା ସମ୍ପୂର୍ଣ୍ଣ ମରାମତି ହୋଇ ଜଳ ଯୋଗାଣ ହୋଇଯିବ।

## ନୂତନ ଆଇଆଇସିଙ୍କ ଯୋଗଦାନ

**ବରୀ,୨୬।୭(ସମିସ):** ସାଧାରଣ ନିର୍ବାଚନ ପରେ ଗୃହ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲା ପ୍ରଶାସନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନାରେ କାର୍ଯ୍ୟରତ ଆଇଆଇସିଙ୍କ ଜିଲ୍ଲାସ୍ତରରେ ବଡ଼ଧରଣର ଅଦଳବଦଳ ହୋଇଛି। ଏ ପରିପ୍ରେକ୍ଷୀରେ ବରୀ ରାମଚନ୍ଦ୍ରପୁର ଥାନାର ଆଇଆଇସି ପ୍ରକାଶ କୁମାର ସାହୁଙ୍କ ସ୍ଥାନରେ ସୁମିତ୍ରା କୁମାରୀ ମହାନ୍ତି ଦାୟିତ୍ୱ ନେଇଛନ୍ତି। ଶ୍ରୀମତୀ ମହାନ୍ତି ପୂର୍ବରୁ କୋରେଇ ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ। ବରୀ ସାମ୍ବାଦିକ ସଂଘ, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ନୂତନ ଆଇଆଇସିଙ୍କୁ ସ୍ୱାଗତ ଜଣାଇଛନ୍ତି।

## ନୂତନ ଅଧିକାରିଣୀଙ୍କ ଯୋଗଦାନ

**ବ୍ରହ୍ମବରଦା,୨୬।୭ (ସମିସ):** ବ୍ରହ୍ମବରଦା ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ଅଂଶୁମାଳା ଦାସ ଓ ଏସଆଇ ଭାବେ ସୁଶାନ୍ତ ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଉଭୟଙ୍କୁ ବ୍ରହ୍ମବରଦା ପ୍ରେସ୍ କ୍ଲବ୍, ୩୬ ନମ୍ବର ଜୋନ ବିଜେପି ମଣ୍ଡଳ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭ୍ୟ ସ୍ୱାଗତ କାରିଛନ୍ତି। ପୂର୍ବତନ ଥାନା ଅଧିକାରୀ ଦେବାଶିଷ ଶତପଥୀଙ୍କୁ ପୁଲିସ ଜିଲ୍ଲା ମୁଖ୍ୟାଳୟ ଓ ଏସଆଇ ବିଭୂତି ଭୂଷଣ ମହାପାତ୍ରଙ୍କ ମଙ୍ଗଳପୁର ଥାନାକୁ ବଦଳି ହେବା ପରେ ଶ୍ରୀମତୀ ଦାସ ବିଞ୍ଝାରପୁର ଥାନା ଓ ଶ୍ରୀ ସେଠୀ ମଙ୍ଗଳପୁର ଥାନାରୁ ବଦଳି ହୋଇ ବ୍ରହ୍ମବରଦା ଥାନାକୁ ଆସିଛନ୍ତି।

## ଗାନ୍ଧୀ ଛକରେ ପୁରାତନ ଗାନ୍ଧୀମୂର୍ତ୍ତି ଭଙ୍ଗାକୁ ନେଇ ଉତ୍ତେଜନା



**ଜଗତସିଂହପୁର,୨୫।୭(ସମିସ):** ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧିଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତିକୁ ଭଙ୍ଗା ଯିବା ଘଟଣାରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି ଆଜି ରାତି ୯ଟା ସମୟରେ ଏହି ମୂର୍ତ୍ତି ଭଙ୍ଗାକୁ ଲୋକମାନେ ତୀବ୍ର ବିରୋଧ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗାନ୍ଧିଛକରେ ଥିବା ବହୁପୁରାତନ ଗାନ୍ଧୀ ମୂର୍ତ୍ତିକୁ ପୌରପରିଷଦର ଅନୁମତିକ୍ରମେ ଜଣେ ଠିକାଦାର ବଜାର କମିଟିକୁ ନ ଜଣାଇ ଉକ୍ତ ଗାନ୍ଧୀମୂର୍ତ୍ତି ଭାଙ୍ଗି ନେଇଯାଇଥିଲେ। ଯାହାଫଳରେ ଆଜି ରାତି ୯ଟା ସମୟରେ ସେଠାରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ରାସ୍ତା ଅବରୋଧ କରି ହୋହାଲ୍ଲା କରିବା ସହିତ ଏହାର ପ୍ରତିବାଦ କରିଥିଲେ । ଖବରପାଇ ପୌରପରିଷଦ ନିର୍ବାହୀଅଧିକାରୀ ଘଟଣାସ୍ଥଳକୁ ଆସି ଉକ୍ତ ପୁରୁଣା ମୂର୍ତ୍ତି ଜାଗାରେ ଆଉ ଏକ ନୂଆ ମୂର୍ତ୍ତି ବସାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ହୋଇଥିଲା।

## ବଉଳ କସ୍ତୁରୀ ସ୍ମୃତି ପରିଷଦର ବାର୍ଷିକ ଉତ୍ସବ



**ବରୀ,୨୬।୭(ସମିସ):** ବଉଳ କସ୍ତୁରୀ ସ୍ମୃତି ପରିଷଦ ଟ୍ରଷ୍ଟର ବାର୍ଷିକ ଉତ୍ସବ ବରୀ ରମାଦେବୀ ଆଶ୍ରମରେ ଗୋବିନ୍ଦ ଚନ୍ଦ୍ର ଫାରକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଜିର ସମାଜରେ ବାପାମାଆଙ୍କ ଆବଶ୍ୟକତା ଉପରେ ଅନୁଷ୍ଠିତ ଆଲୋଚନାଚକ୍ର କୁ ନବକାକଳୀର ସମ୍ପାଦକ ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଉଦଘାଟନ କରିଥିଲେ। ଏ ଅବସରରେ "ମୋ ମା' ପତ୍ରିକାକୁ ଉନ୍ମୋଚନ କରିଥିଲେ। ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବାହାଦୂର ପାଟସାହାଣୀ ମୁଖ୍ୟଅତିଥି, ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବଉଳ, କସ୍ତୁରୀ ସ୍ମୃତି ପରିଷଦ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନାଟ୍ୟକାର ଅଭୟ ଶତପଥୀ, ସମାଜସେବୀ ସତ୍ୟରଞ୍ଜନ କର, ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ସାହିତ୍ୟିକ ସତ୍ୟ ପ୍ରକାଶ କର, କବି ନାରାୟଣ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର ସମାଜରେ ବାପାମାଆଙ୍କ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନୀରଦ ଚନ୍ଦ୍ର ଜେନା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ କୌଶଲ୍ୟା ବେଉରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ପାଞ୍ଚଜଣ ଭିନ୍ନକ୍ଷମ ଶିଶୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରତ୍ୟେକଙ୍କୁ ୫୦୦ ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନୀଲ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଗୌରାଙ୍ଗ ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

- ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

## ଜଗତସିଂହପୁର ଜିଲ୍ଲା ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ଜଗତସିଂହପୁର, ୨୫।୭(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀର ୬୭ ତମ ସ୍ୱନକ୍ଷତ୍ର ଦିବସ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ପର୍କିତ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ୩ ଜଣ ଛାତ୍ରଛାତ୍ରୀ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଏବଂ ଓଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର, ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ,କନିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋରକରା ରଘୁନାଥପୁରର ୭ମ ଶ୍ରେଣୀ ଛାତ୍ରୀ ଇଶାଶ୍ରୀ ସେନାପତି ଦ୍ୱିତୀୟ, ବରିଷ୍ଠ ବର୍ଗ କବିତା ଆବୃତ୍ତିରେ କେନ୍ଦ୍ରୀୟ ବିଦ୍ୟାଳୟ ଜଗତସିଂହପୁରର ନବମ ଶ୍ରେଣୀ ଛାତ୍ରୀ ଦୀପଶିଖା ମିଶ୍ର ଦ୍ୱିତୀୟ ଏବଂ ବରିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ଗୋପବନ୍ଧୁ ସ୍ମାରକୀ ଉଚ୍ଚ ବିଦ୍ୟାଳୟ, ତିରୁଣା,ନାଉଗାଁର ଦଶମ ଶ୍ରେଣୀ ଛାତ୍ରୀ ଅନୁଷ୍କା ସ୍ୱାଇଁ,ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଥାଉକି,ଗତ ଜୁଲାଇ ୫ ତାରିଖ ଦିନ ଜିଲ୍ଲାର ଶ୍ରୀକୃଷ୍ଣ ଏକାଡେମୀ ଠାରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ କନିଷ୍ଠ ବର୍ଗ ୧୪.୦୭.୨୪ ଓ ବରିଷ୍ଠ ବର୍ଗ ୧୭.୦୭.୨୪ ଦିନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

## ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

**ସିଂହପୁର, ୨୬।୭(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟ ପକ୍ଷରୁ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ ପାତ୍ର , ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମେଶ ସାହୁ, ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ସନ୍ତୋଷିନୀ ସାମଲ, ରଶ୍ମିତା ଦାସ ପ୍ରମୁଖ ଯୋଗଦେଇ ପୋଷାକ ବିତରଣ କରିଥିଲେ। ୩୧୯ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥିଲା। ବିଦ୍ୟାଳୟର କଳା ଶିକ୍ଷକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତଜ୍ଞ ଦିନେଶ ମଲ୍ଲିକ, ସହକାରୀ ଶିକ୍ଷକ ମନୋରଞ୍ଜନ ବେହୁରିଆ, ଶିକ୍ଷକ ପ୍ରଭାତ ସାହୁ, ଶିକ୍ଷୟିତ୍ରୀ ନମିତା ମଲ୍ଲିକ, ସତ୍ୟଭାମା ବାରିକ, ମଞ୍ଜୁଲତା ଥାଟୋଇ, ରସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

- ଅଲ୍ ଓଡିଶା ପେଟିଙ୍ଗ୍ ଆର୍ଟିଷ୍ଟ ୱାର୍କସ ଆସୋସିଏସନର ଜିଲ୍ଲା ସମ୍ମିଳନୀ

## ୧୨ ଦଫା ଦାବି ନେଇ ରଙ୍ଗ ତୂଳୀ ସହ ସହରରେ ଶୋଭାଯାତ୍ରା



**ଜଗତସିଂହପୁର, ୨୫।୭(ସମିସ ):** ଜଗତସିଂହପୁର ଜିଲ୍ଲା ଅଲ୍ ଓଡିଶା ପେଟିଙ୍ଗ୍ ଆର୍ଟିଷ୍ଟ ୱାର୍କସ ଆସୋସିଏସନର ଶାଖା ପକ୍ଷରୁ ରଙ୍ଗ ତୂଳୀ କଳାକାରମାନଙ୍କର ମୌଳିକ ସୁବିଧା ନିମନ୍ତେ ଏକ ଶୋଭାଯାତ୍ରା ଓ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଳାକାରମାନଙ୍କ ଦ୍ୱାରା ସ୍ଥାନୀୟ ପୋଷ୍ଟାଲ ଛକ ନିକଟରୁ ବିଶାଳ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସହର ପରିକ୍ରମା କରି ନିଜର ୧୨ ଦଫା ଦାବି ନିମନ୍ତେ ବିଭିନ୍ନ ସ୍ଲୋଗାନମାନ ଦେଇ ସ୍ଥାନୀୟ ତ୍ରିନାଥ ମଣ୍ଡପରେ ଅନୁଷ୍ଠିତ ସଭାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ପ୍ରଭାତ ନଳିନୀ କାଣ୍ଡିଙ୍କ ସଭାପତିତ୍ୱରେ ପେଣ୍ଟିଙ୍ଗ ଆର୍ଟ କଳାକାରଙ୍କୁ ନେଇ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।ସଂଘର ଦାବି ଗୁଡିକ ମଧ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୨୦ ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁ ପାଇଁ ୧୦ ଲକ୍ଷ ଟଙ୍କା ଟଙ୍କା, ରଙ୍ଗତୁଳୀ କଳାକାରଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ, ପେନସନ୍ ସହାୟତା ରାଶି ଘୋଷଣା, ପରିବେଶ ଓ ଜୀବନ ଜୀବିକାରେ ବିନାଶ କାରି ଫ୍ଲେକ୍ସକୁ ବ୍ୟାନ୍ କରିବା ପ୍ରଭୃତି ଅନ୍ତର୍ଭୁକ୍ତ । ଏହିପରି ୧୨ ଦଫା ଦାବି ଗୁଡିକକୁ ଆସୋସିଏସନ ପକ୍ଷରୁ ଉପସ୍ଥାପନ କରାଯିବା ସହିତ ଯଦି ଆଗାମୀ ଦିନରେ ଏହି ଦାବିଗୁଡିକୁ ସରକାର ମାନି ନ ନିଅନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସମାକୋଇ ଜଳସେଚନ ପ୍ରକଳ୍ପ ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା

### ■ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବିଧାୟକ



**କଣିହାଁ/ପବିତ୍ରନଗର, ୨୫।୭ (ସମିସ):** ବହୁ ପ୍ରତୀକ୍ଷିତ ସମାକୋଇ ନଦୀର ଚକଧର ପ୍ରକଳ୍ପର ଶୁଭାରମ୍ଭ ଖୁବଶୀଘ୍ର ହେବ ବୋଲି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରଥମ କରି ମୋହନ ମାଝି ସରକାର ରାଜ୍ୟର ଅନ୍ୟ ମଧ୍ୟମ ଜଳସେଚନ ପ୍ରକଳ୍ପ ସହିତ ସମାକୋଇ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରିଛନ୍ତି। ଏହା ଦ୍ୱାରା ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ୧୨ ପଞ୍ଚାୟତ ୫୦ ହଜାର ଜନସାଧାରଣରେଙ୍ଗାଲି ଓ ସମଲ ଦ୍ୱାରା ଉପକୃତ ହେବେ। ବିଧାୟକ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀବାସୀଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ମାଳତୀ ଦେବୀଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଅନୁଗୋଳ, ୨୫।୭ (ସମିସ):** ସ୍ୱାଧୀନତା ସଂଗ୍ରାମୀ ମାଳତୀ ଦେବୀ ଚୌଧୁରୀଙ୍କ ୧୨୦ ତମ ଜୟନ୍ତୀ ଉପଲକ୍ଷେ ନବମାଳତୀ ସ୍ମୃତୀ କମିଟି ଓ ଶ୍ୟାମ ଇନ୍ଦୁସ ପାୱାର ସଲ୍ୟୁସନର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଆୟୋଜିତ ହୋଇଯାଇଛି। ରକ୍ତଦାତାମାନେ ରକ୍ତଦାନ କରି ମାଳତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣକରିବା ସହିତ ସ୍ମୃତିଚାରଣ କରିଥିଲେ। ଉକ୍ତ ଶିବିରରେ ୧୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ ଶିବିରକୁ ବାଜି ରାଉତ ଛାତ୍ରାବାସର ସମ୍ପାଦକ ଡ଼ଂ. ଧନେଶ୍ୱର ସାହୁ ଉଦଘାଟନ କରିଥିଲେ, ଯେଉଁଥିରେ ସାମାଜିକ କର୍ମୀ ପର୍ଶୁରାମ ଦାଶ, ଜୁଲୁ କୁମାର ସାହୁ ଉପସ୍ଥିତ ଥିଲେ। କିଶୋର ଶତପଥି, ସୌମ୍ୟଜିତ ଧଳ, ଆର୍ଯ୍ୟକୁମାର ପ୍ରିୟବ୍ରତ, ଦେବାଶିଷ ଦାଶ, ବିଭୂତି ପାତ୍ର, ପ୍ରକାଶ ଦାସ, ଶ୍ରବଣ ସାହ, ଛୋଟରାୟ ମାଝି, ମାମାଲି ଗଡ଼ନାୟକ ଓ ନବ-ମାଳତୀ ସ୍ମୃତି କମିଟିର ଆବାହକ ଆଦ୍ୟଶ୍ଳୋକ ମିଶ୍ର ସାମିଲ ଥିଲେ।



### ଲୁମିନିୟସ୍ କମ୍ପାନୀର ମନମୁଖି କାର୍ଯ୍ୟ

# ଶିଳ୍ପସଂସ୍ଥାର ମୁଖ୍ୟ ଫାଟକକୁ ଅବରୋଧ କରି ଶାନ୍ତିପୂର୍ଣ୍ଣ ଧର୍ମଘଟ

**ବଅଁରପାଳ, ୨୫।୭ (ସମିସ)**

ବଅଁରପାଳ ବ୍ଲକ ଅନ୍ତର୍ଗତ ରାଜସ୍ୱ ଗ୍ରାମ ଲଙ୍ଗୁଳିଆବେଡ଼ା, ତୁଳସୀପାଳ ଓ ଗାଡ଼ରଖାଇ ଅଞ୍ଚଳରେ ସ୍ଥାପିତ ଆଲୁମିନିୟମ ପାର୍କ ପରିସରରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା । ପରିସରରେ କାର୍ଯ୍ୟାଦେଶ ପାଇ କାମ ଆରମ୍ଭ କରିବାକୁ ଥିବା ବିଭିନ୍ନ ଶିଳ୍ପସଂସ୍ଥା ମଧ୍ୟରୁ ଲୁମିନିୟସ ନାମକ ଏକ ଶିଳ୍ପସଂସ୍ଥାର ମନମୁଖୀ କାର୍ଯ୍ୟକଳାପ ଓ ଦାଦାଗିରିକୁ ବିରୋଧ କରି ସ୍ଥାନୀୟ ତୁଳସୀପାଳ ଓ ଲଙ୍ଗୁଳିଆବେଡ଼ା ବିକାଶ ପରିଷଦର କର୍ମକର୍ତ୍ତା ଓ ଶତାଧିକ ସଦସ୍ୟ ଏହାକୁ ବିରୋଧ କରିବା ସହ ଶିଳ୍ପସଂସ୍ଥାର ମୁଖ୍ୟ ଫାଟକକୁ ଅବରୋଧ କରି ଶାନ୍ତିପୂର୍ଣ୍ଣ ଧର୍ମଘଟ ଆରମ୍ଭ କରିଛନ୍ତି । ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। କିଛି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ବଅଁରପାଳ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ଓ ଥାନାଧିକାରୀ ଦୁଷ୍ମନ୍ତ କୁମାର ସେନାପତିଙ୍କ ନେତୃତ୍ୱରେ ପୁଲିସ ବାହିନୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

ସୂଚନାନୁଯାୟୀ ଇଡକୋ ପକ୍ଷରୁ ବିଗତ ୧୫ ବର୍ଷ ପୂର୍ବରୁ ଲଙ୍ଗୁଳିଆବେଡ଼ା, ତୁଳସୀପାଳ ଓ ଗାଡ଼ରଖାଇ ଗ୍ରାମରୁ ଜମି ଅଧିଗ୍ରହଣ କରାଯାଇ ଆଲୁମିନିୟମ ପାର୍କ ପ୍ରକଳ୍ପକୁ ହସ୍ତାନ୍ତର କରାଯାଇଥିଲା । ଉଦ୍ଦେଶ୍ୟ ଥିଲା, ପ୍ରକଳ୍ପ ଏହି ଅଧିଗୃହିତ ଜମିକୁ ଛୋଟ ଛୋଟ ଶିଳ୍ପସଂସ୍ଥାକୁ ଦେବ ଓ ଏହି ଶିଳ୍ପସଂସ୍ଥା ଗୁଡିକ ନାଲକୋରୁ ତରଳ ଆଲୁମିନିୟମ ନେଇ ଆଲୁମିନିୟମ ସମ୍ପର୍କିତ ବିଭିନ୍ନ ଯନ୍ତ୍ରାଂଶ ଓ ଉପକରଣ ଉତ୍ପାଦନ କରିବେ । ଏଥିପାଇଁ ଜମି ଅଧିଗ୍ରହଣ ସମୟରୁ କ୍ଷତିଗ୍ରସ୍ତ ଗ୍ରାମର ଗ୍ରାମବାସୀ, ଇଡକୋ କର୍ତ୍ତୃପକ୍ଷ ଓ ପ୍ରଶାସନିକ ସ୍ତରରେ ଅତୀତରେ ବାରମ୍ବାର ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା । ଗ୍ରାମବାସୀ ପ୍ରଥମରୁ ଭିଟାମାଟି ତଥା ଭାତହାଣ୍ଡି ସଦୃଶ ଚାଷଜମି ହରାଉଥିବାରୁ ଏହାର ପ୍ରତିବଦଳରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଭାଗିଦାରୀ କରିବା ସହ ନିଯୁକ୍ତି ଦାବି କରି ଆସିଥିଲେ। ପ୍ରଶାସନିକ ସ୍ତରରେ ମଧ୍ୟ କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ବର୍ତ୍ତମାନ ପ୍ରଶାସନର ପ୍ରତିଶ୍ରୁତି କାର୍ଯ୍ୟ କରୁନି । ପାର୍କରେ ବିଭିନ୍ନ ଶିଳ୍ପସଂସ୍ଥା କାର୍ଯ୍ୟାଦେଶ ପାଇ କାମ ଆରମ୍ଭ କରି ନଥିବା ବେଳେ ଲୁମିନିୟସ କମ୍ପାନୀ କାମ କରୁଛି । ପ୍ରଥମ ପର୍ଯ୍ୟାୟରେ ଏହି କମ୍ପାନୀ ନିଜର ପାଚେରି ନିର୍ମାଣ ପାଇଁ ମିଳିମିଶି କାମ କରିବାକୁ ବିକାଶ ପରିଷଦକୁ ସୁଯୋଗ ଦେଇଥିଲା । ପାଚେରି କାମ ସରି ଫାଟକ ଲାଗିସାରିବା ପରଠାରୁ ଭିତର କାମ ପାଇଁ ରୋକଠୋକ ମନା କରିବା ସହ ଧମକ ଚମକ ଦେବା ଆରମ୍ଭ କରିଛି । କମ୍ପାନୀର ହାତ ବହୁତ ଲମ୍ବା। ପ୍ରଶାସନିକ ଅଧିକାରୀମାନେ ଆମ ହାତମୁଠାରେ ଅଛନ୍ତି । ଆମ ଲୋକ ଅଛନ୍ତି, ଆମେ ନିଜେ କାମ କରିବୁ । କମ୍ପାନୀ ୨୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରୁ କୌଣସି ସ୍ଥାନୀୟ ଠିକାଦାର କିମ୍ବା ଶ୍ରମିକଙ୍କୁ କାମ ଦିଆଯିବ ନାହିଁ ବୋଲି କହିଛି । ଏପରିକି ଗତ ଜୁନ ମାସ ୨୧ ତାରିଖରେ ଉପ ଜିଲ୍ଲାପାଳ, ତହସିଲଦାର ଓ ସେହି ଜୁନ ମାସ ୨୫ ତାରିଖରେ ବିଧାୟକଙ୍କ ଦ୍ୱାରା ଡକାଯାଇଥିବା ତ୍ରିପାକ୍ଷିକ ଆଲୋଚନାକୁ ମଧ୍ୟ ଉକ୍ତ ଲୁମିନିୟସ କମ୍ପାନୀ ଅବଜ୍ଞାକରି ଆସି ନଥିଲା। ସେତେବେଳେ କମ୍ପାନୀର ମନୋମୁଖୀ କାର୍ଯ୍ୟ ପାଇଁ କମ୍ପାନୀର କାମ ବନ୍ଦକରିବା ଓ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କ ପାଖରେ ପରିଷଦ ପକ୍ଷରୁ ଦରଖାସ୍ତ କରାଯାଇଥିଲା। ଏସମସ୍ତ ସତ୍ତ୍ୱେ କମ୍ପାନୀ ତା'ର କାର୍ଯ୍ୟ ଜାରି ରଖିବାରୁ ବାଧ୍ୟହୋଇ ବିକାଶ ପରିଷଦର କର୍ମକର୍ତ୍ତା ଓ ଶତାଧିକ ପ୍ଲା-କାର୍ଡ ଧରି କମ୍ପାନୀ ବିରୋଧରେ ନାରାବାଜୀ କରିବା ସହ ମୁଖ୍ୟ ଫାଟକକୁ ବନ୍ଦକରି ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧର୍ମଘଟ ଆରମ୍ଭ କରିଥିଲେ । ଫଳରେ ଆଲୁମିନିୟମ ପାର୍କ ପ୍ରକଳ୍ପ ପରିସରରେ ଉତ୍ତେଜନା ଦେଖାଯାଇଥିଲା। ଧର୍ମଘଟରେ ପରିଷଦର ଉପଦେଷ୍ଟା ବାଉରୀବନ୍ଧୁ ସାହୁ, ଦୁଷ୍ମନ୍ତ ଗଡ଼ନାୟକ, ସଦସ୍ୟ ବସନ୍ତ ବିଶ୍ୱାଳ, ଅଜୟ ସାହୁ, ମନୋଜ ସାହୁ, ବାବୁଲି ଗଡ଼ନାୟକ, ଦୁର୍ଯ୍ୟୋଧନ ପରିଡ଼ା ଓ ପତିତପାବନ ବିଶ୍ୱାଳଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।




## ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ଯୋରନ୍ଦା, ୨୫।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ୬୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ ଯୋଗଦେଇ ପୁରାତନ ଛାତ୍ର ସଂଘ ଓ ମୋ ବିଦ୍ୟାଳୟ କମିଟି ମିଳିତ ଆନୁକୂଲ୍ୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ନିର୍ମିତ ପ୍ରାର୍ଥନା ଗୃହକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହୋଇ ସମାଜର ସେବାରେ ନିଜକୁ ସମର୍ପିତ କରିବା ସହିତ ନିଜ ମାତୃଭାଷା ଓ ମାତୃଭୂମି ଭଲପାଇବା ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଆ ଅସ୍ମିତାର କଥା କହିବା ସହିତ ଯୋରନ୍ଦା ଉଚ୍ଚ ବିଦ୍ୟାଳୟ ସହିତ ମହିମା ଧର୍ମ ଓ ମହିମା ମାଟିକୁ ତାଙ୍କର ଭଲପାଇବା କଥା କହିଥିଲେ। ପୁରାତନ ଛାତ୍ର ସଂଘ ସଭାନେତ୍ରୀ ମନୋଜ ମଞ୍ଜରୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମଙ୍ଗୁଳି ଚରଣ ବିଶ୍ୱାଳ ଯୋଗ ଦେଇ ଏହି ଅନୁଷ୍ଠାନକୁ ଗଠନ କରିବାରେ ଯେଉଁ ମହାନୁଭବ ମାନଙ୍କର ଯୋଗଦାନରେ ବିଦ୍ୟାଳୟ ଗଢ଼ିଉଠିଥିଲା, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଶକ୍ତି ଟିଭି ପୂର୍ବ ଓଡ଼ିଶା ମୁଖ୍ୟ ପ୍ରଦୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ବିତ ରାଉତ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର କମିଟି ସଭ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଉତ୍ତମ କୁମାର ସାମନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂଘ ସମ୍ପାଦିକା ନିହାରବାଳା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ। ପୁରାତନ ସଂଘ ସଭ୍ୟ ରଞ୍ଜନ କୁମାର ନାୟକ, ହିମାଂଶୁ ଭୂଷଣ ନାୟକ, ପ୍ରଫୁଲ୍ଲ କୁମାର ରାଉତ, ଦୁର୍ଯ୍ୟୋଧନ ବେହେରା, ଗୌତମ ପ୍ରଧାନ, ଆଲୋକ ରଞ୍ଜନ ରାଉତ, ଅମ୍ବିକା ପ୍ରସାଦ ମିଶ୍ର, ବିଷ୍ଣୁଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବଭାରତୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଚାରା ବଣ୍ଟନ

**ବରୀ, ୨୫।୭ (ସମିସ):** ଏବେ ତାପମାତ୍ରାର ଅହେତୁକ ବୃଦ୍ଧି ଓ ପରିବେଶର ଅଭୂତପୂର୍ବ ପରିବର୍ତ୍ତନ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବୈଜ୍ଞାନିକଙ୍କ ଚେତାବନୀ ଏଭଳି ତାପମାତ୍ରା ବୃଦ୍ଧି ଘଟିଲେ ମାତ୍ର କିଛିବର୍ଷ ମଧ୍ୟରେ ପୃଥିବୀରୁ ଜୀବସତ୍ତା ଲୋପ ପାଇଯିବ। ଏହାର ଏକମାତ୍ର ବିକଳ୍ପ ଭାବେ ବହୁଳ ପରିମାଣରେ ବୃକ୍ଷରୋପଣ କରାଯିବା ଆବଶ୍ୟକ। ଏହାକୁ ଆଖି ଆଗରେ ରଖି ବରୀ ବ୍ଲକ ଅନ୍ତର୍ଗତ କିମ୍ବିରିଆପାଳ ପଞ୍ଚାୟତର ନବଭାରତୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଜଣାଶୁଣା ପରିବେଶବିତ୍ ତଥା ରୋଟାରିଆନ ଗିରିଶ ବିହାରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର କର୍ମଚାରୀଙ୍କୁ ସାଥିରେ ନେଇ ବିଭିନ୍ନ ପ୍ରକାରର ଚାରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କିମ୍ବିରିଆପାଳ ପଞ୍ଚାୟତର ଲୋକଙ୍କୁ ଓ କିଛି ବିଦ୍ୟାଳୟକୁ ପ୍ରଦାନ କରିଥିଲେ। ଶ୍ରୀ ମିଶ୍ର ପ୍ରତ୍ୟେକ ବର୍ଷ 'ବନ ମହୋତ୍ସବ' ଉପଲକ୍ଷେ ବହୁ ସଂଖ୍ୟାରେ ଚାରା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ବାଣ୍ଟିବା ସହ ନିଜ ତତ୍ତ୍ୱାବଧାନରେ ରୋପଣ କରି ତା'ର ଯତ୍ନ ନେଇଥା'ନ୍ତି।

### ■ ଜଳୁନାହିଁ ଷ୍ଟ୍ରିଟ୍ ଲାଇଟ୍ ଓ ହାଇମାଷ୍ଟ ଲାଇଟ୍

# ରାତି ୯ ବାଜିଲେ ବାଗଡ଼ିଆ ମାର୍କେଟ୍ ଅନ୍ଧାର

**ଛେଣ୍ଡିପଦା, ୨୫।୭ (ସମିସ):** ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ବାଗଡ଼ିଆ ପଞ୍ଚାୟତର ମାର୍କେଟ ରାତି ୯ଟା ପରେ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଯାଉଛି। ବାଗଡ଼ିଆ ମାର୍କେଟରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଟି ଆଜକୁ ୬ ମାସ ହେବ ଆଉ ଜଳୁନାହିଁ। ଲାଗିଥିବା ହାଇମାଷ୍ଟ ଲାଇଟ୍ ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ମେଡିକାଲ ଛକଠାରୁ ବଜାର ଛକ ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ମଧ୍ୟରୁ ଅଧା ଅଚଳ। ମେଡିକାଲ ଛକଠାରୁ ବଜାର ଛକ ପର୍ଯ୍ୟନ୍ତ ପାଖାପାଖି ୨୦୦ ଦୋକାନ ସହ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ହିଟାଚିର ୩ ଟି ଏଟିଏମ୍ ମଧ୍ୟ ରହିଛି। ଏହି ବାଗଡ଼ିଆ ମାର୍କେଟକୁ ଆଖପାଖ ଅଞ୍ଚଳର ଲୋକମାନେ କିଣାକିଣି କରିବାକୁ ଅନେକ ଗ୍ରାହକ ଓ ବ୍ୟବସାୟୀ ଆସିଥାନ୍ତି। ରାତ୍ରୀ ସମୟରେ ବାଗଡ଼ିଆ ଦେଇ ଅନେକ ଗାଡ଼ି ଯିବା ଆସିବା ମଧ୍ୟ କରିଥାନ୍ତି। ଯାତ୍ରୀମାନେ ରାତ୍ରୀ ସମୟରେ ଗାଡ଼ିକୁ ଅପେକ୍ଷା ମଧ୍ୟ କରିଥାନ୍ତି। କିନ୍ତୁ ବଡ଼ ପରିତାପର ବିଷୟ ଦୋକାନଗୁଡିକ ବନ୍ଦ ହେବା ପରେ ରାତ୍ରୀ ସମୟରେ ମାର୍କେଟ ସଂପୂର୍ଣ୍ଣ ଅନ୍ଧାର ହୋଇପଡୁଛି। ଚୋରି ଡକାୟତି ବଢ଼ିବା ନେଇ ସନ୍ଦେହ ବଢୁଛି। ବାଗଡ଼ିଆ ପଞ୍ଚାୟତ ପକ୍ଷରୁ ଲାଗିଥିବା ହାଇମାଷ୍ଟ ଲାଇଟ୍ ଟି ଅତି ନିମ୍ନମାନର ହୋଇଥିବାରୁ ଅତି ଶୀଘ୍ର ଅଚଳ ହୋଇପଡୁଛି। ପଞ୍ଚାୟତ କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହେତୁ ଏଭଳି ନିମ୍ନମାନର କାର୍ଯ୍ୟ ଦେଖିବାକୁ ପଡୁଛି ଓ ୬ ମାସ ମଧ୍ୟରେ ଲାଇଟ୍ ଟି ସମ୍ପୂର୍ଣ୍ଣ ଖରାପ୍ ହୋଇପଡ଼ିଛି, ଯାହା ଫଳରେ ମାର୍କେଟଟି ରାତି ସମୟରେ ଅନ୍ଧାର ହେତୁ ଅନେକ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବାଗଡ଼ିଆ ଜଗନ୍ନାଥ ମନ୍ଦିରଠାରୁ ଛକ ପର୍ଯ୍ୟନ୍ତ ସାହି ମଧ୍ୟରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି, କିନ୍ତୁ ମାର୍କେଟ ସଂପୂର୍ଣ୍ଣ ଅନ୍ଧାର। ନିମ୍ନମାନର ଲାଇଟ୍ ଲାଗାଯାଉଥିବାରୁ ଲାଇଟ୍ ଦିନେ ଜଳିଲେ ୩୦ ଦିନ ଅଚଳ। ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ଏକ ସ୍ଥାୟୀ ଆଲୋକିକରଣର ବ୍ୟବସ୍ଥା କରାଗଲେ ରୋଗୀମାନେ ବହୁତ ଉପକୃତ ହେବେ ବୋଲି ଜନସାଧାରଣଙ୍କ ମତ। ଯଥାଶୀଘ୍ର ବାଗଡ଼ିଆ ମାର୍କେଟରେ ଲାଗିଥିବା ହାଇମାଷ୍ଟ ଓ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ମରାମତି କରାଗଲେ, ଜନସାଧାରଣ ଅନ୍ଧାରରୁ ମୁକ୍ତିପାଇବେ ଓ ଚୋରି, ଡକାୟତି କମିବ ବୋଲି ଆଶା କରାଯାଉଛି। ଛେଣ୍ଡିପଦା ବ୍ଲକ୍ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ମାର୍କେଟକୁ ଯଥାଶୀଘ୍ର ଆଲୋକିତ କରିବାକୁ ବାଗଡ଼ିଆ ଗ୍ରାମବାସୀ ଦାବି କରିଛନ୍ତି।



## ପ୍ରାକୃତିକ କୃଷି ପ୍ରଣାଳୀ ଓ ଜିଆଖତର ଉପାଦେୟତା ଓ ପ୍ରସ୍ତୁତି ନିମନ୍ତେ ତାଲିମ

**ଗଁଦିଆ, ୨୫।୭ (ସମିସ) :** ଏଫ୍‌ଇଏସ୍ କାର୍ଯ୍ୟାଳୟ ଠାରେ କୃଷି ବିଜ୍ଞାନ କେନ୍ଦ୍ର କଟକ ଦ୍ୱାରା ପ୍ରାକୃତିକ କୃଷି ପ୍ରଣାଳୀ ଓ ଜିଆ ଖତର ଉପାଦୟତା ଓ ପ୍ରସ୍ତୁତି ନିମନ୍ତେ ତାଲିମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଶ୍ରୀକାନ୍ତ କୁମାର ସାହୁ ଓ ଫସଲ ସଂରକ୍ଷଣ କୃଷି ବୈଜ୍ଞାନିକ ସଂଘମିତ୍ରା ସାହୁ, ଏଲଆଇସି ଏଚଏଫଏଲ ହରିତେ ପ୍ରୋଜେକ୍ଟ, ଏଫଇଏସର ପ୍ରକଳ୍ପ ପରିଚାଳିକା ପ୍ରତିଭା ମହାପାତ୍ର ଓ ଜିଲ୍ଲା ସଂଯୋଜକ ପ୍ରଣବ ନାରାୟଣ ନାୟକ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକଳ୍ପ ପରିଚାଳିକା ପ୍ରତିଭା ମହାପାତ୍ର ବର୍ତ୍ତମାନ ସମୟରେ ପରିବେଶ ପ୍ରଦୂଷଣର ବିକଟ ପରିସ୍ଥିତିରେ ପ୍ରାକୃତିକ କୃଷିର ଆବଶ୍ୟକତା ଓ ଆମମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ ଏବଂ ତାଲିମ ପ୍ରାରମ୍ଭ କରିବାକୁ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ ଅନୁରୋଧ କରିଥିଲେ। କୃଷି ବିଜ୍ଞନ କେନ୍ଦ୍ର ଦ୍ୱାରା ପ୍ରାକୃତିକ କୃଷିର ଆବଶ୍ୟକତା ଓ ସୋପାନ, ବିଭିନ୍ନ ଜୈବିକ ଖତ, କୀଟ ନିୟନ୍ତ୍ରକ ପ୍ରସ୍ତୁତି, ବ୍ୟବହାର ଓ ମୃତ୍ତିକା ଉନ୍ନତିକରଣ ନିମନ୍ତେ ଜିଆ ଖତ, ଜିଆ ପାଣି ଆଦି ପ୍ରସ୍ତୁତି ଓ ବ୍ୟବାହର ବିଷୟରେ ବିସ୍ତୀର୍ଣ୍ଣ ରୂପେ ବୁଝାଇଥିଲେ। ଉକ୍ତ ତାଲିମ ଶିବିରରେ ଢେଙ୍କାନାଳ, ଗଁଦିଆ, ଭୁବନ, କାମାକ୍ଷାନଗର, କଙ୍କଡ଼ାହାଡ଼, ପରଜଙ୍ଗ ବ୍ଲକର ୧୪ ଜଣ କୃଷୀମିତ୍ର ଓ ୬ ଜଣ ମାଷ୍ଟର ଟ୍ରେନର ଯୋଗ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯକ୍ରମରେ କ୍ୟାଡରମାନେ କିଭଳି ପ୍ରଶିକ୍ଷିତ ହେଇ ନିଜ କ୍ଷେତ୍ରରେ ନିଜ କ୍ୟାଡର ବନ୍ଧୁମାନଙ୍କୁ ପ୍ରଶିକ୍ଷିତ କରିବା ସହ ଚାଷୀମାନଙ୍କ ପାଖରେ ଏହାର ଜ୍ଞାନ କିଭଳି ପହଞ୍ଚିପାରିବେ, ସେ ଦିଗରେ କାମ କରିବାକୁ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ସଯୋଜିକା ସତ୍ୟଭାମା ପ୍ରଧାନ ଓ ଅମ୍ରିତା ଦାଶ ଉପଦେଶ ଦେଇଥିଲେ। ଏ ପ୍ରଶିକ୍ଷଣ କାର୍ଯକ୍ରମକୁ ସଫଳ କରାଇବାରେ ଓଡ଼ିଶା ଜୀବିକା ମିଶନ, ଢେଙ୍କାନାଳର ପ୍ରମୁଖ ଭୂମିକା ଥିଲା। ଆଶା ଆଗାମୀ ଦିନରେ ଏହାର ସୁଫଳ ଗ୍ରାମ ସ୍ତରରେ ଦେଖିବାକୁ ମିଳିବ। ଯାହା ଗ୍ରାମବାସୀଙ୍କ ଜୀବନ ଜୀବିକା ଓ ପରିବେଶର ସୁରକ୍ଷାରେ ସହାୟକ ହେବ ବୋଲି ବିଭିନ୍ନ ବକ୍ତାମାନେ ମତାମତ ପ୍ରଦାନ କରିଥିଲେ।




### କାର୍ଯ୍ୟରେ ଯୋଗଦେଲେ ମାଲ୍ୟାଗିରି ମହାବିଦ୍ୟାଳୟର ଆନ୍ଦୋଳନରତ ଅଧ୍ୟାପକ ଓ କର୍ମଚାରୀ

# ଦାବି ପୂରଣ ଯାଏଁ ପ୍ରତୀକାତ୍ମକ ଭାବେ କଳାବ୍ୟାଜ୍ ପିନ୍ଧିବେ

**ପାଲଲହଡ଼ା, ୨୫।୭ (ସମିସ)**

ପାଲଲହଡ଼ା ମାଲ୍ୟାଗିରି ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଦରମା ବୃଦ୍ଧି ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ପରିଚାଳନା ସମିତିର ସଭାପତି ତଥା ପାଲଲହଡ଼ା ଉପଜିଲ୍ଲାପାଳ ସୁଶାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ବେଳେ ଦାବି ପୂରଣ ଯାଏଁ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ଆନ୍ଦୋଳନରତ ଅଧ୍ୟାପକ ଓ କର୍ମଚାରୀ। ସୂଚନା ଅନୁସାରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରେକୃଷ୍ଣ ପ୍ରଧାନ, ଆକାଉଣ୍ଟ୍ ଓ ଆନ୍ଦୋଳନରତ ସଂଘର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରିଚାଳନା ସମିତିର ନିଷ୍ପତ୍ତି ଅନୁସାରେ ଅଧ୍ୟାପକ ଅଧ୍ୟାପିକାଙ୍କ ଏକ ହଜାର, ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଆଠ ଶହ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଛଅଶହ ଟଙ୍କା ମାସିକ ଦରମା ବୃଦ୍ଧି ପ୍ରସ୍ତାବ ଦିଆଯାଇଥିଲା ଏବଂ ମହାବିଦ୍ୟାଳୟ ତଥା ଛାତ୍ରଛାତ୍ରୀଙ୍କ ହିତ ପାଇଁ ଆନ୍ଦୋଳନରୁ ଓହରିଯିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ସଂଘ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ପରେ ପରିଚାଳନା ସମିତିର ସଭାପତି ତଥା ଉପଜିଲ୍ଲାପାଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଆକାଉଣ୍ଟ୍ ବରସାରଙ୍କୁ ଆନ୍ଦୋଳନରତ କର୍ମଚାରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ନେଇ ମହାବିଦ୍ୟାଳୟ ର ବିଭିନ୍ନ ଆର୍ଥିକ ଦିଗକୁ ତର୍ଜମା କରି ଦାବି ବିଷୟରେ ଆଲୋଚନା କରି ଅଳ୍ପଦିନ ମଧ୍ୟରେ ପୁଣିଥରେ ପରିଚାଳନା ସମିତି ସମ୍ମୁଖରେ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କୁ ଆଖିଆଗରେ ରଖି ଆନ୍ଦୋଳନକୁ ସ୍ଥଗିତ ରଖି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ। ସଭାପତିଙ୍କ ପ୍ରସ୍ତାବକୁ ସଂଘ ତରଫରୁ ଗ୍ରହଣ କରି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ବେଳେ ପ୍ରତିକାତ୍ମକ ଭାବେ ଦାବି ପୂରଣ ନହେବା ଯାଏଁ ମହାବିଦ୍ୟାଳୟ ପରିସରରେ କଳାବ୍ୟାଜ୍ ପରିଧାନ କରିବାକୁ ଆନ୍ଦୋଳନକାରୀମାନେ ନିଷ୍ପତ୍ତି ନେଇଥିଲେ।

## ଡାକ କର୍ମଚାରୀଙ୍କ ମୃତଦେହ ଠାବ

**ନାଲକୋ ନଗର, ୨୫।୭ (ସମିସ):** ନାଲକୋ ନଗର ଡାକଘର କର୍ମଚାରୀ ପାର୍ବତୀ ଟୁଡୁଙ୍କ ମୃତଦେହ ଠାବ ହୋଇଛି। ପାର୍ବତୀ(୨୮) ନାଲକୋ ନଗର ଡାକଘର ନିକଟସ୍ଥ କଲୋନୀର ଟିଏ/୧୦୫ ନଂ କ୍ୱାର୍ଟରରେ ଭାଇଙ୍କ ସହ ରହୁଥିଲେ। ଆଜି ସନ୍ଧ୍ୟାରେ ତାଙ୍କ ଝୁଲନ୍ତା ଶବ ଭାଇ ପଦ୍ମଲୋଚନ ଟୁଡୁ ଦେଖିଥିଲେ। ସ୍ଥାନୀୟ ଅଞ୍ଚଳରେ ଘଟଣା ସଂଗେ ସଂଗେ ପ୍ରଚାରିତ ହୋଇଯାଇଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ତଦନ୍ତ କରୁଥିବା ଜଣାପଡ଼ିଛି।

## ବ୍ରହ୍ମବରଦା ଥାନାରେ ନୂତନ ଅଧିକାରିଣୀଙ୍କ ଯୋଗଦାନ

**ବ୍ରହ୍ମବରଦା, ୨୫।୭ (ସମିସ):** ବ୍ରହ୍ମବରଦା ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ଅଂଶୁମାଳା ଦାସ ଓ ଏସଆଇ ଭାବେ ସୁଶାନ୍ତ ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଉଭୟଙ୍କୁ ବ୍ରହ୍ମବରଦା ପ୍ରେସ୍ କ୍ଲବ୍, ୩୬ ନମ୍ବର ଜୋନ ବିଜେପି ମଣ୍ଡଳ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭ୍ୟ ସ୍ୱାଗତ କାରିଛନ୍ତି। ପୂର୍ବତନ ଥାନା ଅଧିକାରୀ ଦେବାଶିଷ ଶତପଥୀଙ୍କୁ ପୁଲିସ ଜିଲ୍ଲା ମୁଖ୍ୟାଳୟ ଓ ଏସଆଇ ବିଭୂତି ଭୂଷଣ ମହାପାତ୍ରଙ୍କ ମଙ୍ଗଳପୁର ଥାନାକୁ ବଦଳି ହେବା ପରେ ଶ୍ରୀମତୀ ଦାସ ବିଞ୍ଝାରପୁର ଥାନା ଓ ଶ୍ରୀ ସେଠୀ ମଙ୍ଗଳପୁର ଥାନାରୁ ବଦଳି ହୋଇ ବ୍ରହ୍ମବରଦା ଥାନାକୁ ଆସିଛନ୍ତି।

## ବିଂଝାରପୁର ଅଞ୍ଚଳରେ ବ୍ୟାପୁଛି ଝାଡ଼ାବାନ୍ତି

**ବିଂଝାରପୁର, ୨୫।୭ (ସମିସ):** ବିଂଝାରପୁର ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଆସୁଥିବା ଦେଖିବାକୁ ମିଳୁଛି। ଉନ୍ନତ ସେବା ନ ପାଇ ବହୁ ରୋଗୀ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ବିଂଝାରପୁର ବ୍ଲକର ଶାସନ୍ଦା, ଅରେଇ, ରଣପୁର, କଲ୍ୟାଣପୁର ଆଦି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଅଧିକାରୀ କ୍ଷୀତିଶ କୁମାର ନାୟକ ସୂଚନା ଦେବା ସହ ଏହାକୁ ରୋକିବା ପାଇଁ ପ୍ରୟାସ ଚାଲିଥିବା କହିଛନ୍ତି। ଏଥିସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ କର୍ମୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ସହ ଗାଁ ଗାଁ ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଲୁଣାନଦୀରେ ଭାସିଯାଇ ଯୁବକ ନିଖୋଜ



**ମହାକାଳପଡ଼ା, ୨୫।୭(ସମିସ):** ମହାକାଳପଡ଼ା ବ୍ଲକ ବଡ଼କୁଳ ଗ୍ରାମର ଯୁବକ ନିରଞ୍ଜନ ରାଉତ (୪୦) ଗ୍ରାମ ନିକଟସ୍ଥ ଲୁଣା ନଦୀକୁ ଗାଧୋଇବାକୁ ଯାଇ ନଦୀର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବା ବେଳେ ନଦୀର ସ୍ରୋତରେ ଭାସିଯାଇଥିବା ନେଇ ଖବର ପାଇ ମାର୍ଶାଘାଇ ଦମକଳ କେନ୍ଦ୍ରର କର୍ମଚାରୀ ଏବଂ କଟକରୁ ଓଡ୍ରାଫ ଟିମର ବୁଡାଳି ମାନେ ନଦୀରେ ବହୁତ ଖୋଜାଖୋଜି କରିଥିଲେ ବି କୌଣସି ସନ୍ଧାନ ପାଇ ନ ଥିଲେ। ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ରାଜସ୍ୱ ନିରୀକ୍ଷିକା ପ୍ରମୁଖ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରହିଛି, ଓଡ୍ରାଫ ଟିମ ବଡ଼କୁଳରେ ରାତ୍ରିଯାପନ କରି ଶୁକ୍ରବାର ସକାଳୁ ପୁନର୍ବାର ଖୋଜାଖୋଜି କରିବେ ବୋଲି ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ କହିଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ଡେରାବିଶ, ୨୫।୭ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ଆଜି ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତ ଦାନପୁର ଗ୍ରାମର ସ୍ୱର୍ଗତ ରତ୍ନାକର ବେହେରାଙ୍କ ପୁଅ କୃଷ୍ଣଚନ୍ଦ୍ର (୩୧)। ଚାନ୍ଦୋଳ ପୁରୁଣା ପେଟ୍ରୋଲ ପମ୍ପରୁ ବାଇକ୍‌ରେ ତେଲ ପକାଇ ରାସ୍ତା ଉପରକୁ ଉଠୁଥିବା କେନ୍ଦ୍ରାପଡ଼ା ପଟରୁ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କ ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଫଳରେ କୃଷ୍ଣଚନ୍ଦ୍ର ସେଠାରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।



## ଏନ୍‌ଆରଏଲ ପକ୍ଷରୁ ପୌରପାଳିକାକୁ ଟାଟା ଏସିଇ ପ୍ରଦାନ

ପାରାଦୀପ, ୨୫।୭ (ସମିସ) : ପାରାଦୀପ ପୌରାଞ୍ଚଳର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ନେଇ ଏନ୍‌ଆରଏଲ ପକ୍ଷରୁ ପାରାଦୀପ ପୌର ପାଳିକାକୁ ତିନିଟି ଟାଟା ଏସିଇ ପ୍ରଦାନ କରାଯାଇଛି।ଉକ୍ତ କମ୍ପାନୀ ତାର ସିଏସ୍‌ଆର୍ ଫଣ୍ଡ ଜରିଆରେ ପାରାଦୀପ ପୌର ପାଳିକା କୁ ଏହି ତିନିଟି ଟାଟା ଏସିଇ ଗୋଲ୍ଡ ଆବର୍ଜନା ପରିବହନ ଗାଡ଼ି ପ୍ରଦାନ କରିଛନ୍ତି। ବିଜୟଚନ୍ଦ୍ରପୁର ଅଞ୍ଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପାରାଦୀପ ପୋର୍ଟ ନିଷିଦ୍ଧାଞ୍ଚଳକୁ ଆବର୍ଜନା ପରିବହନ ପାଇଁ ଏହା ସ୍ୱତନ୍ତ୍ର ଭାବେ ସହାୟକ ହୋଇ ପାରିବ ବୋଲି କମ୍ପାନୀ ର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କହିଛନ୍ତି।ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏସକେ ହୁସେନ (ଜିଏମ୍ ପାଇପ୍ ଲାଇନ୍ ପ୍ରକଳ୍ପ) ଏନଆରଏଲ, ବିକାଶ ଦାସ, (ପ୍ରକଳ୍ପ ପରିଚାଳକ) ପ୍ରମୁଖ ଉପସ୍ଥିତ ଥିଲେ।କମ୍ପାନୀ ପକ୍ଷରୁ ବନ୍ଦର ଅନ୍ତେବାସୀ ଙ୍କ ପାଇଁ ଏଭଳି ପ୍ରୟାସକୁ ପୌର ପରିଷଦ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।



### ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ଘଟଣା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ସହ ୫୦ ହଜାର ଜରିମାନା

**କେନ୍ଦ୍ରାପଡ଼ା, ୨୫।୭(ସମିସ)**

ଜନୈକ ୧୨ ବର୍ଷର ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ମାମଲାର ବିଚାର କରି କେନ୍ଦ୍ରାପଡ଼ା ଆଡହକ ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତ ନାବାଳକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ଷତିପୂରଣ ରାଶି ନାବାଳକଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ୧୫ ବର୍ଷ ପାଇଁ ସ୍ଥାୟୀ ଜମା କରାଯିବ। ଯାହାକି ନାବାଳକର ଭବିଷ୍ୟତ ସୁରକ୍ଷା ନିମନ୍ତେ ଜମା ରହିବ। ସ୍ଥାୟୀ ଜମାର ସୁଧ ନିୟମିତ ଭାବେ ନାବାଳକଙ୍କ ବ୍ୟାଙ୍କ ଜମାଖାତାକୁ ଆସିବ। ଏଥିସହିତ ଅଭିଯୁକ୍ତ ଯେଉଁ ୫୦ ହଜାର ଟଙ୍କା ଜରିମାନା ଅର୍ଥ ଦେବେ ସେ ଅର୍ଥ ନାବାଳକଙ୍କ ଡାକ୍ତରଖାନା ଖର୍ଚ୍ଚ ପାଇଁ ତାକୁ ପ୍ରଦାନ କରାଯିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ରାଜନଗର ଥାନା ଅନ୍ତର୍ଗତ ଗୁହାଳକଣି ଗ୍ରାମର ଆସାମୀ ସ୍ୱର୍ଗତ ରାଧୁ ସାହୁଙ୍କ ପୁଅ ସୌଦାଗର ସାହୁ (୫୫) ନାବାଳକଙ୍କ ଘରକୁ ନିୟମିତ ଭାବେ ଯିବାଆସିବା କରୁଥିଲେ। ଗତ ୨୦୨୧ ମସିହା ଜୁଲାଇ ମାସ ୧୬ ତାରିଖ ଅପରାହ୍ନ ସାଢେ ୨ଟା ବେଳେ ଅଭିଯୁକ୍ତ ନାବାଳକଙ୍କ ଘରକୁ ଆସି ପୀଡିତ ନାବାଳକଙ୍କୁ ଘର ପଛପଟେ ଥିବା ଗୁହାଳକୁ ଲୁଡୁ ଖେଳିବା ପାଇଁ ଡାକିଥିଲା। ନାବାଳକ ଜଣଙ୍କ ଅଭିଯୁକ୍ତ ସହିତ ଲୁଡୁ ଖେଳିବାକୁ ଗୁହାଳକୁ ଯାଇଥିଲା। ଏହି ସମୟରେ ଅଭିଯୁକ୍ତ ନାବାଳକଙ୍କ ସହ ବଳ ପୂର୍ବକ ଅପ୍ରାକୃତିକ ଯୌନସମ୍ପର୍କ ରଖିଥିଲେ। ଏହାପରେ ନାବାଳକ ଜଣକ କାନ୍ଦି କାନ୍ଦି ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିବା ସହିତ ପୂର୍ବରୁ ଅନେକ ଥର ଏହିପରି କରିଥିବା ମଧ୍ୟ ସେ ମା'ଙ୍କୁ କହିଥିଲେ। ଫଳରେ ତାଙ୍କ ମା' ଏ ନେଇ ଅଭିଯୁକ୍ତକୁ ପଚାରିବାରୁ ସେ ଓଲଟା ତାଙ୍କ ମା'ଙ୍କୁ ଗାଳିଦେବା ସହ ଚୁଟି ଧରି ଘୁରେଇ ତଳେ ପକାଇ ଦେଇଥିଲେ। ତାଙ୍କ ଛାତିକୁ ଗୋଇଠା ମାରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ତାଙ୍କ ଯା' ଘଟଣା ସ୍ଥଳକୁ ଆସି ତାଙ୍କୁ ଘରକୁ ନେଇ ଯାଉଥିବା ସମୟରେ ଅଭିଯୁକ୍ତ ଜଣକ ଗୋଡାଇ ଗୋଡାଇ ମହିଳାଙ୍କୁ ଏକ ବାଡିରେ ପିଟି ଚାଲିଥିଲେ। ଏ ନେଇ ମହିଳା ଜଣକ ସେହିଦିନ ରାତିରେ ଥାନାରେ ଅଭିଯୋଗ କରିଥିଲେ। କେବଳ ମହିଳାଙ୍କ ନାବାଳକ ପୁଅ ନୁହେଁ ତାଙ୍କ ନାବାଳିକା ଝିଅକୁ ମଧ୍ୟ ଅଭିଯୁକ୍ତ ଜଣଙ୍କ ଯୌନ ଶୋଷଣ କରିଥିଲା। ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ତାଙ୍କୁ ବଳାତ୍କାର କରାଯିବ ବୋଲି ନାବାଳିକାଙ୍କୁ ଅଭିଯୁକ୍ତ ଧମକ ମଧ୍ୟ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରଦାନକୁ ଅଦାଲତ ବିଚାର କରି ଅଭିଯୁକ୍ତ ସୌଦାଗର ସାହୁଙ୍କୁ ୩୪୧ଦଫାରେ ୧୫ଦିନ ସଶ୍ରମ କାରାଦଣ୍ଡାଦେଶ ସହ ୨ଶହ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ୪ଦିନ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ୩୭୭ଦଫାରେ ୧୦ବର୍ଷ ସଶ୍ରମ ଜେଲଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏହାବ୍ୟତିତ ପୋକ୍ସୋ ଆଇନର ୪(୨) ଦଫାରେ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଜରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅଦାଲତରେ ସ୍ୱତନ୍ତ୍ର ପିପି ମନୋଜ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

## ସରକାରୀ ମେଡିକାଲରେ କର୍ମଚାରୀ ମାଗୁଛନ୍ତି ଟଙ୍କା

**କେନ୍ଦ୍ରାପଡ଼ା, ୨୫।୭(ସମିସ):** ସରକାରୀ ମେଡିକାଲକୁ ଚିକିତ୍ସିତ ହେବାକୁ ଆସୁଥିବା ଗରିବ, ନିଷ୍ପେସିତକୁ ଶୋଷଣ କରାଯାଉଛି। ମେଡ଼ିକାଲରେ ଆଡ଼ମିଶନ ହେଲେ ଏଠାରେ ଟଙ୍କା ଦେବାକୁ ପଡୁଛି।ଯଦି କେହି ଟଙ୍କା ନଦେଉଛି ପ୍ରଥମେ ଅମୁକ ମେଡ଼ିସିନ ଆଉ ଇଞ୍ଜେକ୍ସନ ମେଡିକାଲ ସପ୍ଲାଏ ନାହିଁ ବାହାରୁ କିଣିବାକୁ ପଡ଼େ କହି ଅର୍ଥ ଆଦାୟ କରାଯାଉଛି। ତେବେ ସେହି ନିର୍ଦ୍ଦିଷ୍ଟ ଇଞ୍ଜେକ୍ସନ ଆଉ ମେଡ଼ିସିନ ମେଡ଼ିକାଲର ବ୍ୟବହାର କରି ମଧ୍ୟ ଅର୍ଥ ଆଦାୟ କରାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ହେଉଛି।ଯଦି କେହି ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଟଙ୍କା ଦେଉନାହାନ୍ତି ତେବେ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହେଉଛ। ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବା ଭିଡ଼ିଓରେ ଜଣେ ମହିଳା କର୍ମଚାରୀ ରୋଗୀଙ୍କ ସମ୍ପର୍କୀୟଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଅର୍ଥ ମାଗୁଥିବା ପରିଲକ୍ଷିତ ହୋଇଛି। ତେବେ କର୍ମଚାରୀ ଜଣଙ୍କ ଯାହା ଖୁସିରେ ଦେଉଛ ଦିଅ ବୋଲି କହୁଛନ୍ତି। ରୋଗୀଙ୍କ ସମ୍ପର୍କୀୟ ତାଙ୍କ ନିକଟରେ ଅର୍ଥ ନଥିବା କହୁଛନ୍ତି। ପରେ ଆଡ଼ମିଶନ ହୋଇଥିବା ରୋଗୀଙ୍କ ବ୍ୟାଗରେ ଟଙ୍କା ଥିବା କହିଥିଲେ।ରୋଗୀଙ୍କ ନିକଟକୁ ଯାଇ ଟଙ୍କା ଆଣି ଦେବେ ବୋଲି ସମ୍ପର୍କୀୟ ମଧ୍ୟ କହିଛନ୍ତି। ଏହି ସମୟରେ କର୍ମଚାରୀ ଜଣଙ୍କ ଅନ୍ତରା ଇଞ୍ଜେକ୍ସନ ମେଡ଼ିକାଲରେ ନାହିଁ ବାହାରୁ ଆଣିବାକୁ ପଡ଼ିବ।ସେଥିପାଇଁ ଟଙ୍କା ଦରକାର ବୋଲି ମଧ୍ୟ କହୁଥିବା ଭିଡ଼ିଓରେ ଦେଖିବାକୁ ମିଳିଛି। ହେଲେ ସମ୍ପର୍କୀୟ ଜଣଙ୍କ ଟଙ୍କା ପରେ ଦେବାକୁ କହିଛନ୍ତି।ଏହି ଭାଇରାଲ ଭିଡିଓରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମାଗିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସରକାର ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି। ଯେମିତିକି ଜଣେ ସାଧାରଣ ଲୋକଟିଏ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନହୁଏ ସେହିଭଳି ନିର୍ଦ୍ଦେଶ ରହିଛି। ଆଉ ସମସ୍ତ ପ୍ରକାରର ମେଡ଼ିସିନ ମାଗଣାରେ ଯୋଗାଇ ଦିଆଯାଉଛି।ହେଲେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।ଏହି ଭିଡ଼ିଓକୁ ଯାଞ୍ଚ କରାଯାଇ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

> ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
>
> ରୋଗୀକୁ ଚିକିତ୍ସା କରିବୁ, ଯାହା ଖୁସିରେ ଦିଅ

### ବିଧାନସଭାରେ ଉଠିଲା ସ୍ଥାୟୀ ଜମିପଟ୍ଟା ପ୍ରସଙ୍ଗ

## ମହାକାଳପଡ଼ାର ବଙ୍ଗଭାଷୀ ଜଣାଇଲେ କୃତଜ୍ଞତା

**ମହାକାଳପଡ଼ା, ୨୫।୭ (ସମିସ):** ମହାକାଳପଡ଼ାରେ ବସବାସ କରୁଥିବା ବଙ୍ଗଭାଷୀ ଅଧିବାସୀଙ୍କ ଜମିଜମା ସମସ୍ୟା ପ୍ରସଙ୍ଗ ଉଠାଇ ସ୍ଥାୟୀ ଜମିପଟ୍ଟା ପ୍ରଦାନ ନେଇ ପଦକ୍ଷେପ ନେବାକୁ ଗୁରୁବାର ବିଧାନସଭାରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଦାବି ରଖିଥିଲେ। ମହାକାଳପଡ଼ା ବ୍ଲକର ଜମ୍ବୁ, ବତୀଘର, ରାମନଗର, ପେଟଛେଲା, ବଉଳକଣି, ଖରିନାସୀ, ସୁନୀତି, ଲାଞ୍ଜୁଡା, ଗୋଗୁଆ, ବଡିହି, କଂସାରବଡ଼ଦାଣ୍ଡୁଆ ପ୍ରଭୃତି ପଞ୍ଚାୟତରେ ୪୦ ହଜାର ବଙ୍ଗଭାଷୀ ବସବାସ କରୁଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଜମିଜମା ସମସ୍ୟା ବଡ଼ ପ୍ରସଙ୍ଗ ଅଟେ। ଏହି ସମସ୍ୟା ସମାଧାନ ଦିଗରେ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ବିଧାନସଭା ଅଧିବେଶନର ପ୍ରଥମ ପର୍ଯ୍ୟାୟରୁ ଉଦ୍ୟମ କରି ଦାବି ରଖିଥିବାରୁ ବତୀଘର ପଞ୍ଚାୟତ ସମିତିସଭ୍ୟ କୃଷ୍ଣପଦ ମଣ୍ଡଳ, ସୁଜିତ କୁମାର ମାଇତି, ତରୁଣକାନ୍ତି କାଞ୍ଜିଲାଲ, ଅର୍ଜୁନ ବୈଦ୍ୟ, ଦେବାଶିଷ ନନ୍ଦ, କବିବାନ ମଣ୍ଡଳ, ହରିପଦ ସାମନ୍ତ, ବଣ୍ଟି ଦେବନାଥ, ରାଜୁ ଭୂୟାଁ,



ରବୀନ ସାହୁ, ଦିଲ୍ଲୀପ ବେରା, ରୀତାବାଳା ରକ୍ଷିତ, ତାରାପଦ ମଣ୍ଡଳ, ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠୀ, ରଞ୍ଜନ ଚୌଧୁରୀ, ଶଶୀକାନ୍ତ ପରିଡ଼ା, ରାମଚନ୍ଦ୍ର ରାଉତ, ରଶ୍ମୀକାନ୍ତ ପଲାଇ ପ୍ରମୁଖ ବିଧାୟକ ଶ୍ରୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ● ସ୍କୁଲ ପାଖରେ ଫୁଙ୍ଗୁଳା ଟ୍ରାନ୍ସଫର୍ମର

## ବିପଦରେ ଛାତ୍ରଛାତ୍ରୀଙ୍କ ଜୀବନ; ତାରବାଡ଼ ଘେର ଦାବି

**ଓଳାଭର, ୨୫।୭(ସମିସ):** ରାଜକନିକା ବିଦ୍ୟୁତ୍ ଉପଖଣ୍ଡ ଓଳାଭର ଫିଡରର ବରୁଣା ବିଦ୍ୟାଳୟ ନିକଟରେ ରହିଛି ଖୋଲା ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର। ଯାହାକି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହା ଚାରି ପାଖରେ ତାରବାଡ ଘେରାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।



ଦୀର୍ଘଦିନ ହେବ ଏଠାରେ ଫୁଙ୍ଗୁଳା ଟ୍ରାନ୍ସଫର୍ମର ଥିବାରୁ ଅଘଟଣ ଘଟିବା ଆଶଙ୍କା ପ୍ରକାଶ ପାଇଛି। ବିଦ୍ୟାଳୟ ଥିବାରୁ ଏଠାକୁ ଶହ ଶହ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସୁଛନ୍ତି। କେତେବେଳେ ଖୋଲା ଟ୍ରାନ୍ସଫର୍ମର ପାଖକୁ ଅଜାଣତରେ ଯାଇ ବିଦ୍ୟୁତ ସଂସ୍ପର୍ଶରେ ବି ଆସି ଯାଇପାରନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଥିବାରୁ ଦୈନିକ ଶହ ଶହ ଲୋକଙ୍କ ଆତଯାତ ଲାଗି ରହିଥାଏ। ଏଥିପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଖୋଲା ଟ୍ରାନ୍ସଫର୍ମର ଚାରିପାଖରେ ତାରବାଡ ଦେଇ ଘେରାଇବାକୁ ଦାବି ହେଉଥିଲେ ବି ବିଭାଗ ଏଥିରେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବି ଦେଖାଦେଇଛି। ଅବଶ୍ୟ ବିଦ୍ୟୁତ ଟ୍ରାନ୍ସଫର୍ମରଟି ପିଣ୍ଡି ଉପରେ ଥିଲେ ବି ସୁରକ୍ଷା ଦୃଷ୍ଟିରୁ ନିରାପଦ ନୁହେଁ। ଏଠାରେ ତାରବାଡ ଦେବାର ଆବଶ୍ୟକତା ରହିଛି। ତୁରନ୍ତ ବିଭାଗୀୟ ଉଚ୍ଚଳ ଅଧିକାରୀ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ସୁନିଶ୍ଚିତ ନିଯୁକ୍ତି ନିମନ୍ତେ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ: ଜିଲ୍ଲାପାଳ





**କେନ୍ଦ୍ରାପଡ଼ା, ୨୫।୭(ସମିସ):** ସ୍ଥାନୀୟ ଛତାଠାରେ ସରକାରୀ ପଲ୍ଲୀଟେକନିକ୍ ପରିସରରେ ଥିବା ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ରକୁ ବୁଧବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପରିଦର୍ଶନ କରିଛନ୍ତି। ତାଲିମ୍ ନେଉଥିବା ଯୁବକଯୁବତୀଙ୍କ ସହ ଆଲୋଚନା କରି ସେ କହିଛନ୍ତି ଜୀବନରେ ସୁନିଶ୍ଚିତ ନିଯୁକ୍ତି ନିମନ୍ତେ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ। ତେଣୁ ଠିକ୍‌ରେ ତାଲିମ୍ ନେବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ତାଲିମ୍ ନେଉଥିବା ଯୁବକଯୁବତୀଙ୍କୁ ପାଠ୍ୟ ପୁସ୍ତକ ଓ ଉପକରଣମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଏହି ଦକ୍ଷତା ବିକାଶ କେନ୍ଦ୍ରରୁ ୩ଟି ବ୍ୟାଚ୍‌ରେ ମୋଟ୍ ୫୪ଜଣ ଛାତ୍ରଛାତ୍ରୀ ତାଲିମପ୍ରାପ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ଜଣ ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଘନଶ୍ୟାମ ସା, ସରକାରୀ ପଲିଟେକନିକ୍‌ର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ, କେନ୍ଦ୍ରାପଡ଼ା ଡିଭିଜନ୍-୨ ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ ବିଭାଗ) ଶ୍ରୀ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର ନିମନ୍ତେ ଯଥାଶୀଘ୍ର ପାଠାଗାର, ପରାମର୍ଶ କକ୍ଷ ଏବଂ ବାଳିକା ଛାତ୍ରୀନିବାସର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଶ୍ରୀ ପତିଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ନିଜସ୍ୱ ଗୃହ ଥାଇ ବି ଭଙ୍ଗା ଘରେ ପଢୁଛନ୍ତି ପିଲା

### ଗୋଟିଏ ସ୍ଥାନରେ ପାଠପଢ଼ା ଓ ରୋଷେଇ

**ରାଜକନିକା, ୨୫।୭(ସମିସ):** କୁନି କୁନି ପିଲାଙ୍କୁ ନାଚଗୀତ ମାଧ୍ୟମରେ ପ୍ରତ୍ୟେକ ଅଙ୍ଗନବାଡ଼ିରେ ଶିକ୍ଷା ଦିଆଯାଇଥାଏ। ଏଥିରେ ପିଲାର ବୌଦ୍ଧିକ ବିକାଶ ହେବା ସହ ପିଲା ବହୁତ କିଛି ଶିକ୍ଷାଲାଭ କରିଥାଏ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମିକୁ ସଠିକ୍ ଢଙ୍ଗରେ ସ୍ୱଚ୍ଛ ସମ୍ପୂର୍ଣ୍ଣ କରାଯାଇଥାଏ। ତେବେ ରାଜକନିକା ବ୍ଲକ ଅନ୍ତର୍ଗତ ନମତରା-୧ ଅଙ୍ଗନବାଡ଼ି କେନ୍ଦ୍ରର ଦୃଶ୍ୟ ଅନ୍ୟକିଛି ବୟାନ କରୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ଥିବା ସତ୍ତ୍ୱେ ଦୀର୍ଘଦିନ ହେବ ଏକ ପରିତ୍ୟକ୍ତ ଭଙ୍ଗା ଆଜବେଷ୍ଟସ ସ୍କୁଲ ଘରେ କେନ୍ଦ୍ର ଚାଲୁଛି। ଘରର ଅବସ୍ଥା ଦେଖିଲେ ଯେକେହି ଗୁହାଳ ଘର ବୋଲି ମନେ କରିବ। ଘରର କାନ୍ଥ ଫାଟି ଯାଇଥିବା ଜଳ ଜଳ ଦିଶୁଛି। ପିଲାମାନେ ସେଇ ଘରେ ବସି ନିଜ ଭବିଷ୍ୟତ ଗଢୁଛନ୍ତି। ପିଲା ବସୁଥିବା ଅବସ୍ଥାରେ ଅତି ପାଖରେ ଗ୍ୟାସ୍ ଚୂଲାରେ ରୋଷେଇ ହେଉଛି। ଏଥିସହ ଗ୍ୟାସ୍ ଭରା ଦୁଇଟି ଟାଙ୍କିକୁ ଲାଗି ବସୁଛନ୍ତି କୁନି କୁନି ପିଲା। କେତେବେଳେ ଯେ ଅଘଟଣ ନ ଘଟିବ, ତାହା କହି ହେବନି। ଘର କୋଣରେ ପରିତ୍ୟକ୍ତ ଅବସ୍ଥାରେ ବହୁ ପୁରୁଣା ଜିନିଷ ଅସଜଡା ଭାବେ ଗଦେଇ ଦିଆଯାଇଛି। ଏଥିସହ ବସ୍ତା ବସ୍ତା ଚାଉଳ, ଅଣ୍ଡା ପେଟି ସହିତ ହାଣ୍ଡି ବି ରହିଛି। ଅନ୍ୟପକ୍ଷରେ ଅଙ୍ଗନବାଡିରେ ହେଉଥିବା ଗର୍ଭବତୀ, ପ୍ରସୂତି, ଶିଶୁଙ୍କ ଟିକାକରଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଏହି ଘରେ ଆୟୋଜନ କରାଯାଇଥାଏ। ଯାହାକି ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କେନ୍ଦ୍ରର ନିଜସ୍ୱ ଘର ରହିଛି ସ୍କୁଲ ପରିସରରେ। ସମ୍ପୂର୍ଣ୍ଣ ବି ହୋଇସାରିଛି। ଏହାକୁ ତାଲା ପକାଇ ରଖାଯାଇଛି, ହସ୍ତାନ୍ତର ହୋଇନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।




ନମତରା-୧ ଅଙ୍ଗନବାଡ଼ି କେନ୍ଦ୍ର

## ଡିଡି ଓଡ଼ିଆରେ ପ୍ରସାରିତ ହେବ 'ତୁଳସୀକ୍ଷେତ୍ର-ସ୍ନାନପୂର୍ଣ୍ଣିମାରୁ ନୀଳାଦ୍ରି ବିଜେ'

**କେନ୍ଦ୍ରାପଡ଼ା, ୨୫।୭(ସମିସ):**

ଆସନ୍ତା ଶନିବାର ସନ୍ଧ୍ୟା ୬ଟାରେ ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଡି.ଡି ଓଡିଆ ଚ୍ୟାନେଲରେ ପ୍ରସାରିତ ହେବ ତୁଳସୀକ୍ଷେତ୍ରର ଆରାଧ୍ୟଦେବତା ଶ୍ରୀବଳଦେବଙ୍କ ସ୍ନାନପୂର୍ଣ୍ଣିମାରୁ ନୀଳାଦ୍ରି ବିଜେ ଉପରେ ଏକ ବିଶେଷ କାର୍ଯ୍ୟକ୍ରମ। କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କର ନୀତୀକାନ୍ତି ସାଂସ୍କୃତିକ ଦୃଷ୍ଟିକୋଣରୁ ପୁରୀ ଶ୍ରୀଜଗନ୍ନାଥଙ୍କ ପରି ଏକ ସ୍ୱତନ୍ତ୍ର ମର୍ଯ୍ୟଦା ବହନ କରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ପରି ତୁଳସୀକ୍ଷେତ୍ରର ଆରାଧ୍ୟଦେବତା ଶ୍ରୀବଳଦେବଙ୍କ ଶ୍ରୀ ବ୍ରହ୍ମ ତାଳଧ୍ୱଜ ରଥଯାତ୍ରା ପ୍ରସିଦ୍ଧି ଲାଭ କରିଛି। ପୁରୀ ପରେ ଶ୍ରୀବଳଦେବଙ୍କ ରଥଯାତ୍ରା ଭକ୍ତଙ୍କ ମଧ୍ୟରେ ବେଶ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରିଆସିଛି। ଅଗଣିତ ଭକ୍ତମାନଙ୍କ ଆଗ୍ରହ ଓ ଭାବାବେଗକୁ ଦୃଷ୍ଟିରେ ରଖି ଚଳିତବର୍ଷ ଶ୍ରୀବଳଦେବଙ୍କ ରଥଯାତ୍ରା ଉପରେ ଏକ ଅଧଘଣ୍ଟିଆ ଟିଭି ଡକ୍ୟୁମେଣ୍ଟାରୀ ଜିଲ୍ଲା ପ୍ରଶାସନ ଓ ଦୂରଦର୍ଶନ କେନ୍ଦ୍ରର ମିଳିତ ସହଯୋଗରେ ନିର୍ମାଣ କରାଯାଇଛି। ଏହାର ନାମ ରଖାଯାଇଛି ତୁଳସୀକ୍ଷେତ୍ର-ସ୍ନାନପୂର୍ଣ୍ଣିମାରୁ ନିଳାଦ୍ରୀ ବିଜେ।

ଏହି କାର୍ଯ୍ୟକ୍ରମରେ ଶ୍ରୀବଳଦେବଜୀଉଙ୍କ ଦେବସ୍ନାନ ଦେବସ୍ନାନ ପୂର୍ଣ୍ଣିମା ନୀତି, ପଟିଦିଅଁ ଉପାସନା, ଶ୍ରୀଗୁଣ୍ଡିଚା ରଥଯାତ୍ରା, ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପମଣ୍ଡପ ବିଜେ, ଆଡପ ଅବଢ଼ା ନୀତି, ହେରାପଞ୍ଚମୀ, ସନ୍ଧ୍ୟାନବମୀ, ରଥ ଦକ୍ଷିଣମୋଡ, ବାହୁଡାଯାତ୍ରା, ରଥାରୁଢ ଶ୍ରୀଜୀଉଙ୍କ ରଘୁନାଥ ବେଶ, ଅଧରପଣା ନୀତି, ଚାହାଁଣିମଣ୍ଡପ ଭେଟ, ନିଳାଦ୍ରୀବିଜେ ନୀତି ପରି ବହୁ ପାରମ୍ପରିକ ଦୃଶ୍ୟାବଳୀ ସ୍ଥାନିତ କରାଯାଇଛି।

ଏହା ସହ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ସାଂସ୍କୃତିକ ବିବିଧତା ମଧ୍ୟ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମଟି ଜାତୀୟ ପ୍ରସାରଣ ସଂସ୍ଥା ପ୍ରସାରଭାରତୀ ଅଧୀନସ୍ଥ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ଦୂରଦର୍ଶନ ଓଡିଆ (ଡି.ଡି.ଓଡିଆ) ଚ୍ୟାନେଲରେ ଆସନ୍ତା ୨୭ ତାରିଖ ଶନିବାର ଦିନ ସଂଧ୍ୟା ୬ଟାରେ ପ୍ରସାରଣ କରାଯିବ ବୋଲି ଦୂରଦର୍ଶନ କେନ୍ଦ୍ର ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ ● ପାଉଣ୍ଡ ୧୦୮.୧୫
- ୟୁରୋ ୯୦.୦୪ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୪,୦୦୦ (ଭୁବନେଶ୍ୱର)
- ରୁପା : ୮୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୦୩୯.୦୦
- ନିଫ୍ଟି ୨୪,୪୦୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ମୁଥୁସୁବ୍ରମଣ୍ୟନ୍ ହରିହରନ୍ କେବିସି ଗ୍ଲୋବାଲ୍‌ର ଇଡି ଓ ସିଇଓ ନିଯୁକ୍ତ

KARDA CONSTRUCTIONS BUILDERS & DEVELOPERS (KBC GLOBAL LTD)

**ନୂଆଦିଲ୍ଲୀ,୨୫।୭(ଏଜେନ୍ସି):** ନିର୍ମାଣ ଏବଂ ରିଅଲ ଇଷ୍ଟେଟ ବିକାଶ କ୍ଷେତ୍ରରେ ଏକ ପ୍ରମୁଖ କମ୍ପାନୀ କେବିସି ଗ୍ଲୋବାଲ ଲିମିଟେଡ (ପୂର୍ବରୁ କାର୍ଡା କନଷ୍ଟ୍ରକ୍‌ସନ ଲିମିଟେଡ ନାମରେ ପରିଚିତ)ର ଇଡି ଏବଂ ସିଇଓ ଭାବରେ ମୁଥୁସୁବ୍ରମଣ୍ୟନ୍ ହରିହରନ୍‌ଙ୍କୁ ନିଯୁକ୍ତି ପ୍ରଦାନ କରିଛି। ଏହି ନିଯୁକ୍ତି ଜୁଲାଇ ୯ଠାରୁ କାର୍ଯ୍ୟକାରୀ ହୋଇଛି। କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ତାଙ୍କର ନିଯୁକ୍ତିକୁ ନିଶ୍ଚିତ କରାଯାଇଛି। ସେ ଆଗାମୀ ସାଧାରଣ ବୈଠକ ପର୍ଯ୍ୟନ୍ତ ତାଙ୍କ ପଦରେ ରହିବେ। ଶ୍ରୀ ହରିହରନ୍ କମ୍ପାନୀ ଦ୍ୱାରା ଧାର୍ଯ୍ୟ ବୈଶ୍ୱିକ ବ୍ୟବସାୟ ବିକାଶ ଏବଂ ରଣକୌଶଳାତ୍ମକ ଯୋଜନାର ନେତୃତ୍ୱ ନେବେ।

# ଆଇଓବି ଫୁଲବାଣୀ ଟାଉନ୍ ଶାଖା ଉଦ୍‌ଘାଟିତ



**ଭୁବନେଶ୍ୱର,୨୫।୭(ସମିସ):** ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ(ଆଇଓବି) ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ନୂତନ ଫୁଲବାଣୀ ଟାଉନ୍ ଶାଖା ଫୁଲବାଣୀ ଜିଲ୍ଲାର ମାଷ୍ଟରପଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ରତ୍ନାକର ସାହୁ (ସିଡିଓ ତଥା ଜିଲ୍ଲା ପରିଷଦ ଅଧିକାରୀ, ଫୁଲବାଣୀ) ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା, ସିକ୍ୟୁରିଟି ଅଫିସର ମୀନକେତନ ବେହେରା, ଆଇନ ଅଧିକାରୀ ରାଜେନ୍ଦ୍ର କୁମାର ସାହୁ, ସାଧାରଣ ପ୍ରଶାସନ ବିଭାଗ ଅଧିକାରୀ ଚକ୍ରଧର ଶବରଙ୍କ ସମେତ ଆଇଓବି ଫୁଲବାଣୀ ଶାଖାର ଶାଖା ପ୍ରବନ୍ଧକ ଶୈଳେସ କୁମାର ବାରିକ, କ୍ୟାସିୟର ଛବିଳ କୁମାର ନାଏକ, ସ୍ଥାନୀୟ ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି, ଶାଖାର ଅନ୍ୟାନ୍ୟ କର୍ମଚାରୀ ଓ ଗ୍ରାହକବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାହକ ତଥା ସାଧାରଣ ଜନତାଙ୍କୁ ସମ୍ବୋଧିତ କରି ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ନୂତନ ଶାଖାର ଉଦ୍‌ଘାଟନର ସଫଳତା ଫୁଲବାଣୀ ତଥା ସମସ୍ତ କନ୍ଧମାଳ ବାସିନ୍ଦାଙ୍କ ପାଇଁ ଉତ୍ସର୍ଗୀକୃତ କରିଥିଲେ।

# ୟାକୁଲ୍ଟ ଡାନୋନ୍ ଇଣ୍ଡିଆ ୟାକୁଲ୍ଟ ଲାଇଟ୍ ମ୍ୟାଙ୍ଗୋ ଫ୍ଲେଭରର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୭(ସମିସ):** ପ୍ରୋବାୟୋଟିକ୍ ବ୍ରାଣ୍ଡ ୟାକୁଲ୍ଟ ଡାନୋନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏକ ନୂଆ ଭାରିଆଣ୍ଟ ୟାକୁଲ୍ଟ ଲାଇଟ୍ ମ୍ୟାଙ୍ଗୋ ଫ୍ଲେଭର ଶୁଭାରମ୍ଭ କରି ଏହାର ପ୍ରଡକ୍ଟ ପୋର୍ଟଫୋଲିଓକୁ ବିସ୍ତାର କରିବାକୁ ଯାଉଛି। ଶୁଭାରମ୍ଭ ଉତ୍ସବରେ ବଲିଉଡ ତାରକା ସାନ୍ୟା ମାଲହୋତ୍ରା ଭାରତରେ ଥିବା ଜାପାନ ଦୂତାବାସର ମନ୍ତ୍ରୀ ତଥା ଡେପୁଟି ଚିଫ୍ ଅଫ୍ ମିଶନ ତାକାଶି ଅରିଓସି, ୟାକୁଲ୍ଟ ଡାନୋନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଏମ୍‌ଡି ଏଇଜି ଆମାନୋ ଏବଂ ୟାକୁଲ୍ଟ ଡାନୋନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିଜ୍ଞାନ ଓ ନିୟାମକ ବ୍ୟାପାର ମୁଖ୍ୟ ଡ. ନୀରଜା ହାଜେଲା ଉପସ୍ଥିତ ଥିଲେ। ୟାକୁଲ୍ଟ ଲାଇଟ୍ ମ୍ୟାଙ୍ଗୋ ଫ୍ଲେଭର ହେଉଛି ସିଗନେଚର ୟାକୁଲ୍ଟର ଏକ ଉତ୍ପାଦ। ଏହି ନୂଆ ପ୍ରଡକ୍ଟରେ ସମାନ ଅନନ୍ୟ ପ୍ରୋବାୟୋଟିକ୍ ଲାକ୍ଟୋବେସିଲସ୍ କେସି ଶିରୋଟା (ଶିରୋଟା ଷ୍ଟ୍ରେନ୍) ରହିଛି, ଯାହା ମୂଳ ଏବଂ ଫ୍ଲାଗସିପ୍ ୟାକୁଲ୍ଟ ଭଳି ସମାନ ୬୫୦ କୋଟି ଟଙ୍କା ରହିଛି। ମୂଳ ପ୍ରୋବାୟୋଟିକ୍ ପାନୀୟକୁ ଡାକ୍ତର ମିନୋରୁ ଶିରୋଟା ନାମକ ଜଣେ ଜାପାନୀ ଡାକ୍ତର ଆବିଷ୍କାର କରିଥିଲେ ଏବଂ ମାନବ-ଅନୁକୂଳ ଜୀବାଣୁକୁ ଗ୍ରହଣ କରିବା ପାଇଁ ଡିଜାଇନ୍ କରାଯାଇଥିଲା ଯାହା ଜୀବିତ ଅନ୍ତନଳୀରେ ପହଞ୍ଚିବା ଏବଂ ପ୍ରଚୁର ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିବାର କ୍ଷମତା ରଖିଥିଲା।




## ଅକ୍ସଫାମ୍ ରିପୋର୍ଟ

# ୧୦ ବର୍ଷରେ ୧% ଧନୀଙ୍କ ସମ୍ପତ୍ତି ୪୨ ଲକ୍ଷ କୋଟି ବଢ଼ିଛି

**ନୂଆଦିଲ୍ଲୀ,୨୫।୭(ଏଜେନ୍ସି)**

ସମ୍ପ୍ରତି ବିଶ୍ୱରେ ବଢ଼ୁଛି ଧନୀ ଓ ଗରିବ ଲୋକଙ୍କ ମଧ୍ୟରେ ରହିଥିବା ବ୍ୟବଧାନ। ଜି-୨୦ ରାଷ୍ଟ୍ରଗୁଡିକରେ ଦୁନିଆର ସର୍ବାଧିକ ଧନୀ ଲୋକ ବସବାସ କରନ୍ତିଛନ୍ତି। ଦୁନିଆର ଅଧିକାଂଶ ଧନୀଙ୍କ ଆୟକୁ ହିସାବକୁ ନେଲେ ଜଣାପଡୁଛି ଯେ, ବିଶ୍ୱରେ ଧନୀଙ୍କ ଉପରେ ସେମିତି କିଛି ବଡ଼ ଆକାରରେ ଟିକସ ଲାଗୁନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏହି ଧନୀ ଲୋକମାନେ ସେମାନଙ୍କର ମୋଟ ଆୟର ଅଧା ପ୍ରତିଶତରୁ କମ୍ ଟିକସ ଦେଉଛନ୍ତି। ବିଗତ ୧୦ ବର୍ଷରେ ୧% ଧନୀଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବଢ଼ିଛି, ଯାହାକି ବିଶ୍ୱର ଅଧା ଲୋକଙ୍କ ମୋଟ ସମ୍ପତ୍ତିର ୩୬ଗୁଣ ହେବ ବୋଲି ଅଣ-ଲାଭକାରୀ ସଂଗଠନ ଅକ୍ସଫାମର ଏକ ରିପୋର୍ଟରେ ଏହା କୁହାଯାଇଛି।

- ବିଶ୍ୱର ଅଧା ଲୋକଙ୍କ ମୋଟ ସମ୍ପତ୍ତିର ୩୬ଗୁଣ
- ଧନୀଙ୍କ ଉପରେ ଲାଗୁଛି କମ୍ ଟିକସ
- ଦେଉଛନ୍ତି ମୋଟ ଆୟର ଅଧା ପ୍ରତିଶତରୁ କମ୍ ଟିକସ
- ଜି-୨୦ ରାଷ୍ଟ୍ରରେ ବାସ କରନ୍ତି ଦୁନିଆର ଅଧିକାଂଶ ଧନୀ



ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବ୍ରାଜିଲରେ ଜି -୨୦ ଦେଶର ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ଏହି ଧନୀ ଲୋକମାନଙ୍କ ଉପରେ ଅଧିକ ଟିକସ ଲାଗୁ ପ୍ରସଙ୍ଗ ଆଲୋଚନା ହୋଇପାରେ। ଅକ୍ସଫାମ କହିଛି ଯେ ଧନୀମାନଙ୍କ ସମ୍ପତ୍ତି ଅତି ଦ୍ରୁତ ଗତିରେ ବୃଦ୍ଧି ପାଇଛି, କିନ୍ତୁ ସେମାନଙ୍କ ଉପରେ ଲାଗୁ ହୋଇଥିବା ଟିକସ ବହୁତ ହ୍ରାସ ପାଇଛି। ଏହି କାରଣରୁ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନ ବହୁତ ବୃଦ୍ଧି ପାଇଛି। ଏବେ ବି ବିଶ୍ୱରେ ଅଧିକାଂଶ ଲୋକ ବହୁତ କମ୍ ଅର୍ଥରେ ଜୀବନଯାପନ କରୁଛନ୍ତି। ବ୍ରାଜିଲ ବର୍ତ୍ତମାନ ଜି-୨୦ ର ଅଧ୍ୟକ୍ଷ। ଜି -୨୦ ରାଷ୍ଟ୍ରଗୁଡିକର ଅର୍ଥନୀତି ବିଶ୍ୱର ମୋଟ ଅର୍ଥନୀତିର ୮୦ ପ୍ରତିଶତ। ବ୍ରାଜିଲ ଏହି ଦେଶଗୁଡିକ ସହିତ ଧନୀ ଲୋକଙ୍କ ଉପରେ ଅଧିକ ଟିକସ ଲାଗୁ କରିବାକୁ ଚାହୁଁଛି। ଚଳିତ ସପ୍ତାହରେ ଶିଖର ସମ୍ମିଳନୀ ଉଦ୍ଘାଟନ ସମୟରେ ଏହା ଉପରେ ଆଲୋଚନା କରାଯାଇଥିଲା। ଧନୀ ବ୍ୟକ୍ତିଙ୍କ ଉପରେ ଅଧିକ ଟିକସ ଲାଗୁ କରିବା ଏବଂ ସେମାନଙ୍କ ଟିକସ ସଞ୍ଚୟ ପଦ୍ଧତି ବନ୍ଦ କରିବା ପାଇଁ ଉପାୟ ଖୋଜାଯାଉଛି। ନଭେମ୍ବରରୁ ଏହି ଶିଖର ସମ୍ମିଳନୀ ଆରମ୍ଭ ହେବ। ଫ୍ରାନ୍ସ, ସ୍ପେନ୍, ଦକ୍ଷିଣ ଆଫ୍ରିକା, କଲମ୍ବିଆ ଏବଂ ଆଫ୍ରିକୀୟ ସଂଘ ଏହାକୁ ସମର୍ଥନ କରୁଛନ୍ତି, କିନ୍ତୁ ଆମେରିକା ଏହାର ବିରୋଧ କରୁଛି। ଅକ୍ସଫାମ ରିପୋର୍ଟ ଅନୁଯାୟୀ, ଧନୀ ଲୋକଙ୍କ ମୋଟ ସମ୍ପତ୍ତି ଉପରେ ପ୍ରତିବର୍ଷ ଅତି କମରେ ୮% ଟିକସ ଲାଗୁ କରାଯାଉ।

## ବଜେଟରେ ଆମଦାନୀ ଶୁଳ୍କ ହ୍ରାସର ପ୍ରଭାବ

# ୩ ଦିନରେ ସୁନା ୫୦୦୦, ରୁପା ୬୪୦୦ ଟଙ୍କା କମିଲା



**ନୂଆଦିଲ୍ଲୀ,୨୫।୭(ଏଜେନ୍ସି)**

ବଜେଟରେ ଅର୍ଥମନ୍ତ୍ରୀ ସୁନା ଓ ରୁପା ଆମଦାନୀ ଉପରେ ଲାଗୁ ହେଉଥିବା ସୀମା ଶୁଳ୍କରେ ହ୍ରାସ ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ଘୋଷଣା ପରେ ଘରୋଇ ବଜାରରେ ଉଭୟ ଧାତୁର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ଏଥିଯୋଗୁ କ୍ରମାଗତ ଭାବେ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟରେହ୍ରାସ ଧାରା ଜାରି ରହିଛି। ଏମିତିକି ଗତ ତିନି ଦିନ ମଧ୍ୟରେ ବଜାରରେ ସୁନା ମୂଲ୍ୟରେ ୫୦୦୦ ଟଙ୍କା ଏବଂ ରୁପା ମୂଲ୍ୟରେ ୬୪୦୦ ଟଙ୍କା ହ୍ରାସ ଘଟିଛି।

ବଜେଟରେ ଅର୍ଥମନ୍ତ୍ରୀ କରିଥିବା ଘୋଷଣା ଅନୁଯାୟୀ, ସୁନା ଓ ରୁପା ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କ ୧୫%ରୁ ୬%କୁ ହ୍ରାସ ପାଇଛି। ସୀମା ଶୁଳ୍କ ହ୍ରାସ ପାଇବା ପରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମସିଏକ୍ସ)ରେ ସୁନା ଦର ନିମ୍ନଗାମୀ ହୋଇଛି। ଆଜି ନୂଆଦିଲ୍ଲୀରେ ରୂପା ମୂଲ୍ୟରେ କିଲୋ ଗ୍ରାମ ପିଛା ୩୦୬୧ ଟଙ୍କା ହ୍ରାସ ଘଟି ୮୧,୮୦୧ ଟଙ୍କା ହୋଇଛି। ସୂଚନାଯୋଗ୍ୟ ଯେ, ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୪୧୫୦ ଟଙ୍କା ଏବଂ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୬୯୯୫୦ ଟଙ୍କା ରହିଛି। ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୪,୦୦୦ ଟଙ୍କାକୁ ହ୍ରାସ ଘଟିଛି। ସେହିପରି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୬୯,୮୨୦ ଟଙ୍କାକୁ ଖସିଆସିଛି। ଅପରପକ୍ଷେ ରୁପା ମୂଲ୍ୟ ପୂର୍ବର ୮୫,୦୦୦ ଟଙ୍କାକୁ ଖସିଛି।

# ପାରାଦୀପ ପିପିପି ହାର୍ଭରରେ ଟ୍ୟାଙ୍କରକୁ ପ୍ରଥମ ଶିପ୍-ଟୁ-ଶିପ୍ ସ୍ୱତନ୍ତ୍ର ଗ୍ରେଡ ଡିଜେଲ ସ୍ଥାନାନ୍ତର

**ଭୁବନେଶ୍ୱର,୨୫।୭(ସମିସ):**



ପାରାଦୀପ ବନ୍ଦରର ପିପିପି ହାର୍ଭରରେ ଟ୍ୟାଙ୍କରକୁ ପ୍ରଥମ କରି ଶିପ୍-ଟୁ-ଶିପ୍ ସ୍ୱତନ୍ତ୍ର ଗ୍ରେଡ ଡିଜେଲ ସ୍ଥାନାନ୍ତର ହୋଇଛି। ଏହି ଡିଜେଲ ଏମ୍‌ଭି ଓରକିମ୍‌ରୁ ଖାଲିଥିବା ଟ୍ୟାଙ୍କର ଏମ୍‌ଭି ଟର୍ମ ରିପବ୍ଲିକାନ୍‌କୁ ସ୍ଥାନାନ୍ତର କରାଯାଇଛି। ହାର୍ଭର ପରିସରସ୍ଥ ନର୍ଥ ଅଏଲ ଜେଟିଠାରେ ଏହି ସ୍ଥାନାନ୍ତର ପ୍ରକ୍ରିୟା ସଞ୍ଚାଳନ କରାଯାଇଥିଲା। ଶଫି ଖର୍ଚ୍ଚକୁ ହ୍ରାସ କରିବାକୁ ଯାଏ ଏହି ନୂତନ ବ୍ୟବସ୍ଥାକୁ ପରିଚାଳନା କରାଯାଇଥିଲା। ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନାଧ ଏବଂ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଟିମ୍ ପିପିଏକୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ବ୍ଲୁ ଡାର୍ଟର ଘରୋଇ ଓ ଅନ୍ତର୍ଜାତୀୟ ସାମଗ୍ରୀ ଉପରେ 'ରାକ୍ଷୀ ଏକ୍ସପ୍ରେସ୍' ଅଫର

**ମୁମ୍ବଇ, ୨୫।୭:** ଦକ୍ଷିଣ ଏସିଆର ପ୍ରମୁଖ ଏକ୍ସପ୍ରେସ୍ ଏୟାର, ସମନ୍ୱିତ ପରିବହନ ଏବଂ ବିତରଣ ଲଜିଷ୍ଟିକ୍ କମ୍ପାନି ବ୍ଲୁ ଡାର୍ଟ ଏକ୍ସପ୍ରେସ୍ ଲିମିଟେଡ୍ ଚଳିତ ପର୍ବପର୍ବାଣୀ ଋତୁରେ ଭାଇଭଉଣୀଙ୍କ ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କକୁ ପାଳନ କରି ଏହାର ବାର୍ଷିକ ରାକ୍ଷୀ ଏକ୍ସପ୍ରେସ୍ ଅଫର ଘୋଷଣା କରିଛି। ଗ୍ରାହକମାନେ ନିଜ ପ୍ରିୟଜନଙ୍କ ପାଇଁ ୦.୫ କିଲୋଗ୍ରାମ ପର୍ଯ୍ୟନ୍ତ ରାକ୍ଷୀ ପାଇଁ ୨୫୦ ଟଙ୍କାର ରିଆତି ମୂଲ୍ୟ ସହିତ ପଠାଇପାରିବେ। ଏହାବ୍ୟତୀତ ୦.୫ କିଲୋଗ୍ରାମରୁ ୨.୫ କେଜି ଓଜନର ପ୍ୟାକେଜ୍ ପାଇଁ ସମଗ୍ର ଭାରତରେ ଘରୋଇ ସିପମେଣ୍ଟ ଉପରେ ୪୦% ରିଆତି ଏବଂ ପ୍ରମୁଖ ବଜାରରେ ୦.୫ କିଲୋଗ୍ରାମରୁ ୨.୫ କେଜି, ୫ କେଜି, ୧୦ କେଜି, ୧୫ କେଜି ଏବଂ ୨୦ କେଜି ଓଜନର ପ୍ୟାକେଜ୍ ପାଇଁ ଅନ୍ତର୍ଜାତୀୟ ଶିପମେଣ୍ଟ ଉପରେ ୫୦% ପର୍ଯ୍ୟନ୍ତ ରିଆତି ରହିଛି। ଏହି ଅଫର ୧୯ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ବୈଧ। ଏହି ଅଫର ସମସ୍ତ ଲଜିଷ୍ଟିକ୍ ଆବଶ୍ୟକତା ପାଇଁ ଏକ ବ୍ୟାପକ ଏବଂ ଅର୍ଥନୈତିକ ସମାଧାନ ପ୍ରଦାନ କରେ, ରାକ୍ଷୀ ଉପହାରକୁ ଠିକ୍ ସମୟରେ ପ୍ରିୟଜନଙ୍କ ପାଖରେ ପହଂଚାଇବା ସୁନିଶ୍ଚିତ କରେ। ଏହି ଅଫର ଅବଧିରେ ଘରୋଇ ସ୍ତରରେ ରାକ୍ଷୀ ଶିପମେଂଟ ପଠାଉଥିବା ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇଛନ୍ତି। ଗ୍ରାହକ କେନ୍ଦ୍ରୀତ କମ୍ପାନି ଭାବେ ବ୍ଲୁ ଡାର୍ଟ ଏହି ପାର୍ବଣ ଋତୁରେ ଗ୍ରାହକଙ୍କୁ ଅତିରିକ୍ତ ମୂଲ୍ୟ ପ୍ରଦାନ କରି ଏହାର ଉତ୍ପାଦ ଓ ସେବାକୁ ବଢ଼ାଇବା ଉପରେ କାର୍ଯ୍ୟ କରୁଛି। 'ରାକ୍ଷୀ ଏକ୍ସପ୍ରେସ୍' ଅଫର ଜରିଆରେ ଗ୍ରାହକମାନେ ଭାରତର ୫୬,୦୦୦ ରୁ ଅଧିକ ସ୍ଥାନ ତଥା ବିଶ୍ୱର ୨୨୦ଟି ଦେଶ ଓ ଅଂଚଳକୁ ଉପହାର ପଠାଇ ପାର୍ବଣ ଋତୁର ଆନନ୍ଦକୁ ପ୍ରସାରିତ କରିପାରିବେ।

# ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ଦେଉଛି 'ଲାଇଫ୍ କଣ୍ଟିନ୍ୟୁଟି' ବିକଳ୍ପ

**ଭୁବନେଶ୍ୱର,୨୫।୭(ସମିସ):** ପ୍ରତ୍ୟେକ ଆୟକାରୀ ବ୍ୟକ୍ତିଙ୍କର ଏକ ଘର କିଣିବା, ପିଲାମାନଙ୍କ ଶିକ୍ଷା ପାଇଁ ପାଣ୍ଠି କିମ୍ବା ଅବସର ସମୟ ପାଇଁ ଅର୍ଥ ସଂଚୟ କରିବା ଭଳି କିଛି ଆର୍ଥିକ ଲକ୍ଷ୍ୟ ରହିଥାଏ। କିନ୍ତୁ ପରିବାରର ଆୟକାରୀ ସଦସ୍ୟଙ୍କ ଅକସ୍ମାତ ମୃତ୍ୟୁ ସେହି ଲକ୍ଷ୍ୟ ପ୍ରତି ବାଧା ସୃଷ୍ଟି କରିଥାଏ ଓ ପରିବାରକୁ ଆର୍ଥିକ ଚାପରେ ପକାଇଥାଏ। ତେଣୁ ଲୋକମାନେ 'ପ୍ରଥମେ ସୁରକ୍ଷା ପରେ ସଂଚୟ' ଆଭିମୁଖ୍ୟକୁ ଅନୁସରଣ କରିବା ଉଚିତ। ଏକ ଆର୍ଥିକ ସଂଚୟ ଯୋଜନା ପାଇଁ ପ୍ରାରମ୍ଭିକ ବିନ୍ଦୁ ହେଉଛି ଏକ ଟର୍ମ ଇନ୍ସୁରାନ୍ସ ପ୍ଲାନ୍ କ୍ରୟ କରିବା। କାରଣ ଯଦି ଆୟକାରୀ ସଦସ୍ୟଙ୍କ ମୃତ୍ୟୁ ଘଟେ ତେବେ ଲାଇଫ୍ କଭର ରାଶି ସମସ୍ତ ବକେୟା ଦାୟିତ୍ୱକୁ କଭର୍ କରିବା ଏବଂ ପରିବାର ପାଇଁ ନିଜ ଜୀବନ ସହ ସଂଚୟ ଜାରି ରଖିବା ପାଇଁ ଏହି ରାଶି ପର୍ଯ୍ୟାପ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଏହାର ସର୍ବାଧିକ ବିକ୍ରି ହେଉଥିବା ଟର୍ମ ଇନ୍ସୁରାନ୍ସ ପ୍ରଡକ୍ଟ ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟରେ 'ଲାଇଫ୍ କଂଟିନ୍ୟୁଟି' ବିକଳ୍ପ ପ୍ରଦାନ କରିଛି। ଏହି ଫିଚର ପରିବାରକୁ ମାସିକ ଆୟ ଭାବେ କ୍ଲେମ୍ ବା ଦାବି ଅର୍ଥ ହାସଲ କରିବାକୁ ସକ୍ଷମ କରିଥାଏ ଯାହାକି ପରିବାର ପାଇଁ ଖୁବ୍ ଉପଯୋଗୀ ହୋଇଥାଏ। ଅନ୍ୟ ଏକ ମୂଲ୍ୟବାନ ଲାଭ ହେଉଛି ଗୁରୁତର ଅସୁସ୍ଥତା ଲାଭ ଯାହାକୁ ଗ୍ରହଣ କରାଯିବା ଉଚିତ।

## ଖୁବ୍‌ଶୀଘ୍ର ଜିଏସ୍‌ଟି ସ୍ଲାବ୍‌ର ସରଳୀକରଣ

# ଟିକସ ସ୍ଲାବ୍ ୪ରୁ ୩କୁ ହ୍ରାସ ହୋଇପାରେ

**ଭୁବନେଶ୍ୱର, ୨୫।୭(ଏଜେନ୍ସି)**




ଆଗାମୀ ଦିନରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ସ୍ଲାବ୍‌ରେ ସରକାର ଏକ ବଡ଼ ପରିବର୍ତ୍ତନ ହୋଇପାରେ। କାରଣ ଏ ନେଇ ଏବେ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଜିଏସ୍‌ଟି ଟିକସ ସ୍ଲାବ୍ ୪ରୁ ୩କୁ ହ୍ରାସ କରାଯାଇପାରେ। ଜିଏସ୍‌ଟି ବ୍ୟବସ୍ଥାରେ ଏକାଧିକ ଟିକସ ହାର ବ୍ୟବସ୍ଥା ରହିଥିବା କାରଣରୁ ବର୍ଗୀକରଣକୁ ନେଇ ଦେଖାଯାଉଥିବା ବିବାଦର ସମାଧାନ ପାଇଁ ସରକାର ଏହି ପଦକ୍ଷେପ ନେଇପାରନ୍ତି। ଏକ ସାକ୍ଷାତକାରରେ କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ କହିଛନ୍ତି।

ଶ୍ରୀ ଅଗ୍ରୱାଲ କହିଛନ୍ତିଯେ, ଜିଏସ୍‌ଟିରେ ବିଭିନ୍ନ ପ୍ରକାର ଟିକସ ହାର ହେତୁ ବର୍ଗୀକରଣ ବିବାଦ ଉପୁଜିଛି, ଯାହା ସଂଶୋଧନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ବର୍ତ୍ତମାନ ଲାଗୁ ହେଉଥିବା ୪ଟି ଜିଏସ୍‌ଟି ହାର ୫%, ୧୨%, ୧୮% ଏବଂ ୨୮%କୁ ୩ ବର୍ଗରେ ବିଭକ୍ତ କରାଯାଇପାରେ। ଏହାର ଅର୍ଥ ପ୍ରଚଳିତ ଜିଏସ୍‌ଟି ସ୍ଲାବ୍ ସଂଖ୍ୟା ୪ରୁ ୩କୁ ହ୍ରାସ କରାଯାଇପାରେ। ତେବେ ଏହାର ପ୍ରଭାବ ଜିଏସ୍‌ଟି ସଂଗ୍ରହ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆସନ୍ତା ମାସରେ ଏହି କାର୍ଯ୍ୟ ଶେଷ ହେବ ବୋଲି ସେ ନିଶ୍ଚିତ କରିଛନ୍ତି। ଆର୍ଥିକ କ୍ଷେତ୍ରର ବିଶେଷଜ୍ଞମାନେ ବିଭିନ୍ନ ସମୟରେ ୫ ପ୍ରତିଶତ, ୧୨ରୁ ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ଜିଏସ୍‌ଟି ଟିକସ ହାରକୁ ନେଇ ଏକ ସ୍ଲାବ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ ଭାଷଣରେ ଜିଏସ୍‌ଟିରେ ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇଥିଲେ। ଜିଏସ୍‌ଟିର ଲାଭକୁ ସରଳ କରିବା ପାଇଁ ଭବିଷ୍ୟତ କାର୍ଯ୍ୟ ଏବଂ ଜିଏସ୍‌ଟି ହାର ଗଠନକୁ ଯୁକ୍ତିଯୁକ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଲୋକସଭା ନିର୍ବାଚନ ପ୍ରଚାର ସମୟରେ ବିରୋଧୀମାନେ ବର୍ତ୍ତମାନର ଜିଏସ୍‌ଟି ବ୍ୟବସ୍ଥା ସମ୍ପର୍କରେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାର ନିର୍ବାଚନୀ ଇସ୍ତାହାରରେ ଜିଏସ୍‌ଟି ୨.୦କୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ଜିଏସ୍‌ଟି ହାରକୁ ସରଳ କରି ଟିକସ ଭାର ହ୍ରାସ କରିବାକୁ ମୋଦି ସରକାର ମଧ୍ୟ ଚାପରେ ଅଛନ୍ତି। ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ ଖାନ୍ନାଙ୍କ ଦ୍ୱାରା ଗଠିତ କମିଟି ଏ ପର୍ଯ୍ୟନ୍ତ ଜିଏସ୍‌ଟି ପରିଷଦକୁ ଏହାର ସୁପାରିସ ଦାଖଲ କରିନାହିଁ।

# ଭାରତରେ ନ୍ୟୁ ବିଏମ୍‌ଡବ୍ଲ୍ୟୁ ସିଇ ୦୪ର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୭(ସିମସ):** ବିଏମଡବ୍ଲ୍ୟୁ ମୋଟୋରାଡ ଇଣ୍ଡିଆ ପକ୍ଷରୁ ଏହାର ଫାଷ୍ଟ ଇଲେକ୍ଟ୍ରିକ ଅଫରିଂ ଅଲ୍-ନ୍ୟୁ ବିଏମଡବ୍ଲ୍ୟୁ ସିଇ ୦୪ର ଶୁଭାରମ୍ଭ କରାଯାଇଛି ଯାହାକି ଭାରତର ପ୍ରଥମ ପ୍ରିମିୟମ ଇଲେକ୍ଟ୍ରିକ ସ୍କୁଟର ଅଟେ। ଏହି ଅର୍ବାନ ଇଲେକ୍ଟ୍ରିକ ସ୍କୁଟର କମ୍ପ୍ଲିଟ୍ଲି ବିଲ୍ଟ-ଅପ୍ ୟୁନିଟ୍ (ସିବିୟୁ) ଭାବେ ଭାରତର କିଛି ବଛା ବଛା ପ୍ରମୁଖ ନଗରଗୁଡ଼ିକରେ ଉପଲବ୍ଧ ହେବ। ଏହାର ଡେଲିଭରି ଆସନ୍ତା ସେପ୍ଟେମ୍ବର ୨୦୨୪ ରୁ ଆରମ୍ଭ ହେବ। ଏହାର ଇଲେକ୍ଟ୍ରି ଡ୍ରାଇଭ, ଫର୍ୱାର୍ଡ-ଲୁକିଂ ଡିଜାଇନ ଓ ନୂତନ ଟେକ୍ନୋଲୋଜି ସହିତ ଏହି ନୂଆ ସ୍କୁଟରକୁ ଏକ ସତେଜ ମୋବିଲିଟି ଅନୁଭୂତି ପାଇଁ ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଣ୍ଟ ବିକ୍ରମ ପାୱା କହିଛନ୍ତି, ଅଲ୍-ନ୍ୟୁ ବିଏମଡବ୍ଲୁ ସିଇ ୦୪ହେଉଛି ବିଏମଡବ୍ଲୁ ମୋଟୋରାଡ ଇଣ୍ଡିଆରେ ଇଲେକ୍ଟ୍ରୋ-ମୋବିଲିଟିର ଏକ ସମ୍ପୂର୍ଣ୍ଣ ନୂତନ ଯୁଗର ଆରମ୍ଭ। ଏହା ହେଉଛି ନ୍ୟୁ ଇଲେକ୍ଟ୍ରିକ ଷ୍ଟାର ଯାହାକୁ ସହରାଂଚଳ ପାଇଁ ନିର୍ମାଣ କରାଯାଇଛି। ବିଏମଡବ୍ଲ୍ୟୁ ସିଇ ୦୪ର ଏକ୍ସ-ଶୋ'ରୁମ୍ ମୂଲ୍ୟ ୧୪,୯୦,୦୦୦ ଟଙ୍କା ରହିଛି। ଲିକ୍ୱିଡ୍-କୁଲ୍ଡ ଇଲେକ୍ଟ୍ରିକ ମୋଟର ସହିତ ବିଏମଡବ୍ଲ୍ୟୁ ସିଇ ୦୪ର ଅଭିନବ ଇଲେକ୍ଟ୍ରିକ ଡ୍ରାଇଭ ୪୨ଏଚପି(୩୧କେଡବ୍ଲ୍ୟୁ)ର ସର୍ବାଧିକ ଆଉଟ୍‌ପୁଟ୍ ପ୍ରଦାନ କରୁଛି।



ସମ୍ପୂର୍ଣ୍ଣା
ସକାଳ THE SAKALA www.sakalaepaper.com

# କାରଗିଲ୍ ବିଜୟ ଦିବସ



## ବୀର ଯବାନଙ୍କୁ ମନେ ପକାଉଛି ସାରା ଦେଶ

ଆଜି 'କାରଗିଲ୍ ବିଜୟ ଦିବସ' । 'କାରଗିଲ୍-ଯୁଦ୍ଧ' ଭାରତରେ ସମର ଇତିହାସରେ ସୃଷ୍ଟି କରିଥିଲା ଏକ ନୂଆ ଇତିହାସ । ୧୯୯୯ ମସିହା ଆଜିର ଦିନରେ ପାକିସ୍ତାନକୁ ପରାଜିତ କରି କାରଗିଲ୍‌ରେ ବିଜୟ ଧ୍ୱଜା ଉଡ଼ାଇଥିଲା ଭାରତ । କାରଗିଲ ଯୁଦ୍ଧ ୧୯୯୯ ମେ' ୩ ରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା । ଯୋଜନାବଦ୍ଧ ଭାବେ ପାକିସ୍ତାନ ୧୯୯୮ ରୁ ହିଁ ଯୁଦ୍ଧର ଆରମ୍ଭ କରିଥିଲା । ୫ ହଜାର ସୈନ୍ୟଙ୍କୁ କାରଗିଲ ଦଖଲ ପାଇଁ ପଠାଇଥିଲା ପାକିସ୍ତାନ । ଏହାପରେ ଭାରତ 'ଅପରେଶନ ବିଜୟ' ଆରମ୍ଭ କରି ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା । କାରଗିଲ୍ ଯୁଦ୍ଧରେ ୫୦୦ରୁ ଅଧିକ ଭାରତୀୟ ଯବାନ୍ ଶହିଦ୍ ହୋଇଥିବାବେଳେ ପାକିସ୍ତାନ ହରାଇଥିଲା ୪୦୦୦ରୁ ଊର୍ଦ୍ଧ୍ୱ ସୈନିକ । ପାକିସ୍ତାନକୁ ମାତ୍ ଦେବା ପାଇଁ ଭାରତୀୟ ଯବାନ୍ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ । ସମୁଦ୍ର ପତ୍ତନଠାରୁ ୧୮ ହଜାର ଫୁଟ ଏବଂ ମାଇନସ୍ ୪୮ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ଶତ୍ରୁ ସୈନ୍ୟଙ୍କ ମୁକାବିଲା କରିବା ବିଶ୍ୱର ଯେକୌଣସି ସେନା ପାଇଁ ମୁସ୍କିଲ୍‌ର କାମ । ହେଲେ ମାତୃଭୂମିର ସୁରକ୍ଷା ପାଇଁ ସାମାନ୍ୟ ପଛଘୁଞ୍ଚା ଦେଇ ନ ଥିଲା ଭାରତୀୟ ସେନା । ସାରା ବିଶ୍ୱ ଦେଖୁଥିଲା ଭାରତୀୟ ଯବାନ କେମିତି ସମସ୍ତ ବିପରୀତ ପରିସ୍ଥିତିରେ ମଧ୍ୟ ଦେଶର ସୁରକ୍ଷା ଲାଗି ଲଢୁଛନ୍ତି । ୧୯୯୯ ମେ'ରୁ ଜୁଲାଇ ମଧ୍ୟରେ ଯେଉଁ ରକ୍ତାକ୍ତ ସଂଘର୍ଷ ହୋଇଥିଲା, ସେଥିରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ପ୍ରାୟ ଦୁଇମାସର ରକ୍ତାକ୍ତ ସଂଘର୍ଷ ଓ ଭାରତୀୟ ସେନାର ମୁହଁତୋଡ଼ ଜବାବ ଓ ଆନ୍ତର୍ଜାତିକ ଚାପ ଫଳରେ ପଛକୁ ହଟିଥିଲା ପାକ୍ ସୈନ୍ୟ । ସେତେବେଳେ ଏ ଯୁଦ୍ଧ ଟେଲିଭିଜନରେ ପ୍ରସାରିତ ହୋଇଥିଲା । କାରଗିଲ୍ ବିଜୟ ଦିବସ ଅବସରରେ ସାରା ଦେଶ ବୀର ସହିଦମାନଙ୍କୁ ସେମାନଙ୍କର ଅଦମ୍ୟ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେଇଥାଏ । ହସିହସି ମାତୃଭୂମି ପାଇଁ ପ୍ରାଣବଳି ଦେଇଥିବା ସେହି ବୀର ଯବାନମାନଙ୍କୁ ମନେ ପକାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

## ଆଜି ଆସିଥିଲେ

# ବିପ୍ଳବିନୀ ମାଳତୀ ଚୌଧୁରୀ



ଜଣେ ଗାନ୍ଧିବାଦୀ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ମାଳତୀ ଚୌଧୁରୀ ଏକ ସୁପରିଚିତ ନାମ । ସାମ୍ୟବାଦୀ ଚିନ୍ତାଧାରା ପ୍ରତି ଅନୁପ୍ରାଣିତ ହୋଇ ନିଜ ଧନସମ୍ପଦ ଓ ପାରିବାରିକ ସୁଖକୁ ଜଳାଞ୍ଜଳି ଦେଇ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ମାଳତୀ ଚୌଧୁରୀ ୧୯୦୪ ମସିହା ଜୁଲାଇ ମାସ ଆଜିର ଦିନରେ କଲିକତାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଥିଲା କୁମୁଦ ନାଥ ସେନ୍ ଓ ମା'ଙ୍କ ନାମ ସ୍ନେହଲତା ସେନ୍ । ୧୬ ବର୍ଷ ବୟସରେ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀରେ ଯୋଗ ଦେବା ପରେ ତାଙ୍କ ଜୀବନଶୈଳୀ ବଦଳି ଯାଇଥିଲା । ସେଠାରେ ପଢୁଥିବା ସମୟରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ଗଭୀର ପ୍ରଭାବ ପଡ଼ିଥିଲା ତାଙ୍କ ଉପରେ । ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ଆଗଭର ହୋଇଉଠିଥିଲେ । ସେହି ସମୟରେ ଓଡ଼ିଆ ଯୁବକ ନବକୃଷ୍ଣ ଚୌଧୁରୀ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରୁ ଶାନ୍ତି ନିକେତନରେ ଶିକ୍ଷା ଗ୍ରହଣ ପାଇଁ ପହଞ୍ଚିଲେ । ମାଳତୀ ଚୌଧୁରୀ ଯୁବକ ନବକୃଷ୍ଣ ଚୌଧୁରୀ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ ବିବାହ କରିଥିଲେ । ୧୯୨୭ରେ ଦୁହେଁ ଶାନ୍ତି ନିକେତନ ଛାଡି ଓଡ଼ିଶା ଆସିଥିଲେ । ବିବାହ ପରେ ମାଳତୀଙ୍କ କର୍ମଭୂମି ପାଲଟିଗଲା ଓଡ଼ିଶା । ନିଜର ପ୍ରଚେଷ୍ଟାରୁ ସେ ଇଞ୍ଚୁଡ଼ି ଓ କୁଜଙ୍ଗରୁ ଶହେରୁ ଊର୍ଦ୍ଧ୍ୱ ମହିଳାଙ୍କ ନେତୃତ୍ୱ ନେଇ ୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଯୋଗଦେବା ପରେ ସେ ଏକାଧିକ ବାର ସରଳା ଦେବୀ ଓ ରମା ଦେବୀଙ୍କ ସହ ବନ୍ଦୀ ହୋଇଥିଲେ । ନାରୀମାନଙ୍କ ନିରକ୍ଷରତା ହିଁ ସେମାନଙ୍କ ବିକାଶର ବାଧକ ବୋଲି ସେ ଅନୁଭବ କରିଥିଲେ । ତେଣୁ ସେ ନିଜ ଗ୍ରାମରେ ରାତ୍ରି ପାଠଶାଳା ଆରମ୍ଭ କରିଥିଲେ । ସେ ଅନୁଗୋଳରେ ବାଜିରାଉତ ଛାତ୍ରାବାସ, ଉତ୍କଳ ନବଜୀବନ ମଣ୍ଡଳ ଓ ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କୁ ସ୍ନେହରେ 'ମିନୁ' ଓ ଗାନ୍ଧିଜୀ ତାଙ୍କୁ 'ତୁଫାନୀ' ନାମରେ ଡାକୁଥିଲା ବେଳେ ଓଡ଼ିଶାବାସୀଙ୍କ ପାଇଁ ଆଦରଣୀୟ ନୂମା (ନୂଆ ମା') ଭାବେ ପରିଚିତ ଥିଲେ । ୧୯୮୮ ମସିହାରେ ତାଙ୍କୁ ଯମୁନାଲାଲ୍ ବଜାଜ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେ ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଇହଧାମ ତ୍ୟାଗ କରିଥିଲେ ।

# 'ଟକ୍ସିକ୍' ହେୟାର୍ ଷ୍ଟାଇଲ୍ ବଦଳାଇଲେ ଯଶ୍



ସାଉଥ୍ ସୁପରଷ୍ଟାର୍ ଯଶ୍ 'କେଜିଏଫ୍' ଫିଲ୍ମର ଦୁଇଟି ପାର୍ଟର ସଫଳତା ପରେ ଏବେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି । ସାମାଜିକ ଗଣମାଧ୍ୟମରେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ । ଅନନ୍ତ ଅମ୍ବାନିଙ୍କ ବିବାହରେ ଯୋଗ ଦେବା ପାଇଁ ନିକଟରେ ଯଶ୍ ମୁମ୍ବାଇ ଯାଇଥିଲେ । ଏହି ସମୟରେ ବିମାନ ବନ୍ଦରରେ ଯଶ୍‌ଙ୍କ ନୂଆ ଲୁକ୍‌କୁ ଦେଖି ତାଙ୍କ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏହାପରେ ଯଶ୍‌ଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଥିଲା । ସେ ଏବେ 'ଟକ୍ସିକ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ତେଣୁ ସେ ଏହି ଫିଲ୍ମ ପାଇଁ ଏପରି ହେୟାର୍ ଷ୍ଟାଇଲ୍ କରିଥିବା ଚର୍ଚ୍ଚା ହେବାକୁ ଲାଗିଲା । ଇତିମଧ୍ୟରେ ଯଶ୍‌ଙ୍କ ହେୟାର୍ ଷ୍ଟାଇଲିଷ୍ଟ ଆଲେକ୍ସ ବିଜୟକାନ୍ତ ମଧ୍ୟ ଏହା ଉପରେ ମତ ରଖିଛନ୍ତି । ତେବେ 'ଟକ୍ସିକ୍'ର କାହାଣୀ ପାଇଁ ତାଙ୍କର ଏପରି ହେୟାର୍ ଷ୍ଟାଇଲ୍ କରାଯାଇଛି ବୋଲି ବିଜୟ କହିଛନ୍ତି । 'ଯେତେବେଳେ ମୁଁ ଫିଲ୍ମର କାହାଣୀ ଶୁଣିଲି ମୋତେ ଲାଗିଲା, ଏହି ଚରିତ୍ର ପାଇଁ ଯଶ୍‌ଙ୍କର ସର୍ଟ ହେୟାର ଷ୍ଟୋଇଲ୍ କରିବାକୁ ହେବ । ' ଯଶ୍‌ଙ୍କୁ ମଧ୍ୟ ଏହି ହେୟାର୍ କଟ୍ ପସନ୍ଦ ଆସିଛି ବୋଲି ବିଜୟ କହିଛନ୍ତି ।

## ଆଜି ବାହୁଡ଼ିଥିଲେ

# ପଣ୍ଡିତ ଗୋଦାବରୀଶ ମିଶ୍ର



ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାରସ୍ୱତ ସାଧକ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ସେ ସାହିତ୍ୟର ବିଭିନ୍ନ ବିଭାଗ ଯଥା- କବିତା, ଗୀତି କବିତା, ଗପ, ଉପନ୍ୟାସ, ନାଟକ, ଶିଶୁ ସାହିତ୍ୟ, ଅନୁବାଦ କ୍ଷେତ୍ରରେ ଲେଖନୀ ଚାଳନା କରି ସିଦ୍ଧିଲାଭ କରିଥିଲେ । ସରଳ, ସାବଲୀଳ ଭାଷା ଓ ସୁନ୍ଦର ଶବ୍ଦ ସଂଯୋଜନା ତାଙ୍କ କାବ୍ୟ କବିତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା । ଗୋଦାବରୀଶ ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖରେ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଜଣେ । ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାକୁ ସେ ଜୀବନର ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିଲେ ଏବଂ ଆଜୀବନ ଜନସେବକ ଭାବେ କାର୍ଯ୍ୟ କରିଥିଲେ । ଗାନ୍ଧୀ ଓ ସୁଭାଷ, ଉଭୟ ଥିଲେ ତାଙ୍କର ଆଦର୍ଶ । ଓଡ଼ିଶାକୁ ଗଢ଼ିବା ପାଇଁ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖଙ୍କ ସହ ସେ ଭାର୍ଗବୀ ନଦୀ କୂଳରେ ବଜ୍ର ଶପଥ ନେଇଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟରୁ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା । ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ । ସ୍ୱେଚ୍ଛାକୃତ ଭାବେ ଶିକ୍ଷକ ଜୀବନରୁ ଅବସର ନେବା ପରେ ସେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇଥିଲେ । ଏହା ଥିଲା ତାଙ୍କ ରାଜନୈତିକ ଜୀବନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ବ୍ୟାସକବି ଫକୀରମୋହନଙ୍କଠାରୁ ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ଲେଖାଯିବା ଆରମ୍ଭ ହୋଇଥିଲା । ଏହାପରେ ପରେ ଲେଖା ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଲାଳିତ୍ୟ ଦୃଷ୍ଟିରୁ ଏହା ଏକ ସମୃଦ୍ଧ ଆତ୍ମଚରିତ । ଏହି ପୁସ୍ତକ ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ । ଏସବୁ ମଧ୍ୟରେ 'କାଳିଜାଈ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି । ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର' ଓ 'ନିର୍ବାସିତ' ଉପନ୍ୟାସର ସ୍ରଷ୍ଟା । 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ପରି କାଳଜୟୀ ନାଟକଗୁଡ଼ିକରେ ପ୍ରମାଣ ମିଳେ ତାଙ୍କର ଅନନ୍ୟ ଜାତୀୟତାବାଦ ଓ ଆତ୍ମତ୍ୟାଗର ଗାଥା । ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା ।

## ଆଜିର ଇତିହାସ

- ୧୮୭୬-କଲିକତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା ।
- ୧୯୪୫- ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ନିଜ ପଦରୁ ଇସ୍ତଫା ଦେଲେ ।
- ୧୯୫୬- ମିଶର ସୁଏଜ୍ କେନାଲ ଉପରେ କବ୍‌ଜା କଲା ।
- ୧୯୯୭- ଶ୍ରୀଲଙ୍କା କ୍ରିକେଟ୍ ଏସିଆ କପ୍ ଜିତିଲା ।
- ୨୦୦୮ - ଅହମ୍ମଦାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୫୬ ଜଣଙ୍କର ମୃତ୍ୟୁ ଓ ୨୦୦ରୁ ଅଧିକ ଲୋକ ଆହତ ।
- ୨୦୧୨- ସିରିଆରେ ହିଂସା ଯୋଗୁଁ ଦିନକରେ ୨୦୦ ଲୋକଙ୍କ ପ୍ରାଣହାନି ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଭାବିଚିନ୍ତି ନିବେଶ କରନ୍ତୁ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।



## ବାତ ଓ ପିତ୍ତର ଉପଶମ

# ଗୁଡୁଚି

**ଗୁଡୁଚିକୁ ଦେଶୀୟ ଭାଷାରେ ଗୁଳୁଚି ଲଟା କୁହାଯାଏ । ଏହାର ପତ୍ର ହୃଦୟାକାର । ଏହା ଗୁରୁ, ସ୍ନିଗ୍ଧଗୁଣ, ତିକ୍ତ ଓ କଷାୟ ରସଯୁକ୍ତ, ବିପାକରେ ମଧୁର ଓ ବୀର୍ଯ୍ୟରେ ଉଷ୍ଣ ହୋଇଥାଏ । ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି । ଜ୍ୱର, ଆମଦୋଷ, କଣ୍ଡୁ, ଅର୍ଶ, ମଧୁମେହ, ବ୍ରଣ, କାଶ, ଶ୍ୱାସ, କାମଳ, ହୃଦ୍‌ରୋଗ, ଶୂଳ, ବାତ, ରକ୍ତ ବିକାର ଆଦି ଉପଚାର ପାଇଁ ଗୁଡୁଚିର କାଣ୍ଡ, ପତ୍ରକୁ କ୍ୱାଥ ବା ଚୂର୍ଣ୍ଣ କରି ବ୍ୟବହାର କରାଯାଇଥାଏ ।**

- ଗୁଡୁଚି ପତ୍ରରସକୁ ବାତରୋଗ, ପିତ୍ତରୋଗରେ ଶର୍କରା, କଫ ଆଦି ପାଇଁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ବ୍ୟବହାର କରାଯାଏ । ଗୁଡୁଚି ପତ୍ର ଓ ନିମ୍ବ ପତ୍ରର ସମପରିମାଣ କ୍ୱାଥକୁ ବାତରକ୍ତ, ଆମବାତ, ଚର୍ମରୋଗ ପାଇଁ ପ୍ରୟୋଗ କରିବା ଦ୍ୱାରା ଉପଶମ ହୋଇଥାଏ ।
- ମଧୁମେହ, ଜୀର୍ଣ୍ଣଜ୍ୱର, ଡେଙ୍ଗୁ, ଦୁର୍ବଳତା ଆଦିରେ ଗୁଡୁଚି କ୍ୱାଥ୍ ସେବନ କଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ମଧୁମେହ ରୋଗୀଙ୍କ ରକ୍ତଶର୍କରା ସ୍ତର କମ୍ ମଧ୍ୟ ହୋଇଥାଏ ।
- ଗୁଡୁଚି କ୍ୱାଥ ସହ ମହୁ ଓ ମିଶ୍ରି ଆବଶ୍ୟକତା ଅନୁଯାୟୀ ମିଶାଇ ସେବନ କଲେ ଜୀର୍ଣ୍ଣକାଶ ଶାନ୍ତ ହୋଇଥାଏ । ପାଚନକ୍ରିୟା ସୁସ୍ଥ ରୁହେ ।
- କୃମି, ମସ୍ତିଷ୍କ ଜ୍ୱର, ପେଟଗତ ଯନ୍ତ୍ରଣା କମ୍ କରିବାକୁ ଗୁଡୁଡ଼ି ରସରେ ସମପରିମାଣ କଞ୍ଚା ହଳଦୀରସ ୨ରୁ ୪ଭାଗ ୧ ବିଡ଼ଙ୍ଗ ଚୂର୍ଣ୍ଣ ମିଶାଇ ସେବନ କରିବା ହିତକର ।
- ପୋଟଳ ପତ୍ର, ଗୁଳୁଚି ପତ୍ର, ଶୁଣ୍ଠି, ଧନିଆର ଶୀତକଷାୟ କରି ୫୦ ମିଲି ମାତ୍ରା ସେବନ କଲେ ପୁରାତନ ଅମ୍ଳପିତ୍ତ ରୋଗ ଶାନ୍ତ ହୋଇଥାଏ । ବର୍ଷାଦିନେ ଥଣ୍ଡା ଜନିତ ସମସ୍ୟାରୁ ମଧ୍ୟ ଉପଶମ ମିଳିଥାଏ




# ବିପଜ୍ଜନକ ନିପା ଭାଇରସ୍

**ନିକଟରେ ଦକ୍ଷିଣ କେରଳରେ ଆଉ ଜଣେ ୧୪ ବର୍ଷୀୟ ବାଳକର ନିପା ଭାଇରସ୍‌ରେ ମୃତ୍ୟୁଘଟିବା ସମଗ୍ର ଦେଶ ପାଇଁ ସତର୍କ ଘଣ୍ଟି । ଏହି ଘାତକ ରୋଗ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ନିପା ଭାଇରସ୍‌ର ମୁଖ୍ୟ ବାହକ ହେଉଛନ୍ତି ବାଦୁଡ଼ି । ୧୯୯୮ ମସିହାରେ ମାଲେସିଆର କାଂପୁଂଗ ସୁଂଗଇ ନିପାରେ ଏହି ଭୂତାଣୁ ପ୍ରଥମ ଥର ସାମ୍ନାକୁ ଆସିଥିଲା । ତେଣୁ ଏହି ଗାଁ'ର ନାମାନୁସାରେ ଭୂତାଣୁର ନାଁ ରଖାଯାଇଛି । ଏହି ରୋଗ କିପରି ବ୍ୟାପେ, କେତେଦିନରେ ଲକ୍ଷଣ ଜଣାପଡ଼େ ସେ ସମ୍ପର୍କରେ ଜାଣନ୍ତୁ ।**




**କିପରି ବ୍ୟାପିଥାଏ:** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ନିପା ଭୂତାଣୁ ବାଦୁଡ଼ିରୁ ଫଳକୁ ଓ ଫଳରୁ ମଣିଷ ଓ ପ୍ରାଣୀଙ୍କ ଶରୀରକୁ ବ୍ୟାପିଥାଏ । ଜଣେ ବ୍ୟକ୍ତିଙ୍କ ଠାରୁ ଅନ୍ୟ ବ୍ୟକ୍ତିଙ୍କୁ ଭୂତାଣୁ ସହଜରେ ବ୍ୟାପିଥାଏ । ଧୀରେ ଧୀରେ ଏହା ବିପଜ୍ଜନକ ସ୍ଥିତି ଉପୁଯାଏ । ସଂକ୍ରମିତ ପ୍ରାଣୀ ତଥା ସେମାନଙ୍କ ଲାଳ ସମ୍ପର୍କରେ ଆସିଲେ ଏହି ସଂକ୍ରମଣ ବ୍ୟାପିବାର ଅଧିକ ଆଶଙ୍କା ରହିଥାଏ ।

**ଲକ୍ଷଣ**

ଏହି ଭୂତାଣୁ ଦ୍ୱାରା ପ୍ରଭାବିତ ବ୍ୟକ୍ତି ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଭୋଗନ୍ତି । ମସ୍ତିଷ୍କ ସଂକ୍ରମଣ, ମୁଣ୍ଡବିନ୍ଧା, କାଶ, ଜ୍ୱର, ବାନ୍ତି ଆଦି ରୋଗର ଲକ୍ଷଣ । ସେହିପରି ରୋଗର ଗମ୍ଭୀର ଲକ୍ଷଣରେ ପୀଡ଼ିତଙ୍କ ବାରମ୍ବାର ମୂର୍ଚ୍ଛା ଯିବା, ମାନସିକ ଅବସାଦ, କୋମାକୁ ଯିବା ପରି ସ୍ଥିତି ଉପୁଜେ । ନିପା ଭୂତାଣୁ ସଂକ୍ରମଣର ୪ରୁ ୧୪ ଦିନ ପରେ ରୋଗଲକ୍ଷଣ ଜଣାପଡ଼ିଥାଏ । ତେଣୁ ଠିକ୍ ସମୟରେ ଚିକିତ୍ସା କରାନଗଲେ, ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହେବା ଆଶଙ୍କା ଅଧିକ ଥାଏ ।

**ସଚେତନତାରୁ ସୁରକ୍ଷା:** ନିପା ରୋଗ ପାଇଁ ନିର୍ଦ୍ଦିଷ୍ଟ ଟିକା କିମ୍ବା କୌଣସି ଔଷଧ ଉପଲବ୍ଧ ନାହିଁ । ଭୂତାଣୁରୁ ସୁରକ୍ଷା ଦେବାକୁ ରୋଗୀଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଏ । ସଚେତନତା ହିଁ ଏହି ରୋଗର ନିରାକରଣ । ତେଣୁ ସର୍ବଦା ହାତକୁ ସାବୁନ୍ କିମ୍ବା ହ୍ୟାଣ୍ଡୱାଶ୍‌ରେ ସଫା କରନ୍ତୁ । ଫଳ କିମ୍ବା ପନିପରିବା ଖାଇବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଜରୁରି । ଅଧିକାଂଶ ସମୟରେ ଖଣ୍ଡିଆ ହୋଇଥିବା ଫଳକୁ ବାଦୁଡ଼ି କାମୁଡ଼ିଥାଏ । ଏହାଦ୍ୱାରା ମଧ୍ୟ ନିପା ଭାଇରସ୍ ବ୍ୟାପିପାରେ । ତେଣୁ ଉଡ଼ନ୍ତା ବାଦୁଡ଼ି କିମ୍ବା ରୋଗଗ୍ରସ୍ତ ଘୁଷୁରି ଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ । ନିପାରେ ପୀଡ଼ିତ ବ୍ୟକ୍ତିଙ୍କ ଶରୀରର ତରଳ ପଦାର୍ଥ ସମ୍ପର୍କରେ ଆସନ୍ତୁନି ।

# ଆଜିଠାରୁ ପ୍ୟାରିସ୍ ଅଲିମ୍ପିକ୍ସ

# ୧୬ କ୍ରୀଡ଼ାରେ ୧୧୭ ଭାରତୀୟ

## ଓଡ଼ିଶାରୁ ୨ କ୍ରୀଡ଼ାବିତ୍ : କିଶୋର, ଅମିତ୍

ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଶୁକ୍ରବାର ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଉଦ୍‌ଘାଟିତ ହେବ। ଅଲିମ୍ପିକ୍ସର ଚଳିତ ସଂସ୍କରଣକୁ ଭାରତର ୧୧୭ ଜଣ କ୍ରୀଡ଼ାବିତ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଆଥ୍‌ଲେଟ୍‌ଙ୍କୁ ସହାୟତା କରିବା ଲାଗି ପ୍ରଶିକ୍ଷକ, ସହାୟକ କର୍ମଚାରୀ, ବିଭିନ୍ନ ଅଫିସିଆଲ୍ କର୍ମକର୍ତ୍ତାଙ୍କ ଏକ ୧୪୦ ଜଣିଆ ଦଳ ପ୍ୟାରିସ ଗସ୍ତ କରିଛି। ମୋଟ୍ ଉପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ମିଶାଇ ଏଥର ୨୫୭ ଜଣିଆ ଭାରତୀୟ ଦଳ ଅଲିମ୍ପିକ୍ସରେ ଭାଗନେବ।

ଅଲିମ୍ପିକ୍ସ ଇତିହାସରେ ଉପରେ ନଜର ପକାଇଲେ ଭାରତର ଏହା ୨ୟ ସର୍ବବୃହତ୍ ଦଳ ହେବ। ଏଥିପୂର୍ବରୁ ଗତ ଟୋକିଓ ଅଲିମ୍ପିକ୍ସ (୨୦୨୦)କୁ ଭାରତ ୧୨୧ ଜଣିଆ କ୍ରୀଡ଼ାବିତ୍ ଦଳ ପଠାଇଥିଲା। ଯାହାକି ଅଲିମ୍ପିକ୍ସ ଇତିହାସରେ ଭାରତର ସର୍ବବୃହତ୍ ଦଳ ଥିଲା। ଏହି ଦୃଷ୍ଟିରୁ ଚଳିତଥର ଦେଖିଲେ ଭାରତ ୪ଜଣ ଖେଳାଳି କମ୍ ରହିଛନ୍ତି।

### ପଦାର୍ପଣ କରିବେ ୭୨ ଭାରତୀୟ

ପ୍ୟାରିସ ଅଲିମ୍ପିକ୍ସକୁ ଭାରତ ଏଥର ୧୧୭ ଜଣିଆ ଦଳ ପଠାଇଛି। ଯେଉଁଥିରୁ ୪୫ଜଣ କ୍ରୀଡ଼ାବିତ୍ ଏକାଧିକଥର ଅଲିମ୍ପିକ୍ସରେ ଭାଗନେବେ। କିନ୍ତୁ ୭୨ ଜଣ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଲାଗି ଏହା ପ୍ରଥମ ଅଲିମ୍ପିକ୍ସ ହେବ। ଅର୍ଥାତ୍ ୭୨ ଜଣ ଭାରତୀୟ ଏଥର ଅଲିମ୍ପିକ୍ସରେ ପଦାର୍ପଣ କରିବେ। ଯାହାକି ମୋଟ୍ ଭାରତୀୟ ଦଳର ୬୧ ପ୍ରତିଶତ। ଗତ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିଥିବା ୫ ବିଜେତା ଏଥର ମଧ୍ୟ ପ୍ୟାରିସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା, ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ, ମୁଷ୍ଟିଯୋଦ୍ଧା ଲଭଲିନା ବୋରଗୋହାଇଁ, ଭାରୋତ୍ତୋଳିକା ମୀରାବାଈ ଚାନୁ ଓ ଭାରତୀୟ ପୁରୁଷ ହକି ଦଳ।

### ୭୦ ପୁରୁଷ ଓ ୪୭ ମହିଳା କ୍ରୀଡ଼ାବିତ୍

ଏଥର ଅଲିମ୍ପିକ୍ସ ଲାଗି ଭାରତ ପଠାଇଥିବା ୧୧୭ ଜଣ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସର୍ବାଧିକ ୭୦ଜଣ ପୁରୁଷ ରହିଛନ୍ତି। ସେହିଭଳି ଭାରତୀୟ ଦଳରେ ୪୭ ଜଣ ମହିଳା କ୍ରୀଡ଼ାବିତ୍ ଏଥର ସାମିଲ ହୋଇଛନ୍ତି।

### ଦୌଡ଼କୁଦରେ ସର୍ବାଧିକ ୨୯

ପ୍ୟାରିସ ଯାଇଥିବା ଭାରତୀୟ ଦଳରେ ଦୌଡ଼କୁଦ ଇଭେଣ୍ଟରୁ ସର୍ବାଧିକ ଖେଳାଳି ସ୍ଥାନ ପାଇଛନ୍ତି। ଦୌଡ଼କୁଦ ଇଭେଣ୍ଟରେ ସର୍ବାଧିକ ୨୯ କ୍ରୀଡ଼ାବିତ୍ ରହିଥିବାବେଳେ ୨ଜଣ ରିଜର୍ଭ ଖେଳାଳି ମଧ୍ୟ ଗସ୍ତ କରିଛନ୍ତି। ସେହିଭଳି ଦ୍ୱିତୀୟ ସର୍ବାଧିକ ଖେଳାଳି ଭାବେ ସୁଟିଂ ଟିମ୍‌ରେ ରହିଛନ୍ତି। ଏଥର ୨୧ଜଣ ଭାରତୀୟ ସୁଟର୍ ଅଲିମ୍ପିକ୍ସରେ ଭାଗନେଇଛନ୍ତି। ଏହା ପଛକୁ ପୁରୁଷ ହକିରେ ୧୬ଜଣ, ବ୍ୟାଡ୍‌ମିଣ୍ଟନରେ ୭ଜଣ, ତୀରନ୍ଦାଜୀ, ବକ୍ସିଂ, ଟେବଲ୍ ଟେନିସ ଓ ରେସଲିଂରେ ୬ଜଣ ଖେଳାଳି ଖେଳାଳି ସ୍ଥାନ ପାଇଛନ୍ତି।

### ହରିୟାଣାରୁ ୨୪, ଓଡ଼ିଶାରୁ ୨ କ୍ରୀଡ଼ାବିତ୍

ପ୍ୟାରିସ ଅଲିମ୍ପିକ୍ସ ଲାଗି ଭାଗନେବାକୁ ଥିବା ଭାରତର ୧୧୭ ଜଣ କ୍ରୀଡ଼ାବିତ୍ ୨୨ଟି ରାଜ୍ୟରୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ ହରିୟାଣାରୁ ସର୍ବାଧିକ ୨୪ଜଣ କ୍ରୀଡ଼ାବିତ୍ ରହିଛନ୍ତି। ହରିୟାଣା ପଛକୁ ପଞ୍ଜାବରୁ ୧୯ ଜଣ ଓ ତାମିଲନାଡୁରୁ ୧୩ ଜଣ କ୍ରୀଡ଼ାବିତ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ବଳକା ରହିଥିବା ୧୯ ରାଜ୍ୟରୁ କ୍ରୀଡ଼ାବିତ୍‌ଙ୍କ ସଂଖ୍ୟା ଏକଅଙ୍କ ବିଶିଷ୍ଟରେ ସୀମିତ ରହିଛି। ସେହିଭଳି ୪ଟି ରାଜ୍ୟରୁ ଜଣେ ଲେଖାଏ ଏବଂ ୬ଟି ରାଜ୍ୟରୁ ୨ଜଣ ଲେଖାଏ କ୍ରୀଡ଼ାବିତ୍ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେଉଛନ୍ତି। ଓଡ଼ିଶାରୁ ମାତ୍ର ୨ଜଣ ଖେଳାଳି ଏହି ୧୧୭ ଜଣିଆ ଦଳରେ ରହିଛନ୍ତି। ଜାଭେଲିନ ଥ୍ରୋ'ରେ କିଶୋର ଜେନା ଓ ପୁରୁଷ ହକିରେ ଅମିତ୍ ରୋହିଦାସ ଭାରତୀୟ ଦଳରେ ସ୍ଥାନ ପାଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।



### ପତାକା ଧରିବେ ସିନ୍ଧୁ-ଶରତ

ଅଲିମ୍ପିକ୍ସର ଚଳିତ ୩୩ତମ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବରେ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଓ ମହାନ ଟେବଲ୍ ଟେନିସ ଖେଳାଳି ଅଚନ୍ତ ଶରତ କମଲ ଭାରତୀୟ ଦଳର ପତାକା ବହନ କରିବେ। ଉଦ୍‌ଘାଟନୀ ଉତ୍ସବ ଲାଗି ପତାକା ବାହକ ଭାବେ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ପକ୍ଷରୁ ଏହି ଦୁଇ ଖେଳାଳିଙ୍କ ନାମ ଚୟନ କରାଯାଇଛି। ଦେଶର ପ୍ରଥମ କ୍ରୀଡ଼ାବିତ୍ ଭାବେ କ୍ରମାଗତ ୩ୟ ଅଲିମ୍ପିକ୍ସ ପଦକ ଜିତିବା ଲକ୍ଷ୍ୟରେ ରହିଥିବା ୨୯ ବର୍ଷୀୟା ସିନ୍ଧୁଙ୍କ ଲାଗି ଏହା ବେଶ୍ ଗୌରବର ବିଷୟ ହୋଇଛି। ସେହିଭଳି ନିଜର ୫ମ ତଥା ଅନ୍ତିମ ଅଲିମ୍ପିକ ଖେଳୁଥିବା ୪୨ ବର୍ଷୀୟ ଶରତ ମଧ୍ୟ ଦେଶର ପତାକା ବାହକ ଭାବେ ଚୟନ ହୋଇଥିବାରୁ ଏହାକୁ ଗୌରବର କଥା ବୋଲି କହିଛନ୍ତି।

### ବୋପାନ୍ନା ବୟୋଜ୍ୟେଷ୍ଠ



ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ୧୪ ବର୍ଷୀୟା ଧୀନିଧି ଭାରତର ସର୍ବକନିଷ୍ଠ ଖେଳାଳି ଭାବେ ଅଂଶଗ୍ରହଣ କରିଛନ୍ତି। ସେହିଭଳି ମହାନ ଟେନିସ ଖେଳାଳି ରୋହନ ବୋପାନ୍ନା ଏଥର ଭାରତର ବୟୋଜ୍ୟେଷ୍ଠ ଖେଳାଳି ଭାବେ ପ୍ରତିନିଧିତ୍ୱ କରିବେ। ୪୪ ବର୍ଷୀୟ ବୋପାନ୍ନାଙ୍କ ଏହା ୩ୟ ଅଲିମ୍ପିକ୍ସ ହେବ। ଏଥିପୂର୍ବରୁ ସେ ୨୦୧୨ ଓ ୨୦୧୬ ଅଲିମ୍ପିକ୍ସରେ ଖେଳିଥିଲେ। ଧୀନିଧି ଓ ବୋପାନ୍ନାଙ୍କ ବୟସ ତାରତମ୍ୟ ୩୦ ବର୍ଷ ବ୍ୟବଧାନ ରହିଛି। ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସାରା ଦେଶବାସୀଙ୍କ ନଜର ରହିଛି।

### ପାରୁଲ ୨ଟି, ମାନୁ ୩ଟି ଇଭେଣ୍ଟରେ ଭାଗନେବେ

ଭାରତୀୟ ଦଳରେ ସ୍ଥାନ ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ କେବଳ ଦୁଇଜଣ ପାରୁଲ ଚୌଧୁରୀ ଓ ମାନୁ ଭାକର ଏକାଧିକ ବ୍ୟକ୍ତିଗତ ଇଭେଣ୍ଟରେ ଭାଗନେବେ। ପାରୁଲ ମହିଳା ୩୦୦୦ ମିଟର ବାଧାଦୌଡ଼ ସମେତ ମହିଳା ୫୦୦୦ ମିଟର ରେସ୍‌ରେ ମଧ୍ୟ ଟ୍ରାକ୍‌କୁ ଓହ୍ଲାଇବେ। ସେହିଭଳି ସୁଟର୍ ମାନୁ ଭାକର ମଧ୍ୟ ସୁଟିଂର ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଭାରତର ଅନ୍ୟତମ ଶ୍ରେଷ୍ଠ ସୁଟର୍ ମାନ୍ୟତା ପାଇଥିବା ମାନୁ ମହିଳା ୧୦ ମିଟର ଏୟାର ପିସ୍ତଲ, ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଓ ୨୫ ମିଟର ପିସ୍ତଲ ସୁଟିଂ ଇଭେଣ୍ଟ। ୨୨ ବର୍ଷୀୟା ମାନୁ ଗତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଏହି ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ, କିନ୍ତୁ କୌଣସି ଗୋଟିଏରେ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥିଲେ। ଏଥର କିନ୍ତୁ ସେ ପୋଡିୟମ ଫିନିଶ୍ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଧୀନିଧି ୨ୟ ସର୍ବକନିଷ୍ଠ ଭାରତୀୟ ଅଲିମ୍ପିଆନ

ପ୍ୟାରିସ ଅଲିମ୍ପିକ୍ସରେ ଭାଗନେଇଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରେ କର୍ଣ୍ଣାଟକ ମହିଳା ସନ୍ତରଣକାରୀ ଧୀନିଧି ଦେଶିଙ୍ଗହୁ ସର୍ବକନିଷ୍ଠ ପ୍ରତିଯୋଗୀ ହେବାର ରେକର୍ଡ ବହନ କରୁଛନ୍ତି।



ବେଙ୍ଗାଲୁରୁର କେନ୍ଦ୍ରୀୟ ବିଦ୍ୟାଳୟରେ ୯ମ ଶ୍ରେଣୀରେ ଅଧ୍ୟୟନରତ ଥିବା ଧୀନିଧିଙ୍କୁ ବର୍ତ୍ତମାନ ମାତ୍ର ୧୪ ବର୍ଷ। ସେ ମହିଳା ସନ୍ତରଣର ୨୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ଭାଗନେବେ। ଏଥିପୂର୍ବରୁ ଧୀନିଧି ୨୦୨୨ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ମଧ୍ୟ ଭାରତୀୟ ଦଳର ସଦସ୍ୟା ରହିଥିଲେ। ଭାରତୀୟ ଅଲିମ୍ପିକ ଇତିହାସରେ ସେ ୨ୟ ସର୍ବକନିଷ୍ଠ କ୍ରୀଡ଼ାବିତ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୧୯୫୨ ହେଲସିଙ୍କି ଅଲିମ୍ପିକ୍ସରେ ମାତ୍ର ୧୧ ବର୍ଷ ବୟସରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ସନ୍ତରଣକାରୀ ଆରତୀ ଶାହା ଭାରତର ସର୍ବକନିଷ୍ଠ ଅଲିମ୍ପିଆନ ହେବାର ରେକର୍ଡ ଆଜି ପର୍ଯ୍ୟନ୍ତ ବହନ କରୁଛନ୍ତି।

### ନାରଙ୍ଗ ଚେଫ୍ ଡି ମିସନ

ଚଳିତ ପ୍ୟାରିସ ଅଲିମ୍ପିକ୍ସ ଲାଗି ମହାନ ସୁଟର୍ ଗଗନ ନାରଙ୍ଗଙ୍କୁ ଭାରତୀୟ ଦଳର ଚେଫ୍ ଡି ମିସନ୍ (ସିଡିଏମ୍) ଭାବେ ନିଯୁକ୍ତ କରାଯାଇଛି। ଅଲିମ୍ପିକ୍ସରେ ଚେଫ୍ ଡି ମିସନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦ। ଯାହା ଅଂଶଗ୍ରହଣକାରୀ ଆଥ୍‌ଲେଟ୍‌ଙ୍କ କଲ୍ୟାଣ ନିଶ୍ଚିତ କରିବା, ସେମାନଙ୍କ ଯତ୍ନ ନେବା ଏବଂ ଆୟୋଜକ କମିଟି ସହ ଯୋଗାଯୋଗ ରଖିବା ଭୂମିକା ନିର୍ବାହ କରିଥାଏ। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ପ୍ରଥମେ ଏମ୍‌ସି ମେରୀକମ୍‌ଙ୍କ ନାମକୁ ଏହି ସମ୍ମାନଜନକ ପଦ ଲାଗି ମନୋନୀତ କରିଥିଲା। କିନ୍ତୁ ମେରୀକମ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଏଥିରୁ ଓହରିଯିବା ଫଳରେ ୪୧ ବର୍ଷୀୟ ନାରଙ୍ଗଙ୍କୁ ସିଡିଏମ୍ ଭାବେ ମନୋନୀତ କରାଯାଇଥିଲା।





### ଓଡ଼ିଶାରୁ କିଶୋର, ଅମିତ୍

ଓଡ଼ିଶାରୁ ଏଥର ୨ଜଣ ଖେଳାଳି ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିଛନ୍ତି। ସେମାନେ ହେଲେ ଜାଭେଲିନ ଫିଙ୍ଗାଳି କିଶୋର ଜେନା ଓ ହକିରେ ଅମିତ୍ ରୋହିଦାସ୍। ଗତ ଟୋକିଓ ଅଲିମ୍ପିକ୍ସରେ ଓଡ଼ିଶାରୁ ପୁରୁଷ ହକିରେ ଅମିତ୍, ବୀରେନ୍ଦ୍ର ଲାକ୍ରା, ମହିଳାରେ ଦୀପଗ୍ରେସ୍ ଏକ୍କା ଏବଂ ଆଥ୍‌ଲେଟିକ୍ସରେ ଦୂତୀ ଚାନ୍ଦ ଅଂଶଗ୍ରହଣ କରିଥିଲେ। ଏଥର ଏହି ସଂଖ୍ୟା ୪ରୁ ୨ଜଣକୁ କମିଯାଇଛି। ଅମିତ୍ ରୋହିଦାସଙ୍କ ଏହା ୨ୟ ଅଲିମ୍ପିକ୍ସ ହେବ। ଏଥିପୂର୍ବରୁ ସେ ଗତ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଐତିହାସିକ କାଂସ୍ୟ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳର ପ୍ରମୁଖ ସଦସ୍ୟ ରହିଥିଲେ। ଏଥର ମଧ୍ୟ ଭାରତୀୟ ଦଳ ପୋଡିୟମରେ ଆହୁରି ଉନ୍ନତ ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଅଭିଜ୍ଞ ଅମିତ୍‌ଙ୍କ ପ୍ରଦର୍ଶନ ଉପରେ ସାରା ଦେଶବାସୀଙ୍କ ନଜର ରହିଛି। ଅପରପକ୍ଷରେ ଜାଭେଲିନ ଥ୍ରୋ'ରେ ନୂଆ ଆଶା ସଞ୍ଚାର କରିଥିବା କିଶୋରଙ୍କ ଏହା ପ୍ରଥମ ଅଲିମ୍ପିକ୍ସ। ୨୮ ବର୍ଷୀୟ କିଶୋର ୨୦୨୨ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ନୀରଜ ଚୋପ୍ରାଙ୍କ ପଛକୁ ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ଏଥିସହ ପ୍ୟାରିସ ଅଲିମ୍ପିକ୍ସ ଲାଗି ଟିକଟ୍ ହାସଲ କରିଥିଲେ। ଏଥିରେ ସେ ୮୪.୭୭ ମିଟର ଜାଭେଲିନ୍ ଫିଙ୍ଗିଥିଲେ। ଯାହାକି କିଶୋରଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଭାବେ ରେକର୍ଡ ହୋଇଛି। ପ୍ୟାରିସରେ କିଶୋର ଏହି ପ୍ରଦର୍ଶନକୁ ପଛରେ ପକାଇ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।

### ୩ ଜଣ ସପୋର୍ଟ ଷ୍ଟାଫ୍

ଓଡ଼ିଶାରୁ ୨ଜଣ ଖେଳାଳିଙ୍କ ବାଦ୍ ୩ ଜଣ ସପୋର୍ଟ ଷ୍ଟାଫ୍ ମଧ୍ୟ ଭାରତୀୟ ଦଳ ସହ ପ୍ୟାରିସ ଯାତ୍ରା କରିଛନ୍ତି। ୩୦ ଜଣିଆ ଭାରତୀୟ ଦୌଡ଼କୁଦ ଦଳରେ ଏକ ୬ ଜଣିଆ ପ୍ରତିନିଧି ଦଳ ରହିଛନ୍ତି। ଏହି ପ୍ରତିନିଧି ଦଳରେ ଓଡ଼ିଶା ଆଥ୍‌ଲେଟିକ ଆସୋସିଏସନ (ଓଏଏ)ର ସଭାପତି ଡଃ ଜି.ଏସ୍. ପଟ୍ଟନାୟକ ସ୍ଥାନ ପାଇଛନ୍ତି। ସେହିଭଳି ଭାରତୀୟ କୁସ୍ତି ଦଳ ସହ ପର୍ଯ୍ୟବେକ୍ଷକ ଭାବେ ଅନିଲ ବହିଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନିଲ ବର୍ତ୍ତମାନ ଓଡ଼ିଶା ବକ୍ସିଂ ସଂଘର ସମ୍ପାଦକ ରହିଛନ୍ତି। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟର ସ୍ପୋର୍ଟ୍ସ ଫିଜିସିଆନ ଡାକ୍ତର ସୁଦୀପ୍ ଶତପଥୀ ମଧ୍ୟ ଭାରତୀୟ ଦଳ ସହ ଗସ୍ତ କରିଛନ୍ତି।

# ଏଥର ଅଲିମ୍ପିକ୍ସରେ ନୂତନ ଜ୍ଞାନକୌଶଳ

ଶୁକ୍ରବାରଠାରୁର ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏଥର ଖେଳାଳିଙ୍କ ସୁରକ୍ଷା ଓ ମନୋରଞ୍ଜନକୁ ଦୃଷ୍ଟିରେ ରଖି ନୂଆ ଜ୍ଞାନକୌଶଳ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଉପଯୋଗ କରିବ। ଏହିକ୍ରମରେ ଖେଳାଳିମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ମଧ୍ୟ ମନିଟର କରାଯିବ। କ୍ରୀଡ଼ାବିତଙ୍କ ପରିବାର ସଦସ୍ୟଙ୍କ ହୃଦ୍‌ସ୍ପନ୍ଦନ (ହାର୍ଟବିଟ୍)କୁ ମପାଯିବ। ସେହିପରି ୧୯୨୪ ପ୍ୟାରିସ ଅଲିମ୍ପିକ୍ସର ଫଟୋଗୁଡ଼ିକୁ ରଙ୍ଗୀନ କରାଯିବାକୁ ଯୋଜନା କରାଯାଇଛି। ଅଲିମ୍ପିକ୍ସ ଏଥର ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖରେ ଶେଷ ହେବ।

### ଖେଳାଳିଙ୍କ ମାତାପିତାଙ୍କ ପ୍ରତିକ୍ରିୟାର ସିଧା ପ୍ରସାରଣ ହେବ

ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଆଥଲେଟମାନଙ୍କ ମାତାପିତାଙ୍କ ରିଆକ୍ସନ ବା ପ୍ରତିକ୍ରିୟାର ସିଧା ପ୍ରାସାରଣ କରାଯିବ ବୋଲି ଯୋଜନା ହେଉଛି। ସେମାନଙ୍କର ହାର୍ଟରେଟ୍‌କୁ ମପାଯାଇ ଏପରି କରାଯିବ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହା ଦ୍ୱାରା ଦର୍ଶକ ଆହୁରି ରୋମାଞ୍ଚିତ ହେବେ।

### ଏଆଇ ସିସିଟିଭିରେ ହେବ ସୁରକ୍ଷା

ଅଲିମ୍ପିକ୍ସ ଆୟୋଜନ ଅବସରରେ ସନ୍ଦିଗ୍ଧ ଘଟଣାଗୁଡ଼ିକୁ ନଜରରେ ରଖାଯିବାକୁ ପ୍ରୟାସ କରାଯିବ। ଏଥିପାଇଁ ଏଆଇ କ୍ୟାମେରା ବ୍ୟବହୃତ ହେବ। ଯଦି କୌଣସି ବ୍ୟକ୍ତି ଅସ୍ତ୍ର ନେଇ ପଡିଆ ଭିତରକୁ ପ୍ରବେଶ କରନ୍ତି ବା ବିନା ଅନୁମତିରେ ଗ୍ରାଉଣ୍ଡରେ ପ୍ରବେଶ କରିବାକୁ ଉଦ୍ୟମ କରନ୍ତି, ତେବେ ଏହି ଘଟଣା କ୍ୟାମେରାରେ ରେକର୍ଡ କରାଯିବ ଓ ତୁରନ୍ତ ସୁରକ୍ଷା ଟିମ୍‌କୁ ଅବଗତ କରାଯିବ।

### ରିଅଲ ଟାଇମ୍ ଆନାଲିସିସ୍‌ରେ ନିଷ୍ପତ୍ତି ନିଆଯିବ

ଏଆଇର ସହାୟତାରେ ମାତ୍ର ୧୦ ସେକେଣ୍ଡ ମଧ୍ୟରେ ଭିଡିଓର ଆନାଲିସିସ୍ କରାଯାଇ ନିର୍ଣ୍ଣୟ ଦିଆଯିବ। ମାତ୍ର ୧୦ ସେକେଣ୍ଡ ମଧ୍ୟରେ ଡାଇଭିଂ ଇଭେଣ୍ଟରେ ସବୁ ପକ୍ଷକୁ ନେଇ ଏଆଇ ଆନାଲିସିସ୍ କରି ସଠିକ୍ ନିର୍ଣ୍ଣୟ ଦେଇପାରିବ।

### ୮କେ ଉଚ୍ଚକୋଟୀର ଲାଇଭ୍ ଷ୍ଟ୍ରିମିଂ

ଏଥର ଅଲିମ୍ପିକ୍ସରେ ୮କେ ଉଚ୍ଚକୋଟୀର ପିକ୍‌ଚର କ୍ୱାଲିଟି ମାଧ୍ୟମରେ ଲାଇଭ ଷ୍ଟ୍ରିମିଂ କରାଯିବ। ଆମେରିକାର ଜଣାଶୁଣା କମ୍ପାନୀ 'ଇଣ୍ଟେଲ' ମାଧ୍ୟମରେ ଦର୍ଶକ ଏଥର ଉଚ୍ଚକୋଟୀର ଭିଡିଓ ଓ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିପାରିବେ। ଏହା ଦ୍ୱାରା ନୂଆ ଯୁବ ପ୍ରତିଭାଗୁଡ଼ିକର ଅନ୍ୱେଷଣ ମଧ୍ୟ କରାଯାଇପାରିବ ବୋଲି କୁହାଯାଇଛି। ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କରେ ଭାରତୀୟ ଦର୍ଶକ ସେମାନଙ୍କ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଦେଖିପାରିବେ।

### ୧୪ଟି କଣ୍ଟ୍ରି ହାଉସ୍ ମଧ୍ୟରେ ଇଣ୍ଡିଆ ହାଉସ ଅନ୍ୟତମ

ପ୍ରତିଷ୍ଠିତ ପାର୍କ ଡେ ବିଲେଟ୍‌ରେ ଅବସ୍ଥିତ ଏହି ଇଣ୍ଡିଆ ହାଉସ୍ ନେଦରଲାଣ୍ଡସ, କାନାଡା, ବ୍ରାଜିଲ ଓ ଫ୍ରାନ୍ସ ଭଳି ସାରା ବିଶ୍ୱର ୧୪ଟି କଣ୍ଟ୍ରି ହାଉସ୍ ମଧ୍ୟରେ ଅନ୍ୟତମ। ଏହା ସାରା ଦୁନିଆକୁ ଭାରତର ପ୍ରତିଭା, ଦକ୍ଷତା ଓ ମହତ୍ତ୍ୱାକାଂକ୍ଷାର ଝଲକ ଦେଖାଇବ। ଭାରତୀୟ ସଂସ୍କୃତି, କଳା, ହସ୍ତଶିଳ୍ପ, ସଂଗୀତ, ଭାରତୀୟ ନୃତ୍ୟ ସମୂହର ପ୍ରଦର୍ଶନ, ପାରମ୍ପରିକ ବ୍ୟଞ୍ଜନ ପର୍ଯ୍ୟନ୍ତ ସବୁକିଛି ଏଠାରେ ଉପଲବ୍ଧ ହେବ। ଏହା ଘରଠାରୁ ଦୂରରେ ଭାରତୀୟ ଆଥଲେଟ୍‌ଙ୍କ ପାଇଁ ଆଉ ଏକ ଘର ସଦୃଶ ହେବ। ଏଠାରେ ଭାରତର ବିଜୟ ଓ ଆଥଲେଟ୍‌ଙ୍କ ପଦକଗୁଡ଼ିକୁ ନେଇ ଉତ୍ସବ ପାଳନ କରାଯିବ। ସମସ୍ତ ଦେଶର ଗଣମାଧ୍ୟମ ପ୍ରତିନିଧି ଓ ପ୍ରଶଂସକଙ୍କ ନିମନ୍ତେ ଏହା ଉନ୍ମୁକ୍ତ ରହିବ।

### ଅଲିମ୍ପିକ୍ସ ଅଂଶଗ୍ରହଣର ୧୦୦ ବର୍ଷ ପୂର୍ତ୍ତି

ଭାରତର ଅଲିମ୍ପିକ୍ସ ଇତିହାସ ୧୦୦ ବର୍ଷରେ ପାଦ ଦେବାକୁ ଯାଉଥିବାରୁ ପ୍ୟାରିସ ଅଲିମ୍ପିକ୍ସ ଭାରତ ପାଇଁ ବିଶେଷ ଭାବ ମହତ୍ତ୍ୱ ରଖୁଛି। ଅର୍ଥାତ ଭାରତ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ। ଇଣ୍ଡିଆ ହାଉସ୍‌ରେ ଏଥିପାଇଁ ସ୍ୱତନ୍ତ୍ର ଭାବେ ଉତ୍ସବ ପାଳନ କରାଯିବ। ଶନିବାରଠାରୁ ଇଣ୍ଡିଆ ହାଉସ୍ ଖୋଲାଯିବ ଓ ଏହା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ। କ୍ରୀଡ଼ାରେ ଏହି ବିଶେଷ ମୁହୂର୍ତ୍ତକୁ ପାଳନ କରିବାକୁ ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓଏ) ତରଫରୁ ବିଶେଷ ଭାବେ ବ୍ୟବସ୍ଥା ଗ୍ରହଣ କରାଯାଇଛି।




### ଆକର୍ଷଣର କେନ୍ଦ୍ର ସାଜିବ 'ଇଣ୍ଡିଆ ହାଉସ୍'

ରିଲାଏନ୍ସ ପାଉଣ୍ଡେସନ ଓ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ସହଭାଗିତାରେ ପ୍ୟାରିସ୍‌ରେ ପ୍ରସ୍ତୁତ ହୋଇଥିବା ପ୍ରଥମ କଣ୍ଟ୍ରି ହାଉସ୍ ଅର୍ଥାତ୍ 'ଇଣ୍ଡିଆ ହାଉସ୍' ଅଲିମ୍ପିକ୍ସରେ ଏଥର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ। ଇଣ୍ଡିଆ ହାଉସ୍ ଦେଶର ସମୃଦ୍ଧ ସାଂସ୍କୃତିକ ଓ କ୍ରୀଡ଼ା ପରମ୍ପରାକୁ ନେଇ ଉତ୍ସବ ପାଳନ କରିବ। ଏଥିରେ ପ୍ରଯୁକ୍ତି ଓ ଡିଜିଟାଲକରଣରେ ପ୍ରଗତି ସହିତ ଭାରତର ଗୌରବମୟ ଅତୀତ, ଜୀବନ୍ତ ବର୍ତ୍ତମାନ ଏବଂ ରୋମାଞ୍ଚକ ଭବିଷ୍ୟତକୁ ପ୍ରଦର୍ଶିତ କରାଯିବ। ସାରା ବିଶ୍ୱର ଆଥଲେଟ୍, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ କ୍ରୀଡ଼ାପ୍ରେମୀଙ୍କ ପାଇଁ ଇଣ୍ଡିଆ ହାଉସ୍‌ର ଦ୍ୱାର ଉନ୍ମୁକ୍ତ ରହିବ। ଅଲିମ୍ପିକ୍ସରେ ଏହା ଭାରତର ଖ୍ୟାତିକୁ ଆହୁରି ବୃଦ୍ଧି କରିବ। ଏହା ଭାରତର ଏକତା, ବିବିଧତା, ଉତ୍କୃଷ୍ଟତାର ଭାବନାକୁ ଜୀବନ୍ତ କରି ଗଢ଼ି ତୋଳିବ।

ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମଥର ଇଣ୍ଡିଆ ହାଉସ ପ୍ରତିଷ୍ଠା କରାଯିବା ନେଇ ଆଇଓସି ସଦସ୍ୟା ତଥା ରିଲାଏନ୍ସ ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ପୂର୍ବରୁ ଘୋଷଣା କରିଥିଲେ। ଇଣ୍ଡିଆ ହାଉସ୍‌ରେ ଆମେ ଆମ କ୍ରୀଡ଼ାବିତମାନଙ୍କୁ ସମ୍ମାନ ଜଣାଇବୁ, କ୍ରୀଡ଼ାବିତଙ୍କ ସଫଳତାରେ ଖୁସି ମନାଇବୁ, ନିଜର କଥା ଓ କାହାଣୀଗୁଡ଼ିକୁ ପରିପ୍ରକାଶ କରିବା ସହ ସାରା ଦୁନିଆକୁ ସ୍ୱାଗତ କରିବୁ। ଅଲିମ୍ପିକ୍ସ ଆନ୍ଦୋଳନକୁ ଭାରତକୁ ଆଣିବା ସହ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ନୀତା କହିଛନ୍ତି। ଭାରତୀୟ ସଂସ୍କୃତିର ସମୃଦ୍ଧ ଓ ବିବିଧତାପୂର୍ଣ୍ଣ ଛବିକୁ ପ୍ରଦର୍ଶନ କରିବାର ଇଣ୍ଡିଆ ହାଉସ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ। ଏହା ଦେଶର ବିକାଶର ପ୍ରତୀକ ଓ ଅଲିମ୍ପିକ୍ସ ଆନ୍ଦୋଳନ ପ୍ରତି ଭାରତର ଅତୁଟ ପ୍ରତିବଦ୍ଧତା ଓ ଭବିଷ୍ୟତରେ ଅଲିମ୍ପିକ୍ସର ଆୟୋଜନ ନିମନ୍ତେ ମହତ୍ତ୍ୱାକାଂକ୍ଷାକୁ ଦର୍ଶାଇବ।

### ବାଲାଜୀଙ୍କୁ ସାଥି କଲେ ବୋପାନ୍ନା

ଭାରତୀୟ ଅଭିଜ୍ଞ ପୁରୁଷ ଯୁଗଳ ଖେଳାଳି ୪୪ ବର୍ଷୀୟ ବୋପାନ୍ନା ଅଲିମ୍ପିକ୍ସରେ ନିଜ ଦେଶର ଏନ୍ ଶ୍ରୀରାମ ବାଲାଜୀଙ୍କୁ ସହ ଟେନିସ କୋର୍ଟକୁ ଓହ୍ଲାଇବେ। ଚଳିତ ଫ୍ରେଞ୍ଚ ଓପନ୍‌ରେ ବାଲାଜୀ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ଓ ବୋପାନ୍ନାଙ୍କ ଆସ୍ଥାଭାଜନ ହୋଇଛନ୍ତି। ଏଆଇଟିଏ ମଧ୍ୟ ଏ ନେଇ ବୋପାନ୍ନାଙ୍କୁ ସମର୍ଥନ ଜଣାଇବା ସହ ତାଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ ବୋପାନ୍ନା ଏଆଇଟିଏ ଓ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌କୁ ମେଲ୍ କରି ନିଜ ଇଚ୍ଛା ଜଣାଇଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସ୍ୱାତୀ ସରକାର
ଆବିର୍ଭାବ- ୦୨.୦୯.୧୯୬୯
ତିରୋଧାନ: ୧୩.୦୭.୨୦୨୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପତିତପାବନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ସୁଭାଶିଷ ସରକାର, ପୁତ୍ର- ସ୍ନେହାଶିଷ ସରକାର, ବୋହୂ- ରୂପାଲି ସରକାର, ଝିଅ- ଶ୍ୱେତରୂପା ସାହା, ଜ୍ୱାଇଁ- ଶିବାୟନ ସାହା ଓ ଆତ୍ମୀୟସ୍ୱଜନ

# ଆଜିଠାରୁ କ୍ରୀଡ଼ା ମହାକୁମ୍ଭ

**ପ୍ୟାରିସ୍,୨୫।୭(ଏଜେନ୍ସି):** ଫ୍ରାନ୍ସର ରାଜଧାନୀ ଐତିହାସିକ ପ୍ୟାରିସ୍ ସହରରେ ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆରମ୍ଭ ହେବ। ବିଶ୍ୱର ଏହି କ୍ରୀଡ଼ା ମହାକୁମ୍ଭରେ ଅଂଶଗ୍ରହଣ କରିବା ଲାଗି ବର୍ଷ ବର୍ଷ ଧରି ଚେଷ୍ଟା ଚଳାଇଥିବା ଆଥ୍‌ଲେଟଙ୍କ ମଧ୍ୟରୁ କେବଳ ୧୦,୭୧୪ ଜଣଙ୍କ ସ୍ୱପ୍ନ ପୂରଣ ହୋଇଛି। ଏମାନେ ୨୦୬ଟି ଦେଶକୁ ପ୍ରତିନିଧିତ୍ୱ କରୁଥିବା ଏହି ପ୍ରତିଯୋଗୀମାନେ ୩୨ଟି କ୍ରୀଡ଼ାରେ ୩୨୯ଟି ଇଭେଣ୍ଟ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ଠିକ୍ ୧୦୦ ବର୍ଷ ପରେ ଏଠାରେ ଆୟୋଜିତ ହେଉଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା ଅନେକ କ୍ଷେତ୍ରରେ କିଛି ନୂଆ କାର୍ଯ୍ୟକ୍ରମକୁ ଗ୍ରହଣ କରିଛି। ଏହା ମଧ୍ୟରେ ସବୁଠୁ ଚର୍ଚ୍ଚାରେ ରହିଛି ଉଦ୍‌ଘାଟନୀ ଉତ୍ସବ। ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଖୁବ୍ ଉଚ୍ଚକୋଟୀର ହୋଇଥାଏ। ଏଥର ଏହି ଉତ୍ସବ ପ୍ରଥମଥର ଷ୍ଟାଡିୟମ୍‌ରେ ନ ହୋଇ ପ୍ୟାରିସ୍ ସହର ନିକଟରେ ଥିବା ସିନ୍ ନଦୀରେ ଆୟୋଜିତ ହେବ। ଏହାକୁ ଦେଖିବା ଲାଗି ନଦୀକୂଳରେ ୬ ଲକ୍ଷ ଦର୍ଶକ ଉପସ୍ଥିତ ରହିବେ ବୋଲି ଆକଳନ କରାଯାଇଛି। ଅଲିମ୍ପିକ୍ସ ଆୟୋଜନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜକ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଓ ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜନ କମିଟି ଏହାକୁ ସ୍ମରଣୀୟ କରିବା ଲାଗି ସମସ୍ତ ପ୍ରକାର ପ୍ରଚେଷ୍ଟା କରିଛନ୍ତି। କ୍ରୀଡ଼ାକ୍ଷେତ୍ରରେ



ନୂଆ ଜ୍ଞାନ କୌଶଳର ପ୍ରୟୋଗ, ଏଆଇ ସିସିଟିଭି କ୍ୟାମେରାରେ ସୁରକ୍ଷା ବ୍ୟବସ୍ଥା ତଦାରଖ, ଖେଳାଳିଙ୍କ ମାତାପିତାଙ୍କ ପ୍ରତିକ୍ରିୟାର ସିଧାସଳଖ ପ୍ରସାରଣ, ରିଅଲ ଟାଇମ୍ ଆନାଲିସସ୍, ୮କେ ଉଚ୍ଚକୋଟୀର ଲାଇଭ୍ ଷ୍ଟ୍ରିମିଂ କରାଯିବ। ଆୟୋଜକମାନେ ଏହି କ୍ରୀଡ଼ାମହାକୁମ୍ଭକୁ ଜୀବନ୍ତ କରି ପ୍ରସାରଣ କରିବାର ଅନେକ ବ୍ୟବସ୍ଥା କରିଛନ୍ତି।

ପ୍ୟାରିସ ସହର ହିଁ ହେବ ଏହି ପ୍ରତିଯୋଗିତାର ମୁଖ୍ୟ ଭେନ୍ୟୁ। ଏଠାରେ କିଛି ଖେଳକୁ ଛାଡିଦେଲେ ଅନ୍ୟ ସମସ୍ତ ଇଭେଣ୍ଟ ଆୟୋଜିତ ହେବ। ହ୍ୟାଣ୍ଡବଲ, ସେଲିଂ ଓ ସର୍ଫିଂ ବିଭିନ୍ନ ସହରରେ ଆୟୋଜିତ ହେଉଥିଲାବେଳେ ଫ୍ରାନ୍ସର ବଡ଼ ବଡ଼ ୫ଟି ସହରରେ ସବୁଠାରୁ ଲୋକପ୍ରିୟ ପ୍ରତିଯୋଗିତା ଫୁଟବଲ ଖେଳ ଆୟୋଜିତ ହେଉଛି। ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଆୟୋଜିତ ହେଉଥିବା ରୋଲାଣ୍ଡ ଗ୍ୟାରୋସ୍‌ରେ ଲନ୍ ଟେନିସ, ୟଭେସ ଡୁ ମାନୋଇରେ ହକି କ୍ରୀଡ଼ା ଆୟୋଜିତ ହେବ।

### ସ୍ପୋର୍ଟ୍ସ ୧୮ ଟିଭି ଚ୍ୟାନେଲ, ଜିଓ ସିନେମାରେ ସିଧା ପ୍ରସାରଣ

ଭାରତରେ ପ୍ରଶଂସକମାନେ ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ ଅର୍ଥାତ ଟିଭି ଚ୍ୟାନେଲରେ ଅଲିମ୍ପିକ୍ସର ବିଭିନ୍ନ ଇଭେଣ୍ଟର ସିଧାପ୍ରସାରଣ ଦେଖିପାରିବେ। ସେହିପରି ଜିଓ ସିନେମା ଆପ୍ ଓ ୱେବ୍‌ସାଇଟ୍‌ରେ ଅଲିମ୍ପିକ୍ସର ଲାଇଭ ଷ୍ଟ୍ରିମିଂ ବା ସିଧା ପ୍ରସାରଣ ପ୍ରଶଂସକମାନେ ଦେଖିପାରିବେ। ଇଂଲିଶ, ହିନ୍ଦୀ ସମେତ ତାମିଲ ଓ ତେଲଗୁ ଭଳି ସ୍ଥାନୀୟ ଭାଷାରେ ଏହି ପ୍ରସାରଣ ହେବ।

ଏହି ପ୍ରତିଯୋଗିତାରେ ୨୦୬ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ରୁଷ ଓ ଆଫଗାନିସ୍ତାନର ପ୍ରତିଯୋଗୀମାନେ ଆଇଓସି ବ୍ୟାନରରେ ଅଂଶଗ୍ରହଣ କରିବେ। କିନ୍ତୁ ପଦକ ତାଲିକାରେ ଶୀର୍ଷସ୍ଥାନ ଲାଗି ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ମଧ୍ୟରେ ଜୋରଦାର ମୁକାବିଲା ହେବ। ଏଥର ବ୍ରେକିଂ ବା ବ୍ରେକ୍ ଡ୍ୟାନ୍ସ ନୂଆ ଖେଳ ଭାବେ ପଦାର୍ପଣ କରିଛି। ଜାପାନର ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଆୟୋଜିତ ୩ଟି କ୍ରୀଡ଼ା ଯଥା କରାଟେ, ସଫ୍ଟବଲ ଓ ବେସ୍‌ବଲକୁ ବାଦ୍ ଦିଆଯାଇଛି। ସେହିପରି ଆଉ ୩ଟି କ୍ରୀଡ଼ା ଏଥର ପ୍ୟାରିସ ଅଲିମ୍ପିକ୍ସକୁ ପ୍ରତ୍ୟାବର୍ତ୍ତନ କରିଛି। ସେଗୁଡିକ୍ ହେଲା ସ୍କେଟ ବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ସର୍ଫିଂ।

ଏହି କ୍ରୀଡ଼ା ମହାକୁମ୍ଭ ଲାଗି ଭାରତରୁ ୧୧୭ ଜଣ ପ୍ରତିଯୋଗୀ ୧୬ଟି କ୍ରୀଡ଼ାରେ ଅଂଶଗ୍ରହଣ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ନୀରଜ ଚୋପ୍ରାଙ୍କ ଉପରେ ଭାରତର ସବୁଠାରୁ ଅଧିକ ଆଶା ରହିଛି। ପ୍ୟାରିସ୍‌ରେ ଭାରତର ୧୦ଜଣ ପଦକ ଆଶାୟୀ ରହିଛନ୍ତି। ଭାରତରେ ଏହି ପ୍ରତିଯୋଗିତା ସ୍ପୋର୍ଟ୍ସ ୧୮ ଟିଭି ଚ୍ୟାନେଲ ଓ ଜିଓ ଆପ୍‌ରେ ସିଧାସଳଖ ପ୍ରସାରିତ ହେବାର କାର୍ଯ୍ୟକ୍ରମ ରହିଛି। ପିଭି ସିନ୍ଧୁ ଓ ଅଚନ୍ତ ଶରତ କମଲ ପରେଡରେ ଭାରତର ଜାତୀୟ ପତାକା ଧରିବେ। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଭାରତୀୟ ସମୟ ରାତି ୧୧ଟାରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ।

## ପ୍ରଥମଥର ପାଇଁ ଷ୍ଟାଡିୟମ ବାହାରେ ଉଦ୍‌ଘାଟନୀ ଉତ୍ସବ



# ସିନ୍ ନଦୀରେ ଆଥ୍‌ଲେଟ୍‌ଙ୍କ ପରେଡ୍

**ପ୍ୟାରିସ୍, ୨୫।୭ (ଏଜେନ୍ସି):** ଶୁକ୍ରବାର ଭାରତୀୟ ସମୟ ରାତି ୧୧ଟାରୁ ଆରମ୍ଭ ହେବ। ଏଥର ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ନିଆରା ହେବ। ପ୍ରଥମଥର ପାଇଁ ଉଦ୍‌ଘାଟନୀ ଉତ୍ସବରେ କୌଣସି ଷ୍ଟାଡିୟମରେ ଆୟୋଜନ ହେବ ନାହିଁ। ପ୍ୟାରିସ ଦେଇ ବହିଯାଉଥିବା ସିନ ନଦୀରେ ଉଦ୍‌ଘାଟନୀ ଉତ୍ସବକୁ ସାରା ବିଶ୍ୱ ଦେଖିବ। ଏହି ଉତ୍ସବ ଅବସରରେ ପୂରା ପ୍ୟାରିସ ସହର ଏକ ବିଶାଳ ଥିଏଟରରେ ପରିଣତ ହେବ। ସିନ ନଦୀରେ ୯୪ଟି ବୋଟ୍‌ରେ ବସି ବିଭିନ୍ନ ଦେଶର ଆଥଲେଟମାନେ ୬ କିଲୋମିଟର ଧରି ପୂର୍ବପରି ପାରମ୍ପରିକ ପରେଡ କରିବେ। ଏଥିପାଇଁ ନଦୀ ଉପରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଛି ଓ ପ୍ୟାରିସ ଏକ ପ୍ରକାର ଏକ ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଛି।

### ପରେଡରେ ଗ୍ରୀସ୍ ପ୍ରଥମେ, ଭାରତ ୮୪ରେ

ଉଦ୍‌ଘାଟନୀ ଉତ୍ସବରେ ସିନ୍ ନଦୀ ଉପରେ ବିଭିନ୍ନ ଦେଶର ଆଥଲେଟମାନେ ପାରମ୍ପରିକ ଶୈଳୀରେ ପରେଡ କରିବେ। ୬ କିମି ଧରି ହେବାକୁଥିବା ଏହି ପରେଡ୍‌ରେ ଗ୍ରୀସ୍ ଆଗରେ ଅର୍ଥାତ ପ୍ରଥମ ସ୍ଥାନରେ ରହିବ। ଏହା ପଛରେ ଏକ ବଡ଼ କାରଣ ରହିଛି। ହଜାର ହଜାର ବର୍ଷ ପୂର୍ବରୁ ଗ୍ରୀସ୍‌ରୁ ହିଁ ଅଲିମ୍ପିକ୍ସର ଉତ୍ପତ୍ତି ହୋଇଥିଲା। ପୁଣି ଆଧୁନିକ ଅଲିମ୍ପିକ୍ସର ପ୍ରଥମ ସଂସ୍କରଣ ୧୮୯୬ରେ ଗ୍ରୀସ୍‌ର ଏଥେନ୍ସ ସହରରେ ଆୟୋଜିତ ହୋଇଥିଲା। ତେଣୁ ଗ୍ରୀସ୍‌ର ସମ୍ମାନ ଉଦ୍ଦେଶ୍ୟରେ ଏହି ଦେଶକୁ ପରେଡରେ ସବୁବେଳେ ଆଗରେ ରହିବାକୁ ଦିଆଯାଇଥାଏ। ସେହିପରି ଭାରତ ଏହି ପରେଡ୍‌ରେ ୮୪ତମ ସ୍ଥାନରେ ରହିବ। ଆୟୋଜକ ଦେଶ ଫ୍ରାନ୍ସ ପରେଡର ସବା ପଛରେ ଅର୍ଥାତ ୨୦୫ତମ ସ୍ଥାନରେ ରହିବ। ସେହିପରି ପରବର୍ତ୍ତୀ ଅଲିମ୍ପିକ୍ସ ଲସ ଏଞ୍ଜେଲ୍ସରେ ଆୟୋଜନ ହେବାକୁ ଯାଉଥିବାରୁ ଆମେରିକା ୨୦୪, ଅଷ୍ଟ୍ରେଲିଆ ୨୦୩ତମ ସ୍ଥାନରେ ରହିବ।

### ୬ ଲକ୍ଷ ପ୍ରଶଂସକ ଉପସ୍ଥିତ ରହିବେ

୬ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ ଯୋଗ ଦେବେ ବୋଲି ଅନୁମାନ କରାଯାଉଛି। ଏହି ଉତ୍ସବ ପାଇଁ ୨ ଲକ୍ଷ ୨୨ ହଜାର ଟିକଟ ମାଗଣାରେ ବଣ୍ଟନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ବିଶ୍ୱବ୍ୟାପୀ ୧୫୦ କୋଟି ଲୋକେ ଟିଭିରେ ଦେଖିବେ। ଅଲିମ୍ପିକ୍ସ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖରେ ଶେଷ ହେବ। ଦୀର୍ଘ ୧୭ ଦିନଧରି ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟ ପାଇଁ ଗୋଟିଏ କୋଟି ଟିକଟ୍ ଜାରି କରାଯାଇଛି। ଏଥିମଧ୍ୟରୁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥାତ ପ୍ରାୟ ସବୁ ଟିକଟ ବିକ୍ରି ସରିଛି।

### ଲଣ୍ଡନ ପରେ ପ୍ୟାରିସ୍ ୨ୟ ସହର

ବିଶ୍ୱର ଦ୍ୱିତୀୟ ସହର ଭାବେ ପ୍ୟାରିସ ତୃତୀୟଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିବ। ଏହାପୂର୍ବରୁ ଲଣ୍ଡନରେ ରେକର୍ଡ ସର୍ବାଧିକ ୩ଥର ଅଲିମ୍ପିକ୍ସ ଆୟୋଜିତ ହୋଇଛି। ପୂର୍ବରୁ ପ୍ୟାରିସ୍‌ରେ ୧୯୦୦ ଓ ୧୯୨୪ରେ ଅଲିମ୍ପିକ୍ସ ସଫଳତାର ସହ ଆୟୋଜିତ ହୋଇଥିଲା। ସେହିପରି ଲଣ୍ଡନରେ ୧୯୦୮, ୧୯୪୮ ଓ ୨୦୧୨ରେ ଏହି ମେଗା ଇଭେଣ୍ଟ ଆୟୋଜିତ ହୋଇଥିଲା। ଦୀର୍ଘ ୧୦୦ ବର୍ଷ ପରେ ପ୍ୟାରିସ୍‌ରେ ଦ୍ୱିତୀୟଥର ପାଇଁ ଅଲିମ୍ପିକ୍ସ ଆୟୋଜନ ହେଉଥିବାରୁ କେବଳ ଫ୍ରାନ୍ସ ନୁହଁ ସାରା ୟୁରୋପରେ ଏ ନେଇ ଉତ୍ସାହ ଦେଖାଦେଇଛି। ପ୍ୟାରିସ୍‌ରେ ୩ଥର ଗ୍ରୀଷ୍ମକାଳୀନ ଓ ୩ଥର ଶୀତକାଳୀନ ଏପରି ମୋଟ୍ ୬ଥର ଅଲିମ୍ପିକ୍ସ ଆୟୋଜିତ ହୋଇଛି।

### ପଦାର୍ପଣ କରିବ ବ୍ରେକ୍ ଡ୍ୟାନ୍ସିଂ

ଅଲିମ୍ପିକ୍ସରେ ୩୨ଟି କ୍ରୀଡ଼ାରେ ମୋଟ୍ ୩୨୯ଟି ଇଭେଣ୍ଟ ଆୟୋଜନ ହେବ। ଏଥର କେବଳ ଗୋଟିଏ କ୍ରୀଡ଼ା ନୂଆ କରି ସାମିଲ ହେବ। ତାହା ହେଉଛି ବ୍ରେକିଂ ବା ବ୍ରେକ୍ ଡ୍ୟାନ୍ସିଂ। ଏହା ଏକ ଆଧୁନିକ ସହରୀ ନୃତ୍ୟ ଶୈଳୀ। ତେବେ ୩ଟି କ୍ରୀଡ଼ା ଏଥର ଅଲିମ୍ପିକ୍ସକୁ ପ୍ରତ୍ୟାବର୍ତ୍ତନ କରିଛି। ସେଗୁଡିକ ହେଲା ସ୍କେଟ ବୋର୍ଡିଂ, ସ୍ପୋର୍ଟ କ୍ଲାଇମ୍ବିଂ ଓ ସର୍ଫିଂ। ଟୋକିଓ ଅଲିମ୍ପିକ୍ସ ସ୍ଥାନ ପାଇଥିବା ୩ଟି କ୍ରୀଡ଼ା ଏଥର ବାଦ୍ ପଡିଛି। ସେଗୁଡିକ ହେଲା କରାଟେ, ବେସ୍‌ବଲ୍ ଓ ସଫ୍ଟବଲ୍।

### ଭାଗ ନେବେ ୨୦୬ ଦେଶର ୧୦,୭୧୪ ଆଥ୍‌ଲେଟ୍

ଅଲିମ୍ପିକ୍ସରେ ଏଥର ବିଶ୍ୱର ୨୦୬ଟି ଦେଶରୁ ୧୦,୭୧୪ ଆଥଲେଟ୍ ଭାଗ ନେବେ। ଏଥିରେ ୫୦ ପ୍ରତିଶତ ପୁରୁଷ ଓ ୫୦ ପ୍ରତିଶତ ମହିଳା କ୍ରୀଡ଼ାବିତ ସାମିଲ ରହିଛନ୍ତି। ଲୋକସଂଖ୍ୟା ଦୃଷ୍ଟିକୋଣରୁ ସବୁଠାରୁ ଛୋଟ ଦେଶ ନାଉରୁ ୮ମ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବ। ନାଉରୁର ଲୋକସଂଖ୍ୟା ୧୨,୧୦୦ ରହିଛି। ୩୨ଟି ଭିନ୍ନ ଭିନ୍ନ କ୍ରୀଡ଼ାର ୩୨୯ ଇଭେଣ୍ଟ ଆୟୋଜନ ହେବ। ଗତ ଟୋକିଓ ଅଲିମ୍ପିକ୍ସରେ ୧୦ଟି ଅଧିକ ୩୩୯ଟି ଇଭେଣ୍ଟ ଆୟୋଜନ ହୋଇଥିଲା। ୪୫ ହଜାର ସ୍ୱେଚ୍ଛାସେବୀ ଅଲିମ୍ପିକ୍ସ ଆୟୋଜନରେ ସହାୟତା ପ୍ରଦାନ କରିବେ। ବିଶ୍ୱବ୍ୟାପୀ ୩ ଲକ୍ଷ ଲୋକ ଏଥିପାଇଁ ଆବେଦନ କରିଛନ୍ତି। ଏଫିଲ ଟାୱାର୍ସ ସାମ୍ନାରେ 'ଚାମ୍ପିଅନ୍ସ ପାର୍କ' ସ୍ଥାପନ କରାଯାଇଛି। ଏଠାରେ ପ୍ରଶଂସକ ଭାବେ ପ୍ରତିଦିନ ତାରକା ଆଥଲେଟ୍‌ଙ୍କୁ ନିକଟରୁ ଭେଟିବାର ସୁଯୋଗ ପାଇବେ।

### ପ୍ୟାରିସ ହିଁ ଅଲିମ୍ପିକ୍ସର ମୁଖ୍ୟ ଭେନ୍ୟୁ

ଅଲିମ୍ପିକ୍ସର ଅଧିକାଂଶ କ୍ରୀଡ଼ା ପ୍ୟାରିସ୍‌ରେ ଆୟୋଜନ ହେବ। ତେଣୁ ପ୍ୟାରିସ ହିଁ ଅଲିମ୍ପିକ୍ସର ମୁଖ୍ୟ ଭେନ୍ୟୁ ବିବେଚିତ ହେଉଛି। ତେବେ ଅଳ୍ପ କେତେକ କ୍ରୀଡ଼ା ଇଭେଣ୍ଟ ପ୍ୟାରିସ ବାହାରେ ଆୟୋଜନ ହେବ। ହ୍ୟାଣ୍ଡବଲ୍ ଫାଇନାଲ୍ସ ଲିଲି ସହରରେ ଖେଳାଯିବ। ସେହିପରି ସେଲିଂ ଇଭେଣ୍ଟଗୁଡିକ ମାର୍ଶାଇଲରେ ଆୟୋଜନ ହେବ। ଅନ୍ୟପଟେ ତାହିତି ଦ୍ୱୀପର ଟିହୁପେ ଗ୍ରାମରେ ସର୍ଫିଂ କ୍ରୀଡ଼ାର ଆୟୋଜନ ହେବ। ଫୁଟବଲ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡିକ ୫ଟି ସହର ଯଥା ବୋର୍ଡେକ୍ସ, ଲିୟନ, ନାଣ୍ଟେସ, ନିସ ଓ ସେଣ୍ଟ ଏଟିଏନ୍‌ରେ ଖେଳାଯିବ। ସେଣ୍ଟ ଡେନିସର ଷ୍ଟେଡ୍ ଡି ଫ୍ରାନ୍ସରେ ଦୌଡ଼କୁଦ ଇଭେଣ୍ଟ ସହ ରଗ୍‌ବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଫ୍ରେଞ୍ଚ୍ ଓପନ୍ ଖେଳାଯାଉଥିବା ରୋଲାଣ୍ଡ ଗ୍ୟାରସରେ ଟେନିସ ଇଭେଣ୍ଟ ଆୟୋଜନ ହେବ। ପୂର୍ବରୁ ରାଜନଅର ଆଖ୍ୟା ପାଇଥିବା ପ୍ୟାଲେସ ଅଫ୍ ଭର୍ସାଇଲ୍ସରେ ଇକ୍ୱେଷ୍ଟ୍ରିଆନ୍ ଓ ଆଧୁନିକ ପାଣ୍ଟାଥଲନ ଇଭେଣ୍ଟ ଆୟୋଜନ ହେବ। ଏଫିଲ୍ ଟାୱାର ଠିକ୍ ତଳେ ଅସ୍ଥାୟୀ ଭାବେ ନିର୍ମିତ ହୋଇଥିବା ସ୍ଥାନରେ ବିଚ୍ ଭଲିବଲ୍ ଖେଳାଯିବ। ଐତିହାସିକ ୟଭେସ୍-ଡୁ- ମାନୋଇର ଷ୍ଟାଡିୟମରେ ହକି ମ୍ୟାଚ୍ ଖେଳାଯିବ। ୧୦୦ ବର୍ଷ ତଳେ ୧୯୨୪ରେ ଏଠାରେ ଅଲିମ୍ପିକ୍ସ ଇଭେଣ୍ଟ ଆୟୋଜିତ ହୋଇଥିଲା।

### ତୀରନ୍ଦାଜୀ କ୍ୱାର୍ଟରରେ ଭାରତ

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ମହିଳା ଓ ପୁରୁଷ ତୀରନ୍ଦାଜମାନେ ଜବରଦସ୍ତ ଆରମ୍ଭ କରିଛନ୍ତି। ଗୁରୁବାର ମହିଳାଙ୍କ ପରେ ଭାରତୀୟ ପୁରୁଷ ଦଳ ତୀରନ୍ଦାଜୀ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ପୁରୁଷ ଦଳ ୨୦୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। କ୍ୱାର୍ଟର ଫାଇନାଲରେ ଭାରତ ଏବେ ତୁର୍କୀ ଓ କଲମ୍ବିଆ ମ୍ୟାଚ୍‌ର ବିଜେତା ଦଳକୁ ଭେଟିବ। ଧୀରଜ ବୋମ୍ମାଦେବରା ଓ ତରୁଣଦୀପ ରାୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ ଅଙ୍କିତା ଭକତ, ଦୀପିକା କୁମାରୀ ଓ ଭଜନ କୌରଙ୍କୁ ନେଇ ଗଠିତ ମହିଳା ଦଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ମହିଳା ଦଳ ୧୯୮୩ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିବା ସହ ଶ୍ରେଷ୍ଠ-୮ରେ ରହି କ୍ୱାର୍ଟରକୁ ଉଠିଥିଲା। ଭାରତୀୟ ମହିଳା ଦଳ କ୍ୱାର୍ଟରରେ ଫ୍ରାନ୍ସ ଓ ନେଦରଲାଣ୍ଡସ ମ୍ୟାଚ୍‌ର ବିଜେତା ଦଳକୁ ଭେଟିବ। ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ପାଇଁ ଧୀରଜ ବୋମ୍ମାଦେବରା ଓ ଅଙ୍କିତା ଭଗତ ସାଥି ହୋଇ ଖେଳିବେ।



# ୧୧ ଜଣଙ୍କୁ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ସମ୍ମାନ




**ଭୁବନେଶ୍ୱର, ୨୫।୭ (ସମିସ):** କୁସ୍ତିଗୁରୁ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଉଦୀୟମାନ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ୯ମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭାରେ ସମ୍ମାନିତ କରାଯାଇଛି। ଗୁରୁବାର ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ୧୧ଜଣ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ଏହି ପୁରସ୍କାର ଦିଆଯାଇଛି। କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆଥ୍‌ଲେଟ୍ ସୁଶ୍ରୀ ସୁନିତା ସାନ୍ତା, ମିନି ଗଲ୍ଫରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା, ଶଟ୍‌ପୁଟ୍‌ରେ ଅଂଶିକା ରାଉତରାୟ, କରାଟେକା ଶୁଭକାନ୍ତ ବିଶ୍ୱାଳ, ଫୁଟ୍‌ବଲରେ ଆଲୋକ ଦାସ ଏବଂ କ୍ରୀଡ଼ା ପ୍ରଶିକ୍ଷକ ଭାବେ କୁସ୍ତିରେ ଶ୍ୟାମସୁନ୍ଦର ମହାପାତ୍ର, ପ୍ରଦ୍ୟୁମ୍ନ ବେହେରା (ଉସୁ), ଅବଦୁଲ କରିମ ଖାନ (ଫୁଟ୍‌ବଲ), ଉପେନ୍ଦ୍ର ମହାନ୍ତି (ରଗ୍‌ବୀ) ଓ ଦିବ୍ୟରଞ୍ଜନ ବେହେରା (ଭଲିବଲ୍)ଙ୍କୁ ମୁକୁନ୍ଦ ବରାଳ ସ୍ମାରକୀରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ସୁପୁତ୍ର ଅଶୋକ କୁମାର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସଭାପତି ବିଧୁଭୂଷଣ ନନ୍ଦ, ଓଡ଼ିଶା କ୍ରିକେଟ୍ ଆସୋସିଏସନର ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ପୁତ୍ର ନବକିଶୋର ବରାଳ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହିଥିଲେ।

**● ମହିଳା ଏସିଆ କପ୍ ସେମିଫାଇନାଲ**

### ବାଂଲା ବିପକ୍ଷରେ ଭାରତ ଫେବରିଟ୍

**ଦାମ୍ବୁଲା, ୨୫।୭(ଏଜେନ୍ସି):** ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମୁକାବିଲା ଭାରତ ଓ ବାଂଲାଦେଶ ମଧ୍ୟରେ ଶୁକ୍ରବାର ଖେଳାଯିବ। ଏହି ମୁକାବିଲାରେ ଭାରତକୁ ଫେବରିଟ୍‌ସେହିପରି ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ସହ ପାକିସ୍ତାନର ଲଢ଼େଇ ହେବ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅପରାହ୍ଣ ୨ଟା ଓ ଦ୍ୱିତୀୟ ମ୍ୟାଚ୍ ରାତି ୭ଟାରେ ଖେଳାଯିବ।

### ଟି-୨୦ ସିରିଜରୁ ଆହତ ଥୁସାରା ବାଦ୍

**କାଣ୍ଡି, ୨୫।୭(ଏଜେନ୍ସି):** ଭାରତ ବିପକ୍ଷ ଟି-୨୦ ସିରିଜ୍‌ରୁ ଘରୋଇ ଶ୍ରୀଲଙ୍କା ଫାଷ୍ଟ ବୋଲର ନୁୱାନ ଥୁସାରା ବାଦ୍ ପଡ଼ିଛନ୍ତି। ତାଙ୍କ ବାମ ହାତ ବୁଢ଼ାଆଙ୍ଗୁଠି ଭାଙ୍ଗିଯାଇଥିବାରୁ ସେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଖେଳିପାରିବେ ନାହିଁ। ଦିଲସାନ ମଦୁଶଙ୍କାଙ୍କୁ ତାଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି। ଜୁଲାଇ ୨୭ରୁ କାଣ୍ଡିରେ ସିରିଜ ଆରମ୍ଭ ହେବ।

### ନ୍ୟୁୟର୍କକୁ ଏଲିମିନେଟ୍ କଲା ଟେକ୍ସାସ

**ଡଲାସ, ୨୫।୭(ଏଜେନ୍ସି):** ଅଧିନାୟକ ଫାଫ ଡୁ ପ୍ଲେସିସ (୪୭ବଲ୍‌ରେ ୭୨) ଓ ଡେଭନ କନୱେ (୪୩ବଲ୍‌ରେ ୫୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଆମେରିକା ମେଜର ଲିଗ୍ କ୍ରିକେଟରେ ଟେକ୍ସାସ ସୁପର କିଙ୍ଗ୍‌ସ ୯ ୱିକେଟରେ ଗତଥରର ଚାମ୍ପିଅନ ଏମ୍‌ଆଇ ନ୍ୟୁୟର୍କକୁ ପରାସ୍ତ କରିଛି। ଏହା ଫଳରେ ନ୍ୟୁୟର୍କ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି। ଆସନ୍ତାକାଲି ୱାଶିଂଟନ ଫ୍ରିଡମ୍ ଓ ସାନ ଫ୍ରାନ୍‌ସିସ୍କୋ ୟୁନିକର୍ଣ୍ଣସ ମଧ୍ୟରେ ଖେଳାଯିବାକୁ ଥିବା ମୁକାବିଲାରେ ପରାଜିତ ଦଳ ସହ ଟେକ୍ସାସ ଖେଳିବ।

# ଗଠନ ହେଲା ଅଭିଯୋଗ ପ୍ରତିକାର କମିଟି

**କଟକ,୨୫।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ସନ୍ଧ୍ୟାରେ ଓସିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓସିଏ ଟୁର୍ଣ୍ଣାମେଣ୍ଟ କମିଟି ସମେତ ଉଭୟ ବରିଷ୍ଠ ଓ କନିଷ୍ଠ ଦଳ ଚୟନ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ବର୍ଷ ନିମନ୍ତେ ଓସିଏର ଘରୋଇ କ୍ରୀଡ଼ାସୂଚୀ ବାବଦରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ନୂତନ କମିଟି ଗଠନ ହୋଇଥିଲା। ଖେଳାଳିଙ୍କ ଅଭିଯୋଗ ଗ୍ରହଣ ନିମନ୍ତେ ଓସିଏ ପକ୍ଷରୁ ପ୍ରଥମ ଥର ନିମନ୍ତେ ଅଭିଯୋଗ ପ୍ରତିକାର କମିଟି ଗଠନ ହୋଇଛି। ଉକ୍ତ କମିଟିରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଏବଂ ସନ୍ତୋଷ ଦାସଙ୍କ ସମେତ ପୂର୍ବତନ ରଣଜୀ ଖେଳାଳି ବିଭୂଦତ୍ତ ପଣ୍ଡାଙ୍କୁ ସାମିଲ କରାଯାଇଛି। ଖେଳାଳିଙ୍କ ଅଭିଯୋଗ ବାବଦରେ ଯୋଗାଯୋଗ ରଖିବାକୁ କମିଟିରେ ଭବାନୀ ଶଙ୍କର ଜେନାଙ୍କୁ ସ୍ଥାନ ମିଳିଛି।

ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଆଚରଣ ବିଧି କଡ଼ାକଡି ଭାବେ କାର୍ଯ୍ୟକାରୀ କରିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ଓସିଏ ସହିତ ପଞ୍ଜୀକୃତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ନିମନ୍ତେ ଆଚରଣ ବିଧି ଲାଗୁ ହୋଇଛି। ଖେଳାଳିମାନେ ଟେନିସ୍, କର୍କ କିମ୍ବା ରବର ବଲ୍ କ୍ରିକେଟ ଖେଳି ପାରିବେ ନାହିଁ ବୋଲି ପୂର୍ବରୁ ନିୟମ ରହିଛି। ଉକ୍ତ ନିୟମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ଏହି ନିୟମକୁ ନେଇ ଓସିଏ ଆଲୋଚନା କରୁଥିଲେ ସୁଦ୍ଧା ଏହାର କାର୍ଯ୍ୟକାରିତା ଦୃଷ୍ଟିଗୋଚର ହୋଇ ପାରୁନାହିଁ। ଏକାଧିକ ଖେଳାଳି ଭଡା ସୂତ୍ରରେ ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି। ଯେଉଁଠାରେ କି ଟେନିସ୍ କିମ୍ବା କର୍କ ବଲ୍ ବ୍ୟବହାର ହେଉଛି। ଏପରିକି ଜଣାଶୁଣା ଖେଳାଳି ଗ୍ରାମାଞ୍ଚଳ କ୍ରୀଡ଼ାର ଭାଗ ନେଉଛନ୍ତି। ମାତ୍ର ଓସିଏର ଏହି ନିମୟ କେବଳ ଆଲୋଚନାରେ ସୀମିତ ରହିଯାଇଛି। ଖେଳାଳିଙ୍କ ଗତିବିଧି ଉପରେ ନଜର ରହୁନାହିଁ। ସେହିପରି ନୂଆ ଫର୍ମାଟରେ କଳାହାଣ୍ଡି କପ୍ ଆୟୋଜନ ଦିଗରେ ଆଲୋଚନା ହୋଇଛି। ଚୟନ କମିଟି ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବ ଅନୁସାରେ କଳାହାଣ୍ଡି କପ୍ ନୂଆ ଫର୍ମାଟରେ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ବୋଲି ଏହି ଅବସରରେ ଘୋଷଣା ହୋଇଥିଲା। ବୈଠକରେ ଟୁର୍ଣ୍ଣାମେଣ୍ଟ କମିଟି ସଦସ୍ୟ ବୀରେନ୍ଦ୍ର କୁମାର ବେହେରା, ପ୍ରଦୀପ ସେଠୀ, ଶିବବ୍ରତ ମଲ୍ଲିକ, ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ଅମୀୟ ରାୟ, ସୌରଜିତ ମହାପାତ୍ର, ସୁବିତ ବିଶ୍ୱାଳ, କନିଷ୍ଠ ଦଳ ଚୟନ କମିଟି ସଦସ୍ୟ ନଟରାଜ ବେହେରା, ନିରଞ୍ଜନ ବେହେରା, ଶୁଭ୍ରଜିତ ସାହୁଙ୍କ ସମେତ ସଦସ୍ୟ ସନ୍ତୋଷ ଦାସ, ସିଇଓ ସୁବ୍ରତ ବେହେରା, ଜିଏମ(ପ୍ରଶାସକ) ଶୁଭାଶିଷ ବେହେରା ଉପସ୍ଥିତ ଥିଲେ।

### ଓସିଏର ଗୁରୁତ୍ୱପୂର୍ଣ୍ଣ ବୈଠକ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS